# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୧/୨୦୨୧ (୧୬ ପୃଷ୍ଠା) | Sambalpur, Friday, October 1/2021 | ★★

୧୭ଶ ଭାଗ ୨୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-


# Kalinga Institute of Industrial Technology (KIIT)

## Deemed to be University (Declared U/S 3 of UGC Act, 1956)

Bhubaneswar, Odisha, India | Website: www.kiit.ac.in | Email: kiit@kiit.ac.in

## Slow and steady wins the race...

On the eve of 25 Years Celebration

**1997 – 2022 Silver Jubilee**

*Glorious 25 Years as an Institution*

## Academic Excellence

As KIIT is on the verge of the significant milestone of completing 25 years (1997 - 2022), it has become a trusted destination for professional education for students from all parts of India and over 64 countries. It has been consistently achieving academic accolades transforming itself into a world-class knowledge hub.

From **4** programmes to **400** programmes

From **400** Alumni to **1,00,000** Alumni

Solar-enabled Green Campus

**2021**

- Ranked 801-1000 by Times Higher Education World University Rankings 2022
- Ranked No. 1 Deemed University in Odisha and Eastern India
- Ranked 201-300 by Times Higher Education Impact Rankings 2021
- Rated 5 Star institution by the QS Stars Rating System
- Ranked 21st among all Government and private Universities & among Top 10 Law Schools in India (NIRF India Rankings)
- Ranked 251-300 in the Emerging Economies University Rankings by Times Higher Education

**2020**

- Winner of Times Higher Education Awards Asia 2020 in the category 'Workplace of the Year'
- Ranked 501-600 in Computer Sciences, 601-800 in Engineering & Technology and 1000+ overall in the Times Higher Education World University Rankings
- India's Top Private University in Innovation (ARIIA Rankings, Govt. of India)
- Ranked 24th among all Government and private Universities in India (NIRF India Rankings)
- Ranked 301-350 in the Emerging Economies University Rankings by Times Higher Education
- Utkrisht Sansthan Vishwakarma Award–2020 by All India Council for Technical Education (AICTE)
- Quality Council of India - DL Shah Quality Silver Award
- KIIT-Technology Business Incubator (TBI) granted 'Centre of Excellence' by Department of Science and Technology , Govt. of India
- Times B-School Survey 2020: KIIT School of Management Ranked 2nd in BBA

**2019**

- 'Institution of Eminence' tag by Govt. of India
- Ranked 31st among all Government and private Universities in India (NIRF India Rankings)
- Ranked 301+ in Times Higher Education Young University Rankings
- Ranked 2nd in Innovation among Private Universities (ARIIA Rankings, Govt. of India)
- Internationalization Strategies Advisory Service (ISAS) Badge from the International Association of Universities (IAU)
- KIIT-Technology Business Incubator (TBI) Ranked No. 1 Bioincubator in private sector by BioSpectrum

**2018**

- Odisha's first self-financing university to enter QS BRICS University Rankings
- Legal Education Innovation Award to KIIT Law School by Society of Indian Law Firms (SILF) and Menon Institute of Legal Advocacy and Training (MILAT)
- Ranked 42nd among all Government and private Universities in India (NIRF India Rankings)

**2017**

- Ranked 49th among all Government and private Universities in India (NIRF India Rankings)
- National Award for KIIT-Technology Business Incubator (TBI) from Department of Science and Technology (DST), Govt. of India
- IET, UK Accreditation

**2016**

- Ranked 52nd among all Government and private Universities in India (NIRF India Rankings)

**2014**

- 'Category A' Status by Ministry of Human Resource Development, Govt. of India
- Tier 1 Accreditation (Washington Accord) by National Board of Accreditation (NBA), AICTE

**2012**

- Hosted 99th Indian Science Congress

**2008**

- More Schools set up –School of Fashion Technology, School of Film & TV Production, School of Mass Communication

**2007**

- New Schools set up – Kalinga Institute of Medical Sciences (KIMS), Kalinga Institute of Dental Sciences (KIDS), Kalinga Institute of Nursing Sciences (KINS), School of Rural Management (KSRM), School of Biotechnology (KSBT), KIIT Law School (KLS), KiiT International School (Among the best public schools in the country, offering CBSE as National and IBDP & IGCSE as International curriculum)

**2006**

- Reaccredited in 'A Grade' by National Assessment and Accreditation Council (NAAC), UGC

**2004**

- **Declared Deemed University** by Ministry of Human Resource Development, Govt. of India **(Youngest Deemed University in the country - Limca Book of Records)**

**2002**

- Accredited by National Assessment and Accreditation Council (NAAC), UGC
- Accredited by National Board of Accreditation (NBA), AICTE

**1997**

- Took shape as an Institution of Higher Learning
- Engg., MBA & MCA Programmes started

Continuous learning....

Footprints in **64** countries

## Academic Conferences

KIIT has been organizing academic conferences of national and international significance since its inception. It has also organized a few prestigious international conferences.

-99th Indian Science Congress (2012)
-All-India Seminar on Global Legal Education (2015)
-69th All India Commerce Conference (2019)
-92nd Indian Economic Association (IEA) Conference (2010)
-World Congress of Poets (2019)
*and many more*

## Unmatched Exposure

Under Nobel Lecture Series, 22 Nobel Laureates have delivered lectures at KIIT.

KIIT has produced three Olympians (Tokyo Olympics 2020) and hundreds of international level sports talents.

Taking advantage of KIIT's academic collaborations, a large number of students take admission in top universities of the world every year.

Besides top-notch campus placement, KIIT students have a very successful track record in prestigious exams like IAS, Indian Engineering Services (IES), Odisha Judicial Services (OJS), GATE, etc.

Fully wi-fi, fully air-conditioned & fully residential campus

## Global Recognition

KIIT has entered into academic tie-ups with 195 international universities and institutions to enrich the student experience, facilitate faculty growth and contributions, and enhance the impact of research. It is also a member of prominent national and international university networks such as:

International Association of Universities (IAU) | Association of Indian Universities (AIU) | Association of Commonwealth Universities (ACU) | University Mobility of Asia and the Pacific (UMAP) | International Association of University Presidents (IAUP) | Association of Universities of Asia and the Pacific (AUAP) | International Institute of Education (IIE), New York | United Nations Academic Impact (UNAI) | Eurasian Silk Road Universities Consortium (ESRUC)

## Campus Placement

Placement is one of the key advantages that KIIT offers. KIIT has been maintaining a very successful track record in campus placement since inception. Despite the prevailing pandemic situation, placement of 2020 and 2021 batches has been excellent. In the ongoing campus placement drive for 2022 batch students, 1500 students have already bagged jobs on 'Day Zero'. The highest salary is Rs. 40 lakh p.a., while the average salary is Rs. 7 lakh.

University of Compassion & Humanity

Student-friendly Campus

Best Practices & Innovation

Best in Digital Teaching-Learning

Community-based University

Fulfilling Sustainable Development Goals (SDGs)

Multi-disciplinary University

Multi-cultural University

## 25 years as an institution, 18 years as a university

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus any where else in the country and globe.

https://twitter.com/KIITUniversity https://www.facebook.com/KIITUniversity https://www.instagram.com/KIITUniversity

# କଂଗ୍ରେସ ଛାଡୁଛି, ଭାଜପାକୁ ଯାଉନି

**ନୂଆଦିଲ୍ଲୀ,୩୦।୯**

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ମଙ୍ଗଳବାର ନିଜ ଟୁଇଟର୍ ହ୍ୟାଣ୍ଡଲ ବାୟୋରୁ 'କଂଗ୍ରେସ'କୁ ହଟାଇଦେଇଛନ୍ତି। ଫଳରେ ସେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେବା ନେଇ ଚାଲିଥିବା ଚର୍ଚ୍ଚାକୁ ବଳ ମିଳିଛି। ତେବେ ସେ କଂଗ୍ରେସ ଛାଡୁଛନ୍ତି କିନ୍ତୁ ଭାଜପାରେ ଯୋଗଦେବାକୁ ଯାଉନାହାନ୍ତି ବୋଲି ଗୁରୁବାର ଅମରିନ୍ଦର ସ୍ପଷ୍ଟ କରିଛନ୍ତି।

କ୍ରିକେଟରରୁ ରାଜନେତା ସାଜିଥିବା ନବଜୋତ୍ ସିଂ ସିଦ୍ଧୁଙ୍କ ଯୋଗୁ ମୁଖ୍ୟମନ୍ତ୍ରୀ ପଦ ହରାଇଥିବା ୭୯ ବର୍ଷୀୟ ଅମରିନ୍ଦର ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିବା ପରେ ସେ ଭାଜପାରେ ସାମିଲ ହେବେ ବୋଲି ଆଲୋଚନା ହେଉଥିଲା। ଏହାର ଦିନକ ପରେ ଗଣମାଧ୍ୟମକୁ ଅମରିନ୍ଦର କହିଛନ୍ତି, ୫୨ ବର୍ଷ ଧରି ରାଜନୀତି କରିବା ପରେ ବି କଂଗ୍ରେସରେ ସେ ଅପମାନିତ ହୋଇଛନ୍ତି। ତାଙ୍କୁ ବିଶ୍ୱାସକୁ ନିଆଯାଇ ନାହିଁ। ତେଣୁ ସେ କଂଗ୍ରେସ ଛାଡ଼ିବେ। ହେଲେ ଭାଜପାରେ ସାମିଲ ହେବେ ନାହିଁ। ପଞ୍ଜାବର ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ହୋଇଥିବାରୁ ରାଜ୍ୟର ସ୍ୱାର୍ଥ ପାଇଁ ବିକଳ୍ପ ସମ୍ପର୍କରେ ବିଚାର କରିବେ।

ଅମରିନ୍ଦର ସେପ୍ଟେମ୍ବର ୧୮ରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା

## ନୂଆ ଦଳ ଗଢ଼ିବା ନେଇ ଚର୍ଚ୍ଚା



କ୍ୟାପ୍ଟେନ ଅମରିନ୍ଦର ସିଂ

ଦେଇଥିଲେ। ଏନେଇ ସେ ଆହୁରି କହିଛନ୍ତି, ଏପରି ଅପମାନଜନକ ବ୍ୟବହାରକୁ ବରଦାସ୍ତ କରିପାରିବେ ନାହିଁ। ତାଙ୍କ ସିଦ୍ଧାନ୍ତ ଓ ଆଦର୍ଶ କଂଗ୍ରେସରେ ରହିବା ପାଇଁ ଅନୁମତି ଦେଉନାହିଁ। ସେହିପରି ଦଳର ଭବିଷ୍ୟତକୁ ନେଇ ଚିନ୍ତିତ ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ଅମରିନ୍ଦର 'ବିଚାରକ' ଭାବେ ଅଭିହିତ କରି କହିଛନ୍ତି, ସିନିୟରଙ୍କ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଲାଗି ଯୁବ ନେତୃତ୍ୱକୁ ପ୍ରୋତ୍ସାହନ ଦିଆଯିବା ଉଚିତ। କିନ୍ତୁ ଦୁଃଖର କଥା ବରିଷ୍ଠ ନେତାମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଉଛି। ଏହା ଦଳ ପାଇଁ ଶୁଭଙ୍କର ନୁହେଁ। ଇତିମଧ୍ୟରେ ଅମରିନ୍ଦର ନିଜ ଟୁଇଟର ବାୟୋରୁ 'କଂଗ୍ରେସ'କୁ ହଟାଇଦେଇଛନ୍ତି। ତେବେ ସେ କଂଗ୍ରେସରୁ ଇସ୍ତଫା ଦେଇ ନାହାନ୍ତି। ଆସନ୍ତା ବର୍ଷ ଆରମ୍ଭରେ ପଞ୍ଜାବରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଏହି ସେନା ଭେଟେରାନ୍ ଏକ ନୂଆ ଦଳ ଗଢ଼ିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ୨୦୧୩ରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ପଦରୁ ହଟାଯିବା ପରେ ଅମରିନ୍ଦର ଅଲ୍ ଇଣ୍ଡିଆ ଜାଟ୍ ମହାସଭା ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ତେଣୁ ସେ ପୁନର୍ବାର ଜାଟ୍ ମହାସଭାର ନେତୃତ୍ୱ ନେଇ କୃଷକଙ୍କ ସମସ୍ୟାର ସମାଧାନ ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିପାରନ୍ତି ବୋଲି ମଧ୍ୟ ଆଲୋଚନା ହେଉଛି।

ମଙ୍ଗଳବାର କଂଗ୍ରେସରେ ଗାନ୍ଧୀ ପରିବାରର ନେତୃତ୍ୱକୁ ନେଇ ପରୋକ୍ଷରେ ପ୍ରଶ୍ନ ଉଠାଇଥିବା ଦଳର ବରିଷ୍ଠ ନେତା କପିଲ ସିବଲଙ୍କ ବାସଭବନକୁ ଯୁବକଂଗ୍ରେସ ନେତାମାନେ ଟାର୍ଗେଟ କରିଥିଲେ। ଏହାକୁ ଅମରିନ୍ଦର ସମାଲୋଚନା କରିଛନ୍ତି। ହାଇକମାଣ୍ଡକୁ ସୁହାଇଲା ଭଳି ମତ ସହ ସିବଲ ସହମତ ହୋଇ ନ ଥିବାରୁ ତାଙ୍କ ଘର ଉପରେ ଆକ୍ରମଣ କରାଯାଇଥିବା ଅମରିନ୍ଦର କହିଛନ୍ତି। ସେହିପରି ଗୁଲାମନବୀ ଆଜାଦ ଓ ଆନନ୍ଦ ଶର୍ମାଙ୍କ ଭଳି ଜି-୨୩ ନେତାମାନେ ମଧ୍ୟ ସିବଲଙ୍କ ଘରେ ଭଙ୍ଗାରୁଜାକୁ ନିନ୍ଦା କରିଛନ୍ତି।

## ଡୋଭାଲଙ୍କୁ ଭେଟିଲେ ଅମରିନ୍ଦର

ମଙ୍ଗଳବାର ଠାରୁ ଦିଲ୍ଲୀରେ ଥିବା କ୍ୟାପ୍ଟେନ ଅମରିନ୍ଦର ସିଂ ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିବାର ଦିନକ ପରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲଙ୍କୁ ଭେଟିଛନ୍ତି। ଡୋଭାଲଙ୍କ ବାସଭବନରେ ସାକ୍ଷାତ୍ ପରେ ସେ କହିଛନ୍ତି, କେତେଜଣ ବ୍ୟକ୍ତି ଭାରତ ବିରୋଧୀ ତତ୍ତ୍ୱଙ୍କ ଇଙ୍ଗିତରେ ପରିଚାଳିତ ହେଉଛନ୍ତି। ପାକିସ୍ତାନ ସମର୍ଥିତ ତତ୍ତ୍ୱ ପ୍ରତିଦିନ ଆମ ଯବାନଙ୍କୁ ହତ୍ୟା କରୁଛନ୍ତି। ସେମାନେ ଡ୍ରୋନ୍ ଜରିଆରେ ପଞ୍ଜାବକୁ ଅସ୍ତ୍ରଶସ୍ତ୍ର ପଠାଉଛନ୍ତି। ଏହି ବିପଦକୁ କେମିତି ଅଣଦେଖା କରିହେବ। ପଞ୍ଜାବରେ କୁଶାସନ ପାକିସ୍ତାନକୁ ଭାରତ ବିରୋଧରେ ଅଡୁଆ ସୃଷ୍ଟି ପାଇଁ ସୁଯୋଗ ଦେବ। ଏହି ପ୍ରସଙ୍ଗରେ ଡୋଭାଲଙ୍କ ସହ ଆଲୋଚନା ହୋଇଥିଲା।

# ସିଦ୍ଧୁ-ଚନ୍ନି ମନ୍ତ୍ରଣା



ନବଜୋତ୍ ସିଂ ସିଦ୍ଧୁଙ୍କ ସହ ଚରଣଜିତ୍ ସିଂ ଚନ୍ନି

**ଚଣ୍ଡିଗଡ଼,୩୦।୯**

ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି (ପିପିସିସି) ସଭାପତି ପଦ ଛାଡ଼ିଥିବା ନବଜୋତ୍ ସିଂ ସିଦ୍ଧୁ ଗୁରୁବାର ଅପରାହ୍ନରେ ଚଣ୍ଡିଗଡ଼ର ପଞ୍ଜାବ ଭବନରେ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନିଙ୍କୁ ଭେଟିଛନ୍ତି। ଚନ୍ନି ତାଙ୍କୁ ପଦରେ ରହିବା ପାଇଁ ମନାଇବାକୁ ଉଦ୍ୟମ କରିଥିବା କୁହାଯାଉଛି। ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ସେ ପିପିସିସିର ନେତୃତ୍ୱ ନେବେ ବୋଲି ସିଦ୍ଧୁଙ୍କ ସହଯୋଗୀ ମହମ୍ମଦ ମୁସ୍ତାଫା କହିଛନ୍ତି।

# କ୍ୟାପ୍ଟେନଙ୍କୁ ନେଇ କଳ୍ପନାଜଳ୍ପନା

ପଞ୍ଜାବର କଂଗ୍ରେସ ସରକାରରେ ନିକଟରେ ଯେଉଁ ରାଜନୈତିକ ଉଠାପକା ଚାଲିଛି ତାହା ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂ ୨୯ ସେପ୍ଟେମ୍ବରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବା ପରେ ଅନେକ କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା। ଆଶା କରାଯାଉଥିଲା ସେ ଭାଜପାରେ ଯୋଗଦେବେ। ଏହାର ଦିନକ ପରେ କହିଛନ୍ତି, ସେ ନିଶ୍ଚିତ କଂଗ୍ରେସ ଛାଡୁଛନ୍ତି, କିନ୍ତୁ ଭାଜପାକୁ ଯିବେ ନାହିଁ। ଏଥିରୁ ଆଲୋଚନା ହେଉଛି ଯେ, ଭାଜପା ତାଙ୍କୁ ହୁଏତ ଗ୍ରହଣ କରିବାକୁ ଅରାଜି। ଯଦିଓ ଅମରିନ୍ଦର କହୁଛନ୍ତି, ତାଙ୍କ ସହ ୨୫ରୁ ୩୦ ବିଧାୟକ ଅଛନ୍ତି, ତଥାପି ସେହି ସଂଖ୍ୟା ଉପରେ ସନ୍ଦେହ ରହିଛି। ଜଣେ ମୁଖ୍ୟମନ୍ତ୍ରୀ ଥିବା ବେଳେ ତାଙ୍କ ପ୍ରତି ବିଧାୟକଙ୍କ ସମର୍ଥନ ରହିଥାଏ। ସେମାନଙ୍କ ଲାଳସା ଥାଏ କାଳେ କିଛି ପଦବୀ ମିଳିଯିବ। ଏବେ ଅମରିନ୍ଦର ଏକାକୀ ନିଷ୍ପତ୍ତି ନେଉଥିବା ଦେଖିବାକୁ ମିଳିଛି। ସେ ନୂଆ ରାଜନୈତିକ ଦଳ ଗଢ଼ିବେ ବୋଲି କଥା ଉଠିଲାଣି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ନୂତନ କୃଷି ଆଇନ ଆଣିବା ପରେ ୨୬ ସେପ୍ଟେମ୍ବର ୨୦୨୦ରେ ଶିରୋମଣି ଅକାଳୀ ଦଳ ଭାଜପା ହାତ ଛାଡ଼ିଥିଲା। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ଅମରିନ୍ଦରଙ୍କୁ ନିଜ ଦଳରେ ସାମିଲ କରିବା ସକାଶେ ଭାଜପା ଚାହୁଁ ନ ଥିବା ପଛର କାରଣ ହେଉଛି କାଳେ ଅକାଳୀ ନିଷ୍ପତ୍ତି ପରିବର୍ତ୍ତନ କରି ପୁଣି ଫେରିପାରେ। ଏସବୁ ଭିତରେ ଅମରିନ୍ଦର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରିବା ଖବର ମିଳୁଥିବାରୁ କେତେବେଳେ ଯେ କ'ଣ ଘଟିବ କହିହେଉନାହିଁ।

# ଠିକଣା ବେଳେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା

**ଲୁଧିଆନା,୩୦।୯**

ପଞ୍ଜାବ ବିଧାନସଭା ନିର୍ବାଚନରେ ଆମ୍ ଆଦ୍ମୀ ପାର୍ଟି (ଏଏପି) ପକ୍ଷରୁ କାହାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଯିବ ତାହା ଉଚିତ ସମୟରେ ଘୋଷଣା କରାଯିବ ବୋଲି ଗୁରୁବାର ଲୁଧିଆନାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ନବଜୋତ୍ ସିଂ ସିଦ୍ଧୁ ଏଏପିରେ

## ପଞ୍ଜାବରେ କେଜ୍‌ରିୱାଲ

ସାମିଲ ହୋଇ ମୁଖ୍ୟମନ୍ତ୍ରୀ ଚେହେରା ହେବେ କି ବୋଲି ପ୍ରଶ୍ନ କରାଯିବାରୁ କେଜ୍‌ରିୱାଲ କହିଥିଲେ, ଯଦି ଏପରି କିଛି ଘଟେ ତାହା ଜଣାଇଦିଆଯିବ। ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ନିଜକୁ ଆମ୍ ଆଦ୍ମୀ ବୋଲି କହୁଥିବା ନେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ଏଏପି ଆବାହକ କହିଥିଲେ, କେଜ୍‌ରିୱାଲଙ୍କୁ କପି କରିବା ସହଜ କିନ୍ତୁ କଥାକୁ କାର୍ଯ୍ୟକାରୀ କରିବା କଠିନ।

ଦୁଇଦିନିଆ ପଞ୍ଜାବ ଗସ୍ତରେ ଥିବା କେଜ୍‌ରିୱାଲ କହିଥିଲେ, ପଞ୍ଜାବରେ ଏଏପି କ୍ଷମତାକୁ ଆସିଲେ ସରକାରୀ ହସ୍ପିଟାଲଗୁଡ଼ିକରେ ସ୍ୱାସ୍ଥ୍ୟ ଗ୍ୟାରେଣ୍ଟି, ମାଗଣାରେ ଚିକିତ୍ସା ଓ ଔଷଧ ଦିଆଯିବ। ସେହିପରି ଦିଲ୍ଲୀ ଢାଞ୍ଚାରେ ୧୬୦୦୦ ମୋହଲ୍ଲା କ୍ଲିନିକ ଖୋଲିବା, ଅସ୍ତ୍ରୋପଚାର ପାଇଁ ୧୦-୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା, ହେଲ୍‌ଥ କାର୍ଡ ପ୍ରଦାନ ସମେତ ୬ଟି ପ୍ରତିଶ୍ରୁତି ଦେଇଥିଲେ।



ଲୁଧିଆନାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହ ପଞ୍ଜାବର ଏଏପି ସଭାପତି ଭଗୱନ୍ତ ମାନ୍।

## 'କଂଗ୍ରେସକୁ ୩ ଜଣ ଚଳାଉଛନ୍ତି'

**ନୂଆଦିଲ୍ଲୀ, ୩୦।୯**

ପଞ୍ଜାବରେ କଂଗ୍ରେସ ନେତୃତ୍ୱ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଛତିଶଗଡ଼ରେ ଦଳୀୟ ନେତୃତ୍ୱକୁ ବିରୋଧୀ କରାଯାଉଛି। ରାଜସ୍ଥାନରେ ମଧ୍ୟ ସମାନ ସ୍ଥିତି। ଏଭଳି ସମୟରେ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ନଟୱର ସିଂ ଗୁରୁବାର ଖୋଲାଖୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି। ଦଳକୁ ୩ ଜଣ ଚଳାଉଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ପଦବୀବିହୀନ ବୋଲି ରାହୁଲଙ୍କୁ ଲକ୍ଷ୍ୟ କରି ନଟୱର କହିଛନ୍ତି। ସେ କୌଣସି ପଦବୀରେ ନ ଥାଇ ନିଷ୍ପତ୍ତି ନେଇ ଚାଲିଛନ୍ତି। ଦଳ ସମ୍ମୁଖୀନ ହୋଇଥିବା ସମସ୍ୟା ପାଇଁ ଏହି ୩ ନେତା ଦାୟୀ ବୋଲି ବରିଷ୍ଠ କଂଗ୍ରେସ ନେତା ନଟୱର କହିଛନ୍ତି।



ନଟୱର ସିଂ



ପିପିଲି ବ୍ଲକର ଏକ ମତଦାନ କେନ୍ଦ୍ରରେ ଭୋଟରଙ୍କ ସ୍କ୍ରିନିଂ କରାଯାଉଛି।



ମତଦାନ କେନ୍ଦ୍ର ବାହାରେ ଅପେକ୍ଷାରତ ଭୋଟର।

# ସରିଲା ପିପିଲି ଉପନିର୍ବାଚନ ମତଦାନ

- **ପିପିଲି ବ୍ଲକରେ ୮୦%, ଡେଲାଙ୍ଗ ବ୍ଲକରେ ୭୬.୪%**
- **୧୦ଜଣ ପ୍ରାର୍ଥୀଙ୍କ ଇଭିଏମ କରିବ ଭାଗ୍ୟ ନିର୍ଦ୍ଧାରଣ**

**ଭୁବନେଶ୍ୱର(ବ୍ୟୁରୋ)/ପିପିଲି(ସ୍ୱ.ପ୍ର)/ ଡେଲାଙ୍ଗ(ଡି.ଏନ୍.ଏ),୩୦।୯(ସ୍ୱ.ପ୍ର.)**

ପିପିଲି ନିର୍ବାଚନ ମଣ୍ଡଳୀରେ ସରିଲା ଉପନିର୍ବାଚନ ମତଦାନ ପ୍ରକ୍ରିୟା। ଗୁରୁବାର ସକାଳ ୭ଟାରେ ଭୋଟ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ସମୟ ପର୍ଯ୍ୟନ୍ତ ଲୋକେ ଭୋଟ ଦେଇଥିବା ଦେଖିବାକୁ ମିଳିଥିଲା। ମୋଟ ୭୯ ପ୍ରତିଶତ ଭୋଟ ମତଦାନ ହୋଇଥିବା ଜଣାପଡ଼ିଛି। ମତଦାନ ପ୍ରକ୍ରିୟା ଶେଷ ହେବା ପରେ କଡ଼ାସୁରକ୍ଷା ମଧ୍ୟରେ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରକ ଇଭିଏମ୍ ଭିଭିପ୍ୟାଟକୁ ସିଲ୍ କରାଯାଇ ପୁରୀ ଜିଲାପାଳ କାର୍ଯ୍ୟାଳୟକୁ ପଠାଇଦିଆଯାଇଛି। ନିର୍ବାଚନ ମଣ୍ଡଳୀରେ ମୋଟ ୨ଲକ୍ଷ ୨୯ହଜାର ୯୯୮ ଭୋଟର ଥିବାବେଳେ ପିପିଲି ବ୍ଲକରେ ୧ଲକ୍ଷ୨୯ହଜାର ୯୮୪ ଭୋଟର ଅଛନ୍ତି। ପିପିଲି ବ୍ଲକ ଓ ଏନ୍ଏସିରେ ୧୫୪ଟି ବୁଥ ଥିବାବେଳେ ୪୫ଟି ଅତିରିକ୍ତ ବୁଥ୍ ମୋଟ ୧୯୯ଟି ବୁଥରେ ମତଦାନ ହୋଇଥିଲା। ଏଠାରେ ମୋଟ ୮୦ % ମତଦାନ ହୋଇଥିବା ପିପିଲି ବିଡିଓ ରଶ୍ମିତା ନାଥ କହିଛନ୍ତି। ସେହିପରି ଡେଲାଙ୍ଗ ବ୍ଲକରେ ୧ଲକ୍ଷ ୪ଜଣ ମତଦାତାଙ୍କ ପାଇଁ ୧୪୯ ମତଦାନ କେନ୍ଦ୍ର କରାଯାଇଥିଲା। ଏହି ମତଦାନ କେନ୍ଦ୍ରରେ ୭୬ ହଜାର ୪୧୧ ଜଣ ମତଦାନ କରିଥିଲେ। ସେମାନଙ୍କ ମଧ୍ୟରେ ୪୦ ହଜାର୧୦୯ ଜଣ ପୁରୁଷ ଓ ୩୬ ହଜାର ୩୦୨ ଜଣ ମହିଳା ମତଦାତା ଭୋଟ ଦେଇଥିବାବେଳେ ଏଠାରେ ୭୬.୪୧ % ମତଦାନ ହୋଇଥିବା ବିଡିଓ ଦିଲିପ କୁମାର ଷଡଙ୍ଗୀ ସୂଚନା ଦେଇଛନ୍ତି। ସକାଳ ମସୟରେ ଶାନ୍ତି ଶୃଙ୍ଖଳା ସହ ଲୋକେ ମତଦାନ କରିଥିବାବେଳେ ୫୦ପ୍ରତିଶତ ମତଦାନ ହୋଇଥିଲା। ପିପିଲି ବ୍ଲକର କେତେକ ବୁଥରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇ ଭୋଟର ମତଦାନ ଦେବାରେ ବିଳମ୍ବ ହୋଇଥିଲା। ଲକ୍ଷ୍ମୀ ନାରାୟଣପୁର ପଞ୍ଚାୟତର ବିନାୟକ ପୁରର ୧୪୩ ନଂ ବୁଥ , ସରସ୍ୱତୀପୁର ୨୬୯ ଓ ୨୭୦ନଂ ବୁଥରେ ଏବଂ ପିପିଲି ଏନଏସିର ସିରିଆପୁର ର ୧୯୭ନଂ ବୁଥରେ ଯାନ୍ତ୍ରିକ ତ୍ରୁଟି ହୋଇଥିଲା। ଫଳରେ ସରସ୍ୱତୀପୁର ପଞ୍ଚାୟତରେ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ମତଦାନ କରାଯାଇଥିଲା। ଦୁର୍ଗାଦାସପୁର ବୁଥରେ କିଛି କାରଣ ବଶତଃ ଜୈନିକ ଖବରଦାତାଙ୍କୁ ଦୁର୍ବ୍ୟବହାର ହୋଇଥିବା ବେଳେ ଦାଣ୍ଡମକୁନ୍ଦପୁର ପଞ୍ଚାୟତର ଷଷ୍ଠସ ଗ୍ରାମ ବୁଥ ନିକଟରେ ସାଧାରଣ ବଚସା ହୋଇ ଘଟଣା ସ୍ଥଳ କିଛି ସମୟ ପାଇଁ ଉତ୍ତେଜନା ପୂର୍ଣ୍ଣ ହୋଇଥିଲା ଯାହାକି ପରବର୍ତ୍ତି ସମୟରେ ନିୟନ୍ତ୍ରଣଧିନ ହୋଇ ପୁନର୍ବାର ମତଦାନ ପ୍ରକ୍ରିୟା ଚାଲୁରହିଥିଲା ବୋଲି ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି।

# ଇଭିଏମ୍‌ରେ ମମତାଙ୍କ ଭାଗ୍ୟ

## ଭବାନୀପୁରରେ ୫୩.୩୨% ମତଦାନ

**କୋଲକାତା,୩୦।୯**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ହାଇପ୍ରୋଫାଇଲ ଆସନ ଭବାନୀପୁରରେ ଗୁରୁବାର ଶାନ୍ତିପୂର୍ଣ୍ଣ ଭାବେ ଉପନିର୍ବାଚନ ଅନୁଷ୍ଠିତ ହୋଇଛି। ଏଠାରେ ଅପରାହ୍ନ ୫ଟା ସୁଦ୍ଧା ୫୩.୩୨% ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ଭବାନୀପୁର ଆସନରୁ ଦୁଇଥର ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଗତ ଏପ୍ରିଲ-ମେ'ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ମମତା ଭାଜପାର ଶୁଭେନ୍ଦୁ ଅଧିକାରୀଙ୍କୁ ଟକ୍କର ଦେବାକୁ ଯାଇ ନନ୍ଦିଗ୍ରାମ ଆସନରୁ ପରାଜିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ପଦରେ ରହିବାକୁ ହେଲେ ମମତାଙ୍କୁ ୬ ମାସ ଭିତରେ ବିଧାନସଭାକୁ ନିର୍ବାଚିତ ହେବା ଜରୁରୀ ଥିବାରୁ ଟିଏମ୍‌ସି ଟିକେଟରେ ଜିତିଥିବା ଶୋଭନଦେବ ଚଟ୍ଟୋପାଧ୍ୟାୟ ଭବାନୀପୁର ଆସନ ତାଙ୍କ ପାଇଁ ଛାଡ଼ିଦେଇଥିଲେ। ଭାଜପା ପ୍ରିୟଙ୍କା ଟିବ୍ରେୱାଲଙ୍କୁ ପ୍ରାର୍ଥୀ କରିଥିବାବେଳେ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍)ର ଶ୍ରୀଜୀବ ବିଶ୍ୱାସଙ୍କୁ ଟିକେଟ ଦେଇଥିଲା। ମମତା ଏହି ନିର୍ବାଚନମଣ୍ଡଳୀର ଭୋଟର ହୋଇଥିବାରୁ ମିତ୍ର ଇନ୍‌ଷ୍ଟିଚ୍ୟୁଶନ ସ୍କୁଲରେ ମତଦାନ କରିଛନ୍ତି। ଏହାସହ ମମତାଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ସିଲ୍ ହୋଇଯାଇଛି। ଭବାନୀପୁରର ଏକ ବୁଥ୍ ବାହାରେ ଟିଏମ୍‌ସି ଏବଂ ଭାଜପା ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଶାସକ ଦଳ ପୋଲିଂ ସେଣ୍ଟରରେ ଭୋଟ ଜାଲିଆତି କରିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଟିଏମ୍‌ସି ମଧ୍ୟ ଟିବ୍ରେୱାଲଙ୍କ ବିରୋଧରେ ୨୦ କାର୍ ବୁଲାଇବା ଏବଂ ଭୋଟରଙ୍କୁ ଧମକ ଦେବା ଅଭିଯୋଗ ଆଣିଛି।



ଭବାନୀପୁର ଆସନର ଟିଏମ୍‌ସି ପ୍ରାର୍ଥୀ ମମତା ବାନାର୍ଜୀ ଏକ ପୋଲିଂ ବୁଥ୍‌ରେ ଭୋଟ ଦେଇ ଫେରୁଛନ୍ତି।

ସେହିପରି ଗତ ନିର୍ବାଚନ ବେଳେ ମୁର୍ଶିଦାବାଦର ସମଶେରଗଞ୍ଜ ଓ ଜାଙ୍ଗିପୁର ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦୁଇଜଣ ପ୍ରାର୍ଥୀଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁଇ ଆସନରେ ମଧ୍ୟ ଭୋଟ ଗ୍ରହଣ କରାଯାଇଛି। ୩ ଆସନରେ ୬,୯୭,୧୬୪ ଯୋଗ୍ୟ ଭୋଟର ଅଛନ୍ତି। ସମଶେରଗଞ୍ଜରେ ୭୮.୬୦% ଏବଂ ଜାଙ୍ଗିପୁର ଆସନରେ ୭୬.୧୨% ମତଦାନ ହୋଇଛି।

# ଧରିତ୍ରୀ
DHARITRI

ଶୁକ୍ରବାର, ଅକ୍ଟୋବର ୧/୨୦୨୧ | Friday, October 1/2021 | ପୃଷ୍ଠା-୧




**ମନ୍ଧାନାଙ୍କ କ୍ୟାରିୟର ଶ୍ରେଷ୍ଠ ଇନିଂସ**

ଅଷ୍ଟ୍ରେଲିଆ ବିପକ୍ଷ ଦିବାରାତ୍ର କ୍ରିକେଟ ଟେଷ୍ଟରେ ଭାରତର ସ୍ମୃତି ମନ୍ଧାନା କ୍ୟାରିୟର ଶ୍ରେଷ୍ଠ ଅପରାଜିତ ୮୦ ରନ ସଂଗ୍ରହ କରିଛନ୍ତି। ୧୪

୧୦

**ଏସିଆନ କଣ୍ଟେଟ୍ ଆୱାର୍ଡ ପାଇଁ ନୁସ୍‌ରତ୍ ମନୋନୀତ**

ବୁସାନ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ଏସିଆନ କଣ୍ଟେଟ୍ ଆୱାର୍ଡ ପାଇଁ ବଲିଉଡ୍ ଅଭିନେତ୍ରୀ ନୁସରତ୍ ଭରୁଚାଙ୍କୁ ମନୋନୀତ କରାଯାଇଛି।



# ପୁଣି ବଢ଼ିଲା ତୈଳ ଦର

## ପେଟ୍ରୋଲ ୨୫, ଡିଜେଲ ୩୩ ପଇସା ବୃଦ୍ଧି

ଭୁବନେଶ୍ୱର/ନୂଆଦିଲ୍ଲୀ,୩୦।୯



ଦିନକର ବିରତି ପରେ ପୁଣି ଥରେ ଉଭୟ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ଗୁରୁବାର ଭୁବନେଶ୍ୱରରେ ଡିଜେଲ ୩୩ ପଇସା ଏବଂ ପେଟ୍ରୋଲ ୨୫ ପଇସା ବୃଦ୍ଧି ଘଟିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୯୮ ଟଙ୍କା ଏବଂ ପେଟ୍ରୋଲ ୧୦୨.୫୧ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୯୮.୩୪ ଟଙ୍କା ଓ ପେଟ୍ରୋଲ ୧୦୨.୮୬ ଟଙ୍କାରେ ପହଞ୍ଚିଛି। ସେହିପରି ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୩୦ ପଇସା ଏବଂ ପେଟ୍ରୋଲ ୨୫ ପଇସା ବଢ଼ିଥିବା ସୂଚନା ମିଳିଛି। ଫଳରେ ସେଠାରେ ଡିଜେଲ ଲିଟର ପିଛା ୮୯.୮୭ ଟଙ୍କା ଏବଂ ପେଟ୍ରୋଲ ୧୦୧.୬୪ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୨୮ରୁ ୩୧ ପଇସା ବଢ଼ି ଯଥାକ୍ରମ ୯୪.୪୫ ଟଙ୍କା, ୯୨.୯୭ ଟଙ୍କା ଏବଂ ୯୭.୫୨ ଟଙ୍କାକୁ ଛୁଇଁଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୨୧ରୁ ୩୦ ପଇସା ବଢ଼ି ଯଥାକ୍ରମେ ୯୯.୩୬ ଟଙ୍କା, ୧୦୨.୧୭ ଟଙ୍କା ଏବଂ ୧୦୭.୭୧ ଟଙ୍କାରେ ରହିଛି।

ଅନ୍ତର୍ଜାତୀୟ ବଜାରରେ ଗୁରୁବାର ଅଶୋଧିତ ତୈଳ ଦର ୦.୫% ହ୍ରାସ ପାଇ ବ୍ୟାରେଲ ପିଛା ୭୮.୨୫ ଡଲାରରେ ପହଞ୍ଚିଛି। ତଥାପି ଏହା ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ବର୍ଦ୍ଧିତ ଟିକସ ଯୋଗୁ ଖାଉଟି ଉଚ୍ଚା ଦରରେ ତେଲ କ୍ରୟ କରୁଛନ୍ତି ବୋଲି ତୈଳ କମ୍ପାନୀଗୁଡିକ ମତ ଦେଇଛନ୍ତି। ବର୍ତ୍ତମାନ ମଧ୍ୟ ସାରା ଦେଶରେ ୨୪ଟି ରାଜ୍ୟରେ ପେଟ୍ରୋଲ ୧୦୦ ଉପରେ ବିକ୍ରି ହେଉଥିବା ବେଳେ ୧୯ଟି ରାଜ୍ୟରେ ଡିଜେଲ ଦର ୯୦ ଉପରେ ରହିଛି।

କୋଭିଡ୍ ମହାମାରୀ ସମୟରେ ତୈଳ ଦର ବୃଦ୍ଧି ପାଇବା ଯୋଗୁ ସାଧାରଣ ଖାଉଟି ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛି। ତା' ସାଙ୍ଗକୁ ଅତିରିକ୍ତ ଖର୍ଚ୍ଚନ୍ତା ଏବଂ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଯୋଗୁ ଏହାର ପ୍ରଭାବ ସାଧାରଣ ଖାଉଟିଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ଭଳି ଆର୍ଥିକ ଭାର ପଡୁଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

# ବୀରେନ୍ଦ୍ର ଲାକ୍ରାଙ୍କ ଅବସର

ଭୁବନେଶ୍ୱର, ୩୦।୯(କ୍ରୀଡ଼ା ପ୍ରତିନିଧି)

ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ଦଳର ଅନ୍ୟତମ ସଦସ୍ୟ ତଥା ଦକ୍ଷ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ହକିକୁ ଅଲବିଦା ଜଣାଇଛନ୍ତି। ବୀରେନ୍ଦ୍ର ଫେସ୍‌ବୁକ୍‌ରେ ନିଜ ଅବସର ସମ୍ପର୍କରେ ଗୁରୁବାର ଏହା ପୋଷ୍ଟ କରି ତାଙ୍କ ପ୍ରଶଂସକଙ୍କୁ ଚମକାଇ ଦେଇଛନ୍ତି। ୨୦୧୨ରୁ ଅନ୍ତର୍ଜାତୀୟ ହକି କ୍ୟାରିୟର ଆରମ୍ଭ କରିଥିବା ବୀରେନ୍ଦ୍ର ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଦଳର ଉପଅଧିନାୟକ ଥିଲେ। ଭାରତୀୟ ଦଳର ତାରକା ଡ୍ରାଗ୍ ଫ୍ଲିକର ରୂପିନ୍ଦର ପାଲ୍ ସିଂ ମଧ୍ୟ ଅବସର ଘୋଷଣା କରିଛନ୍ତି।



ସୁନ୍ଦରଗଡ଼ ଜିଲାର ଲାଛଡ଼ାରେ ୧୯୯୦ ଫେବୃୟାରୀ ୩ରେ ଜନ୍ମିତ ବୀରେନ୍ଦ୍ର ଭାରତ ପକ୍ଷରୁ ୨୦୧ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ''ଗତ କିଛି ସପ୍ତାହ ଧରି ମୁଁ ହକିରେ ମୋର ଯାତ୍ରାକୁ ଅନ୍ତଃନିରୀକ୍ଷଣ କରୁଥିଲି। ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ଏବଂ ଭାରତ ଜର୍ସି ପିନ୍ଧି ଗର୍ବିତ ହେବାଠାରୁ ଆଉ ବଡ଼ ଖୁସି ମୋ ପାଇଁ କିଛି ନାହିଁ। ☞ପୃଷ୍ଠା-୨

# ରେଙ୍ଗାଲି: ପାଣିରେ ପଡ଼ିବ ୬୬ କୋଟି

## ■ ବାମପାର୍ଶ୍ୱ କେନାଲରେ ଫାଟ ■ ୨୨ କିମି ଅଞ୍ଚଳରେ ପାଣି ଝରୁଛି




ଢେଙ୍କାନାଳ ଜିଲା ଭୁବନ ବ୍ଲକର ଓଡିଶ ନିକଟସ୍ଥ ରେଙ୍ଗାଲି ବାମପାର୍ଶ୍ୱ କେନାଲର ହେଡ୍ ରେଗୁଲେଟର।

ଯାଜପୁର ଅଫିସ,୩୦।୯

ବ୍ରାହ୍ମଣୀ ନଦୀ ଉପରେ ରେଙ୍ଗାଲି ବହୁମୁଖୀ ଯୋଜନାର ବାମପାର୍ଶ୍ୱ କେନାଲର ଆରଡି ୭୧.୩୧୩ କିମିରୁ ୧୦୦.୪୯ କିମି ଅଞ୍ଚଳର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଫଳରେ ଢେଙ୍କାନାଳ ଜିଲା ଭୁବନ ବ୍ଲକର ଓଡିଶଠାରୁ ଯାଜପୁର ଜିଲା ସୁକିନ୍ଦା ବ୍ଲକ ମାଧପୁର ପର୍ଯ୍ୟନ୍ତ ୨୨ କିମି ଅଞ୍ଚଳରେ ପାଣି ଝରୁଛି। ଗତ ୧୮ ତାରିଖରେ ରେଙ୍ଗାଲି ପ୍ରକଳ୍ପର ଦ୍ୱିତୀୟ ପ୍ରୋଜେକ୍ଟ କୋର୍ଡିନେଶନ କମିଟି (ପିସିସି) ବୈଠକ ବିବରଣୀରୁ ଏହି ସୂଚନା ମିଳିଛି। ଏହାର କେନାଲ ଲାଇନିଂ ନିର୍ମାଣ ଏକମାତ୍ର ସମାଧାନ ବୋଲି ଜଳ ସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ଗୁରୁତ୍ୱାରୋପ କରିଛନ୍ତି। ଏଥିପାଇଁ କେନାଲ ଲାଇନିଂ ଆଣ୍ଡ ସିଷ୍ଟମ ରିହାବିଲିଟେଶନ୍ ପ୍ରୋଗ୍ରାମ (ସିଏଲ୍ଏସ୍ଆର୍‌ପି) ପାଣ୍ଠିରୁ ପ୍ରାୟ ୬୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି; ଯାହା କି ରାଜ୍ୟ ସରକାରଙ୍କ ରାଜକୋଷରୁ ଅତିରିକ୍ତ ଭାବେ ପାଣିରେ ପଡିବ ବୋଲି ମତପ୍ରକାଶ ପାଇଛି। ତେବେ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମାନି ଏବଂ ନିମ୍ନମାନର ମାଟି, ମୋରମ ଇତ୍ୟାଦି ନିର୍ମାଣ ସାମଗ୍ରୀ ବ୍ୟବହାର ଏହାର ମୁଖ୍ୟକାରଣ ବୋଲି ଅଭିଯୋଗ ହୋଇଛି।

ରେଙ୍ଗାଲି ବହୁମୁଖୀ ଯୋଜନା ୮୦ଦଶକରେ ପରିକଳ୍ପନା କରାଯାଇଥିଲା। ଜାଇକା(ଜାପାନ ଇଣ୍ଟରନ୍ୟାଶନାଲ କୋଅପରେଟିଭ ଏଜେନ୍ସି) ଜରିଆରେ ବନ୍ୟା ନିୟନ୍ତ୍ରଣ, ଜଳ ☞ପୃଷ୍ଠା-୨

# ପୋଡ଼ିହୋଇ ମା', ଶିଶୁପୁତ୍ରଙ୍କ ମୃତ୍ୟୁ

ନାଉଗାଁ,୩୦।୯(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ତିରୁଣା ପଞ୍ଚାୟତ ତେଣ୍ଡୋଇ ଗାଁରେ ଗୁରୁବାର ପାରିବାରିକ କଳହରୁ ଏକ କରୁଣ ପରିଣତି ଦେଖିବାକୁ ମିଳିଛି। ସାମାନ୍ୟ ବଚସାରୁ ଘଟଣାଟି ଉଗ୍ରରୂପ ନେଇଥିଲା। କିରୋସିନ ଢାଳି ହୋଇ ମା' ଲିପି ସେଠୀଙ୍କ ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଦେଢ଼ବର୍ଷର ଶିଶୁପୁତ୍ର ଶୁଭମ୍‌ଙ୍କ ମଧ୍ୟ ମୃତ୍ୟୁ ହୋଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଲିପିଙ୍କ ଶାଶୁ ଚପଳା ଓ ସ୍ୱାମୀ ତପନଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂଚନା ମୁତାବକ, ଗୁରୁବାର ସକାଳେ କୌଣସି କାରଣରୁ ତପନଙ୍କ ଘରେ ପାଟିତୁଣ୍ଡ ହୋଇଥିଲା। କଳହ ପରେ ତପନ ଓ ଚପଳା ଘର ବାହାରକୁ ପଳାଇ ଯାଇଥିଲେ। ଏହି ସମୟରେ ଲିପି ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କ ପାଖରେ ଦେଢ଼ବର୍ଷର ଶିଶୁପୁତ୍ର ଶୁଭମ୍ ଥିଲେ। ଘରୁ ଧୂଆଁ ବାହାରୁଥିବା ଦେଖି ପଡ଼ିଶା ଲୋକେ ତାଙ୍କ ଘରକୁ ଯାଇ ଲିପିଙ୍କ ଉପରେ ପାଣି ଢାଳି ଉଦ୍ଧାର କରିଥିଲେ। ପାଖରେ ଥିବା ଶୁଭମ୍‌ଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଉଭୟଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ଲିପିଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଶୁଭମ୍‌ଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଶୁଭମ୍‌ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରଥମେ କଟକ ଶିଶୁ ଭବନ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶୁଭମ୍‌ଙ୍କ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମୃତ ଲିପିଙ୍କ ବାପଘର ଖୋର୍ଦ୍ଧା ଜିଲା ବନମାଳୀପୁର ଗୁଆପୁର ଗାଁରେ। ତପନ ଲିପିଙ୍କୁ ୫ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ଘଟଣା ଘଟିବା ପରେ ଲିପିଙ୍କ ବାପା ମନମୋହନ ସେଠୀ ଓ ମା' ରୁନି ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଲିପି ଶାଶୁଘରେ ଭଲରେ ଚଳୁଥଲା। ସେମାନଙ୍କର ଆଗରୁ ଏପରି କୌଣସି କଳି ଝଗଡ଼ା ହୋଇ ନ ଥିବା ମା' ରୁନି ପ୍ରକାଶ କରିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇ ନାହିଁ। ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲିପିଙ୍କ ମୃତଦେହ ରହିଥିବା ବେଳେ ମାଜିଷ୍ଟ୍ରେଟ ନେତ୍ରାନନ୍ଦ ବେହେରାଙ୍କ ଉପସ୍ଥିତିରେ ତଦନ୍ତ କରାଯାଉଛି। କୌଣସି ଅଭିଯୋଗ ଆସି ନ ଥିବାରୁ ମାମଲା ରୁଜୁ କରାଯାଇନାହିଁ ବୋଲି ଆଇଆଇସି ଅଭୟ କୁମାର ବେହେରା କହିଛନ୍ତି।

**ଆଜିର ସମ୍ପାଦକୀୟ**

**ସମନ୍ୱୟର ଆହ୍ୱାନ: ସବୁଜ ଶିଳ୍ପ**

**ଆଜିର ମନ୍ତବ୍ୟ**

"ମୁଖ୍ୟମନ୍ତ୍ରୀଙ୍କ ଅଧିକାର ଉପରେ ବାରମ୍ବାର ହସ୍ତକ୍ଷେପ କରିବା ବନ୍ଦ ହେବା ଉଚିତ। ଏବେ ସବୁ ସୀମା ଟପି ଯାଇଛି। ଏହାକୁ ରୋକିବା ଜରୁରୀ।

- ସୁନୀଲ ଝାଖଡ, ପଞ୍ଜାବ କଂଗ୍ରେସର ପୂର୍ବତନ ସଭାପତି


ସ୍ୱର୍ଣ୍ଣ ଋଣ ବନ୍ଧକ ଏବେ ଆପଣଙ୍କ ଦ୍ୱାର ନିକଟରେ
ମାସକୁ 73 ପଇସା
*8.8% ବାର୍ଷିକ
*T&C Apply
MANAPPURAM ASSET FINANCE LIMITED
TOLL FREE : 18005729787
PH : 9178868951, 9020421716

USHA TRAVELS
www.flyusha.in
OFFER PRICE
BHUBANESWAR ⇄
KOLKATA 2533/-*
HYDERABAD 3533/-*
BENGALURU 3533/-*
DELHI 3633/-*
MUMBAI 3733/-*
DUBAI 10,333/-*
T&C Apply
CALL US! 9937438896


# ମୋବାଇଲ ଗେମ୍ ପାଇଁ ଜୀବନ ହାରିଲେ ଛାତ୍ର

ଆନନ୍ଦପୁର,୩୦।୯(ସ୍ୱ.ପ୍ର.)

ମୋବାଇଲରେ ଗେମ୍ ଖେଳିବାକୁ ବାରଣ କରିବାରୁ ଜଣେ ନବମ ଶ୍ରେଣୀ ଛାତ୍ର ଜୀବନ ହାରିଛନ୍ତି। କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଇନ୍ଦୁପୁରା ଗ୍ରାମରେ ଗୁରୁବାର ଏଭଳି ଅଭାବନୀୟ ଘଟଣା ଘଟିଛି। ପରୀକ୍ଷା ଚାଲିଥିବାରୁ ମା' ପୁଅକୁ ମୋବାଇଲ ଦେବାକୁ ମନା କରିଥିଲେ। ପରେ ସେ ରାଗିଯାଇ ଏକ ଗାମୁଛା ବେକରେ ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରିଥିଲେ। କିଛି ସମୟ ପରେ ପରିବାର ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ର ଜଣକ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟରେ ପଢୁଥିବା ସୂଚନା ମିଳିଛି।

# ଓଡ଼ିଶା ହାଇକୋର୍ଟ ପାଇଁ ୪ ନୂଆ ବିଚାରପତି

## ସୁପ୍ରିମକୋର୍ଟ କଲେଜିୟମଙ୍କ ଅନୁମୋଦନ



ରାଧାକ୍ରିଷ୍ଣ ପଟ୍ଟନାୟକ



ଶଶିକାନ୍ତ ମିଶ୍ର



ଆଦିତ୍ୟ କୁମାର ମହାପାତ୍ର



ମୃଗାଙ୍କ ଶେଖର ସାହୁ

କଟକ ଅଫିସ,୩୦।୯

ଓଡ଼ିଶା ହାଇକୋର୍ଟରେ ୪ଜଣ ନୂଆ ବିଚାରପତି ନିଯୁକ୍ତି ପାଇବେ। ସେମାନଙ୍କ ମଧ୍ୟରେ ୨ଜଣ ଆଇନ୍‌ଜୀବୀ ରହିଥିବାବେଳେ ଅନ୍ୟ ୨ଜଣ ବିଚାରବିଭାଗୀୟ ଅଧିକାରୀ ରହିଛନ୍ତି। ୨ ଆଇନଜୀବୀ ହେଉଛନ୍ତି ଆଦିତ୍ୟ କୁମାର ମହାପାତ୍ର ଓ ମୃଗାଙ୍କ ଶେଖର ସାହୁ। ସେହିପରି ୨ ଜୁଡିସିଆଲ ଅଫିସର ହେଉଛନ୍ତି ରାଧାକ୍ରିଷ୍ଣ ପଟ୍ଟନାୟକ ଓ ଶଶିକାନ୍ତ ମିଶ୍ର। ରାଧାକ୍ରିଷ୍ଣ ଏବେ ରାଜ୍ୟ ଆଇନ ବିଭାଗର ପ୍ରମୁଖ ସଚିବଭାବେ କାର୍ଯ୍ୟ କରୁଥିବାବେଳେ ଶଶୀକାନ୍ତ ଗଞ୍ଜାମ ଜିଲା ଓ ସେସନ୍ସ ଜଜ୍ ଭାବେ କାର୍ଯ୍ୟରତ। ପୂର୍ବରୁ ଏମାନଙ୍କ ନାମକୁ ସୁପାରିସ କରାଯାଇଥିବାବେଳେ ଗତ ୨୯ ତାରିଖରେ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ କଲେଜିୟମର ଅନୁଷ୍ଠିତ ବୈଠକରେ ଉକ୍ତ ନାମଗୁଡ଼ିକୁ ଅନୁମୋଦିତ କରାଯାଇଛି। ଏହି ୪ଜଣଙ୍କୁ ନିଯୁକ୍ତି ମିଳିବାପରେ ହାଇକୋର୍ଟର ବିଚାରପତିଙ୍କ ସଂଖ୍ୟା ୧୭ରେ ପହଞ୍ଚିବ। ଏହା ସହିତ ଅନ୍ୟ ୩ ହାଇକୋର୍ଟ ଯଥା ବମ୍ବେ, ଗୁଜରାଟ ଏବଂ ପଞ୍ଜାବ ଓ ହରିୟାଣା ☞ପୃଷ୍ଠା-୨

### ୪ହାଇକୋର୍ଟ ପାଇଁ ୧୬ ବିଚାରପତି ନିଯୁକ୍ତ

# ପାର୍ବଣ ପାଇଁ କଟକଣା କଡ଼ାକଡ଼ି

## ଅକ୍ଟୋବର ପାଇଁ ନୂଆ ଗାଇଡ୍‌ଲାଇନ

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ଉତ୍ତର ପ୍ରଦେଶ କୁମ୍ଭମେଳା ଏବଂ କେରଳର ଓନମ୍ ଭଳି ପ୍ରସିଦ୍ଧ ପର୍ବ ସମୟରେ ତୀବ୍ର ହୋଇଥିଲା କରୋନା ସଂକ୍ରମଣ। ଓଡ଼ିଶାରେ ଆରମ୍ଭ ହୋଇଥିବା ପାର୍ବଣ ଋତୁରେ ସମାନ ସ୍ଥିତି ଉପୁଜିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ପାର୍ବଣରେ ସାମାନ୍ୟତମ ଅବହେଳାକୁ ପ୍ରଶ୍ରୟ ଦିଆଯିବ ନାହିଁ। ଯଦିଓ ରାଜ୍ୟରେ ସପ୍ତାହାନ୍ତ ଶଟ୍‌ଡାଉନ୍ ହେବ ନାହିଁ, ତଥାପି କୋଭିଡ୍ ଗାଇଡ୍‌ଲାଇନ୍ କଡ଼ାକଡ଼ି ପାଳନ କରାଯିବ। ଅକ୍ଟୋବର ଲାଗି ନୂତନ କୋଭିଡ୍ ନିୟମାବଳୀ ଜାରି କରିବା ଅବସରରେ ଗୁରୁବାର ଏହି ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ପ୍ରଦୀପ କୁମାର ଜେନା।

ଏସ୍ଆରସି କହିଛନ୍ତି, ମହୋତ୍ସବ ଋତୁରେ କଟକ ଏବଂ ଭୁବନେଶ୍ୱର ଭଳି ସହରରେ ଅଧିକ ଜନସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଅକ୍ଟୋବର ୧୧ରୁ ୨୦ ଯାଏ ଉକ୍ତ ଦୁଇ ସହରରେ ରାତି ୮ଟାରୁ ସକାଳ ୫ଟା ଯାଏ ରାତ୍ରିକାଳୀନ କର୍ଫ୍ୟୁ ଜାରି କରାଯାଇଛି। ରାଜ୍ୟର ଅନ୍ୟାନ୍ୟ ସହରାଞ୍ଚଳରେ ପୂର୍ବଭଳି ରାତ୍ରିକାଳୀନ କର୍ଫ୍ୟୁ ରାତି ୧୦ଟାରୁ ସକାଳ ୫ଟା ଯାଏ ବଳବତ୍ତର ରହିବ। ଏହି ସମୟରେ ସମସ୍ତ ଦୋକାନବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବ। ତେବେ ସମସ୍ତ ଜରୁରିକାଳୀନ ସେବା, ଖାଦ୍ୟ ଡେଲିଭେରି ଚାଲୁ ରହିବ। ବିମାନବନ୍ଦର, ପରିବହନ ଏବଂ ଜରୁରିକାଳୀନ ସେବାରେ ନିୟୋଜିତ ବ୍ୟକ୍ତି ପରିଚୟପତ୍ର ଦେଖାଇ ଯାତାୟାତ କରିପାରିବେ। ବିମାନବନ୍ଦର, ରେଳଷ୍ଟେଶନ ଏବଂ ବସ୍‌ଷ୍ଟାଣ୍ଡରୁ ଅଟୋରିକ୍ସା ବା କ୍ୟାବ୍ ଚାଳକମାନେ ଯାତ୍ରୀ ନେବା ଆଣିବା କରିପାରିବେ। ଅକ୍ଟୋବରରେ ଧାର୍ମିକ, ରାଜନୈତିକ, ସାଂସ୍କୃତିକ ସଭାସମିତି, ପ୍ରଦର୍ଶନୀ, ବାଣିଜ୍ୟିକ ମେଳା, ସାଧାରଣ ସମାବେଶ ଓ ମେଳା ମହୋତ୍ସବକୁ ବାରଣ କରାଯାଇଛି। ଏହି ନୂତନ ଗାଇଡ୍‌ଲାଇନ ଅକ୍ଟୋବର ୧ ସକାଳ ୫ଟାରୁ ନଭେମ୍ବର ୧ ସକାଳ ୫ଟା ଯାଏ ବଳବତ୍ତର ରହିବ ବୋଲି ଏସ୍ଆରସି ସ୍ପଷ୍ଟ କରିଛନ୍ତି।



ଅପରପକ୍ଷେ ରାଜ୍ୟବ୍ୟାପୀ ସକାଳ ୫ଟାରୁ ରାତି ୧୦ଟା ଯାଏ ସମସ୍ତ ଦୋକାନ, ମଲ୍ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲା ରହିବ। ପାର୍ବଣ ଲାଗି ରାଜ୍ୟ ସରକାର ଗତ ଅଗଷ୍ଟ ୯ରେ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରିଥିଲେ। ତଦନୁଯାୟୀ ପୂଜା ଆୟୋଜନ ହେବ। ସେପ୍ଟେମ୍ବର ଲାଗି ଜାରି କରାଯାଇଥିବା ଗାଇଡ୍‌ଲାଇନ ଅକ୍ଟୋବରରେ ମଧ୍ୟ ବଳବତ୍ତର ରହିବ। ଶୁଦ୍ଧି କାର୍ଯ୍ୟରେ ସର୍ବାଧିକ ୨୫୦ଜଣ ଯୋଗ ଦେଇପାରିବେ। ବାହାଘର ଶୋଭାଯାତ୍ରାରେ ସର୍ବାଧିକ ୫୦ଜଣ ବ୍ୟାଣ୍ଡବାଜା ବଜାଇ ଯାଇପାରିବେ। କୋଭିଡ୍ ନିୟମ ଉଲ୍ଲଙ୍ଘନ କଲେ ଆଇପିସିର ବିଭିନ୍ନ ଧାରା ଓ ବିପର୍ଯ୍ୟୟ ପରିଚାଳନା ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯିବ। ଜରିମାନା ଆଦାୟ ହେବ। ଜିଲାପାଳ ଓ ମହାନଗର ନିଗମ କମିଶନର, ପୋଲିସ କମିଶନର ନିଜ କ୍ଷମତା ଉପଯୋଗ କରି ଅତିରିକ୍ତ କଟକଣା ଜାରି କରିପାରିବେ। ରାଜ୍ୟରେ ଏବେ ବି ଦୈନିକ ସଂକ୍ରମଣ ମାମଲା ୬୦୦ ଉପରେ ରହୁଛି। ମୋଟ ୫,୬୪୨ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। କୋଭିଡ୍ ଗାଇଡ୍‌ଲାଇନ ମାନି ସରକାରଙ୍କୁ ସହଯୋଗ କଲେ ସଂକ୍ରମଣ କମିବ ବୋଲି ଏସ୍ଆରସି କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପିହୁ
ପରିବାରବର୍ଗ


ଦିବ୍ୟଶଙ୍କର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚକେ ଗଲେ
ବାର ହାତ।**

ସାଧାରଣତଃ ଶଗଡ଼ ଚକର ଗୋଲେଇ ଅଠର ଫୁଟ୍ ବା ଛ' ମିଟର ହୋଇଥାଏ। ଏହା ଥରେ ଗଡ଼ିଗଲେ ହାରାହାରି ବାର ହାତ ବାଟ ଯାଇଥାଏ। ଏଇ ସମୟ ଭିତରେ ଅନେକ କଥା ଘଟିଯାଇପାରେ, ପରିସ୍ଥିତି ଅନେକାଂଶରେ ବଦଳିଯାଇପାରେ। ପରୋକ୍ଷରେ ବାହାନା ଦେଖାଇ ଖସିଯିବା ବା କିଛି ସମୟ କଟିଗଲେ ପୁଣି କିଛି ସମୟ ନିଶ୍ଚିନ୍ତରେ କଟାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଲି ନ ଜାଣି
ଦେହୁଡ଼ି ବଙ୍କା।**

ସିଧା ଚାଲି କରି ଯାଇପାରୁ ନ ଥିବା ବ୍ୟକ୍ତି ଦେହୁଡ଼ି ବା ଦୁଆର ବଙ୍କା ଥିବା କଥା କହିବା ନିହାତି ହାସ୍ୟାସ୍ପଦ କଥା ହୋଇଥାଏ। ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ରେଙ୍ଗାଲି: ପାଣିରେ...

ପ୍ରଥମ ପୃଷ୍ଠାରୁ...

ବିଦ୍ୟୁତ୍ ପ୍ରକଳ୍ପ ଓ ଜଳସେଚନ ଏହି ବୃହତ୍ ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ରହିଛି। ରିପୋର୍ଟ ଅନୁସାରେ ୩୦।୩।୨୦୧୫ରେ ଜାଇକା ସହ ଋଣ ଚୁକ୍ତି ହୋଇଥିଲା ଏବଂ ତାହା ୩୦।୫।୨୦୧୫ରେ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିଲା। ଏଥିପାଇଁ ୨,୨୫୫.୩୦ କୋଟି ଟଙ୍କାର ଅଟକଳ ପ୍ରସ୍ତୁତ ହୋଇଥିଲାବେଳେ ସେଥିରୁ ଜାଇକାର ଶେୟାର ୧,୭୮୭.୩୦ କୋଟି ଟଙ୍କା ରହିଥିଲା। ଏହି ପ୍ରକଳ୍ପ ନିର୍ମାଣ କରିବାକୁ ୮ ବର୍ଷ ତଥା ୨୦୧୫-୧୬ରୁ ୨୦୨୨-୨୩ ପର୍ଯ୍ୟନ୍ତ ଅବଧି ସ୍ଥିର ହୋଇଥିଲା। କିନ୍ତୁ ବର୍ତ୍ତମାନର କାର୍ଯ୍ୟ ଅଗ୍ରଗତିକୁ ଦେଖିଲେ ଏହା ସନ୍ତୋଷଜନକ ନୁହେଁ। ମାତ୍ର ୩୬ ପ୍ରତିଶତ ଅଗ୍ରଗତି ହୋଇଛି। ଏହି କ୍ରମରେ ଜୁଲାଇ ୨୦୨୪ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଉକ୍ତ ପ୍ରକଳ୍ପ ଜରିଆରେ ରାଜ୍ୟର ୩ ଜିଲା ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝରର ୬ ବ୍ଲକ ଅଞ୍ଚଳରେ ୩୯,୪୧୬ ହେକ୍ଟର ଜମିରେ ପାଣି ମାଡିବ ବୋଲି ପରିକଳ୍ପନା କରାଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ୯,୫୫୮ ହେକ୍ଟର ଜମିରେ ଜଳସେଚନ ସୁବିଧା ହୋଇସାରିଛି। ଅନ୍ୟପକ୍ଷେ ୨୦୨୨ ଜୁଲାଇ ସୁଦ୍ଧା ବାକି ୯୦୦୦ ହେକ୍ଟର, ୨୦୨୩ ଜୁଲାଇ ସୁଦ୍ଧା ୫୦୦୦ ହେକ୍ଟର ଏବଂ ୨୦୨୪ ଜୁଲାଇ ସୁଦ୍ଧା ୧୫,୮୨୮ ହେକ୍ଟର ଜମିରେ ଜଳସେଚନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଇଟ୍ ବ୍ୟାଙ୍କ କେନାଲ(ଆରବିସି) ଓ ଲେଫ୍ଟ ବ୍ୟାଙ୍କ କେନାଲ(ଏଲବିସି) ନାମରେ ଦୁଇଟି କେନାଲ ନିର୍ମାଣ କାର୍ଯ୍ୟ ଚାଲିଛି। ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ଇସୁ୍ୟ ଅଗ୍ରଗତିରେ ବାଧକ ସାଜିଛି ବୋଲି କମିଟି ବୈଠକରେ ମତପ୍ରକାଶ ପାଇଛି। ତେଣୁ ବାମପାର୍ଶ୍ୱ କେନାଲ ନିର୍ମାଣର ଅଗ୍ରଗତି ସଂକ୍ରାନ୍ତରେ ସମ୍ପୃକ୍ତ ନିର୍ମାଣକାରୀ ସଂସ୍ଥା ସହ ମାସିକ ବୈଠକ କରି ତତ୍ପରତା ପ୍ରକାଶ କରିବାର ଆବଶ୍ୟକତା ରହିଛି ବୋଲି ବୈଠକରେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଜାରି କରିଛନ୍ତି।

ଉଲ୍ଲେଖଯୋଗ୍ୟ, ରେଙ୍ଗାଲି ବାମପାର୍ଶ୍ୱ କେନାଲର ଦୈର୍ଘ୍ୟ ୧୪୧ କିମି। ଏହି କେନାଲ ନିର୍ମାଣରେ ୨୧୨୯ ହେକ୍ଟର ଜମିରୁ ୧୭୦୦ ହେକ୍ଟର ଜମି ଅଧିଗ୍ରହଣ ହୋଇଥିବାବେଳେ ବାକି ୪୨୯ ହେକ୍ଟର ଜମି ଅଧିଗ୍ରହଣ ହୋଇପାରିନାହିଁ। ତେବେ ବର୍ତ୍ତମାନ ଓଡିଶଠାରୁ ମାଧପୁର ପର୍ଯ୍ୟନ୍ତ କେନାଲର ବିଭିନ୍ନ ସ୍ଥାନରେ ପାଣି ଝରିବା ବିଭାଗୀୟ ଅଧିକାରୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ମିଳିଥିବା ସୂଚନା ଅନୁସାରେ ସେତେବେଳେ ବିରଜା କନଷ୍ଟ୍ରକ୍ସନ, ଡିଡି ବିଲ୍ଡର, ଜିଭିଭି କନଷ୍ଟ୍ରକ୍ସନ ଓ ଦୁର୍ଗା କନଷ୍ଟ୍ରକ୍ସନ ଏହି କେନାଲ ନିର୍ମାଣ ଦାୟିତ୍ୱରେ ରହିଥିଲେ। ତେବେ ଆରଡି ୭୧.୩୧୩ କିମିରୁ ୧୦୦.୪୯ କିମି କେନାଲ କାର୍ଯ୍ୟ ଅତି ଦୁର୍ବଳ ଅବସ୍ଥାରେ ରହିଛି। ଏଷ୍ଟିମେଟ ଅନୁସାରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇନାହିଁ। ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇ ଯେନତେନ ପ୍ରକାରେ କାର୍ଯ୍ୟକୁ ଶେଷ କରିବାକୁ ବିଭାଗ ତତ୍ପର ହୋଇଥିବାରୁ କେନାଲରୁ ପାଣି ଝରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି। ଏହାବାଦ୍ ସଂପୃକ୍ତ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା ଅନ୍ୟ ଏକ ପ୍ରମୁଖ କାରଣ ବୋଲି ଅଭିଯୋଗ ହୋଇଛି। ଯଦି ତୁରନ୍ତ ଏହାର ମରାମତି ନ ହୁଏ ତେବେ କେନାଲ ଭୁଶୁଡି ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମି କ୍ଷତିଗ୍ରସ୍ତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଆଲୋଚନା ହେଉଛି।

ଏ ସଂକ୍ରାନ୍ତରେ ରେଙ୍ଗାଲି ବହୁମୁଖୀ ଯୋଜନାର ଚିଫ୍ ଇଞ୍ଜିନିୟର ଦୀପ୍ତିରଞ୍ଜନ ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, ନିମ୍ନମାନର କାମ ନୁହେଁ, ମାଙ୍କଡା ପଥର ଜୋନ୍ ଅଞ୍ଚଳରେ କେନାଲ ନିର୍ମାଣ ହୋଇଥିବାରୁ ସେଠାରେ ପାଣି ଝରୁଛି। ପ୍ରାୟ ୨୨ କି.ମି. ଦୈର୍ଘ୍ୟ ଅଞ୍ଚଳର କେନାଲ ଲାଇନିଂ କାମ ପାଇଁ କିଲୋମିଟର ପିଛା ୩ କୋଟି ଟଙ୍କା ଅନୁସାରେ ୬୬ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ନିଷ୍ପତ୍ତି ହୋଇଛି।

## ଓଡ଼ିଶା ହାଇକୋର୍ଟ ପାଇଁ...

ହାଇକୋର୍ଟକୁ ମଧ୍ୟ ୧୨ଜଣ ବିଚାରପତିଙ୍କ ନିଯୁକ୍ତି ନେଇ ଅନୁମୋଦନ କରାଯାଇଛି। ସେମାନଙ୍କ ମଧ୍ୟରେ ୪ଜଣ ବିଚାରବିଭାଗୀୟ ଅଧିକାରୀ ଏବଂ ୮ଜଣ ଆଇନଜୀବୀ ରହିଛନ୍ତି। ବମ୍ବେ ହାଇକୋର୍ଟ ପାଇଁ ଏ.ଏଲ୍. ପାନ୍‌ସାରେ, ଏସ୍.ସି. ମୋରେ, ୟୁ.ଏସ୍. ଜୋଷୀ ଫାଲକେ ଏବଂ ବି.ପି. ଦେଶପାଣ୍ଡେଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଗୁଜରାଟ ହାଇକୋର୍ଟକୁ ମୌନ ମନୀଷ ଭଟ୍ଟ, ସମୀର ଜେ. ଡାଭେ, ହେମନ୍ତ ଏମ୍ ପ୍ରାଚ୍ଛକ, ସନ୍ଦୀପ ଏନ୍.ଭଟ୍ଟ, ଅନିରୁଦ୍ଧ ପ୍ରଦ୍ୟୁମ୍ନ ମୟୀ, ନିରାଲ ରଶ୍ମିକାନ୍ତ ମେଟୋ ଏବଂ ନିଶା ମହେନ୍ଦ୍ରଭାଇ ଠାକୋରଙ୍କୁ ନିଯୁକ୍ତି ମିଳିଛି। ପଞ୍ଜାବ ଓ ହରିୟାଣା ହାଇକୋର୍ଟକୁ ଜଣେ ବିଚାରପତିଙ୍କୁ ପଦୋନ୍ନତି ଦିଆଯାଇଛି।

ଗତ ୧୬ତାରିଖରେ ସୁପ୍ରିମକୋର୍ଟ କଲେଜିୟମ ୧୮ଜଣ ବିଚାରପତିଙ୍କ ବଦଳି ପାଇଁ ନାମ ସୁପାରିସ କରିଥିଲେ। ସେମାନଙ୍କ ମଧ୍ୟରେ ୩ଜଣ ଓଡ଼ିଶା ହାଇକୋର୍ଟକୁ ବଦଳି ପାଇଁ ରହିଥିଲା। ପଞ୍ଜାବ ହରିୟାଣା ହାଇକୋର୍ଟର ବିଚାରପତି ଯଶୱନ୍ତ ସିଂ, କୋଲ୍‌କତା ହାଇକୋର୍ଟ ବିଚାରପତି ଅରିନ୍ଦମ ସିହ୍ନା ଏବଂ ସୌମେନ୍ ସେନ୍‌ଙ୍କ ନାମ ରହିଥିଲା। ସେହିପରି ଓଡ଼ିଶା ହାଇକୋର୍ଟ ବିଚାରପତି ସଞ୍ଜୟ କୁମାର ମିଶ୍ରଙ୍କୁ ଉତ୍ତରାଖଣ୍ଡ ହାଇକୋର୍ଟକୁ ବଦଳି ପାଇଁ ସୁପାରିସ ହୋଇଥିଲା।

## ବୀରେନ୍ଦ୍ର ଲାକ୍ରାଙ୍କ...

ଏବେ ଅବସର ନେବା ସହ ପରବର୍ତ୍ତୀ ପିଢ଼ିଙ୍କୁ ଭାରତ ଜର୍ସି ପିନ୍ଧି ଗର୍ବିତ ହେବା ପାଇଁ ସୁଯୋଗ ଦେବାର ସମୟ ଆସିଛି। ୧୧ ବର୍ଷର କ୍ୟାରିୟରରେ ୨୦୧ ମ୍ୟାଚ ଖେଳିବା ପରେ ମୁଁ ଭାରତୀୟ ହକି ଦଳରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଡ୍ରେସିଂ ରୁମ୍‌ରେ ମୁଁ ଭାରତର ଅନ୍ୟ ଶ୍ରେଷ୍ଠ ଖେଳାଳିଙ୍କ ସହ ଯେଉଁ ସମୟ କଟାଇଛି ତାହା ବର୍ଣ୍ଣନା କରିବା ଅସମ୍ଭବ। ତେବେ ଆଗାମୀ ଅଲିମ୍ପିକ୍ସ ଆଉ ମାତ୍ର ୩ ବର୍ଷ ପରେ ହେବାକୁ ଥିବାରୁ ଦଳୀୟ ସାଥିମାନେ ଭଲଭାବେ ପ୍ରସ୍ତୁତ ହୋଇ ଭାରତୀୟ ହକିକୁ ଆଉ ଏକ ସ୍ତରକୁ ନେଇଯିବା ପାଇଁ ମୁଁ ଶୁଭେଚ୍ଛା ଜଣାଉଛି'' ବୋଲି ବୀରେନ୍ଦ୍ର ପ୍ରକାଶ କରିଛନ୍ତି। ଭାରତୀୟ ହକି ଦଳର ସଦସ୍ୟ ଭାବେ ମୁଁ ଅନେକ ଉତ୍‌ଥାନ ଓ ପତନ ମଧ୍ୟଦେଇ ଗତିକରିଛି। ତେବେ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିବା ଖୁସିଠାରୁ ଆଉ ବଡ଼ କିଛି ନାହିଁ। ତେଣୁ ଏହା ହିଁ ଅବସର ନେବାର ଉପଯୁକ୍ତ ସମୟ ବୋଲି ମୁଁ ବିଚାର କରିଛି। ଏହି ଗେମ୍ ମୋତେ ଅନେକ କିଛି ଦେଇଛି। ପ୍ରତିବଦଳରେ ମୁଁ ମଧ୍ୟ ସବୁବେଳେ ଶ୍ରେଷ୍ଠ ପ୍ରଦର୍ଶନ ଦେବାପାଇଁ ଚେଷ୍ଟା କରିଛି। ହକି ଇଣ୍ଡିଆ ପକ୍ଷରୁ ମୁଁ ଭରପୂର ସମର୍ଥନ ପାଇଛି। ବିଶେଷ କରି ଆହତ ସମସ୍ୟା ସମୟରେ ମୋତେ ଯେପରି ସମର୍ଥନ କରାଯାଇଛି ତାହା ଭାଷାରେ ପ୍ରକାଶ କରିବା ସହଜ ନୁହେଁ। ମୁଁ ଯେତେ କୋଚ୍‌ଙ୍କ ସହିତ କାର୍ଯ୍ୟ କରିଛି ସମସ୍ତଙ୍କୁ ଧନ୍ୟବାଦ ଜଣାଇବାକୁ ଚାହୁଁଛି। ସେମାନଙ୍କଠାରୁ ଯେଉଁ ଶିକ୍ଷା ପାଇଥିଲି ତାହା ବହୁ ମୂଲ୍ୟବାନ ଥିଲା ଏବଂ ମୋ ଜୀବନରେ ଖୁସି ଆଣି ଦେଇଥିଲା। ଦଳୀୟ ସାଥିମାନେ ମଧ୍ୟ କ୍ରମାଗତ ସମର୍ଥନ ଜଣାଇ ଆସିଥିଲେ। ଗତ କିଛିବର୍ଷ ଧରି ଆମେ ଏକ ବଡ଼ ପରିବାର ଭଳି ଅନେକ ସମୟ କଟାଇଥିଲୁ। ମୋ ଉପରେ ଭରସା ଜୁଟାଇଥିବାରୁ ସାଥି ଖେଳାଳିଙ୍କୁ ମଧ୍ୟ ଅନେକ ଧନ୍ୟବାଦ। ପ୍ରତ୍ୟେକ ପଦକ୍ଷେପରେ ମୋ ପରିବାର ଓ ବନ୍ଧୁମାନେ ମୋତେ ସମର୍ଥନ କରି ଆସିଥିଲେ। ତେଣୁ ସେମାନଙ୍କୁ ମୋର ହୃଦୟଭରା ଧନ୍ୟବାଦ। ମୋର ପ୍ରଶଂସକ ଏବଂ ଶୁଭେଚ୍ଛୁମାନେ ସେମାନଙ୍କ ହୃଦୟରେ ମୋତେ ସବୁଦିନ ପାଇଁ ସ୍ଥାନ ଦେବେ, ଏହି ଆଶା ମୋର ରହିଛି ବୋଲି ବୀରେନ୍ଦ୍ର ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ଚନ୍ଦ୍ର ତୃତୀୟସ୍ଥ ହେତୁ କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସହାୟତା ଲାଭକରି କୌଣସି ନୂତନ କାର୍ଯ୍ୟାରମ୍ଭ ସକାଶେ ପ୍ରୟାସୀ ହେବେ। ପ୍ରତ୍ୟୁଷ ଯାତ୍ରା ସମୟରେ ଅନ୍ୟ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଦୂରାଗତ ବନ୍ଧୁଙ୍କ କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ**

ଅଫିସରେ ଅଟକି ରହିଥିବା ଫାଇଲ୍ କାମ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ବାଧକାଧିପତି ଦୃଷ୍ଟ ଶୁକ୍ର ପ୍ରଭାବରେ ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, କିନ୍ତୁ କୌଣସି କାମ ଅଟକିବ ନାହିଁ। ଶିଳ୍ପ ଓ ବାଣିଜ୍ୟ ବ୍ୟବସାୟ, ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। କୌଣସି ନିଷ୍ପତ୍ତିର ଶେଷ ସମୟରେ ଟଣାଓଟରା ଲାଗିପାରେ।

**ମିଥୁନ**

ଧନାଧିପ ରାଶିସ୍ଥ ହେତୁ ଅର୍ଥଲାଭ ସହ ଦିନ ଭିତରେ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ପାରିବାରିକ ଅସ୍ଥିରତା ଲାଗିରହିବା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବାକୁ ପଡିବ। ବାଣିଜ୍ୟ, ବ୍ୟବସାୟ ସଙ୍ଗକୁ ଆର୍ଥିକ ସ୍ଥିତି ପୂର୍ବପରି ରହିବ।

**କର୍କଟ**

ଭୁଲ୍ ବୁଝାମଣା ହେତୁ ଭାବପ୍ରବଣତା ବୃଦ୍ଧି ପାଇବ ଏବଂ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ଶନିଙ୍କ ସୁପ୍ରଭାବରେ ଶେୟାର ବଜାର, ଫ୍ଲାଟ୍ କାରବାରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ। ଆଜିର ଯାତ୍ରାରେ ସଫଳତା ମିଳିବ କିନ୍ତୁ ଅଯଥା ବ୍ୟସ୍ତବିବ୍ରତ ହେବା ଠିକ୍ ହେବନି।

**ସିଂହ**

ମଙ୍ଗଳ ଦ୍ୱିତୀୟସ୍ଥ ଯୋଗୁ ପଛକଥା ନ ଭାବି ପରିସ୍ଥିତିକୁ ସାମନା କରିବା ଭଲ। ଆପଣଙ୍କ ସଚ୍ଚୋଟତା ଓ ନିର୍ଭୀକତା ଯୋଗୁ ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। କଠିନଶ୍ରମ ଓ ବ୍ୟସ୍ତତା କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି କଳହର ଆଶଙ୍କା ରହିଛି।

**କନ୍ୟା**

ଶୁକ୍ର ମୁଖଭାବସ୍ଥ ଯୋଗୁ ଯାହା ଆଶା କରୁଛନ୍ତି ତାହା ପାଇବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ବଢ଼ିଯାଉଥିବାରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ନିଜ ଫାଇଦା ପାଇଁ ନିକଟସ୍ଥ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ଆବଶ୍ୟକତା ପୂରଣ କରିବାକୁ ଯାଇ ଧାରକରଜ କରିବାକୁ ପଡ଼ିପାରେ।

**ତୁଳା**

କର୍ମାଧିପ ଭାଗ୍ୟଭାବସ୍ଥ ଯୋଗୁ ଯାହା କରନ୍ତୁ ଅଳ୍ପ ପରିଶ୍ରମରେ ସାଧିତ ହୋଇପାରିବ। ଦୀର୍ଘଦିନରୁ ଚିନ୍ତା କରିଥିବା ଜମିଜମା କାରବାର କିମ୍ବା ନୂତନ ଚୁକ୍ତିପତ୍ର ସମ୍ବନ୍ଧୀୟ କାମଟି ହଠାତ୍ ହୋଇଯିବ। ଶାରୀରିକ ପୀଡ଼ା ଯୋଗୁଁ ମନ ବିଚଳିତ ହୋଇପାରେ। ପ୍ରକାଶନ କ୍ଷେତ୍ର, ରାଜନୈତିକ ସ୍ଥିତି, ବନ୍ଧୁଙ୍କ ସହ ଆଲୋଚନା ନିଷ୍ଫଳ ହେବନାହିଁ।

**ବିଛା**

ଦୃଢ଼ ମନୋବଳ ନେଇ କାମକରି ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବେ। ତୃତୀୟାଧିପ ରାଶ୍ୟାଧିପର ଶତ୍ରୁ ହେତୁ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ।

**ଧନୁ**

କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ନିବୃତ ନ ରହିଲେ ଅନର୍ଥ ଅବଶ୍ୟମ୍ଭାବୀ। ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ, ତଥାପି ଶେଷ ସମୟରେ ତାହା ସ୍ଥଗିତ ରଖିବାକୁ ବାଧ ହୋଇପାରନ୍ତି । କୌଣସି ଯୁକ୍ତିତର୍କ କାରଣରୁ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ଘରେ ସ୍ତ୍ରୀଙ୍କ ଚିଡା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ।

**ମକର**

ଶନିଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ଓ ଆର୍ଥିକ ସ୍ଥିତି ସନ୍ତୋଷଜନକ ରହିବା ଆଶା କରାଯାଇପାରେ। ଖଳ ଲୋକମାନଙ୍କ ଦ୍ୱାରା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବାର ଆଶଙ୍କା ରହିଛି। କର୍ମକ୍ଷେତରେ ବିଗତ ଦିନ ମାନଙ୍କର ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ**

ଆଜି ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଆଲୋଚନାରେ ସମୟ କଟାଇବେ। ଦ୍ୱାଦଶସ୍ଥ ବୃହସ୍ପତିଜନିତ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ମୀନ**

ରାଶି ପ୍ରତି ଶନି ଦୃଷ୍ଟି ପ୍ରଭାବରେ ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ। କଚେରୀ ମାମଲା, ପ୍ରଶାସନିକ ଆଲୋଚନା, ରାଜନୈତିକ ବିତର୍କ, ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ଆଜି ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ।

## ୨୦ରୁ ରେଭେନ୍‌ଶାରେ ବିଜ୍ଞାନ ଓ ପରିବେଶ କଂଗ୍ରେସ

ଭୁବନେଶ୍ୱର, ୩୦।୯ (ବ୍ୟୁରୋ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଆସନ୍ତା ୨୦ ତାରିଖରୁ ଦୁଇଦିନିଆ ୨୨ତମ ଓଡିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟ ଏବଂ ଓଡିଶା ପରିବେଶ ସମିତି ପକ୍ଷରୁ ଏହି ସମ୍ମିଳନୀ ଆୟୋଜିତ ହେଉଥିବାବେଳେ ବିଷୟବସ୍ତୁ ରହିଛି 'ସାମ୍ପ୍ରତିକ ଆହ୍ୱାନଗୁଡ଼ିକୁ ଅତିକ୍ରମ କରିବାରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଭୂମିକା'। ବିଜ୍ଞାନର ବିବିଧ କ୍ଷେତ୍ରରେ ଘଟୁଥିବା ଅଗ୍ରଗତି ଏବଂ ଆମ ରାଜ୍ୟର ବିଜ୍ଞାନ ଗବେଷକଙ୍କ ଗବେଷଣା ଲବ୍ଧ ତଥ୍ୟ ଓ ସଫଳତା ବିଷୟରେ ଆଲୋଚନା କରି ନୂତନ ପିଢ଼ିକୁ ଦିଗ୍‌ଦର୍ଶନ ଦେବା ସହ ଉତ୍ସାହିତ କରିବା ଏହି ସମ୍ମିଳନୀର ପ୍ରମୁଖ ଆଭିମୁଖ୍ୟ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।


# classifieds Everyday 0674-2580101, 2549302




**SALE**

Buy & sell used 2 wheeler of any company. No legal hassle payment through Bank. Renovated for best quality. Free home valuation. JMG Automobile, Professorpara, Canalroad, Cuttack. Call-8093080009/10. D-21768




**SALE**

Single residential plot for sale at Sisupal, Gangotri Nagar, Bhubaneswar. Contact: 9124721060. D-71318

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ **commercial Hub "Grandbazar"** ସମ୍ମୁଖରୁ **1 k.m.** ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। **9078699286.** D-71714

2000sqft. residential yellowzone plot for sale at Pahala, Bhubaneswar. Price- 36lakhs (Brokers excuse). Contact: 7894639282. D-71173

**Residential cum commercial road side plot, Niali Road @ 750 Sft., residential plots with boundary wall, Electricity system, homely temple, Nakhara 7 Km., BBSR-12 Km., 8249851363, 7809525452.** D-70485

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9348232008. D-21774

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ **14,40,000/-**ରେ ମିଳୁଛି। **9437033320.** D-71705

ମାସିକ ମାତ୍ର **3690/-** ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9437686901. D-71711




**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888

**Construct your home @ 850/-, 1300/- includes architecture, structure with 3year FMC, provide BDA plan approval, Boring/ interiorwork SNV Construction. 9439295469.** D-71710




Ashirvaad Salon and SPA get good massage for your health tha best therapy. 7077181074. D-70491

Newly open Saikrupa Panchakarma Spa positively health benefits with Expert. 8984068077. D-21804

Newly open SPA positively health benefit with Expert. Contact: 7749976301. D-71174

Refreshing your mind, your body with tha best therapy at Lotus Spa. 8018891951. D-70493

**Refreshing your mind, your body with tha best therapy at Lotus Spa. 8018891951.** D-70488

Swarna SPA newly open positively health benefits with expert therapist. 9556978408. D-71172

**AFFIDAVIT**

I Christine Joy, R/O Cox Colony, Faithout Reach, Industrial Estate, Jharsuguda, Odisha - 768203 have changed my guardian's name (JOHN PATRICK BRIDGE) to my father (SOLOMON SINGH) and mother (JOY SINGH) for all future purposes vide affidavit No. 1115 dated 29.09.21. D-21808

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

IN THE COURT OF THE CIVIL JUDGE (S.D.), DHENKANAL
Intestate Case No.3/2020

1. Tanushree Mishra, aged about 48 years, W/o late Subhendu Kumar Satpathy
2. Swastik Satpathy, aged 19 years
3. Satwik Satpathy, aged 17 years

Both are sons of Late Subhendra Satpathy, the petitioner No.3 being minors represented through mother guardian Tanushree Mishra. All are of vill. Gonden Street (Gudianali), P.S. Town, P.O./ Dist.- Dhenkanal ..... Petitioners

Versus

1. Sri Sitakanta Satpathy, aged 65 years, S/o late Ganeswar Satpathy, Flat Block No. 16, Flat No.903, My Home Vihanga near Q-City-Wipro Circle, Gachibowli, Hyderabad- 500032.
2. Sudhakar Satpathy, aged about 62 years, S/o late Ganeswar Satpathy, At-Golden Street (Gudianali), P.O. Dhenkanal, P.S., Town, Dist.- Dhenkanal.
3. Basanti Satpathy, aged 55 years, W/o Chakradhar Sahoo, At- Gitagram near OM Apartment, P.O.- P.T.C. Angul, Dist.- Angul.

... Opp. Parties

Whereas the above named petitioners have applied the above noted case to this Hon'ble Court for grant of succession certificate in their favour for withdrawal of money from L.I.C. of India, Khurda Branch as per the deposit in L.I.C. Policy No. 581317527, 581321785, 581322889, 581319988 amounting Rs.4,00,000/- deposited by late Suvendra Satpathy. The person who is interested to file any objection to this he is to appear in this court in person or by pleader on or before the 28th day of Oct. 2021 at 10.30 A.M. positively, failing which the matter will be decided in accordance with law.

Given under my hand and seal of this Court on this 22nd day of Sept. 2021.

Sd./- Subas Ch. Dhal
Civil Judge (S.D.), Dhenkanal
D-70356

**DRAFT NOTICE**

U/O5, RULE 20 OF CIVIL PROCEDURE CODE
IN THE COURT OF THE CIVIL JUDGE (SENIOR DIVISION), ANGUL
I.A NO.: 96/2021
(ARISING OUT OF CIVIL SUIT NO.: 181/2021)

Satyanarayan @ Satyaranjan Das ..... Petitioner

Versus

Sushama Behera ..... Opposite Party

To,
Susama Behera
Daughter of Late Benudhar Behera
At: Behera Bhawan, Gandhi Marg
P.O./PS/Dist.: Angul

Whereas the above named Petitioner filed an application U/o 39, Rule 1 and 2 read with Sec 151C.P.C.

You are hereby warned to appear in this Court in person or by a pleader duly instructed and able to answer all material questions relating to the misc case, or who shall be accompanied by some persons able to answer all such questions, on the 28th day of October 2021, at 10½ O' Clock in the forenoon, to answer the claim, [and further you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set-off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter claim, you shall enter such documents in a list to be annexed to the written statement].

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this 25th day of September 2021.

In order to preserve the suit land the parties are directed not to do anything which will amount to changing the nature and character of the suit land till further order.

Sd./- Civil Judge (Senior Division), Angul
D-21806

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୪୩,୦୪,୭୭୬ | ୪୭,୯୧,୭୫୩ | ୨୧,୧୧,୦୩,୬୨୬ |
| ଭାରତ | ୩,୩୭,୬୫,୪୭୦ | ୪,୪୮,୩୭୨ | ୩,୩୦,୩୪,୯୦୨ |
| ଓଡ଼ିଶା | ୧୦,୨୬,୪୭୬ | ୮୧୯୮(+୫୩) | ୧୦,୧୩,୧୪୨ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଝାରସୁଗୁଡ଼ା କାର୍ଡିଆକ୍ କେୟାର ହସ୍ପିଟାଲ

# ୨୦୨୨ ଜୁନ୍ ସୁଦ୍ଧା କାର୍ଯ୍ୟକ୍ଷମ

ଭୁବନେଶ୍ୱର, ୩୦।୯ (ବ୍ୟୁରୋ)


ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଓ ଅନ୍ୟମାନେ।

## ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଓ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଝାରସୁଗୁଡ଼ା ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏନେଇ ଗୁରୁବାର ଲୋକସେବା ଭବନରେ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନିର୍ମାଣାଧୀନ ଝାରସୁଗୁଡ଼ା କାର୍ଡିଆକ୍ କେୟାର ହସ୍ପିଟାଲ ଉପରେ ଆଲୋଚନା ହୋଇଥିଲା। ୨୦୨୨ ଜୁନ୍ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମେ ଏହି ହସ୍ପିଟାଲ ପାଇଁ ୩୬ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ତେବେ କର୍ମଚାରୀଙ୍କ ପାଇଁ କ୍ୱାର୍ଟର ନିର୍ମାଣ ଓ ହସ୍ପିଟାଲ ପରିଚାଳନା ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଥିବାରୁ ଏହି ଅର୍ଥ ମହାନଦୀ କୋଲ ଫିଲ୍ଡ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଛନ୍ତି। ଏଥିସହ ହସ୍ପିଟାଲ ପରିଚାଳନା ନିମନ୍ତେ ଉନ୍ନତ ମାନର ଯନ୍ତ୍ରପାତି ସ୍ଥାପନ ତଥା ଆବଶ୍ୟକ ଡାକ୍ତର ଓ ବିଭିନ୍ନ ବର୍ଗର ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଝାରସୁଗୁଡ଼ା ଅଞ୍ଚଳର ବ୍ୟକ୍ତି ବିଶେଷଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ରାଜସ୍ୱ ବୃଦ୍ଧି ପାଇଁ ସିଏସ୍ଆର୍ ମାଧ୍ୟମରେ ବିଭିନ୍ନ ଅର୍ଥ ଉପାର୍ଜନକାରୀ ପ୍ରକଳ୍ପ ସୃଷ୍ଟି ଦିଗରେ ମନ୍ତ୍ରୀ ଦାସ ମହାନଦୀ କୋଲ୍‌ଫିଲ୍ଡ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ପ୍ରକଳ୍ପ ଓ ଅନୁଦାନ ଆକଳନ କରିବାକୁ ଜିଲାପାଳଙ୍କୁ କୁହାଯାଇଛି। ସେହିପରି ଜିଲାର ପ୍ରତି ଗ୍ରାମପଞ୍ଚାୟତ ସଦର ମହକୁମାଠାରେ ଏକ ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ସ୍ଥାପନ ନିମନ୍ତେ ଅର୍ଥ ବ୍ୟବସ୍ଥା କରିବା ପାଇଁ ବିହିତ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରାଯାଇଛି। ଏହାର ସମସ୍ତ କାଗଜାତ ପ୍ରସ୍ତୁତ ସହ ବିଭିନ୍ନ ଜଳାଶୟରେ ଜେଟି ନିର୍ମାଣ ଓ ବୋଟ ଚଳାଚଳ ପାଇଁ ଆବଶ୍ୟକ ପ୍ରସ୍ତାବ ପ୍ରଦାନ ନିମନ୍ତେ ଜିଲାପାଳଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଓଡ଼ିଶା ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ, ଏମ୍‌ସିଏଲ୍ ସିଏମ୍‌ଡି ପ୍ରଭାତ କୁମାର ସିହ୍ନା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଜିଲାପାଳ ସରୋଜ ସାମଲ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

# ମହାମାରୀ ଆମ ପାଇଁ ଚ୍ୟାଲେଞ୍ଜ

**ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା କରୋନା ମହାମାରୀ ସାରା ବିଶ୍ୱକୁ ତ୍ରସ୍ତ କରିଦେଇଛି। ଆରମ୍ଭରୁ ବରିଷ୍ଠ ନାଗରିକମାନେ କରୋନାରେ ଅଧିକ ଆକ୍ରାନ୍ତ ହୋଇଥିଲେ। ଏହା ସେମାନଙ୍କ ପାଇଁ ଥିଲା ଏକ ଚ୍ୟାଲେଞ୍ଜ। ମହାମାରୀକୁ ମୁକାବିଲା ସହ ଏବେ ସୁସ୍ଥ ଜୀବନ ବିତାଉଥିବା କେତେଜଣ ବରିଷ୍ଠ ନାଗରିକଙ୍କ ମତାମତକୁ ନେଇ ଉପସ୍ଥାପନା..**

### ଔଷଧ ସେବନ ସହ କଟକଣା ମାନିଛି



କରୋନା ମହାମାରୀରେ ବରିଷ୍ଠ ନାଗରିକମାନେ ବିଶେଷଭାବେ ପ୍ରଭାବିତ ହୋଇଥିଲେ। ମୁଁ ମଧ ଏଥିରେ ଆକ୍ରାନ୍ତ ହୋଇଥିଲି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବା ସହ କଟକଣା ମାନିବା ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ହୋଇ ପାରିଛି। ଜଣେ ବରିଷ୍ଠ ନାଗରିକ ଭାବେ କହିବି ଯେ, ଏହି ସମୟରେ ଶ୍ୱାସପ୍ରଶ୍ୱାସ ସରଳ କରିବା ପାଇଁ ଗରମ ପାଣି ବାମ୍ଫ ନେବା ସହ ଦିନକୁ ୩ରୁ ୪ଥର ଲୁଣପାଣି କୁଳି କରିବା, ସୁଷମ ଖାଦ୍ୟ ଗ୍ରହଣ, ପ୍ରଚୁର ପାଣି ପିଇବା ଦରକାର।

- ପୁଷ୍ପଲତା ମହାନ୍ତି, ବରିଷ୍ଠ ନାଗରିକ

### ସତର୍କ ରହିବାକୁ ପଡୁଛି



କରୋନା ପାଇଁ ଟିକେ ସତର୍କ ରହିବାକୁ ପଡୁଛି। ଦୁଇଟିଯାକ କୋଭିଡ୍ ଟିକା ନେଇ ସାରିଥିଲେ ମଧ ମୋ ସ୍ୱାସ୍ଥ୍ୟ ପ୍ରତି ବେଶ୍ ସଚେତନ। ସବୁଦିନ ସକାଳୁ ଉଠି ଚାଲିବା ସହ ବ୍ୟାୟାମ କରେ। ସେହିପରି ଥଣ୍ଡା କିମ୍ବା ବାସି ଖାଦ୍ୟଠାରୁ ଦୂରେଇ ରୁହେ। ବାହାରକୁ ଗଲେ କରୋନାର ସମସ୍ତ ଗାଇଡ୍‌ଲାଇନ୍ ପାଳନ କରୁଛି।

- କେ. ଭୀମରାଜୁ ପାତ୍ର, ବରିଷ୍ଠ ନାଗରିକ

### ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିଆସିଛି



କରୋନାର ପ୍ରଥମ ଲହର ସମୟରେ ମୁଁ ବହୁତ ଡରି ଯାଇଥିଲି। ଯଦି କିଛି କାମ ପାଇଁ ନିହାତି ବାହାରକୁ ଯିବାକୁ ପଡୁଥିଲା, ତେବେ ସରକାରଙ୍କ ସମସ୍ତ କୋଭିଡ୍ ଗାଇଡ୍ ଲାଇନ ପାଳନ କରୁଥିଲି। ଘରକୁ ଆସିବା ପରେ ପିନ୍ଧିଥିବା ସମସ୍ତ ଲୁଗାପଟା ଡେଟଲରେ ଧୋଇଦିଏ। ଥଣ୍ଡା ଜିନିଷଠାରୁ ଦୂରେଇ ରହୁଥିଲି। ଏହାସହ ନିୟମିତ ଯୋଗ ଏବଂ ପ୍ରାଣାୟାମ କରେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବାରୁ ମତେ ମହାମାରୀ ଛୁଇଁ ନାହିଁ।

- ରେଣୁବାଳା ପୃଷ୍ଟି, ଅବସରପ୍ରାପ୍ତ ଅଧାପିକା

### ଦିନକୁ ଘଣ୍ଟାଏ ବ୍ୟାୟାମ କରୁଛି



କରୋନାରୁ ବର୍ତ୍ତିବା ପାଇଁ ସମସ୍ତ କୋଭିଡ୍ ନିୟମ ମାନିବା ଲାଗି ଚେଷ୍ଟା ଚଳାଇ ଆସିଛି। ଅତି ଆବଶ୍ୟକ ନ ହେଲେ ଘରୁ ବାହାରୁ ନାହିଁ। ନିଜ ସ୍ୱାସ୍ଥ୍ୟର ଯତ୍ନ ପାଇଁ ସୁଷମ ଖାଦ୍ୟ ଖାଇବା ସହ ଗରମ ପାଣି ପିଉଛି। ଏଥିସହ ପ୍ରତିଦିନ ୧ଘଣ୍ଟା ବ୍ୟାୟାମ କରୁଛି।

- ରସାନନ୍ଦ ସ୍ୱାଇଁ, ଅବସରପ୍ରାପ୍ତ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର

### ଅଭିଜ୍ଞତାର ଗନ୍ତାଘର

ଜୀବନରେ ଅଭିଜ୍ଞତା ହାସଲ ଗୁରୁତ୍ୱପୂର୍ଣ୍ଣ। ଏହା ମଣିଷକୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ସହ ତା'ର ସମାଧାନର ବାଟ ବତାଇଥାଏ। ବୟସ ବଢ଼ିବା ସହିତ ଅଭିଜ୍ଞତା ବୃଦ୍ଧି ପାଏ। କେବଳ ଅଧିକ ପାଠ ପଢ଼ିଲେ ଯେ ଅଭିଜ୍ଞତା ବଢ଼ିଯାଏ, ସେଭଳି ଧାରଣା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ନୁହେଁ। ବରିଷ୍ଠ ନାଗରିକ ଜୀବନକାଳ ମଧ୍ୟରେ ବହୁ ସମସ୍ୟା ସହିତ ପ୍ରାକୃତିକ ବିପର୍ଯ୍ୟୟର ମଧ ସାମ୍ନା କରିଥାନ୍ତି। ସେସବୁର ସମାଧାନ କିପରି କରାଯାଇପାରିବ, ତାହାର କାଇଦା ସେମାନଙ୍କୁ ବି ଜଣାଥାଏ। ତେଣୁ ବରିଷ୍ଠ ନାଗରିକଙ୍କୁ ଅଭିଜ୍ଞତାର ଗନ୍ତାଘର କହିଲେ ଅତ୍ୟୁକ୍ତି ହେବ ନାହିଁ।

ସମ୍ପ୍ରତି ପୃଥିବୀରେ ୯୦୦ ନିୟୁତରୁ ଊର୍ଦ୍ଧ୍ୱ ଲୋକଙ୍କ ବୟସ ୬୦ ବର୍ଷରୁ ଅଧିକ। ୨୦୫୦ ବେଳକୁ ଏହି ସଂଖ୍ୟା ୨୦୦ କୋଟିରେ ପହଞ୍ଚିବ, ଯାହାକି ପୃଥିବୀ ଜନସଂଖ୍ୟାର ୨୨% ହେବ ବୋଲି ଆକଳନ କରାଯାଇଛି।

ବରିଷ୍ଠ ନାଗରିକଙ୍କ ସୁରକ୍ଷା ଏବଂ ସେମାନଙ୍କ ବହୁବିଧ ସମସ୍ୟାର ନିରାକରଣକୁ ଦୃଷ୍ଟିରେ ରଖି ମିଳିତ ଜାତିସଂଘ ପକ୍ଷରୁ ୧୯୯୦ ଡିସେମ୍ବର ୧୪ରେ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ପ୍ରସ୍ତାବ ଅନୁସାରେ ପ୍ରତିବର୍ଷ ଅକ୍ଟୋବର ୧କୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଭାବେ ପାଳନ କରାଯିବାକୁ କୁହାଯାଇଥିଲା। ୧୯୯୧ ଅକ୍ଟୋବର ୧ରେ ପ୍ରଥମ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଥିଲା। ଏହି ଦିବସ ପାଳନ ଅବସରରେ ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ଏବଂ ସେମାନଙ୍କ ସମସ୍ୟାର ସମାଧାନ ଲାଗି ଉଦ୍ୟମ କ୍ଷେତ୍ରରେ ସଚେତନତା ସୃଷ୍ଟି କରାଯାଇଥାଏ।

ଉପସ୍ଥାପନା: ବନ୍ଦନା ସେଠୀ

# ରାଜ୍ୟରୁ ଆଉ ୬୦୨ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ରାଜ୍ୟରେ କରୋନା ନିୟନ୍ତ୍ରଣରେ ରହିଥିଲେ ମଧ କିଛିଦିନ ହେବ ଆକ୍ରାନ୍ତ ସଂଖ୍ୟାରେ ସାମାନ୍ୟ ବୃଦ୍ଧି ଘଟିଛି। ଗତ ୨୪ ଘଣ୍ଟାରେ ଆଉ ୬୦୨ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩୫୩ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୨୪୯ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ସେହିଭଳି ୧୮ ବର୍ଷ ବୟସର ୯୬ଜଣ ଶିଶୁ ରହିଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୮୩ଜଣ ନୂଆ ପଜିଟିଭ୍ ବାହାରିଥିବାବେଳେ କଟକ ୫୪, ମୟୂରଭଞ୍ଜ ୩୧, ଯାଜପୁର ୨୪, ବାଲେଶ୍ୱର ଓ ପୁରୀରୁ ୨୧ଜଣ ଲେଖାଏ, ଜଗତ୍‌ସିଂହପୁର ୧୮, ଢେଙ୍କାନାଳ ୧୪, ଅନୁଗୋଳ ୧୧, ସୁନ୍ଦରଗଡ ୯, କେନ୍ଦ୍ରାପଡା ୬, ଭଦ୍ରକ ୫, ରାୟଗଡା ଓ କୋରାପୁଟରୁ ୪ଜଣ ଲେଖାଏ, ଝାରସୁଗୁଡା ଓ ବରଗଡରୁ ୨ଜଣ ଲେଖାଏ, ଦେବଗଡ଼, ଗଞ୍ଜାମ, କନ୍ଧମାଳ, ନୟାଗଡ, ନୂଆପଡା, ସୋନପୁର ଓ ଗଜପତିରୁ ଜଣେ ଲେଖାଏ ଏବଂ ଷ୍ଟେଟ୍‌ପୁଲରୁ ୬୭ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦ଲକ୍ଷ ୨୬ହଜାର ୪୭୬ରେ ପହଞ୍ଚିଛି। ଅନ୍ୟପକ୍ଷରେ ରାଜ୍ୟରୁ ପୁଣି ୬ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ କେନ୍ଦ୍ରାପଡା ଓ ଖୋର୍ଦ୍ଧା ଜିଲାରୁ ୨ଜଣ ଲେଖାଏ ଏବଂ ଅନୁଗୋଳ ଓ ଜଗତ୍‌ସିଂହପୁରରୁ ଜଣେ ଲେଖାଏ ରହିଛନ୍ତି।

## ସଂକ୍ଷେପରେ

### ଯାତ୍ରୀ ଗୁରୁତର ପରେ ବିମାନ ଜରୁରୀ ଅବତରଣ
#### ହସ୍ପିଟାଲରେ ମୃତ ଘୋଷଣା

ଭୁବନେଶ୍ୱର, ୩୦।୯(ବ୍ୟୁରୋ): କୋଲକାତାରୁ ହାଇଦ୍ରାବାଦ୍ ଯାଉଥିବା ଇଣ୍ଡିଗୋ ବିମାନ(୬ଇ-୯୪୬) ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଜରୁରୀ ଅବତରଣ କରଛି। ଜୟବ୍ରତ ଘୋଷ(୫୯) ନାମକ ଜଣେ ଯାତ୍ରୀ ବିମାନ ଭିତରେ ଗୁରୁତର ହେବା ପରେ ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରି ହୃଦ୍‌ଘାତ ହୋଇଥିବା ଜଣାଇଥିଲେ। ଏଥିସହ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିବାକୁ ପରାମର୍ଶ ଦେଇଥିଲେ। ସଙ୍ଗେ ସଙ୍ଗେ ବିମାନର ଗତିପଥ ବଦଳା ଯାଇ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରାଯାଇଥିଲା। ସେଠାରୁ ବିମାନ ବନ୍ଦର ଆମ୍ବୁଲାନ୍ସରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୟବ୍ରତଙ୍କ ସହ ତାଙ୍କ ପରିବାରର ୩ଜଣ ସଦସ୍ୟ ମଧ ଉକ୍ତ ବିମାନରେ ଯାତ୍ରା କରୁଥିଲେ ବୋଲି ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ତରଫରୁ ସୂଚନା ମିଳିଛି।

### ସୀମାନ୍ତରେ ମାଓବାଦୀଙ୍କ ଆଇଡି ବିସ୍ଫୋରଣ:୨ ଯବାନ ଗୁରୁତର



ମାଲକାନଗିରି,୩୦।୯(ଡି.ଏନ୍.ଏ.): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ହାଲବାପଡ଼ା ଗ୍ରାମ ନିକଟରେ ମାଓବାଦୀମାନେ ଗୁରୁବାର ବୋମା ବିସ୍ଫୋରଣ କରିଛନ୍ତି। ଏଥିରେ ୨ ଜଣ ଯବାନ ଆହତ ହୋଇଛନ୍ତି। ସେମାନେ ହେଲେ ବାଲ କିଶନ ଓ ସୋନିଦୁଲ ଇସ୍‌ଲାମ। ଖବରରୁ ଜଣାପଡିଛି ସକାଳୁ ରାସ୍ତା ନିର୍ମାଣ କାର୍ଯ୍ୟକୁ ସୁରକ୍ଷା ଦେବାକୁ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିଲେ। ଏହି ସମୟରେ ହାଲବାପଡା ଗ୍ରାମ ନିକଟରେ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ ଲଗାଯାଇଥିବା ଆଇଡି ବୋମା ବିସ୍ଫୋରଣ ହୋଇଥିଲା । ଏଥିରେ ୨ଜଣ ସିଆର୍‌ପିଏଫ୍ ଯବାନ ଗୁରୁତର ହୋଇଥିଲେ। ଉଭୟଙ୍କୁ ଉଦ୍ଧାରକରି ବିଜାପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ବୋଲି ବିଜାପୁର ଏସ୍‌ପି କମଲଲୋଚନ କଶ୍ୟପ କହିଛନ୍ତି।




# ଟ୍ରକ୍ ଧକ୍କାରେ ଅଟୋ ଚୂରମାର, ୨ ମୃତ

ସଇଁତଳା, ୩୦।୯(ଡି.ଏନ୍.ଏ.)


କ୍ଷତିପୂରଣ ଦାବିରେ ଲୁହୁରାପାଲି ଛକରେ ଜାତୀୟ ରାଜପଥ ଅବରୋଧ କରାଯାଇଛି।

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବଡ଼ମାଳ ଫାଣ୍ଡି ଅନ୍ତର୍ଗତ ଲୁହୁରାପାଲି ଛକ ନିକଟରେ ଗୁରୁବାର ସକାଳେ ୧୦ଚକିଆ ଟ୍ରକ ଧକ୍କାରେ ଏକ ଅଟୋ ଚୂରମାର ହୋଇଯାଇଛି। ଅଟୋରେ ଥିବା ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଶିସକେଲା ଗାଁର ଅଟୋ ଡ୍ରାଇଭର ସୁବଳ ସାହୁ (୪୩) ଓ କୈବଲ୍ୟ ମାଝୀ(୬୩)। ଅଟୋରେ ଥିବା ଦେବାଶିଷ ସାହୁ(୨୮)ଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ମଧ୍ୟ ଗୁରୁତର ହୋଇଛନ୍ତି। ତାଙ୍କୁ ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବି କରି ମୃତକଙ୍କ ପରିବାର ଲୋକେ ଓ ଅନ୍ୟମାନେ ଜାତୀୟ ରାଜପଥ ୨୬ର ଲୁହୁରାପାଲି ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଟିଟିଲାଗଡ଼ ଉପଜିଲାପାଳ ମନୋଜ ବାଜପେୟୀ, ତହସିଲଦାର ଯୋଗେଶ୍ୱର ଧରୁଆ, ସଇଁତଳା ଓ ବଡ଼ମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ରେଡ୍‌କ୍ରସ ତରଫରୁ ୨୦ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯିବା ପରେ ଅପରାହ୍ନ ୩ଟାରେ ରାସ୍ତାରୋକୋ ହଟିଥିଲା।

ପୋଲିସ ସୂତ୍ରରୁ ପ୍ରକାଶ, ଗୁରୁବାର ସକାଳ ପ୍ରାୟ ୫.୩୦ରେ ଶିସକେଲା ଗ୍ରାମରୁ କଳାହାଣ୍ଡି ଛକ ବଜାରକୁ ଜଳଖିଆ ବିକ୍ରି କରିବାକୁ ସୁବଳ, କୈବଲ୍ୟ ଓ ଦେବାଶିଷ ଏକ ଡାଲାଅଟୋ(ନଂ.ଓଡ଼ି-୦୩-ଟି-୫୦୬୫)ରେ ଯାଉଥିଲେ। ଏହି ସମୟରେ ସାମ୍ନାପଟରୁ ଆସୁଥିବା ଦଶଚକିଆ ଟ୍ରକ(ନଂ. ଜେଏଚ-୧୦-ବିପି-୦୫୦୫) ତାଙ୍କୁ ଲୁହୁରାପାଲି ଛକ ନିକଟରେ ଧକ୍କା ଦେଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଅଟୋ ଡାଲାରେ ବସିଥିବା କୈବଲ୍ୟ ଛିଟିକି ପଡିଥିଲେ। ଅଟୋ ଡ୍ରାଇଭର ସୁବଳ ଅଟୋ ଭିତରେ ଚାପି ହୋଇଯାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଆମେରିକାରେ ଗବେଷଣା କରିବେ ଐଶ୍ୱର୍ଯ୍ୟ ଅଭିଷେକ

ପଦ୍ମପୁର, ୩୦।୯(ଡି.ଏନ.ଏ.)


ଐଶ୍ୱର୍ଯ୍ୟ ଅଭିଷେକ ମହାପାତ୍ର।

ଆମେରିକାର କଲରାଡୋ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଗବେଷଣା ପାଇଁ ମନୋନୀତ ହୋଇଛନ୍ତି ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗ ଗ୍ରାମର ଐଶ୍ୱର୍ଯ୍ୟ ଅଭିଷେକ ମହାପାତ୍ର। ସେ ଅକ୍ଟୋବର ୩୧ରେ ସେଠାରେ ଯୋଗଦେଇ ଗବେଷଣା ଜାରି ରଖିବେ। ସାମ୍ପ୍ରତିକ ସ୍ଥିତିରେ ସାରା ପୃଥିବୀରେ ଶକ୍ତି ସଙ୍କଟ ଦେଖାଦେଇଛି। ସିଲିକନ ସଂଯୁକ୍ତ ସୌରଶକ୍ତିର ଉର୍ଜା ଉପରେ ତାଙ୍କର ଗବେଷଣା ପର୍ଯ୍ୟବସିତ। ଯାହା ସୌରଶକ୍ତିକୁ ୧୦ଗୁଣା ଅଧିକ କାର୍ଯ୍ୟକ୍ଷମ କରିବା ସହ ଶକ୍ତି ସଙ୍କଟର ସମାଧାନ କରି ପୃଥିବୀ ପୃଷ୍ଠକୁ ସମ୍ପୂର୍ଣ୍ଣ ପ୍ରଦୂଷଣ ମୁକ୍ତ କରିପାରିବ। ଏହି ପରୀକ୍ଷଣ ବିଭିନ୍ନ ପ୍ରଗତିଶୀଳ ରାଷ୍ଟ୍ରରେ କାର୍ଯ୍ୟକାରୀ ହୋଇସାରିଥିବା ବେଳେ ଆଗାମୀ ଦିନରେ ଭାରତରେ କାର୍ଯ୍ୟକାରୀ ହୋଇପାରିବ ବୋଲି ଅଭିଷେକ କହିଛନ୍ତି।

ଅଭିଷେକ ହେଉଛନ୍ତି ଗ୍ରାମର ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଅରୁଣ ମହାପାତ୍ରଙ୍କ ପୁଅ। ବାଙ୍ଗାଲୋର ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର ପରେ ନିଟ୍, ସିଏସ୍ଆଇଆର୍, ଏସ୍ଆର୍‌ଏଫ୍ ଓ ଗେଟ୍ ଭଳି ଜାତୀୟ ମେଧା ପରୀକ୍ଷାରେ ସଫଳତା ଅର୍ଜନ କରିଥିଲେ। ବାଙ୍ଗାଲୋର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସରେ ସୌରଶକ୍ତି ଉପରେ ଗବେଷଣା କରି ପି.ଏଚ୍.ଡି ସମାପ୍ତ କରିଥିଲେ। ତାଙ୍କ ଦ୍ୱାରା ପ୍ରସ୍ତୁତ ସନ୍ଦର୍ଭ ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଅଧିକ ଗବେଷଣା ପାଇଁ ତାଙ୍କୁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ୟୁନାଇଟେଡ୍ କିଙ୍ଗଡମ୍, ଲଣ୍ଡନ ତରଫରୁ ଆମନ୍ତ୍ରଣ କରାଯାଇଥିଲା। ସେଠାରେ ଦୁଇବର୍ଷ ଗବେଷଣା କରିବା ପରେ ଆମେରିକାର କଲରାଡୋ ବିଶ୍ୱବିଦ୍ୟାଳୟ ଅଧିକ ଗବେଷଣା ପାଇଁ ତାଙ୍କୁ ଆମନ୍ତ୍ରଣ କରିଛି।

# ଠିକାସଂସ୍ଥା ନାଁରେ ପମ୍ପ ହାଉସ ଜମି

କେନ୍ଦ୍ରାପଡ଼ା ଅଫିସ,୩୦।୯

**ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ**

- **ସମ୍ପର୍କୀୟଙ୍କୁ ଭେଟିଲେ ମାନବାଧିକାର କର୍ମୀ**

ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ ପ୍ରତିଦିନ ନୂଆ ପ୍ରଶ୍ନ ସୃଷ୍ଟି କରୁଛି । ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ୮୯୨ କୋଟି ବ୍ୟୟ ଅଟକଳରେ ନିର୍ମାଣାଧୀନ ଏହି ମେଗା ପାନୀୟ ଜଳ ପ୍ରକଳ୍ପର ପମ୍ପ ହାଉସ ଜମି ମାଲିକାନା ଠିକା ସଂସ୍ଥାର ବୋଲି ଜଣାପଡିଛି । ସରକାରୀ ଯୋଜନାରେ ଜମି ଅଧିଗ୍ରହଣ କରା ନ ଯାଇ ବ୍ୟକ୍ତିଗତ ଜମି ଉପରେ ପ୍ରକଳ୍ପ କାହିଁକି ବୋଲି ପ୍ରଶ୍ନ ଉଠିଛି । ପୁଣି ଯେଉଁ ଜମି ଉପରେ ପ୍ରକଳ୍ପର ପମ୍ପ ହାଉସ ନିର୍ମାଣ କରାଯାଉଛି ତା'ର କିସମ ନଦୀ ଥିଲା । ଏହାର ବିକ୍ରିରେ ସବ୍‌ରେଜିଷ୍ଟ୍ରାର ବାଧା ନ ଦେବା ବିବାଦ ସୃଷ୍ଟି କରିଛି । ଅନ୍ୟପକ୍ଷେ ପ୍ରକଳ୍ପ ନିର୍ମାଣ ପାଇଁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ପ୍ରକଳ୍ପ ସ୍ଥାନ ବରୁଣାଡ଼ିହା ସମେତ ୩ ପଞ୍ଚାୟତରେ ସିଆରପିସି ଧାରା ୧୪୪ ଜାରି ହୋଇଛି । ଫଳରେ ଗତ ୨ ମାସ ଧରି ସ୍ଥାନୀୟ ଲୋକମାନେ ଖେତକୁ ଯାଇପାରୁ ନ ଥିବା ଅଭିଯୋଗ ହୋଇଛି ।

ଏ ସମ୍ପର୍କରେ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି କର୍ମକର୍ତ୍ତା ଦୁର୍ଯ୍ୟୋଧନ ମହାନ୍ତି, ବିଧାନ ଦାସ, ଶରତ ରାଉତ, ସବିତା ବରଜ, ଲିପ୍ସା ନାୟକ ପ୍ରମୁଖ କହିଛନ୍ତି, ପ୍ରକଳ୍ପର ବୈଧତାକୁ ନେଇ ଏବେ ବିଭିନ୍ନ ପ୍ରଶ୍ନ ଉଠିଛି । ରାଜକନିକା ତହସିଲ ଅଧୀନ ବରୁଣାଡ଼ିହା ଠାରେ ଭଦ୍ରକ ଜିଲାର ମେଗା ପାନୀୟ ଜଳ ପ୍ରକଳ୍ପର ପମ୍ପ ହାଉସ ନିର୍ମାଣ ହେଉଛି । ୯୧ ଡିସିମିଲର ଏହି ସ୍ଥାନଟିର ଜମି କିସମ ନଦୀ ଭାବେ ପଟ୍ଟାରେ ଦର୍ଶାଯାଇଛି । ଏହାର ଚୌହଦୀରେ ଖରସ୍ରୋତା ନଦୀ ଅଛି। ଏବେ ଏହି ଜମି ବୃହତ୍ ମଧୁର ଜଳ ପାନୀୟ ପ୍ରକଳ୍ପ ମାଲିକାନାରେ ଥିଲେ ମଧ୍ୟ ମାର୍ଫତଦାର ସେକ୍ ହୋସେନ ବାଶାହାଙ୍କ ନାମରେ ଅଛି। ସେକ୍ ବାଶାହା ହେଉଛନ୍ତି ପ୍ରକଳ୍ପ ନିର୍ମାଣ ପାଇଁ ଅନୁମତି ପାଇଥିବା ଠିକା ସଂସ୍ଥା ହାଇଦ୍ରାବାଦସ୍ଥିତ ମେସର୍ସ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡର ବରିଷ୍ଠ ପରିଚାଳକ । ସେ ଆନ୍ଧ୍ରପ୍ରଦେଶ ରାଜ୍ୟ କୁନୁର ଜିଲା ବୁଧୱାରା ପେଟା ଅଞ୍ଚଳର ବାସିନ୍ଦା । ଅପରପକ୍ଷେ ଭଦ୍ରକର ଏହି ମେଗା ପ୍ରକଳ୍ପ ପାଇଁ ବରୁଣାଡ଼ିହାରେ ଜମି ଅଧିଗ୍ରହଣ ହୋଇନାହିଁ । ଏନେଇ ଗତ ୧୬ ତାରିଖରେ ସହରର ଖଡିଅଙ୍ଗ ଗ୍ରାମର କ୍ଷିତୀଶ କୁମାର ସିଂହଙ୍କୁ କେନ୍ଦ୍ରପଡ଼ା ଜିଲା ଜମି ଅଧିଗ୍ରହଣ ବିଭାଗ ପକ୍ଷରୁ ଆରଟିଆଇ ତଥ୍ୟରେ ଦର୍ଶାଯାଇଛି । ତେବେ ବସୁଧା ଯୋଜନା ରାଜ୍ୟ ସରକାରଙ୍କର ହୋଇଥିବା ବେଳେ ପ୍ରକଳ୍ପର ନିର୍ମାଣ ସ୍ଥାନ ବ୍ୟକ୍ତିଗତ ଜମି ଉପରେ କାହିଁକି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି । ବ୍ୟକ୍ତିଗତ ଜମି ଉପରେ ସରକାରୀ ଅନୁଦାନ କେଉଁ ପରିସ୍ଥିତିରେ ଖର୍ଚ୍ଚ ହୋଇଛି, ତା'ର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି । ନଦୀ କିସମ ଜମିର ସୁରକ୍ଷା ରାଜ୍ୟ ସରକାରଙ୍କ ଥିବା ବେଳେ ଏହି ଜମି ବିକ୍ରି ଖର୍ଦ୍ଦିରେ ସରଜମିନ ତଦନ୍ତକୁ ଗୁରୁତ୍ୱ ଦିଆଯାଇନାହିଁ । ବସୁଧା ଯୋଜନା କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଛି। ତେବେ ବିଭାଗୀୟ କାର୍ଯ୍ୟ ନ ହୋଇ ଗୋଟିଏ ଠିକା ସଂସ୍ଥାକୁ ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ଦେବା ଓ ଠିକା ସଂସ୍ଥାର ଜମି ଉପରେ ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ କୁହେଳିକା ସୃଷ୍ଟି କରୁଛି ।

ସେହିପରି ଜିଲାପାଳ ଗତ ଅଗଷ୍ଟ ୧୦ ତାରିଖରେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବରୁଣାଡ଼ିହା ସମେତ ନିକଟସ୍ଥ ଭାରିଗଦା ଓ ବାଳକାଟି ପଞ୍ଚାୟତରେ ସିଆରପିସି ଧାରା ୧୪୪ ଆସନ୍ତା ଅକ୍ଟୋବର ୧୦ ପର୍ଯ୍ୟନ୍ତ ଜାରି କରିଛନ୍ତି । ବିବାଦୀୟ ସ୍ଥାନରେ ଖେତ ଜମି ରହୁଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଖେତକୁ ଯାଇ ପାରୁନାହାନ୍ତି । ଜିଲା ପ୍ରଶାସନ ପକ୍ଷରୁ ଏହି ନିଷେଧାଜ୍ଞା ଚାଷୀଙ୍କ ପାଇଁ କାଳ ହୋଇଛି ବୋଲି ସେମାନେ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ପାଇଁ ଉପସ୍ଥାପିତ ପରିବେଶ ଓ ସାମାଜିକ ପ୍ରଭାବର ଅନୁଧ୍ୟାନ ରିପୋର୍ଟଟି ଆଇଆଇଟି ହାଇଦ୍ରାବାଦର ନୁହେଁ ବୋଲି ଅନୁଷ୍ଠାନ ପକ୍ଷରୁ ଗତ ୨୭ ତାରିଖରେ ଆରଟିଆଇରେ ସୂଚନା ମିଳିଛି । ଏହାକୁ ଆଧାର କରି ସଂଗ୍ରାମ ସମିତିର କର୍ମକର୍ତ୍ତା ତଥା ପୂର୍ବତନ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା ରାଜକନିକା ଥାନାରେ ମୁଖ୍ୟମନ୍ତ୍ରୀ, ପୂର୍ବତନ ଓ ବର୍ତ୍ତମାନର ଜିଲାପାଳ, ଡିଏଫ୍‌ଓଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ।

ଏକମାତ୍ର କର୍ତ୍ତବ୍ୟ ହେଉଛି- ଧୀର, ଶାନ୍ତ ଭାବରେ ଧୈର୍ଯ୍ୟ ଓ ସହିଷ୍ଣୁତା ସହ ଭଲମନ୍ଦ ସବୁକିଛିର ସମ୍ମୁଖୀନ ହେବା। ... ଭୟ କରନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷାକବଚ। – ଶ୍ରୀମା

# ସମୟର ଆହ୍ୱାନ: ସବୁଜ ଶିଳ୍ପ



ଜୁଲେସ କୋର୍ଟେନହୋରଷ୍ଟ

ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା ସହ ଜଳବାୟୁ ପରିବର୍ତ୍ତନର ପ୍ରଳୟଙ୍କରୀ ପ୍ରଭାବକୁ ସୀମିତ ରଖିବା ଲାଗି ବିଶ୍ୱର ନେତାମାନେ ମହତ୍ତ୍ୱାକାଂକ୍ଷୀ ପ୍ରତିବଦ୍ଧତା ପ୍ରକାଶ କରୁଛନ୍ତି। କିନ୍ତୁ ପ୍ରତିବଦ୍ଧତାକୁ କାର୍ଯ୍ୟରେ ପରିଣତ କରି ସଫଳତା ପାଇବା ପାଇଁ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଥିବା ସମସ୍ତ ସେକ୍ଟରକୁ କାର୍ବନ ନିର୍ଗମନ ମୁକ୍ତ କରିବାକୁ ପଡ଼ିବ। ବିଦ୍ୟୁତ୍ ଏବଂ ପାସେଞ୍ଜର କାର୍ ସେକ୍ଟରରେ କାର୍ବନ ନିର୍ଗମନ ହ୍ରାସ ପ୍ରକ୍ରିୟା ଅପେକ୍ଷାକୃତ ସହଜ ହେବ। ଏହି ଦୁଇ ସେକ୍ଟର ଅକ୍ଷୟ ତଥା କାର୍ବନ ନିର୍ଗମନ କରୁ ନ ଥିବା ଉତ୍ସରୁ ପ୍ରାପ୍ତ ଶକ୍ତି ଉପଯୋଗ କରିବା ସକାଶେ ବ୍ୟାପକ ପ୍ରସ୍ତୁତି ଚଳାଇଛି। କିନ୍ତୁ ଏହା ବିମାନ ଚଳାଚଳ, ସିମେଣ୍ଟ, ଶିପିଂ, ଷ୍ଟିଲ୍ ଏବଂ ଅନ୍ୟ ଭାରି ଶିଳ୍ପ କ୍ଷେତ୍ରରେ ଲାଗୁ କରିବା ଅତ୍ୟନ୍ତ କଷ୍ଟକର। ଏହି ସବୁ ସେକ୍ଟରରେ ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରିବାକୁ ହେଲେ ଟେକ୍ନୋଲୋଜିର ଦ୍ରୁତ ବ୍ୟବସାୟୀକରଣ କରାଯିବା ଆବଶ୍ୟକ। କିନ୍ତୁ ଟେକ୍ନୋଲୋଜି ଆପଣାଇବା ଲାଗି ଏଯାବତ ଆମେ ପ୍ରସ୍ତୁତ ହୋଇନାହୁଁ। ଅନ୍ୟପକ୍ଷରେ ବ୍ୟବସାୟୀକରଣ ନିମନ୍ତେ ସମସ୍ତ ଶିଳ୍ପ କ୍ଷେତ୍ରର ସହଯୋଗ ଆବଶ୍ୟକ ହେବ। ଉତ୍ପାଦ ଯୋଗାଣକାରୀ ଯଥା ଷ୍ଟିଲ ସେକ୍ଟର ତା' ଉପଭୋକ୍ତା, ଆର୍ଥିକ ଅଂଶୀଦାର, ନୀତି ନିର୍ଦ୍ଧାରକ ଏବଂ ଅନ୍ୟ ଅଂଶୀଦାରମାନଙ୍କ ସହମତିରେ କାର୍ବନ ନିର୍ଗମନ ହ୍ରାସ ପଦ୍ଧତି ଉପଯୋଗ କରିବାକୁ ହେବ। ଟେକ୍ନୋଲୋଜିଗୁଡ଼ିକ କିଭଳି ବିକାଶ ହେଉଛି ତାହା ସମସ୍ତେ ଜାଣିବା ଓ ଏହାର ବ୍ୟବହାର ନିଶ୍ଚିତ କରିବାକୁ ଏଭଳି ସହମତିର ଆବଶ୍ୟକତା ରହିଛି। ଟେକ୍ନୋଲୋଜି ସମ୍ପର୍କରେ ଅବଗତ ହେବା ପରେ ହିଁ ଷ୍ଟିଲ, ସିମେଣ୍ଟ, ଶିପିଂ ଏବଂ ବିମାନ ଭଳି ସେକ୍ଟରର ନିବେଶ ପ୍ରକ୍ରିୟାରେ ସମସ୍ତେ ସହଯୋଗର ହାତ ବଢ଼ାଇବେ।

ବିଶ୍ୱର ସବୁ ଦେଶରେ ଶିଳ୍ପଗୁଡ଼ିକ ଏଭଳି ପ୍ରକ୍ରିୟା ଉପରେ ଏକମତ ବା ରାଜି ହେବା କିମ୍ବା ସମର୍ଥନ ଦେବା ସହଜ କଥା ନ ହେଲେ ମଧ୍ୟ ଏହା ସମ୍ଭବ ହୋଇପାରିବ। ଶିପିଂ ଇଣ୍ଡଷ୍ଟ୍ରି କଥା ବିଚାରକୁ ନିଆଯାଉ। ଏବେ ଗ୍ଲୋବାଲ ମାରିଟାଇମ୍ ଫୋରମ୍‌ର 'ଗେଟିଂ ଟୁ ଜିରୋ କୋଆଲିସନ' ନେତୃତ୍ୱରେ ବିଶ୍ୱରେ ଏହି ଶିଳ୍ପରେ କାର୍ବନ ନିର୍ଗମନ ହ୍ରାସ କରିବାର ପଦ୍ଧତି ବିକାଶ ହୋଇସାରିଲାଣି। ମିଶନ୍ ପସିବଲ୍ ପାର୍ଟନରଶିପ୍ (ଏମ୍‌ପିପି) ନେତୃତ୍ୱରେ ପୋସିଡନ୍ ପ୍ରିନ୍ସିପଲ୍ସରେ ଥିବା ଚାରି ସୋପାନ ବିଶିଷ୍ଟ ଏହି ପଦ୍ଧତି ଅନ୍ୟ ଭାରି ଶିଳ୍ପ ସେକ୍ଟରରେ ଧୀରେ ଧୀରେ ଲାଗୁ କରାଯାଉଛି। ଶିଳ୍ପ ଏବଂ ଜଳବାୟୁ ନେତୃତ୍ୱର ଏକ ମେଣ୍ଟ ଏମ୍‌ପିପି। ଏହା ଆସନ୍ତା ୧୦ ବର୍ଷ ମଧ୍ୟରେ ବିଶ୍ୱର ସବୁଠୁ ଅଧିକ କାର୍ବନ ନିର୍ଗମନକାରୀ ଶିଳ୍ପଗୁଡ଼ିକର ନିର୍ଗମନ କମାଇବା ପାଇଁ ଗ୍ରହଣ କରାଯାଉଥିବା ତ୍ୱରିତ କିମ୍ବା ଶକ୍ତିଶାଳୀ ପଦକ୍ଷେପଗୁଡ଼ିକ ଉପରେ ଧ୍ୟାନ ଦେଉଛି। ଏଥିପାଇଁ ଚଳିତ ବର୍ଷ ନଭେମ୍ବରରେ ଗ୍ଲାସ୍‌ଗୋରେ ଅନୁଷ୍ଠିତ ହେବାକୁ ଥିବା କୋପ୍-୨୬ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଅଗ୍ରଣୀ ଭାରି ଶିଳ୍ପ ସେକ୍ଟରଗୁଡ଼ିକ ଉପରେ ଏମ୍‌ପିପି ଗୁରୁତ୍ୱ ଦେବା ଉଚିତ। ଏହି ବିଷୟକୁ ମଧ୍ୟ ପ୍ରାଥମିକତା ଦେବା ଆବଶ୍ୟକ।

ଏହା ପୂର୍ବରୁ ଅନୁଷ୍ଠିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ କାର୍ବନ ନିର୍ଗମନ ହ୍ରାସର ଗତି ବଢ଼ାଇବା ଲାଗି ମୁଖ୍ୟତଃ ଜାତୀୟ ପ୍ରତିବଦ୍ଧତା ଏବଂ ନୀତି ନିର୍ଦ୍ଧାରଣ, ଅତିରିକ୍ତ ପ୍ରକ୍ରିୟାକୁ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ ଦେଇଛି। ହେଲେ ଅତ୍ୟଧିକ କାର୍ବନ ନିର୍ଗମନକାରୀ ଶିଳ୍ପ ସଂସ୍ଥାଗୁଡ଼ିକର ମାଲିକମାନେ ବିଶ୍ୱ ସ୍ତରରେ ନିର୍ଗମନ ହ୍ରାସ କରବା ପାଇଁ ଯେ ପର୍ଯ୍ୟନ୍ତ ତତ୍ପରତା ପ୍ରକାଶ କରି ନାହାନ୍ତି, ସେ ପର୍ଯ୍ୟନ୍ତ ଜଳବାୟୁ ପରିବର୍ତ୍ତନର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ। ଷ୍ଟିଲ୍, ସିମେଣ୍ଟ, ଶିପିଂ ଏବଂ ବିମାନ ଭଳି ସେକ୍ଟରରେ କାର୍ବନ ନିର୍ଗମନ ହ୍ରାସ କରିବାକୁ ନିଆ ଯାଉଥିବା ପଦକ୍ଷେପରେ ନିଶ୍ଚିତ ଭାବେ କିଛି ଗୁରୁତ୍ୱପୂର୍ଣ୍ଣ ଟେକ୍ନୋଲୋଜିର ଆବଶ୍ୟକତା ରହିଛି। ଯେପରିକି ଅକ୍ଷୟ ବିଦ୍ୟୁତ ଶକ୍ତି ଓ ଇଲେକ୍‌ଟ୍ରୋଡ ଉପଯୋଗରେ ଗ୍ରୀନ୍ ହାଇଡ୍ରୋଜେନ ବା ସବୁଜ ଉଦ୍‌ଜାନ ଉତ୍ପାଦନ କରାଯାଉଛି। ଏବେ ଏହି ପଦ୍ଧତିରେ ସବୁଜ ଉଦ୍‌ଜାନ ଉତ୍ପାଦନ ବଢ଼ାଇବାର ପ୍ରୟାସ ଆରମ୍ଭ ହୋଇଗଲାଣି। ଗ୍ରୀନ୍ ହାଇଡ୍ରୋଜେନ କାଟାପଲ୍ଟ ଏବଂ ୟୁଏସ୍ ଡିପାର୍ଟମେଣ୍ଟ ଅଫ୍ ଏନର୍ଜିର 'ହାଇଡ୍ରୋଜେନ ଶଟ୍' ପ୍ରୋଗ୍ରାମ ମାଧ୍ୟମରେ ଏହା ଉତ୍ପାଦନ କରାଗଲାଣି। ତେବେ ଏହି ପ୍ରୋଗ୍ରାମ ପରେ ସୋଲାର ପ୍ୟାନେଲ ଦାମ୍ ହଠାତ୍ କମିଯାଇଛି। ଅଟୋମେକର୍ ଭଲ୍‌ଭୋ ମଧ୍ୟ ତା' ସ୍ୱଦେଶୀ ଗ୍ରୀନ୍ ଷ୍ଟିଲ କେନ୍ଦ୍ର ହାଇବ୍ରିଟ (ଏଚଓ୍ୱାଇବିଆରଆଇଟି)ରୁ ଜୀବାଶ୍ମ ଇନ୍ଧନ ମୁକ୍ତ ଷ୍ଟିଲ୍ ଯୋଗାଇଦେବ ବୋଲି ଘୋଷଣା କରିଛି।

ଭାରି ଶିଳ୍ପଗୁଡ଼ିକର କାର୍ବନ ନିର୍ଗମନ ହ୍ରାସ କରିବା କ୍ଷମତା ବୃଦ୍ଧି କରିବା ଲାଗି ଟେକ୍ନୋଲୋଜିର ଆବଶ୍ୟକତା ରହିଛି। ଏନର୍ଜୀ ଟ୍ରାଞ୍ଜିସନସ୍ କମିଶନ (ଇଟିସି) ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି ଯେ, ୨୦୫୦ ସୁଦ୍ଧା ଏକ କାର୍ବନ ନିର୍ଗମନ ଶୂନ୍ୟ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ଗଢ଼ିବା ଲାଗି କମ୍ ଏନର୍ଜି ଉପଯୋଗ କରିବାକୁ ପଡ଼ିବ ଓ ଏହା ହିଁ ହେବ ପ୍ରାରମ୍ଭିକ ସୋପାନ। ପରେ କାର୍ବନ ନିର୍ଗମନ କମ୍ କରି ଅକ୍ଷୟ ଶକ୍ତି ଉତ୍ସ ଉପଯୋଗକୁ ବୈଶ୍ୱିକୀକରଣ କରିବା ସହ ଏହାକୁ ବଢ଼ାଇବାକୁ ପଡ଼ିବ। ଇଟିସି ମଧ୍ୟ କାର୍ବନ ଅବଶୋଷଣ ଓ ସଞ୍ଚୟର ଗୁରୁତ୍ୱକୁ ବିଶେଷ ରୂପେ ଦର୍ଶାଇଛି। ଅବଶୋଷଣ ଓ ସଞ୍ଚୟ ପ୍ରକ୍ରିୟାରେ କାର୍ବନ ନିର୍ଗମନ ଜନିତ କ୍ଷତିକୁ ଶିଳ୍ପଗୁଡ଼ିକ ଭରଣା କରିପାରିବେ। ଅବଶୋଷଣ ପ୍ରକ୍ରିୟାରେ ବାୟୁମଣ୍ଡଳକୁ ନିର୍ଗତ କାର୍ବନ ଡାଇଅକ୍ସାଇଡ ସ୍ତର କମାଇବାରେ ଏହା ସାହାଯ୍ୟ କରିବ। ବାୟୁମଣ୍ଡଳକୁ ନିର୍ଗତ ଐତିହାସିକ କାର୍ବନ ସ୍ତର ମାପି ତାହାକୁ ଅବଶୋଷଣ କରିବା ଏକ ଜଟିଳ ପ୍ରକ୍ରିୟା ବୋଲି ଅଧିକାଂଶ ଶିଳ୍ପସଂସ୍ଥା ବୁଝିବା ଦରକାର। ତେବେ ସେମାନେ ଏବେ ନିର୍ଗମନ ହ୍ରାସ କରିବା ବିଷୟରେ ଚିନ୍ତା କରିବା ଭଲ ହେବ। କାରଣ ବିଶ୍ୱ ତାପନକୁ ପ୍ରାକ ଶିଳ୍ପ ସ୍ତର ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରଖିବା ପାଇଁ ବାୟୁମଣ୍ଡଳରରୁ କାର୍ବନ ଡାଇଅକ୍ସାଇଡ୍ କମାଇବାକୁ ପଡ଼ିବ। କେବଳ ବାୟୁମଣ୍ଡଳରୁ କାର୍ବନ ଡାଇଅକ୍ସାଇଡ କମାଇଲେ ହେବ ନାହିଁ , ଏହାକୁ କିଭଳି ଶହ ଶହ ବର୍ଷ ଗଚ୍ଛିତ କରି ରଖାଯାଇପାରିବ ତା'ର ବାଟ ଖୋଜିବାକୁ ପଡ଼ିବ। ଏପରିକି ହଜାର ହଜାର ବର୍ଷ ପାଇଁ ଗଚ୍ଛିତ ରଖିବାର ଉପାୟ ମଧ୍ୟ କରାଯିବା ଦରକାର। ଏବେ ନେଟ୍ ଜିରୋ ଲକ୍ଷ୍ୟ ହାସଲ କରିବାରେ ବିକଶିତ ଟେକ୍ନୋଲୋଜିର ଅଭାବ ରହିଥିବାବେଳେ ଏଭଳି ପଦ୍ଧତିର ଅବଶ୍ୟକତା ରହିଛି। ତେବେ ଏହି ସମସ୍ୟା ଦୂର କରିବା ଲାଗି କିଏ ଖର୍ଚ୍ଚ ବହନ କରିବ।

ଅନେକେ ଯୁକ୍ତି ବାଢ଼ନ୍ତି ଯେ, ଯେଉଁ ଦେଶ ବା କମ୍ପାନୀଗୁଡ଼ିକ ବିଶ୍ୱରେ ଅଧିକ କାର୍ବନ ଡାଇଅକ୍ସାଇଡ ନିର୍ଗତ କରୁଛନ୍ତି ସେମାନେ ଦାୟୀ ଓ ସେମାନେ କାର୍ବନ ଡାଇଅକ୍ସାଇଡ ଅପସାରଣ କରିବାର ଦାୟିତ୍ୱ ବହନ କରିବା ଉଚିତ।

କୋପ୍-୨୬ ଜଳବାୟୁ ସମ୍ମିଳନୀରେ ନିଶ୍ଚିତ ଭାବେ ଏହି ସବୁ ସମସ୍ୟାଗୁଡ଼ିକ ଉପରେ ଅଧିକ ଧ୍ୟାନ ଦେବାକୁ ହେବ। ବିଭିନ୍ନ ଦେଶର ସରକାର ଏବଂ ବିଶ୍ୱ ସ୍ତରୀୟ ଶିଳ୍ପଗୁଡ଼ିକ ସମାନ ଭାବେ ନିର୍ଗମନ ହ୍ରାସ କରିବା ଲକ୍ଷ୍ୟରେ କାର୍ଯ୍ୟ କରିବା ଉଚିତ। କେବଳ ଭବିଷ୍ୟତରେ ଏହା କରିବାର ପ୍ରତିବଦ୍ଧତା ପ୍ରକାଶ କଲେ ତାହା କେବେ ବି ଗ୍ରହଣୀୟ ହେବ ନାହିଁ। ନିରନ୍ତର ତଥା ପରିବେଶ ଉପଯୋଗୀ ବିକାଶ ମାର୍ଗଗୁଡ଼ିକୁ ଯଦି ଗ୍ରହଣ କରିବାରେ ଆମେ ବିଫଳ ହେବା ତେବେ ବିଶ୍ୱ ତାପନକୁ ସୁରକ୍ଷିତ ସ୍ତରରେ ରଖିବା ଆମ ପାଇଁ କଠିନ ହୋଇଯିବ। କୌଣସି ପ୍ରକାରେ ଆମେ ଯଦି ବାର୍ଷିକ ନିର୍ଗମନ ହ୍ରାସ କରିପାରିବା, ବାୟୁମଣ୍ଡଳରେ କାର୍ବନଡାଇଅକ୍ସାଇଡ ପରିମାଣ ବୃଦ୍ଧିକୁ ନିୟନ୍ତ୍ରଣ କରିବା ସହଜ ହେବ। ଏଣୁ ବାର୍ଷିକ ନିର୍ଗମନ କମାଇବା ଉପରେ ଗୁରୁତ୍ୱ ଦେବା ଉଚିତ। ଆମେ ସମ୍ମୁଖୀନ ହେଉଥିବା ସଙ୍କଟର ଗମ୍ଭୀରତାକୁ ବୁଝିବା ଉଚିତ। ସମାଧାନର ଆବଶ୍ୟକତାକୁ ମଧ୍ୟ ସବୁ ଦେଶର ନେତାମାନେ ହୃଦୟଙ୍ଗମ କରିବା ଦରକାର। ସାମ୍ପ୍ରତିକ ପରିସ୍ଥିତିରେ ସମସ୍ତଙ୍କର ପୂର୍ଣ୍ଣ ସହଯୋଗ ଓ ସମନ୍ୱିତ ପଦକ୍ଷେପ ଲୋଡ଼ା। ଆଗାମୀ ପିଢ଼ି କେବଳ ଆମ ଉପରେ ନିର୍ଭର କରୁନାହାନ୍ତି, ଯେଉଁମାନେ କି ଆମ କାର୍ଯ୍ୟରେ ପ୍ରଭାବିତ ହେବେ। ଲକ୍ଷ ଲକ୍ଷ ଲୋକ ଜଳବାୟୁ ପରବର୍ତ୍ତନ ଜନିତ ଅତ୍ୟଧିକ ଉତ୍ତାପ, ବନାଗ୍ନି, ବନ୍ୟା, ମରୁଡ଼ି ଏବଂ ଝଡର ଯନ୍ତ୍ରଣା ମଧ୍ୟ ସହୁଛନ୍ତି। କାଲିଫର୍ନିଆ ଏବଂ ଟେକ୍ସାସ୍ ଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ଆଫ୍ରିକା, ଏସିଆ ଏବଂ ମଧ୍ୟପ୍ରାଚ୍ୟ ; ଜଳବାୟୁ ସଙ୍କଟର ପ୍ରଳୟଙ୍କରୀ ପରିଣାମ ବଢ଼ିବାରେ ଲାଗିଛି। ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରିବାର ଆମର ଯେତିକି କ୍ଷତି ହେଉଛି ବା ହେବ, ତା' ତୁଳନାରେ ନିର୍ଗମନ ହ୍ରାସ କରିବାରେ ବିଫଳତା ଜନିତ କ୍ଷତି ଢ଼େର ବେଶି ହୋଇଯିବ।

**ସିଇଓ, ରକି ମାଉଣ୍ଟେନ୍ ଇନ୍‌ଷ୍ଟିଚ୍ୟୁଟ(ଆର୍‌ଏମ୍‌ଆଇ)**

## ଏଇ ଭାରତରେ

କୃଷିରେ ଗୋଷ୍ଠୀଗତ ଭାଗୀଦାରି ବୃଦ୍ଧି ପାଇବା ଏକ ଶୁଭ ସଙ୍କେତ, ବଳିଷ୍ଠ ପ୍ରୟାସ। ଏଭଳି ପ୍ରୟାସ କରୁଛନ୍ତି ଆଇଆଇଟି(ହାଇଦ୍ରାବାଦ)ର ପୂର୍ବତନ ଛାତ୍ର ସୁନିତ ରେଡ୍ଡୀ। ସେ ତାଙ୍କ ସାଙ୍ଗ ଶୌର୍ଯ୍ୟ ଚନ୍ଦ୍ରାଙ୍କ ସହ 'କମ୍ୟୁନିଟି ଫରେଷ୍ଟ ପ୍ରୋଜେକ୍ଟ' ଆରମ୍ଭ କରି ଏବେ ହାଇଦ୍ରାବାଦ ଓ କୋର୍ଗର ପୁମେଲରେ ୪୦୦ ଏକର ଜମିରେ କମ୍ୟୁନିଟି ଚାଷ କରୁଛନ୍ତି। ପାଖାପାଖି ୧୬୦ କୃଷକ ଏଥିରେ ସାମିଲ ହୋଇଛନ୍ତି। କୃଷକମାନେ ଜୈବିକ କୃଷି ସମ୍ପର୍କରେ ଶିକ୍ଷା ପାଇବା ସହ ସୁସ୍ଥ ଓ ପରିବେଶ ଅନୁକୂଳ ଜୀବନ ଜିଇ ପାରୁଛନ୍ତି। ୨୦୧୫-୧୬ରେ ସେ ପ୍ରଥମେ ବେଙ୍ଗାଲୁରୁ ନିକଟରେ କିଛି ଜମି କିଣି ଜୈବିକ କୃଷି ଆରମ୍ଭ କରିଥିଲେ। ପରେ ୨୦୧୭ରେ ଚାକିରି ଛାଡି ଶୌର୍ଯ୍ୟ ଓ ଅନ୍ୟ ୫ ଜଣ ସଦସ୍ୟଙ୍କୁ ନେଇ ହାଇଦ୍ରାବାଦରେ ୧୦ ଏକର ପରିତ୍ୟକ୍ତ ଜମି ଯୋଗାଡ କରି ସେଥିରେ ଗୋଷ୍ଠୀଗତ କୃଷି ଆରମ୍ଭ କରିଥିଲେ। ପରେ ଏହାକୁ ସେ ୪୦୦ ଏକରକୁ ବଢ଼ାଇପାରିଛନ୍ତି। ସେମାନେ ଏହି ଜମିରେ ପରିବେଶ ଅନୁକୂଳ ଖାଦ୍ୟ ଜଙ୍ଗଲ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି। ପାରମ୍ପରିକ ତଥା ପରିବେଶ ଉପଯୋଗୀ କୃଷି ପଦ୍ଧତିରେ ଚାଷ ହେଉଛି। ଯେଉଁ ଚାଷରେ ସେମାନଙ୍କର ଯେତିକି ଶେୟାର ରହୁଛି ସେହି ଅନୁପାତରେ ସେମାନେ ଲାଭ ପାଉଛନ୍ତି। ଏହି ପ୍ରୋଜେକ୍ଟରେ ବଜାର ସୁବିଧା କରାଯାଉଛି। ଉତ୍ପାଦର ମୂଲ୍ୟ ନିର୍ଦ୍ଧାରଣ କରିବା ସହ କୃଷକମାନେ କିଭଳି ଉଚିତ ଦାମ୍ ପାଇବେ ତା' ଉପରେ ଗୁରୁତ୍ୱ ଦିଆଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧ ଅକ୍ଟୋବର ୧୯୯୬

- ଦୀର୍ଘ ୩ ଘଣ୍ଟା ସଂଘର୍ଷ ପରେ ବିଦ୍ରୋହୀ ତାଲିବାନ ଗୋଷ୍ଠୀ ଆଫଗାନିସ୍ତାନର ମୁଖ୍ୟ ସହର ଜବାଲ ଏବଂ ସିରାଜକୁ ଅଧିକାର କରିଛି।
- ମିଳିତ ଜାତିସଂଘର ଏକ ଭଡ଼ା ପଣ୍ୟବାହୀ ଜାହାଜରୁ ବିପୁଳ ଅତ୍ୟାଧୁନିକ ଆଗ୍ନେୟାସ୍ତ୍ର ଓ ବିସ୍ଫୋରକ ସମାଗ୍ରୀ ମୁମ୍ବାଇ ପୋଲିସ ଦ୍ୱାରା ଜବତ।
- ପାକିସ୍ତାନରେ ଥିବା ଭାରତୀୟ ଦୂତାବାସର ଜଣେ କର୍ମଚାରୀଙ୍କୁ ପାକିସ୍ତାନ ଗୋଇନ୍ଦା ସଂସ୍ଥାର ୧୫ ଜଣ ସଭ୍ୟ ତାଙ୍କ ବାସଭବନ ବାହାରୁ ଅପହରଣ କରି ନେଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | 4 | 2 | 3 | | |
| 6 | | | | | 9 | | | |
| | 7 | | | | | | | 6 |
| | | 2 | | | | 7 | | 1 |
| | | | | 5 | | 2 | | |
| | | | 9 | | 3 | | | |
| 3 | | | | 1 | 6 | 9 | | |
| 2 | 6 | 8 | | | | | | |
| | | | | | 7 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 4 | 6 | 5 | 8 | 9 | 2 | 1 |
| 1 | 6 | 8 | 2 | 3 | 9 | 4 | 7 | 5 |
| 2 | 9 | 5 | 7 | 1 | 4 | 6 | 8 | 3 |
| 5 | 3 | 2 | 9 | 6 | 1 | 7 | 4 | 8 |
| 7 | 8 | 9 | 4 | 2 | 3 | 5 | 1 | 6 |
| 6 | 4 | 1 | 5 | 8 | 7 | 3 | 9 | 2 |
| 9 | 2 | 6 | 1 | 7 | 5 | 8 | 3 | 4 |
| 8 | 5 | 7 | 3 | 4 | 2 | 1 | 6 | 9 |
| 4 | 1 | 3 | 8 | 9 | 6 | 2 | 5 | 7 |

ଗତକାଲିର ଉତ୍ତର

# କାହିଁକି ହାରୁଛି ସୁପରପାୱାର



ଲଳିତେନ୍ଦୁ ପଲାଉରୀ

ଆମେରିକା ବିଶ୍ୱର ସର୍ବ ଶକ୍ତିମାନ ସୁପରପାୱାର । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ଉପରେ ପରମାଣୁ ବୋମା ନିକ୍ଷେପ କରିଥିବା ଦେଶ ଆମେରିକା। ବିନା ନିୟନ୍ତ୍ରଣରେ ବିଭିନ୍ନ ଦେଶର ଆଭ୍ୟନ୍ତରୀଣ ମାମଲାରେ ମୁଣ୍ଡ ଖେଳାଇବାରେ ଅଭ୍ୟାସ ରଖୁଥିବା ଦେଶ ମଧ୍ୟ ଆମେରିକା। ବିଶ୍ୱ ଅର୍ଥନୀତିକୁ ଡଲାର ନିୟନ୍ତ୍ରିତ ଅର୍ଥନୀତିରେ ପରିଣତ କରିଥିବା ଦେଶ ମଧ୍ୟ ଆମେରିକା। ତେବେ ବିଶ୍ୱରେ ଏତେ ସବୁ କ୍ଷମତା ଓ ଦକ୍ଷତା ରଖୁଥିବା ଆମେରିକା ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ପରେ ଆଉ କୌଣସି ଯୁଦ୍ଧ ଜିତିପାରୁନି କାହିଁକି ? ବିଶ୍ୱରୁ ଆତଙ୍କବାଦ ବିଲୋପ ନାଁରେ ଆମେରିକା ନେଇଥିବା ବିଭିନ୍ନ ମିଶନ ମଧ୍ୟ ଫେଲ୍ ମାରୁଛି। ଏକଚ୍ଛତ୍ରବାଦ ଶାସନର ମୂଳୋତ୍ପାଟନ ପାଇଁ ଇରାକ, ଇଜିପ୍ଟ, ଆଫଗାନିସ୍ତାନ ଭଳି ଦେଶ ଉପରେ ଆକ୍ରମଣ କରି ବିଫଳ ହୋଇଛି ଆମେରିକା ; ଯାହାର ଏକ ସଦ୍ୟ ଉଦାହରଣ ଦୀର୍ଘ ୨୦ବର୍ଷ କାଳ ଆଫଗାନିସ୍ତାନକୁ ନିୟନ୍ତ୍ରଣରେ ରଖିଥିବା ଆମେରିକାର ମିଶନ ଫେଲ୍ ମାରିଛି। ପୁଣି ସେହି ବର୍ବର ତାଲିବାନୀଙ୍କ ହାତକୁ ଚାଲିଯାଇଛି ଆଫଗାନିସ୍ତାନର ଭାଗ୍ୟ। ଏପରି କି ଶୀତଳ ଯୁଦ୍ଧ ବେଳେ ସୋଭିଏତ୍ ରୁଷ୍‌ର ଆଧିପତ୍ୟ ହ୍ରାସ ପାଇଁ ପ୍ରୟାସ ହେଉ କିମ୍ବା ୧୯୯୧ରେ ଚକ୍ରାନ୍ତ କରି ସୋଭିଏତ୍ ସଂଘକୁ ଖଣ୍ଡ ଖଣ୍ଡ କରିବା ପଛରେ ଆମେରିକାର ଚକ୍ରାନ୍ତ ଥିବା ବିଶ୍ୱବାସୀ ଜାଣିଛନ୍ତି। ତେବେ ଏସବୁ ଭିତରେ ମନକୁ ପ୍ରଶ୍ନ ଆସୁଛି ନିରୀହ ଆଫ୍‌ଗାନବାସୀଙ୍କୁ ନ୍ୟାୟ ଦେବା ନାଁରେ ଦୀର୍ଘ ୨୦ ବର୍ଷ ଧରି ସେଠାରେ ଆମେରିକା କରୁଥିଲା କ'ଣ ? ଆଫଗାନିସ୍ତାନକୁ ଆତଙ୍କୀ ନିପାତର ଗବେଷଣା କେନ୍ଦ୍ର କରିଥିବା ଆମେରିକା ଶେଷରେ ନିଜ ରଣନୀତିରେ ବିଫଳ ହୋଇ ସେହି ଆତଙ୍କବାଦୀ ତାଲିବାନୀଙ୍କ ସହ ବୁଝାମଣା କଲା କାହିଁକି?

କେହି କେହି ଆମେରିକାର ଏହି ବିଫଳ ଆଫଗାନ ନୀତିକୁ ୧୯୫୫ରୁ ୧୯୭୫ ପର୍ଯ୍ୟନ୍ତ ଆମେରିକା ସାହାଯ୍ୟରେ ଲଢ଼ାଯାଇଥିବା ନର୍ଥ ଭିଏତ୍‌ନାମ ଓ ସାଉଥ୍ ଭିଏତ୍‌ନାମ ଯୁଦ୍ଧର ବିଫଳତା ସହ ତୁଳନା କରୁଛନ୍ତି। ୧୯୬୦ ଦଶକରେ ସୋଭିଏତ୍ ସଂଘ ଓ ଚାଇନା ସମର୍ଥିତ ନର୍ଥ ଭିଏତ୍‌ନାମର କମ୍ୟୁନିଷ୍ଟ ଶାସନକୁ ମାତ୍ ଦେବାକୁ ସାଉଥ୍ ଭିଏତ୍‌ନାମ ସହ ମିଶି ଯୁଦ୍ଧ ଲଢ଼ି ଥିଲା ଆମେରିକା। ଶେଷରେ ଗେରିଲା ଯୁଦ୍ଧରେ ପାରଙ୍ଗମ ନର୍ଥ ଭିଏତ୍‌ନାମୀ ସୈନିକ ବହୁ ସଂଖ୍ୟାରେ ଆମେରିକୀୟ ସୈନ୍ୟଙ୍କୁ ହତ୍ୟା କରିଥିଲେ। ଆମେରିକା ବାଧ୍ୟ ହୋଇ ଭିଏତ୍‌ନାମ ଯୁଦ୍ଧରୁ ଓହରି ଯାଇଥିଲା ; ଯାହା କି ବର୍ତ୍ତମାନର ଆଫଗାନିସ୍ତାନ ପରିସ୍ଥିତି ସହ ମଧ୍ୟ କିଛିଟା ସାମଞ୍ଜସ୍ୟ ରଖୁଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକାର ଲକ୍ଷ୍ୟ ଥିଲା ଦକ୍ଷିଣ ପୂର୍ବ ଏସିଆରେ କମ୍ୟୁନିଷ୍ଟ ଶାସନ ଉପରେ ରୋକ୍ ଲଗାଇବା। ତେଣୁ ଆମେରିକା ସାଉଥ୍ ଭିଏତ୍‌ନାମକୁ ସମର୍ଥନ ଜଣାଇ ନର୍ଥ ଭିଏତ୍‌ନାମ ବା କମ୍ୟୁନିଷ୍ଟ ଶାସିତ ନର୍ଥ ଭିଏତ୍‌ନାମ ଉପରେ ଆକ୍ରମଣ ପାଇଁ ବିଭିନ୍ନ ଷଡ଼ଯନ୍ତ୍ର ମାନ ରଚିଥିଲା। ଶେଷରେ ୧୯୭୩ରେ ଆମେରିକା ରାଷ୍ଟ୍ରପତି ପ୍ୟାରିସ ଆକର୍ଡରେ ହସ୍ତାକ୍ଷର କରିବାକୁ ବାଧ୍ୟ ହୋଇଥିଲେ। ୧୯୬୮ରେ ଆମେରିକାର ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ତାଙ୍କର ନିର୍ବାଚନୀ ପ୍ରଚାରରେ ଭିଏତ୍‌ନାମ ଯୁଦ୍ଧକୁ ଆମେରିକାର ଭୁଲ୍ ରଣନୀତି ବୋଲି ଦର୍ଶାଇଥିଲେ। ଶେଷରେ ନିକ୍ସନ ଆମେରିକା ନିର୍ବାଚନ ବିଜୟ ହେଲେ ଓ ଆମେରିକା ଭିଏତ୍‌ନାମରୁ ସୈନ୍ୟ ଅପସାରଣ କଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭିଏତ୍‌ନାମ ଯୁଦ୍ଧରେ ଆମେରିକାର ପ୍ରଥମ ପରାଜୟ ବୋଲି ମଧ୍ୟ ଏହାକୁ ବିବେଚନା କରାଗଲା।

ବିଂଶ ଶତାବ୍ଦୀର ଶେଷ ଭାଗରେ କୁଏତ୍‌କୁ ଇରାକ୍ କବଳରୁ ମୁକ୍ତ କରିବାକୁ ଗଲ୍ଫ ୱାର ଲଢ଼ିଲା ଆମେରିକା। ଏହି ଯୁଦ୍ଧର ମୂଳ ଉଦ୍ଦେଶ୍ୟ ଥିଲା ଇରାକ୍‌କୁ ପରାଜିତ କରି ଗଲ୍ଫ ଅଫ ଆଡେନ୍ ଅଞ୍ଚଳର ପ୍ରଚୁର ତୈଳ ଭଣ୍ଡାରକୁ କରାୟତ୍ତ କରିବା। ଗଲ୍ଫ ୱାର ପରେ ପରେ ୨୦୦୧ ସେପ୍ଟେମ୍ବର ୧୧ ନ୍ୟୁୟର୍କର ବିଶ୍ୱ ବାଣିଜ୍ୟ କେନ୍ଦ୍ର ଓ ପେଣ୍ଟାଗନ ଉପରେ ଅଲକାଏଦା ଆତଙ୍କବାଦୀ ସଂଗଠନ ଆକ୍ରମଣ କଲା ; ଯାହା କି ଆମେରିକାର ଆତ୍ମବଡ଼ିମାକୁ ଭାଙ୍ଗି ଚୂରମାର କରିଦେଲା। ଏହି ଆକ୍ରମଣକୁ ଆମେରିକା ଉପରେ ପ୍ରତିଶୋଧାତ୍ମକ ଆକ୍ରମଣ ବୋଲି ଆତଙ୍କୀ ସଂଗଠନ ସେମାନଙ୍କ ବିବୃତିରେ କହିଥିଲେ। ଶେଷରେ ଅଲକାଏଦା ମୁଖ୍ୟ ଓସାମା ବିନ୍ ଲାଡେନ୍‌ଙ୍କୁ ପାକିସ୍ତାନ ସୀମାରୁ ଧରି ଆମେରିକା ହତ୍ୟା କରିଥିଲା। କିନ୍ତୁ ବିଶ୍ୱରେ ଆତଙ୍କୀ ନିପାତ ଅଭିଯାନ ଶେଷ ହେବା ବଦଳରେ ଏହା ଆରବ ରାଷ୍ଟ୍ର ସମୂହ, ପାକିସ୍ତାନ, ଆଫଗାନିସ୍ତାନ ଓ ଭାରତ ପର୍ଯ୍ୟନ୍ତ ଶାଖାପ୍ରଶାଖା ମେଲାଇ ସାରିଥିଲା।

ଇରାକ୍‌ର ଅଥରିଟେରିଆନ ଶାସକ ସଦ୍ଦାମ ହୁସେନଙ୍କୁ ଶାସନରୁ ହଟାଇବାକୁ ୨୦୦୩ରେ ଆମେରିକା ଲଢ଼ିଲା ଇରାକ୍ ବିରୋଧରେ ଯୁଦ୍ଧ। ଇରାକ୍ ଗୁପ୍ତ ଭାବେ ତିଆରି କରୁଥିବା ମାନବ ବିଧ୍ୱଂସୀ ଅସ୍ତ୍ରକୁ ନଷ୍ଟ କରିବା ଆମେରିକାର ମୂଳଲକ୍ଷ୍ୟ ଥିଲା। ଆମେରିକା ନିକଟରେ ଆତ୍ମସମର୍ପଣ ନ କରି ବଙ୍କର ଭିତରେ ଆତ୍ମଗୋପନ କରିଥିବା ଏକଚ୍ଛତ୍ରବାଦୀ ସଦ୍ଦାମ ହୁସେନଙ୍କୁ ବଙ୍କର ଭିତରୁ ଟାଣିଆଣି ଫାଶୀ ଖୁଣ୍ଟରେ ଝୁଲାଇଥିଲା ଆମେରିକା। ତେବେ ଇରାକ୍ ଯୁଦ୍ଧକୁ କେହି କେହି ସୁପରପାୱାର ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲୁ ବୁଶ୍‌ଙ୍କ ନିର୍ବାଚନ ବିଜୟ ପାଇଁ ଚାଲ୍ ବା ଆତ୍ମବଡ଼ିମାର ଯୁଦ୍ଧ ବୋଲି ସମାଲୋଚନା କଲେ। ତେଣୁ ଭିଏତ୍‌ନାମ ଯୁଦ୍ଧଠାରୁ ଆରମ୍ଭ କରି ଇରାକ୍ ଯୁଦ୍ଧ ଓ ଦୀର୍ଘ ୨୦ ବର୍ଷ ଧରି ଆଫଗାନିସ୍ତାନରେ ଆତଙ୍କୀ ସଫା ନାଁରେ ଆମେରିକାର ଏହି ଲମ୍ବା ଲଢ଼େଇରେ ଆମେରିକାବାସୀଙ୍କ କ'ଣ ସ୍ୱାର୍ଥ ନିହିତ ଥିଲା ବୋଲି ବାରମ୍ବାର ପ୍ରଶ୍ନ ଉଠୁଛି। ଏପରି କି ଆମେରିକା ଅର୍ଥନୀତିର ସିଂହ ଭାଗ ଅର୍ଥ ଓ ଋଣ କରି ଆମେରିକା ଅନ୍ୟ ଦେଶରେ ଯୁଦ୍ଧ ଲଢ଼ିବାରେ ଖର୍ଚ୍ଚ କରିଛି। ସବୁଠି ଅସଫଳ ହୋଇଛି ଆମେରିକା।

୧୯୯୬ରୁ ୨୦୦୧ପର୍ଯ୍ୟନ୍ତ ଆଫଗାନିସ୍ତାନରେ ତାଲିବାନୀମାନେ ଯେଉଁ ବର୍ବର ଶାସନ କରିଥିଲେ ତାହା ପୁଣି ସେଠାରେ କଡ଼ ଲେଉଟାଇବା ଆରମ୍ଭ କଲାଣି। ତେଣୁ ତାଲିବାନୀଙ୍କୁ ଆଫଗାନିସ୍ତାନ ଉପହାର ଦେଇ ଆମେରିକା ଚୁପ ବସିଯିବା ଆମେରିକାର ଆଉ ଏକ ବିଫଳ ରଣନୀତି ନିଶ୍ଚୟ। କାରଣ ଆଫଗାନିସ୍ତାନର ବାସ୍ତବ ସମସ୍ୟା ବୁଝିବାରେ ଆମେରିକା ବିଫଳ ହୋଇଛି। ୨୦୧୨ରେ ଅଲକାଏଦା ମୁଖ୍ୟ ଆତଙ୍କବାଦୀ ଓସାମା ବିନ୍ ଲାଡେନ୍‌ଙ୍କୁ ହତ୍ୟା କଲା ପରେ ଆମେରିକା ଆଫଗାନିସ୍ତାନରେ କାହିଁକି ୨୦୨୧ ପର୍ଯ୍ୟନ୍ତ ରହିଥିଲା ତାହା ଏବେ ବଡ଼ ପ୍ରଶ୍ନ। ଏତେଦିନ ଆମେରିକା ଆଫଗାନିସ୍ତାନରେ ରହି ଆଫଗାନବାସୀଙ୍କ ପାଇଁ ଜଣେ ବଳିଷ୍ଠ ନେତା ସୃଷ୍ଟି କରିପାରିଲାନି । ଏପରି କି ମହାମାରୀ କରୋନାର ଉତ୍ପତ୍ତି ସ୍ଥଳ ଚାଇନାର ଉହାନ ବୋଲି ଅନେକ ବିଶେଷଜ୍ଞ କହିବା ପରେ ମଧ୍ୟ ଆମେରିକା ଚାଇନା ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇପାରୁନି। ବିଶ୍ୱରେ ସୁପର ପାୱାର ବୋଲି ଡିଣ୍ଡିମ ପିଟୁଥିବା ଆମେରିକା ଆତଙ୍କବାଦ ବିଲୋପ ନାଁରେ ଅନ୍ୟଦେଶରେ ଯୁଦ୍ଧ ଲଢ଼ିବା ହେଉ କିମ୍ବା ଗଣତନ୍ତ୍ର ଓ ଲୋକତନ୍ତ୍ର ସ୍ଥାପନ ନାଁରେ ଛୋଟଛୋଟ ଦେଶକୁ ବରବାଦ କରିବା ତା'ର ଗୋଟିଏ ଗୋଟିଏ ଭୁଲ୍ ରଣନୀତି ନିଶ୍ଚୟ।

**ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ,**
**ମୋ.-୯୭୭୮୬୯୭୦୩୬**

# କଏଦୀ ଓ ସଂସ୍କାର



ଅଭିମନ୍ୟୁ ଧଳ

ଆମ ଦେଶ ତଥା ରାଜ୍ୟରେ ଲକ୍ଷ ଲକ୍ଷ ମାମଲା କୋର୍ଟରେ ବିଚାରାଧୀନ; ଯାହା ଫଳରେ ବିଚାରାଧୀନ କଏଦୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବର୍ଷ ବର୍ଷ ଧରି ମାମଲା ଚାଲୁଛି। ତାରିଖ ପରେ ତାରିଖ ଗଡ଼ି ଚାଲୁଛି। ବେଳେ ବେଳେ ଅପରାଧୀ ଦଣ୍ଡ ପାଇଲା ବେଳକୁ ସେ ମୃତ୍ୟୁବରଣ କରିସାରିଥାଏ। ଏପରି କି ମିଛ ମାମଲାକୁ କୋର୍ଟରେ ଦିନ ଦିନ ଗଡ଼ି ଚାଲେ ; ଯାହା ବିଚାରାଧୀନ କଏଦୀଙ୍କ ପାଇଁ କାଳ ହୁଏ। କରୋନା ପୂର୍ବବର୍ତ୍ତୀ ସମୟରେ କଏଦୀଙ୍କ ସଂଖ୍ୟା ଜେଲ ତୁଳନାରେ ଅଧିକ ଥିଲା। ପରିବେଶ, ପରିସ୍ଥିତି ଚାପରେ ଜଣେ ଅପରାଧ କରିଥାଏ। କ୍ରୋଧ ଅପରାଧୀର ମୂଳ ଅସ୍ତ୍ର ପରନ୍ତୁ। ଏହି କ୍ରୋଧ ହିଁ ମଣିଷକୁ ଅମଣିଷ କରାଏ। ମାନସିକ ଚାପର ଶିକାର ହୋଇ ଜଣେ ଅପରାଧ କରି ବସେ। ବିବେକ ଓ ମାନବିକତା ହରାଇ ବସେ। ବର୍ତ୍ତମାନ ନିଶା ଆମ ଯୁବ ସମାଜକୁ କବଳିତ କରି ରଖିଛି। ଏହି ନିଶା ଅନେକ ଅପରାଧ ଘଟାଇବା ପାଇଁ ଉତ୍ସାହିତ କରୁଛି। ଜ୍ଞାନ ଶୂନ୍ୟ ହୋଇ ମଣିଷ ରାକ୍ଷସ ପାଲଟି ଯାଉଛି। ନାରୀମାନଙ୍କ ପ୍ରତି ଯେଉଁ ଭଳି ଅତ୍ୟାଚାର ଯଥା ; ଯୌତୁକଜନିତ ହତ୍ୟା, ବଳାତ୍କାର ଓ ହତ୍ୟା ମାମଲାକୁ ନେଇ ଫୋକସ୍ କୋର୍ଟର ବ୍ୟବସ୍ଥା ହୋଇଛି। ଅଳ୍ପଦିନରେ ଏହାର ବିଚାର ପ୍ରକ୍ରିୟା ଶେଷ ହେଉଛି ଓ ଅପରାଧୀଙ୍କୁ କଠୋର ଦଣ୍ଡର ବ୍ୟବସ୍ଥା ରହିଛି। ଏବେ ବି ସାଧାରଣ ଲୋକଙ୍କର ବିଚାର ବିଭାଗ ଉପରେ ଆସ୍ଥା ଓ ଅଖଣ୍ଡ ବିଶ୍ୱାସ ରହିଛି। ଏହା ହିଁ ଭାରତୀୟଙ୍କର ଶ୍ରେଷ୍ଠ ସଂସ୍କାର। ଆଇନ୍ ନିକଟରେ ଉଚ୍ଚ-ନୀଚ, ଧନୀ-ଦରିଦ୍ର ପ୍ରତିପତ୍ତି କିଛି କାମ କରେ ନାହିଁ। ଶହେ ଅପରାଧୀ ବରଂ ଖସି ଯାଆନ୍ତୁ କିନ୍ତୁ ଜଣେ ନୀରପରାଧ ଦଣ୍ଡ ନ ପାଉ। ଏହା ଆମ ବିଚାର ବିଭାଗର ଆଦର୍ଶ। ତଥାପି କେତେକ ନିରପରାଧ ଲୋକ କୁଚକ୍ରୀଙ୍କ ଚକ୍ରାନ୍ତର ଶିକାର ହୋଇ ଜେଲ ଭୋଗିବାର ଉଦାହରଣ ରହିଛି।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟରୁ ଜଣାପଡ଼ିଛି, ଦେଶରେ ଏବେ ବିଭିନ୍ନ ଜେଲରେ ୬୭.୧୦ ପ୍ରତିଶତ ହିନ୍ଦୁ ଏବଂ ୧୭.୮୨ ପ୍ରତିଶତ ମୁସଲିମ କଏଦୀ ରହିଛନ୍ତି। ଅନ୍ୟପକ୍ଷରେ ବୈଷୟିକ ଡିଗ୍ରୀ କିମ୍ବା ଡିପ୍ଲୋମା ହାସଲ କରିଥିବା କଏଦିଙ୍କ ସଂଖ୍ୟା ହେଉଛି ୫୬୭୭। ଓଡ଼ିଶାରେ ଇଞ୍ଜିନିୟରିଂ ଓ ସ୍ନାତକୋତ୍ତର ପିଲାମାନେ ଡ୍ରଗ୍ସ କାରବାରରେ ୨୦୦ଜଣ ଜେଲ ଯାଇଛନ୍ତି। ଓଡ଼ିଶାରେ ୫ଟି ମାଧ୍ୟମରେ ଜେଲ ସବୁ ଯୋଡ଼ି ହେବା ଦ୍ୱାରା ଏଥିରେ ସଂସ୍କାର ଆସିବା ଆରମ୍ଭ ହୋଇଛି। ଲୋକେ କୁହନ୍ତି, ବନ୍ଦୀ ଜୀବନ ହେଉଛି ନର୍କ ଯନ୍ତ୍ରଣା ପରନ୍ତୁ ମାନବିକ ଅଧିକାର କର୍ମୀମାନଙ୍କର ବାରମ୍ବାର ଦାବି ଫଳରେ ଓଡ଼ିଶା ପ୍ରଥମେ ଜେଲଗୁଡ଼ିକର ସଂସ୍କାର ଆଣୁଛି। ବ୍ରହ୍ମପୁର ଚୌଦ୍ୱାର, ଭବାନୀପାଟଣା, ଜୟପୁରରେ ସୌରଚାଳିତ ଗିଜର ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ୱାଶିଂ ମେଶିନ୍, ଭାକ୍ୟୁମ କ୍ଲିନର, କମ୍ବଳ ସଫା ୟୁନିଟ୍ କେବଳ ଭୁବନେଶ୍ୱର ଓ ଚୌଦ୍ୱାର ଜେଲରେ ରହିଛି। ପ୍ରତ୍ୟେକ ଜେଲରେ ମହିଳା ବନ୍ଦୀମାନଙ୍କୁ ସ୍ଲିପର ଯୋଗାଇ ଦିଆଯାଉଛି।

ବନ୍ଦୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବୁଣାବୁଣି, ଟେଲରିଂ, ଫିନାଇଲ୍ ତିଆରି, ସୋରିଷ ତେଲ ୟୁନିଟ୍ ପ୍ରଭୃତି ବ୍ୟବସ୍ଥା କରାଯାଉଛି। ବେସନ, ଗହମ, ମଇଦା, ମୁଢ଼ି ଭଳି ଫୁଡ୍ ପ୍ରୋସେସିଂ ୟୁନିଟ୍ ସ୍ଥାପନ କରାଯାଇଛି। ଏଥିରୁ ମିଳୁଥିବା ଆୟ ଚଳିତବର୍ଷ ୧୦କୋଟି ଟପିବ ବୋଲି ଆକଳନ କରାଯାଇଛି। ଅଭିଯୁକ୍ତମାନଙ୍କୁ ଜେଲ ନେଇଯାଉଥିବା ଓ ଆଣୁଥିବା ଗାର୍ଡମାନଙ୍କ ପୋଷାକରେ ସୁରକ୍ଷା ଦୃଷ୍ଟିରୁ କ୍ୟାମେରା ଲଗାଯିବା ତଥା ନିଶାଦ୍ରବ୍ୟ ଓ ଅନ୍ୟାନ୍ୟ ମାରଣାସ୍ତ୍ର କାରବାର ରୋକିବା ପାଇଁ ହେଭି ଡ୍ୟୁଟି ମେଟାଲ ଡିଟେକ୍ଟର ସ୍ଥାପନ ହେବାର ପ୍ରସ୍ତାବ ରହିଛି। ଦୁଇଟି ସ୍ୱତନ୍ତ୍ର ଜେଲ ଓ ଏକ ମହିଳା ଜେଲରେ ବ୍ୟବସ୍ଥା କରାଯିବା ସହ ଇ-ମୁଲାକତ୍ ଓଇ-କଷ୍ଟଡି ପ୍ରମାଣ ପତ୍ର ବ୍ୟବସ୍ଥା ମଧ୍ୟ ଖୁବ୍‌ଶୀଘ୍ର ହେବାକୁ ଯାଉଛି।

କଏଦୀଙ୍କ ମନରେ ସକାରାତ୍ମକ ଭାବନାର ଉଦ୍ରେକ ପାଇଁ ଧର୍ମ ଆଲୋଚନା ଆଦିର ବ୍ୟବସ୍ଥା ରହିଛି। ଦସ୍ୟୁ ରତ୍ନାକର ବାଲ୍ମୀକି ହୋଇ ଆଜି ବି ପୂଜା ପାଉଛନ୍ତି। କେତେକ ଅପରାଧୀ ଜେଲରୁ ମୁକୁଳିବା ପରେ ନିଜକୁ ସମାଜ ସେବାରେ ନିୟୋଜିତ କରି ଆଦର୍ଶ ସୃଷ୍ଟି କରିଛନ୍ତି। ଅଧିକ ଦିନ ସଜା କାଟିଥିବା କଏଦୀଙ୍କ ଚରିତ୍ର ବିଶ୍ଳେଷଣ କରି ମୁକ୍ତାକାଶ ଜେଲରେ ରଖାଯାଉଛି ଓ ସେମାନଙ୍କ ଦଣ୍ଡ ଅବଧି କମାଇ ଦିଆଯାଉଛି। ସଜା କାଟି କଏଦୀମାନେ ଆମ ପାଖକୁ ଫେରିବା ପରେ ସେମାନେ କଳଙ୍କ ମୁକ୍ତ ହୋଇଥାନ୍ତି। ସେମାନଙ୍କୁ ନ୍ୟୂନ ଦୃଷ୍ଟିରେ ଦେଖିଲେ ସେମାନେ ପୂର୍ବାପେକ୍ଷା ଅଧିକ ହିଂସ୍ର ହୋଇଯାଆନ୍ତି। ଏହା ବ୍ୟତୀତ ପରିବାରର ସଦସ୍ୟମାନେ ସେମାନଙ୍କୁ ଆପଣେଇ ନେବା ସଙ୍ଗେ ସଙ୍ଗେ ସରକାର ସେମାନଙ୍କୁ ସ୍ୱାବଲମ୍ବୀ କରିବାର ବ୍ୟବସ୍ଥା କଲେ ସେମାନେ ପରବର୍ତ୍ତୀ ଜୀବନ ସୁଖି, ଶାନ୍ତି ଓ ଶୃଙ୍ଖଳାରେ କଟାଇବେ। କେନ୍ଦ୍ର ଓ ରାଜ୍ୟ ସରକାରମାନେ ସମ୍ପୂର୍ଣ୍ଣ ନିଶା ନିବାରଣ କରାଇବା ସହିତ ଚାକିରି ନ ପାଇ ବେକାର ହୋଇ ବୁଲୁଥିବା ଓ ମାନସିକ ଚାପରେ ଥିବା ଲକ୍ଷ ଲକ୍ଷ ଉଚ୍ଚ ଶିକ୍ଷିତଙ୍କୁ ନିଯୁକ୍ତି ପ୍ରଦାନ ଅବା ସ୍ୱାବଲମ୍ବୀ କରାଇଲେ ଅପରାଧ ଅନେକ ପରିମାଣରେ ହ୍ରାସ ପାଇବ। ମଦ ଯଦି ବନ୍ଦ ହୋଇଯାଏ ତେବେ ଅଧେ ଜେଲ ବନ୍ଦ ହୋଇଯିବ। ବିଚାର ପ୍ରକ୍ରିୟାରେ ମାମଲା ଲକ୍ଷ ଲକ୍ଷ ସଂଖ୍ୟାରେ ହ୍ରାସ ପାଇବ।

**ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**
**ମୋ:୯୮୬୧୦୪୮୦୫୨**

## ପାଠକ ଶ୍ରେଷ୍ଠ ବିଚାରକ

### ସେଲ୍‌ଫି ନା କାଳଫାଶ

ମହାଶୟ,

ପୂର୍ବେ ମନ୍ତ୍ରୀ, ବିଧାୟକ ଓ ଉଚ୍ଚପଦସ୍ଥ ଅଧିକାରୀଙ୍କ ମଧ୍ୟରେ ଥାଇ ଲୋକେ ମୋବାଇଲରେ ସେଲ୍‌ଫି ନେଉଥିଲେ। ନାମଜାଦା କଳାକାରମାନଙ୍କଠାରୁ ଅଟୋଗ୍ରାଫ ନେଇ ଖୁସି ମନାଇବାରେ ମନ ବଳାଉଥିଲେ। ମାତ୍ର ବର୍ତ୍ତମାନର ପିଲାମାନେ ଦେଖାଶିଖା ପ୍ରଭାବରେ ପ୍ରଭାବିତ ହୋଇ ସେଲଫି ନେବା ନିଶାରେ ମାତିଛନ୍ତି। ଆଜିକାଲି ଧନୀଠାରୁ ଗରିବ ଲୋକଙ୍କ ପିଲାମାନେ ମୋବାଇଲ ମାନିଆ ହୋଇଗଲେ। ଖାଇବା ପିଇବାବେଳେ, ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା ବେଳେ, ଗାଡ଼ିଚଳନା ସମୟରେ ମୋବାଇଲରେ ନ ଗପିଲେ ନ ଚଳେ। ଏହାର କାରଣ ମୋବାଇଲ କମ୍ପାନୀମାନେ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ନୂଆନୂଆ ସନ୍ଦେଶମାନ ସଂଯୋଗ କରୁଛନ୍ତି। ମୋବାଇଲରେ ଗେମ୍ ଖେଳି କେତେକ କୋମଳମତି ପିଲାଙ୍କର ମୃତ୍ୟୁ ଘଟିଲାଣି। ବର୍ତ୍ତମାନ ସେଲ୍‌ଫି ନିଶା ଅଧିକାଂଶ ପିଲାଙ୍କୁ ଘାରିଛି। ସେମାନେ ପାହାଡ଼ ଚଢ଼ି, ନଦୀ ପାଣିରେ ପ୍ରବେଶ କରି ଓ ଝରଣା ପ୍ରବାହ ଓ ସ୍ଥାନରେ ଛିଡ଼ା ହୋଇ ସେଲ୍‌ଫି ନେବାରେ ମଜା ଉଠାଉଛନ୍ତି। ଏପରି ଉଚ୍ଚ କୋଠାଘର ଓ ରେଳ ଧାରଣାରେ ଛିଡ଼ା ହୋଇ ସେଲଫି ଉଠାଉଛନ୍ତି। ଜାଣିଶୁଣି ଏପରି ବିପଦ ପଦରେ ଗମନ ପୂର୍ବକ ଅନେକ ଦୁର୍ଘଟଣାର ଶିକାର ହୋଇ ପ୍ରାଣତ୍ୟାଗ ମଧ୍ୟ କରୁଛନ୍ତି।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

### ଚିରନ୍ତନୀ

ଜନନୀଙ୍କୁ ନ ଦେଖି କାନ୍ଦେ ନନ୍ଦନ
ନ ମାନଇ ଦୁହିତା ପିତା ବଚନ !
ସ୍ୱାମୀ କଥା ନ ଶୁଣେ କୁଳ ରମଣୀ
ସମାଜର ନିୟମ କେହି ନ ଗଣି !

-(ବଂଶୀ ଧ୍ୱନି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜୁଆ ଆଡ୍ଡା ଉପରେ ଚଢ଼ାଉ: ୯ ଗିରଫ

ବଡ଼ଗାଁ,୩୦।୯(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଯାଜପୁର ରଙ୍ଗିଆଡ଼ିପା ଜଙ୍ଗଲରେ ଜୁଆଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୯ଜଣଙ୍କୁ ଗିରଫ କରିଛି। କୁକୁଡ଼ା ଲଢ଼େଇ ଓ ଘୁଡୁଘୁଡ଼ି ପଛି ଦ୍ୱାରା ଜୁଆଖେଳ ହେଉଥିବା ସୂଚନା ପାଇ ପୋଲିସ ଚଢ଼ାଉ କରି ଘଟଣାସ୍ଥଳରୁ ୯ଜଣଙ୍କୁ ଗିରଫ କରିବା ସହିତ ୧୮ଟି ବାଇକ, ୧୭ହଜାର ୩୧୨ଟଙ୍କା, ୭ମୋବାଇଲ ଓ ଘୁଡୁଘୁଡ଼ି ପଛି ଜବତ କରିଛି। ଥାନା ଅଧିକାରୀ ବୀରକିଶୋର ମଲ୍ଲିକ, ଏଏସ୍ଆଇ ଉମାକାନ୍ତ ନାଏକ ଓ ପୋଲିସ କର୍ମଚାରୀ ଚଢ଼ାଉ କରିଥିଲେ।

### ସଂକ୍ଷେପରେ

## ସାପ କାମୁଡାରେ ବାଳକ ମୃତ

ଲହୁଣୀପଡା,୩୦।୯(ଡି.ଏନ.ଏ.)-ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଚାନ୍ଦିପୋଷ ଗ୍ରାମରେ ସାତ ବର୍ଷର ବାଳକ ବିଷାକ୍ତ ସାପ କାମୁଡାରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଚାନ୍ଦିପୋଷରେ ରହୁଥିବା ଆଦିକନ୍ଦ ବିଶ୍ୱାଲଙ୍କ ପରିବାର ମଙ୍ଗଳବାର ରାତିରେ ଖାଇ ସାରି ଶୋଇଯାଇ ଥିଲେ। ତାଙ୍କର ପୁଅ ବିକାଶ ହଠାତ ଚିତ୍କାର କରି କଣ ଗୋଟେ କାମୁଡି ଦେଇଛି କହିଲେ। ପରିବାର ଲୋକେ ଦେଖିଲା ବେଳକୁ ବିଷଧର ସାପ କାମୁଡି ଦେଇଛି। ଚିକିତ୍ସା ପାଇଁ ଡ଼ାକ୍ତରଖାନା ନେଇଥିଲେ ମଧ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଚାନ୍ଦିପୋଷ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ପରକୀୟା ପ୍ରୀତି ସନ୍ଦେହରେ ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼, ୨୯।୯ (ଡି.ଏନ୍.ଏ.) -ସଦର ଥାନା ଅନ୍ତର୍ଗତ ବାଉରୀମୁଣ୍ଡା ଜୁନାଡିହି ଗ୍ରାମରେ ଗତ ୨୬ ତାରିଖ ରାତିରେ ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ କାର୍ତ୍ତିକ ଟିଗାଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ଓ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଅଭିଯୁକ୍ତଙ୍କ ସ୍ତ୍ରୀ ସହିତ ଗ୍ରାମର ଜଣେ ଯୁବକଙ୍କ ପରକୀୟା ପ୍ରୀତି ସନ୍ଦେହ କରିଥିଲେ। ଘଟଣା ଦିନ ସେହି ଯୁବକଙ୍କ ଘରକୁ ଯାଇ ଖୋଜିଥିବା ବେଳେ ଯୁବକଙ୍କ ମାଆ ଓ ବାପାଙ୍କ ସହିତ ଅଭିଯୁକ୍ତ ଯୁକ୍ତିତର୍କ କରି ସାଙ୍ଗରେ ନେଇଥିବା ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ଯୁବକଙ୍କ ମା' ବଛି ଓରାମ (୬୫)ଙ୍କ ମୃତ୍ୟୁ ଘଟିଥିଲା। ବାପା ମାଧ ଓରାମ (୭୦) ଗୁରୁତର ହୋଇଛନ୍ତି।

## ଅଟୋ ଓଲଟି ୯ ଗୁରୁତର

ଦେବଗଡ଼,୩୦।୯ (ଡି.ଏନ୍.ଏ.)-ଶ୍ରମ କାର୍ଡ କରି ଘରକୁ ଫେରୁଥିବା ବେଳେ ଅଟୋ ଓଲଟି ୯ଜଣ ମହିଳା ପୁରୁଷ ଗୁରୁତର ଆହତ ହୋଇଥିବାବେଳେ ଦୁଇଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଗୁରୁବାର ସକାଳୁ ବାରକୋଟ ବ୍ଲକ ବୁଢ଼ାଖମନ ଗ୍ରାମରୁ ୯ ମହିଳା ପୁରୁଷ ଏକ ଅଟୋ ଯୋଗେ ଦେବଗଡ଼ସ୍ଥିତ ଶ୍ରମ ବିଭାଗ କାର୍ଯ୍ୟାଳୟକୁ ଶ୍ରମ କାର୍ଡ ଆବେଦନ ପାଇଁ ଆସିଥିଲେ। ଦିନ ପ୍ରାୟ ଗୋଟାଏବେଳେ ନିଜ ଗ୍ରାମକୁ ଫେରୁଥିବାବେଳେ ସମରଖାଇ ଗ୍ରାମ ନିକଟସ୍ଥ ୪୯ନମ୍ବର ଜାତୀୟ ରାଜପଥରେ ଅଟୋଚାଳକ ଭାରସାମ୍ୟ ହରାଇବାରୁ ଅଟୋ ଓଲଟି ପଡିଥିଲା। ଫଳରେ ଅଟୋରେ ଥିବା ସମସ୍ତ ୯ ମହିଳା ଓ ପୁରୁଷ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ଆମ୍ବୁଲାନ୍ସ ଯୋଗେ ଗୁରୁତରଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ନିଯୁକ୍ତିରୁ ବଞ୍ଚିତ ହେଉଛନ୍ତି ବେକାର ଯୁବତୀଯୁବକ

ଜମନକିରା, ୩୦।୯(ଡି.ଏନ.ଏ.): ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଜମନକିରା ବ୍ଲକ୍‌ରେ ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ନିଯୁକ୍ତି ମେଳା କରାଯାଇ ଗ୍ରାମାଞ୍ଚଳର ବେକାର ଯୁବତୀଯୁବକଙ୍କୁ କର୍ମନିଯୁକ୍ତି ସୁଯୋଗ ଦିଆଯାଉଛି। ତେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପରିଚାଳନାଗତ ତ୍ରୁଟି ତଥା ପ୍ରଚାରପ୍ରସାର ଅଭାବରୁ ଗ୍ରାମାଞ୍ଚଳରେ ରହୁଥିବା ବେକାର ଯୁବତୀଯୁବକ, ଲୋକ ପ୍ରତିନିଧି, ସଚେତନ ନାଗରିକଙ୍କୁ ସୂଚନା ମିଳିପାରୁନାହିଁ। ତେଣୁ ବହୁ ସଂଖ୍ୟାରେ ଯୁବତୀଯୁବକ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଜମନକିରା ବ୍ଲକ୍‌ରେ କିଛିଦିନ ପୂର୍ବରୁ ଭୋଜପୁର ପଞ୍ଚାୟତ, ଫାଶିମାଲ ପଞ୍ଚାୟତ ଏବଂ ବୁଧବାର କେନାଡ଼ିପା ପଞ୍ଚାୟତ ରାଜୀବ ଭବନଠାରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। କେନାଡ଼ିପା ପଞ୍ଚାୟତରୁ ମାତ୍ର ୨୦ଜଣ ଯୁବତୀଯୁବକ ସାମିଲ ହୋଇଥିଲେ। ତେବେ ବହୁ ସଂଖ୍ୟାରେ ବେକାର ଯୁବତୀଯୁବକ ବଞ୍ଚିତ ହୋଇଥିବା ନେଇ କେନାଡ଼ିପା ସରପଞ୍ଚ ସଞ୍ଜୟ ଧରୁଆ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। କେନାଡ଼ିପା ରାଜୀବ ଭବନରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଧରୁଆ ଯୋଗ ଦେଇଥିବା ବେଳେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଜିଲା ସଂଯୋଜକ ମନୀଷ ମହାନ୍ତି, ବ୍ଲକ୍ ବିପିଏମ୍ ଏମ୍ଏ ଏଫ୍ କରିମ, ଏସ୍‌ଡିସି ବିଷ୍ଣୁପ୍ରସାଦ ଦେହୁରି, ବିଏଲ୍‌ସି ସରୋଜ କୁମାର ମିଶ୍ର ଯୋଗଦେଇ ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ସମ୍ପର୍କରେ ବୁଝାଇଥିଲେ।

# ସମାଜ ସଂସ୍କାରରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

### କ୍ଲଷ୍ଟରସ୍ତରୀୟ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ପାଠ୍ୟକ୍ରମ ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ସୁନ୍ଦରଗଡ଼, ୩୦।୯(ଡି.ଏନ୍.ଏ)

ଦେଶର ଉନ୍ନତି ଓ ସମାଜ ସଂସ୍କାର ଦିଗରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣୁ ଯୁବ ସମାଜ ପ୍ରତ୍ୟେକ କାର୍ଯ୍ୟକୁ ନିଷ୍ଠାର ସହ ସମ୍ପାଦନ କରିବା ସହ ନିଶାମୁକ୍ତ ହୋଇ ଏକ ଉତ୍ତମ ନାଗରିକ ଭାବେ ଅନ୍ୟମାନଙ୍କୁ ପ୍ରେରଣା ଦେବାକୁ ସୁନ୍ଦରଗଡ ଏସ୍‌ପି ସାଗରିକା ନାଥ ଆହ୍ୱାନ ଦେଇଛନ୍ତି। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଚାଲିଥିବା ୩ଦିନିଆ କ୍ଲଷ୍ଟରସ୍ତରୀୟ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ପାଠ୍ୟକ୍ରମ ଓ ପ୍ରଶିକ୍ଷଣ ଶିବିରର ଗୁରୁବାର ଅନୁଷ୍ଠିତ ଉଦ୍‌ଯାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ପି ନାଥ ଏହା ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ସମାରୋହରେ ଅଧକ୍ଷତା କରି ରେଡକ୍ରସ ସ୍ୱେଚ୍ଛାସେବୀମାନଙ୍କୁ ଶିବିରରୁ ଶିକ୍ଷା ଲାଭ କରି ସମାଜସେବା କରିବା ଓ ଅନ୍ୟମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଭାରତୀୟ ରେଡକ୍ରସ ସୋସାଇଟି ସୁନ୍ଦରଗଡ ଶାଖାର ପ୍ରଦୀପ କୁମାର ସାହୁ ଓ ଯୁବ ରେଡକ୍ରସ ଜିଲା ସଂଯୋଜକ ସୁମନ୍ତ କୁମାର ଦ୍ୱିବେଦୀ ରେଡକ୍ରସର ଲକ୍ଷ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଜିଲା ରେଡକ୍ରସର ଆବାହକ ପିତାମ୍ବର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୩ଦିନ ଧରି ଚାଲିଥିବା ଏହି ଶିବିରକୁ ଜିଲାପାଳ ନିଖିଲ ପବନ କଲ୍ୟାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଯୁବରେଡକ୍ରସ ସ୍ୱେଚ୍ଛାସେବୀମାନଙ୍କୁ ପ୍ରାଥମିକ ଚିକିତ୍ସା, ଅଗ୍ନି ନିର୍ବାପନ, ହିମଗ୍ଲୋବିନ ପରୀକ୍ଷଣ ଓ ରକ୍ତଦାନ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ସଡକ ସୁରକ୍ଷା ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ଅଗ୍ନିଶମ ଅଧିକାରୀ ରବି ନାରାୟଣ ସାମଲ, ଜିଲା ପାଣିପାଗ ବିଭାଗର ପ୍ରଦୋଷ ରଞ୍ଜନ ଜେନା, ପ୍ରବାସିନୀ ଚକ୍ର ପ୍ରମୁଖ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ରେଡକ୍ରସ କାଉନସେଲର ପ୍ରଭାକର ସେଠୀ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ସମେତ ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ଉଜ୍ଜଳପୁର ଓ ସର୍ଗିପାଲି ମହାବିଦ୍ୟାଳୟ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀମାନେ ଅଂଶ ଗ୍ରହଣ କରିଥିଲେ।



ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ପାଠ୍ୟକ୍ରମ ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନ ସମାରୋହରେ ଏସ୍‌ପି ସାଗରିକା ନାଥ ଓ ଅନ୍ୟମାନେ।

# ଜଙ୍ଗଲ ଅଧିକାର ଗ୍ରାମସଭା

ବଡ଼ଗାଁ, ୩୦।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ତିଲେଇମାଲ ଗ୍ରାମରେ ସ୍ଥାନୀୟ ଜଙ୍ଗଲ ଅଧିକାର କମିଟି ପକ୍ଷରୁ ଗୋଷ୍ଠୀ ଜଙ୍ଗଲ ଅଧିକାର ସମ୍ବନ୍ଧୀୟ ସ୍ୱତନ୍ତ୍ର ଗ୍ରାମସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ମେମ୍ବର ଲିବୁନସ ହେମ୍ବ୍ରମଙ୍କ ସଭାପତିତ୍ୱରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଜଙ୍ଗଲ ଅଧିକାର ପାଇଁ ଆବଶ୍ୟକୀୟ ଫର୍ମ ପୂରଣ, ପ୍ରମାଣ ପ୍ରସ୍ତୁତ, ଚାରୋଟି ପାର୍ଶ୍ୱ ଗ୍ରାମ ସହିତ ଯୁଗ୍ମ ବୈଠକ ହୋଇସାରିଛି। ବୁଧବାର ସ୍ୱତନ୍ତ୍ର ଗ୍ରାମସଭାରେ ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଅନୁପସ୍ଥିତି ଓ ଅସହଯୋଗ ସତ୍ତ୍ୱେ ଗୋଷ୍ଠୀ ଅଧିକାର ଦାବିପତ୍ରକୁ ଗ୍ରାମସଭାର ମୁଖ୍ୟ ଅତିଥି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିଲ୍ଲୀପ କୁମାର ମାଝିଙ୍କୁ ସର୍ବସମ୍ମତିକ୍ରମେ ମଞ୍ଜୁର ଦାବିପତ୍ର ପ୍ରଦାନ କରାଯାଇଥିଲା। ଆନୁସଙ୍ଗିକ ନଥିପତ୍ର ସହ ସମ୍ପ୍ରସାରଣ ଅଧିକାରୀଙ୍କ ଜରିଆରେ ଉପଖଣ୍ଡସ୍ତରୀୟ କମିଟି ନିକଟକୁ ପ୍ରେରଣ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ଦାବିପତ୍ରରେ ପ୍ରାୟ ୫ଶହ ଏକର ଘଞ୍ଚ ଜଙ୍ଗଲ ପାଇଁ ନଥିପତ୍ର ପ୍ରସ୍ତୁତ ହୋଇଥିବା ଗ୍ରାମସଭାରେ ଆଲୋଚନା ହୋଇଥିଲା। ସଭାରେ ଆଖପାଖ ଗ୍ରାମର ୩୮୦ଜଣ ଗ୍ରାମବାସୀ ଯୋଗଦେଇଥିଲେ। ଗ୍ରାମସଭାରେ ଜୀବନଜୀବିକା ବିଶେଷଜ୍ଞ ଚକ୍ରଧର ପୃଷେଟ, ଜିଲା ଜଙ୍ଗଲ ଅଧିକାର ସଂଯୋଜକ ବେଦବ୍ୟାସ ଧୂଆ, ସୁନିଲ ଗୌଡ଼, ଆଦିତ୍ୟ ବେହେରା ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ତିଲେଇମାଲ ଜଙ୍ଗଲ ଅଧିକାର କମିଟିର ସମ୍ପାଦକ ହେରମନ ସାଙ୍ଗା, ସଭାପତି ପାଉଲୁସ ସାଙ୍ଗା, ସଭ୍ୟ ଏତମନ ହେମ୍ବ୍ରମ ତଥା ଗ୍ରାମବାସୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ଜଙ୍ଗଲ ଅଧିକାର ଗ୍ରାମସଭାରେ ଉପସ୍ଥିତ ଗ୍ରାମବାସୀ।

# ଲଇକେରା ବ୍ଲକ୍‌କୁ ମରୁଡ଼ି ଘୋଷଣା ଦାବି

ଝାରସୁଗୁଡ଼ା ଅଫିସ,୩୦।୯:

ଚଳିତବର୍ଷ ଅନିୟମିତ ବର୍ଷା ଯୋଗୁ ଝାରସୁଗୁଡ଼ା ଜିଲାରେ ମରୁଡ଼ି ପରିସ୍ଥିତି ଦେଖାଦେଇଛି। ଲଇକେରା ବ୍ଲକ୍ ଏଥିରୁ ବାଦ୍ ପଡିନାହିଁ। ଏପରିସ୍ଥିତିରେ ବ୍ଲକ୍‌କୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବିରେ ବ୍ଲକ୍ ଚାଷୀ ସଙ୍ଗଠନ ତରଫରୁ ଗୁରୁବାର ସ୍ଥାନୀୟ କଲେଜ ନିକଟରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକର ଶତାଧିକ ଚାଷୀ ସାମିଲ ହୋଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ତପନଦେବ ଚକ୍ରବର୍ତ୍ତୀଙ୍କୁ ୧୧ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ ବ୍ଲକ୍‌କୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା, କୃଷିଋଣ ଓ କୃଷି ଭତ୍ତିକ ବିଦ୍ୟୁତ୍ ବିଲ୍ ଛାଡ, ଉଠାଜଳସେଚନ ପ୍ରକଳ୍ପ ଯୁଦ୍ଧକାଳୀନ ଭିତ୍ତିରେ ମରାମତି, ଚାଷୀମାନଙ୍କୁ ରିହାତି ମୂଲ୍ୟରେ ସୋଲାର ପମ୍ପସେଟ୍ ଯୋଗାଣ, କୃଷକମାନଙ୍କୁ ପେନସନ୍ ପ୍ରଦାନ, ମରୁଡ଼ି ସହାୟତା ରାଶିକୁ ୧୫ହଜାର ଟଙ୍କାକୁ ବୃଦ୍ଧି, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଚାଷୀଙ୍କୁ ଫସଲ ବୀମା ଟଙ୍କା ପ୍ରଦାନ ଆଦି ଅନ୍ୟତମ। ଏହି ଆନ୍ଦୋଳନରେ କୃଷକ ସଙ୍ଗଠନ ତରଫରୁ ଚାଷୀ ହେମନ୍ତ ସାଗର କୁମ୍ଭରା, ଟଙ୍କଧର ନାୟକ, ଉମାଶଙ୍କର ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ପଟେଲ, ବ୍ଲକ୍ ଅଧ୍ୟକ୍ଷା ରୋଜାଲିନ ପଟେଲ ପ୍ରମୁଖ ଯୋଗଦେଇଥିଲେ।



ଚାଷୀମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଭାରିଯାନ ଚଳାଚଳ ଯୋଗୁ ଫାଟୁଛି ରାସ୍ତା

କୁଆଁରମୁଣ୍ଡା,୩୦।୯(ଡି.ଏନ.ଏ.)–କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ ପଦମପୁର ପଞ୍ଚାୟତର ଚାନ୍ଦିପୋଷ ବାଲିଘାଟରୁ ପ୍ରତିଦିନ ଶତାଧିକ ଭାରିଯାନ ଦ୍ୱାରା ବାଲି ଉଠାଯାଉଛି। ଉକ୍ତ ଭାରିଯାନଗୁଡିକ ଦୈନନ୍ଦିନ କୁଆଁରମୁଣ୍ଡା ବ୍ୟାଙ୍କ ଅଫ ଇଣ୍ଡିଆ ଛକଠାରୁ ଡୁମେରଯୋରକୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡି)ର ପ୍ରାୟ ୫ କି.ମି ରାସ୍ତାରେ ଯାତାୟାତ କରୁଥିବାରୁ ଏହା ଫାଟି ବିପଦସଙ୍କୁଳ ହୋଇପଡିଛି। ଫଳରେ ପଦମପୁର ପଞ୍ଚାୟତ ଓ ଡୁମେରଯୋର ପଞ୍ଚାୟତବାସୀଙ୍କୁ ଏହି ରାସ୍ତା ଦେଇ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଏନେଇ ପଦମପୁର ପଞ୍ଚାୟତବାସୀ ବହୁ ହଇରାଣ ହେଉଥିବା ନେଇ ପ୍ରଶାସନକୁ ପୂର୍ବରୁ ଅବଗତ କରିଛନ୍ତି। ମାତ୍ର ପ୍ରଶାସନ ଏ ନେଇ କାଳକ୍ଷେପଣ ନୀତି ଅବଲମ୍ବନ କରିବାରୁ ବାଧ୍ୟହୋଇ ଗ୍ରାମବାସୀ ବୁଧବାର ଉକ୍ତ ୫ କିମି ରାସ୍ତା ଦେଇ ବାଲିଘାଟକୁ ଯାଉଥିବା ଭାରିଯାନଗୁଡିକୁ ଅବରୋଧ କରିଥିଲେ। ଖବରପାଇ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଗ୍ରାମବାସୀ କୌଣସି ଭାରିଯାନକୁ ବାଲିଘାଟକୁ ପ୍ରବେଶ କରାଇ ଦେବେ ନାହିଁ ବୋଲି ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ଆରଡି ରାସ୍ତାରେ ଛିଡା ହୋଇଥିବା ଭାରିଯାନଗୁଡିକୁ ପୋଲିସ ବାଲିଘାଟକୁ ନ ଯିବାକୁ କହିଥିଲା। ଅନ୍ୟ ପକ୍ଷରେ ଗୁରୁବାର ଏନେଇ ଫାଣ୍ଡିରେ ପଦମପୁର ଗ୍ରାମବାସୀ ଓ ବାଲିଘାଟ ନିଲାମଧାରୀ ମଧ୍ୟରେ ଆଲୋଚନା ପରେ ଯାହା କିଛି ସ୍ଥିର କରାଯିବ ବୋଲି ପୋଲିସ କହିଥିଲା। ହେଲେ ଘଟଣାର ଦିନକ ପରେ ମଧ୍ୟ ଏ ନେଇ କୌଣସି ନିଷ୍ପତ୍ତି ନିଆଯାଇପାରି ନାହିଁ। ଫଳରେ ବାଲିଘାଟକୁ ଭାରିଯାନ ଚଳାଚଳ ବନ୍ଦ ରହିଛି।

# ଜିଲାପାଳ, ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର

ଦେବଗଡ଼, ୩୦।୯(ଡି.ଏନ୍.ଏ.)

ଦେବଗଡ଼ ପୌରାଞ୍ଚଳର ୯ନମ୍ବର ୱାର୍ଡର ବିକାଶ ପାଇଁ ଦାବି ହେଉଛି। ଦେବଗଡ଼ ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ପକ୍ଷରୁ ଜିଲାପାଳ ଓ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ପ୍ରଜିତ ଭୋଜଙ୍କ ନେତୃତ୍ୱରେ ମକରଧ୍ୱଜ ହସ୍ତୀ, ସୁମନ୍ତ ଭୋଜ, ଜଗ ରଣଜିତ, ମହାଦେବ ନାୟକ, ଶତ୍ରୁଘ୍ନ ପାତ୍ର ଓ ଶିବାଜୀ ଭୋଜ ପ୍ରମୁଖ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ଦେବଗଡ଼ ପୌର ପରିଷଦ କାର୍ଯ୍ୟାଳୟକୁ ଯାଇ ନିର୍ବାହୀ ଅଧିକାରୀ ଅତସୀ ପଡିତାଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ ୯ନମ୍ବର ୱାର୍ଡରେ ପ୍ରାୟତଃ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତିର ଲୋକ ବସବାସ କରନ୍ତି। ମାତ୍ର ଜିଲା ପ୍ରଶାସନ ଏବଂ ଲୋକ ପ୍ରତିନିଧି ଅଣଦେଖା କରି ଆସୁଛନ୍ତି। ସେଠାରେ ବିଭିନ୍ନ ସୁବିଧାସୁଯୋଗ ଯୋଗାଇ ଦେବାକୁ ଏସ୍‌ସି ମୋର୍ଚ୍ଚା ପକ୍ଷରୁ ସ୍ମାରକପତ୍ରରେ ଦାବି କରାଯାଇଛି।

# ଗ୍ରାମବାସୀଙ୍କ ଥାନା ଘେରାଉ ନିଷ୍ପତ୍ତି

### ବାର୍‌ହା ଶିକାର ଫାଶରେ ଯୁବକଙ୍କ ମୃତ୍ୟୁ ଘଟଣା ପୋଲିସ ତଦନ୍ତରେ ବିଳମ୍ବର ପ୍ରତିବାଦ

ବାଲିଶଙ୍କରା, ୩୦।୯ (ଡି.ଏନ୍.ଏ)

କିଁଜିରିକେଲା ଥାନା ଟାଙ୍ଗରଯୋର ଗ୍ରାମର ଲଲିନ୍ଦ୍ର କାଲୋ (୨୫) ନାମକ ଜଣେ ଯୁବକଙ୍କ ଦେଓଭବନ ପୁରଠାରେ ବାରହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାର ଆଘାତରେ ଗତ ଅଗଷ୍ଟ ୨୩ ତାରିଖରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ଘଟିବାର ୧ମାସ ବିତିଯିବା ପରେ ମଧ୍ୟ ବାରହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇ ଏହି ଅଘଟଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଜାଣିଶୁଣି ବିଳମ୍ବ କରୁଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ମୃତ ଯୁବକଙ୍କ ପରିବାର ବର୍ଗ ତଥା ଗ୍ରାମବାସୀଙ୍କ ପକ୍ଷରୁ କିଁଜିରିକେଲା ଥାନାରେ ଏତାଲା ଦିଆଯାଇଥିଲା। ମାତ୍ର ପୋଲିସ ପ୍ରଶାସନର ଉଦାସୀନତା ନୀତି ଅବଲମ୍ବନ କରୁଥିବା ପ୍ରତିବାଦରେ ଗୁରୁବାର ଓଡିଶା ପ୍ରଗତି ଦଳ ପକ୍ଷରୁ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୋଲିସ ଯଥାଶିଘ୍ର ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଓଡିଶା ପ୍ରଗତିଦଳ ଓ ଗ୍ରାମବାସୀ ମିଳିତ ଭାବରେ ଅକ୍ଟୋବର ୧୦ ତାରିଖରେ କିଁଜିରିକେଲା ଥାନା ଘେରାଉ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ଝାରସୁଗୁଡ଼ାର ପ୍ରୀତି ଶର୍ମାଙ୍କୁ ସ୍ୱର୍ଣ୍ଣ ପଦକ

ଝାରସୁଗୁଡ଼ା ଅଫିସ,୩୦।୯:

ଗୋଆର ମାପୁଶା ସହରରେ ୧୨ତମ ଜାତୀୟ ଥାଇବକ୍ସିଂ ଚାମ୍ପିୟନଶିପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୨୪ରୁ ଆରମ୍ଭ ହୋଇ ୨୬ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ୧୮ରାଜ୍ୟର ଖେଳାଳି ଅଂଶ ଗ୍ରହଣ କରିଥିଲେ। ମହାରାଷ୍ଟ୍ର ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଡ଼ିଶା ଦ୍ୱିତୀୟ ଏବଂ ମଧ୍ୟପ୍ରଦେଶ ଓ ଆସାମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଭିନ୍ନ ଇଭେଣ୍ଟରେ ଓଡ଼ିଶାରୁ ୧୩ ବାଳିକା ଓ ୩୨ ବାଳକ ଭାଗ ନେଇଥିଲେ। ଝାରସୁଗୁଡ଼ା ଜିଲାରୁ ୬ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ସିନିୟର ବାଳିକା ବର୍ଗରେ ୪୮କିଲୋଗ୍ରାମ ବକ୍ସିଂରେ ଓଡ଼ିଶାରୁ ପ୍ରୀତି ଶର୍ମା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ରୀତିଙ୍କ ଏଭଳି ସଫଳତା ରାଜ୍ୟ ଓ ଝାରସୁଗୁଡ଼ା ଜିଲା ପାଇଁ ଗୌରବ ଆଣିଛି। ଝାରସୁଗୁଡ଼ା ଥାଇବକ୍ସିଂ ଆସୋସିଏଶନ ସାଧାରଣ ସମ୍ପାଦକ ନବୀନ ସିଂହ ପ୍ରତିଯୋଗୀଙ୍କୁ ନେଇ ଗୋଆ ଅଭିମୁଖେ ଯାତ୍ରା କରିଥିଲେ। ଥାଇବକ୍ସିଂ ଜିଲା ସଭାପତି ବିଜୟ ବେହେରା, ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ତାପସରାୟ ଚୌଧୁରୀ, ଜୀବନ ମହାନ୍ତି ପ୍ରମୁଖ ପ୍ରୀତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରୀତି ଶର୍ମା।

# କୋଇଡା ଓରାଘାଟ ଲୌହ ଖଣିକୁ ପୁରସ୍କାର




ଡିଜିଏମଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଟେନସା, ୩୦।୯(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୋଇଡା ମାଇନିଂ ଅଧୀନରେ ଥିବା ରୁଙ୍ଗୁଟା ଗ୍ରୁପର ଓରାଘାଟ ଲୌହ ଖଣିକୁ ନୂଆଦିଲ୍ଲୀରେ ଫିମି ୨୦୨୧ ପୁରସ୍କାର ପ୍ରଦାନ କରାଯାଇଛି। ଓରାଘାଟ ଲୌହ ଖଣି ସାମାଜିକ କଲ୍ୟାଣ, ସାଧାରଣ ଉନ୍ନତି ପାଇଁ ଆଖପାଖ ସମ୍ପ୍ରଦାୟର ଉନ୍ନତି ପାଇଁ ଫେଡେରେସନ ଅଫ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରିଜ (ଫିମି) ଦ୍ୱାରା ଏନଏମଡିସି ସାମାଜିକ ଦାୟିତ୍ୱ ପାଇଁ ଓରାଘାଟ ଖଣି ଫିମି ପୁରସ୍କାର ନିମନ୍ତେ ସ୍ଥିର ହୋଇଥିଲା । ନୂଆଦିଲ୍ଲୀର ଫିମି ହାଉସ ଠାରେ ଅନୁଷ୍ଠିତ ଏକ ସଭାରେ ରୁଙ୍ଗୁଟା କମ୍ପାନୀ ତରଫରୁ ଡିଜିଏମ ପ୍ରସନ୍ନ. କେ ସାମଲ ଯୋଗଦେଇ ପୁରସ୍କାର ଗ୍ରହଣ କରିଥିଲେ। ଅତିଥି ଭାବେ କୋଇଲା ମନ୍ତ୍ରଣାଳୟର ସଚିବ ଉପେନ୍ଦ୍ର ସିଂ ଯୋଶୀ, ଫିମି ସଭାପତି ଆର.ଏଲ ମହାନ୍ତି, ଫିମି ସାଧାରଣ ସମ୍ପାଦକ ଆର.କେ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅସରରେ ରୁଙ୍ଗୁଟା ସନ୍ସ ପ୍ରାଇଭେଟ ଲିମିଟେଡ଼ର ଭି.ପି ରାମୁ ଅଗ୍ରୱାଲଙ୍କୁ କୃତଜ୍ଞତା ପ୍ରମାଣପତ୍ର ମଧ ପ୍ରଦାନ କରାଯାଇଥିଲା ।

# ଅବକାରୀ ଅଧୀକ୍ଷକ, ଏଏସ୍‌ଆଇଙ୍କୁ କୋର୍ଟ ଚାଲାଣ

### ଉଭୟ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା

ଦେବଗଡ଼,୩୦।୯(ଡି.ଏନ.ଏ.)

ଜଣେ ଦେଶୀ ମଦଭାଟି ମାଲିକଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ନେବା ମାମଲାରେ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇଥିବା ଦେବଗଡ଼ ଅବକାରୀ ଅଧୀକ୍ଷକ ଅଜିତ କୁମାର ମହାପାତ୍ର ଓ ବିଭାଗୀୟ ଏଏସ୍‌ଆଇ ମଥୁରା ମୋହନ ପ୍ରଧାନଙ୍କୁ ଗୁରୁବାର ଭିଜିଲାନ୍ସ ବିଭାଗ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟ ଚାଲାଣ ପୂର୍ବରୁ ଉଭୟ ଅଭିଯୁକ୍ତଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିବାବେଳେ ସେମାନଙ୍କୁ ଦେଖିବାକୁ କିଛି ସମୟ ପାଇଁ ଗହଳି ଆରମ୍ଭ ହୋଇଥିଲା। ଏହା ଦେଖି ୧୦ଜଣିଆ ଭିଜିଲାନ୍ସ ଟିମ୍ ସେମାନଙ୍କୁ ସୁରକ୍ଷା ବଳୟ ମଧରେ କୋଭିଡ୍ ଟେଷ୍ଟ ସ୍ଥାନକୁ ନେଇ ପରୀକ୍ଷା କରାଇବା ସହ ମୁଖ୍ୟ ଚିକିତ୍ସାଳୟର ଆଉଟ ଡୋରରେ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ ପରେ ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇଯାଇଥିଲେ। ସେଠାରେ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ ପରେ ସମ୍ବଲପୁରସ୍ଥିତ ଭିଜିଲାନ୍ସ କୋର୍ଟ ଅଭିମୁଖେ ବାହାରିଥିଲେ। ତେବେ ବୁଧବାର ଅଭିଯୁକ୍ତଙ୍କ ଘରେ ଚଢ଼ାଉ ପରେ ମିଳିଥିବା ସମ୍ପତ୍ତିର ଆକଳନ କାର୍ଯ୍ୟ ସରି ନ ଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, କୌଣସି କାମକୁ ନେଇ ଦେବଗଡ଼ ଭାରପ୍ରାପ୍ତ ଅବକାରୀ ଅଧୀକ୍ଷକ ମହାପାତ୍ର ବାରକୋଟ ଥାନା ଅନ୍ତର୍ଗତ ବିଦେଇ ବଡକୁଦର ସରକାରୀ ଦେଶୀ ମଦଭାଟି ମାଲିକ ରାଜେନ୍ଦ୍ର ଜୟସ୍ୱାଲଙ୍କଠାରୁ ୩ ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ମଦଭାଟି ମାଲିକ ଜୟସ୍ୱାଲ ଭିଜିଲାନ୍ସ ବିଭାଗକୁ ସୂଚନା ଦେଇଥିଲେ। ଅବକାରୀ ଅଧୀକ୍ଷକଙ୍କୁ ଜାଲରେ ପକାଇବା ପାଇଁ ବୁଧବାର ପ୍ରଥମ ପର୍ଯ୍ୟାୟରେ ଦେଢଲକ୍ଷ ଟଙ୍କା ପ୍ରଦାନ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଅବକାରୀ ଅଧୀକ୍ଷକ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ବାରକୋଟ ଅବକାରୀ ଏଏସ୍‌ଆଇ ପ୍ରଧାନ ବିଦେଇ ବଡକୁଦର ମଦଭାଟିକୁ ଯାଇଥିଲେ। ସେଠାରେ ମଦଭାଟି ମାଲିକ ଜୟସ୍ୱାଲ ଏଏସ୍‌ଆଇ ପ୍ରଧାନଙ୍କୁ ରାସାୟନିକ ପ୍ରଲେପ ବୋଳା ଦେଢଲକ୍ଷ ଟଙ୍କା ପ୍ରଦାନ କରିବାବେଳେ ପୂର୍ବ ଯୋଜନା ଅନୁଯାୟୀ ଛପି ରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କ ନିକଟରୁ ଉକ୍ତ ଟଙ୍କା ଜବତ କରିଥିଲେ। ଏହା ସହ ତାଙ୍କୁ ଗିରଫ କରି ଦେବଗଡ଼ ଆଣିଥିଲେ। ଏହି ଚଢାଉରେ ଦେବଗଡ଼ ଭିଜିଲାନ୍ସ ବିଭାଗ ଡିଏସ୍‌ପି ଯୋଗେଶ ପଟେଲ, ସୁନ୍ଦରଗଡ଼ ଭିଜିଲାନ୍ସ ବିଭାଗ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ, ରାଉରକେଲା ଭିଜିଲାନ୍ସ ବିଭାଗ ଡିଏସ୍‌ପି ବୀରେନ୍ଦ୍ର କୁମାର ନାୟକ, ଝାରସୁଗୁଡା ଭିଜିଲାନ୍ସ ବିଭାଗ ଡିଏସ୍‌ପି ପ୍ରଦୀପ ଆଇନ୍ଦ, ଇନ୍ସପେକ୍ଟର ଅଭୟ କୁମାର ପ୍ରଧାନ, ସୁଶୀଳ ବାର୍ଲା, ଏଏସ୍‌ଆଇ ରାମଚନ୍ଦ୍ର ସାହୁଙ୍କ ସମେତ ବହୁ ଭିଜିଲାନ୍ସ କର୍ମଚାରୀ ଅଂଶଗ୍ରହଣ କରିଥିଲେ।



ଦେବଗଡ଼ ଅବକାରୀ ଅଧୀକ୍ଷକ ଅଜିତ କୁମାର ମହାପାତ୍ର ଓ ବିଭାଗୀୟ ଏଏସ୍‌ଆଇ ମଥୁରା ମୋହନ ପ୍ରଧାନଙ୍କୁ ଗୁରୁବାର ଭିଜିଲାନ୍ସ ବିଭାଗ ପକ୍ଷରୁ କୋର୍ଟ ଚାଲାଣ କରାଯାଉଛି।

## ସଂକ୍ଷେପରେ

### ଲୁହା ରଡ୍ ଚୋରି, ଯୁବକ ଗିରଫ

ରାଉରକେଲା ଅଫିସ,୩୦।୯: ଲୁହାରଡ୍ ଚୋରି ଅଭିଯୋଗରେ ଟାଙ୍ଗରପାଲି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଅନୀଲ ମୁଣ୍ଡା(୨୨)। ତାଙ୍କଠାରୁ ଚୋରି ଲୁହାରଡ୍ ଜବତ କରାଯାଇଛି। ବିରଡ଼ିବସ୍ତି ଅଞ୍ଚଳରେ ଜଣଙ୍କ ଘର କାମ ହେଉଥିବା ବେଳେ ଅନୀଲ ସେଠାରୁ ୨କୁଇଣ୍ଟାଲ ଲୁହା ରଡ୍ ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଗୁରୁବାର ଅନୀଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଅପରାଧ ରୋକିବା ପାଇଁ ସଚେତନତା ଜରୁରୀ




ରାଉରକେଲା ଅଫିସ,୩୦।୯: ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରଖିବା ପାଇଁ ବିଶ୍ରା ଥାନା ପରିସରରେ ଗୁରୁବାର ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଥାନାଧିକାରୀ ଭଗବାନ ପୂଜାରୀ ଅଧ୍ୟକ୍ଷତା କରିଥିଲେ। କୌଣସି ଅପରାଧ ରୋକିବା ପାଇଁ ହେଲେ ଜନସାଧାରଙ୍କ ମଧ୍ୟରେ ସଚେତନତା ସହ ପୋଲିସ ଓ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରହିବା ଆବଶ୍ୟକ ବୋଲି ଥାନାଧିକାରୀ ପୂଜାରୀ କହିଥିଲେ। ବିଶ୍ରା ଅଞ୍ଚଳରେ କିଭଳି ଅପରାଧମୂଳକ କାର୍ଯ୍ୟକୁ ରୋକା ଯାଇପାରିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷ କରି ଏହି ଅଞ୍ଚଳରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା, ନାଇଟ୍ ପାଟ୍ରୋଲିଂକୁ ତ୍ୱରାନିତ କରିବା, ନିଶା କାରବାର ବନ୍ଦ କରିବା ଭଳି ବିଭିନ୍ନ ଦିଗ ଉପରେ ସ୍ଥାନୀୟ ଅଞ୍ଚଳବାସୀ ଅବଗତ କରିଥିଲେ। ଆଗାମୀ ଦିନରେ ଏ ସମସ୍ତ ଦିଗ ଉପରେ ଗୁରୁତ୍ୱ ଦିଆଯିବ ବୋଲି ପୂଜାରୀ କହିଥିଲେ। ବୈଠକରେ ବିଶ୍ରା ଅଞ୍ଚଳର ସମାଜସେବୀ, ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।

# ହକି ଖେଳାଳିଙ୍କ ମୌଳିକ ଆବଶ୍ୟକତାକୁ ଅଣଦେଖା

ରାଉରକେଲା ଅଫିସ,୩୦।୯


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ସୁନ୍ଦରଗଡ଼କୁ ହକିର ଏନ୍ତୁଡ଼ିଶାଳ କୁହାଯାଉଥିବାବେଳେ ଏଠାରେ ହକି ଖେଳାଳିଙ୍କ ମୌଳିକ ଆବଶ୍ୟତାକୁ ଅଣଦେଖା କରାଯାଉଛି। ୨୦୨୦ ମାର୍ଚ୍ଚରୁ କରୋନା କଟକଣା ଅନୁଯାୟୀ ରାଉରକେଲା ଓ ସୁନ୍ଦରଗଡ଼ ସମେତ ରାଜ୍ୟର ୧୬ଟି ଛାତ୍ର କ୍ରୀଡ଼ାବାସକୁ ବନ୍ଦ କରି କରାଯାଇଛି। ଫଳରେ କ୍ରୀଡ଼ାବିତ୍‌ମାନେ ଘରେ ରହି କ୍ରୀଡ଼ା ଅଭ୍ୟାସରୁ ବଞ୍ଚିତ ହୋଇଥିଲେ। ଜିଲାରେ ରାଜନୈତିକ ଶୋଭାଯାତ୍ରା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସମେତ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକୁ ବର୍ତ୍ତମାନ ଅନୁମତି ମିଳିଲାଣି। ସବୁକିଛି ଧୀରେ ଧୀରେ ସ୍ୱାଭାବିକ ହେଉଥିବାବେଳେ କ୍ରୀଡ଼ା ଛାତ୍ରାବାସ ଆଜିଯାଏଁ ଖୋଲିନାହିଁ। ଛାତ୍ରୀଛାତ୍ରମାନେ ଅଦ୍ୟାବଧି ଛାତ୍ରାବାସକୁ ଫେରି ପାରୁନାହାନ୍ତି। ତୁରନ୍ତ କ୍ରୀଡା ଛାତ୍ରାବାସ ଖୋଲିବା ପାଇଁ ଗୁରୁବାର ରାଉରକେଲା ସାଙ୍ଗଠନିକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାପତି ଜର୍ଜ ତିର୍କୀ ଦାବି କରିଛନ୍ତି।

ତିର୍କୀ ଆହୁରି କହିଛନ୍ତି, ହାଇସ୍କୁଲ, କଲେଜ ଖୋଲିଥିବାରୁ ଗତ ୨ମାସରୁ ଅଧିକ ସମୟ ହେବ ୯ମରୁ ଆରମ୍ଭ କରି ଉଚ୍ଚଶ୍ରେଣୀ ପିଲାଙ୍କ ପାଠପଢ଼ା ଆଉ ଅନ୍‌ଲାଇନ ମାଧ୍ୟମରେ କରାଯାଉନାହିଁ। ଫଳରେ କ୍ରୀଡ଼ା ଛାତ୍ରାବାସର ଛାତ୍ରୀଛାତ୍ରମାନେ ନିଜ ଘରେ ରହି ଏବେ ସମ୍ପୂର୍ଣ୍ଣ ଭାବେ ପାଠପଢ଼ା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ସେମାନେ ପ୍ରାୟ ଦେଢ଼ବର୍ଷ ଧରି କ୍ରୀଡ଼ା ଛାତ୍ରାବାସରୁ ଦୂରରେ ରହି କ୍ରୀଡ଼ା ଅଭ୍ୟାସରୁ ମଧ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ହକି ଖେଳାଳିମାନଙ୍କ ପ୍ରତି ଏଭଳି ଅଣଦେଖାକୁ ନେଇ ତିର୍କୀ ପ୍ରଶ୍ନ କରିଛନ୍ତି। ସେହିପରି କ୍ରୀଡ଼ା ଛାତ୍ରାବାସରେ ମୌଳିକ ସମସ୍ୟା ଲାଗି ରହିଥିବାବେଳେ ସରକାର ସେଗୁଡ଼ିକର ଉନ୍ନତୀକରଣ ପାଇଁ ଆଖି ବୁଜି ଦେଇଛନ୍ତି। କ୍ରୀଡ଼ାବାସରେ ସାଇକେଲ ଷ୍ଟାଣ୍ଡ ନାହିଁ। କ୍ରୀଡ଼ା ଅଭ୍ୟାସ କରାଯାଉଥିବା ଆଷ୍ଟ୍ରୋଟର୍ଫ ପଡ଼ିଆ ପାର୍ଶ୍ୱରେ ଟଏଲଟ ନ ଥିବାରୁ ଛାତ୍ରୀଛାତ୍ର ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଭ୍ୟାସ ସମୟରେ କୌଣସି ଛାତ୍ରୀଛାତ୍ର ଆହତ ହେଲେ ସେମାନଙ୍କ ପାଇଁ ଫିଜିଓଥେରାପି ବ୍ୟବସ୍ଥା କରାଯାଇନାହିଁ। ଗତ ପ୍ରାୟ ୮ ବର୍ଷ ଧରି ଛାତ୍ରୀଛାତ୍ରଙ୍କ ଦୈନିକ ଖାଦ୍ୟ ୧୬୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଆଜିଯାଏଁ ଏହାର କୌଣସି ବୃଦ୍ଧି ହୋଇନାହିଁ। ପାନପୋଷ କ୍ରୀଡ଼ା ଛାତ୍ରାବାସରେ ୧୫୯ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ମଞ୍ଜୁରୀ ଥିବାବେଳେ ଏବେ ମାତ୍ର ୯୦ ଜଣ ପ୍ରଶିକ୍ଷଣ ନେଇଛନ୍ତି । ଏଭଳି ଅନେକ ମୌଳିକ ସମସ୍ୟା ଲାଗି ରହିଥିବାବେଳେ ରାଜ୍ୟ ସରକାର ସେସବୁ ପ୍ରତି ଦୃଷ୍ଟି ନ ଦେଇ ନିଜର ମିଥ୍ୟା ପ୍ରଚାର କରି ଚାଲିଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏହି ସମ୍ମିଳନୀରେ ପୂର୍ବତନ ସଭାପତି ବିରେନ ସେନାପତି, ସବୀର ହୁସେନଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସେଲ୍ ହକି ଏକାଡେମୀରେ ନୂତନ କ୍ୟାଡେଟ ଚୟନ

ରାଉରକେଲା ଅଫିସ,୩୦।୯

ସେଲ୍ ହକି ଏକାଡେମୀରେ ନାମଲେଖା ପାଇଁ ୧୮ଜଣ କ୍ୟାଡେଟ ଚୟନ ହୋଇଛନ୍ତି। ଦେଶର ବିଭିନ୍ନ ଭାଗରୁ ୧୬୮ ଜଣ ହକି ପ୍ରତିଭା ଗତ ୨୨ ତାରିଖରୁ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଆୟୋଜିତ ଶିବିରରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୪ରୁ ୧୬ବର୍ଷ ବର୍ଗରେ ୧୩୮ଜଣ ଯୋଗ୍ୟ ଘୋଷିତ ହୋଇଥିଲେ। ପରବର୍ତ୍ତୀ ରାଉଣ୍ଡରେ ସେମାନଙ୍କ ମଧ୍ୟରେ ୨୨ଟି ଅଭ୍ୟାସ ମ୍ୟାଚ୍ ନିଜ ଭିତରେ ଓ ସେଲ୍ ହକି ଏକାଡେମୀ ସହିତ ଖେଳା ଯାଇଥିଲା। ସ୍କ୍ରିନିଂ ପରେ ୭୦ ଜଣ ଖେଳାଳିଙ୍କୁ ପରବର୍ତ୍ତୀ ରାଉଣ୍ଡରେ ଭାଗ ନେବା ନିମନ୍ତେ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪୫ ଜଣ ମେଧା ତାଲିକାରେ ସ୍ଥାନ ପାଇଥିଲେ। ୨୭ ଜଣ ଖେଳାଳିଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୧୮ଜଣ ମେଡିକାଲ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇ ସେଲ୍ ହକି ଏକାଡେମୀରେ ଭର୍ତ୍ତି ହେବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଆର୍‌ଏସ୍‌ପି ସେଲ୍ ହକି ଏକାଡେମୀ କେବଳ ଜାତୀୟ ସ୍ତରରେ ନୁହଁ ବରଂ ଅର୍ନ୍ତଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଦଳର ସିଲାନନ୍ଦ ଲାକ୍ରା, ନବୀନ କୁଜୁର, ଜେରୋମ ଲାକ୍ରା, ସୁଶୀଲ ଖାଲକୋ, ଆନନ୍ଦ ଲାକ୍ରା, ପଙ୍କଜ ରଜକ, ଦୀପକ କୁଲୁ, ଅଯୁବ ଏକ୍କା, ରଞ୍ଜନ ଲାକ୍ରା ଭଳି ଖେଳାଳି ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ଗୌରବ ଅର୍ଜନ କରିଛନ୍ତି।


ସେଲ୍ ହକି ଏକାଡେମୀ ପକ୍ଷରୁ ନୂତନ କ୍ରୀଡା ପ୍ରତିଭା ଚୟନ କରାଯାଉଛି।

# ନବୀକୃତ ଲାବରେଟୋରି ଉଦ୍‌ଘାଟିତ

ରାଉରକେଲା ଅଫିସ,୩୦।୯

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର କଞ୍ଚାମାଲ ପ୍ରବନ୍ଧନ ବିଭାଗରେ ନବୀକୃତ ଲାବରେଟୋରି ଗୁରୁବାର ଉଦ୍‌ଘାଟିତ ହୋଇଛି। ଗୁଣବତ୍ତା ବିଭାଗର ସିଜିଏମ୍ ଆତିଶ ଚନ୍ଦ୍ର ସରକାର, କଞ୍ଚାମାଲ ପ୍ରବନ୍ଧନ ବିଭାଗର ସିଜିଏମ୍ ଏସ୍.ଏସ୍ ରାୟ ଚୌଧୁରୀ ଲାବରେଟୋରିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆରସିଏଲ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଆର୍‌ଆଣ୍ଡସି ଲ୍ୟାବ୍‌ର ଆସିଷ୍ଟାଣ୍ଟ ମ୍ୟାନେଜର ଦୀପକ ମହାନ୍ତି ଓ ସୋମନାଥ ନାୟକଙ୍କୁ ନେଇ ଗଠିତ ଦଳ ମେଶିନ ପରିବର୍ତ୍ତନ ପୁନଃ କାର୍ଯ୍ୟ ସମ୍ପାଦନ କରିଥିଲେ। ଆରଆଣ୍ଡସି ଲ୍ୟାବ୍ ବିଭାଗର ଜିଏମ୍ ପି. କେ ମିତ୍ର ଓ ମ୍ୟାନେଜର ପ୍ରଣବ କୁମାର ଦାସଙ୍କ ସହଯୋଗରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ଏହାର ଟ୍ରାଏଲ ଟେଷ୍ଟିଂ କରାଯାଇଥିଲା ଓ ଏହା ଠିକ୍ ଭାବେ କାର୍ଯ୍ୟ କରୁଥିବା ଲକ୍ଷ୍ୟ କରାଯାଇଥିଲା ।



ଲାବରେଟୋରି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଆର୍‌ଏସ୍‌ପି କର୍ମଚାରୀ।

# ସେବା ସମର୍ପଣ ଦିବସରେ ରନ୍ଧାଖାଦ୍ୟ ବିତରଣ

ରାଉରକେଲା ଅଫିସ,୩୦।୯

ଭାଜପାର ଜିଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସେକ୍ ମୁଜାହିଦଙ୍କ ନେତୃତ୍ୱରେ ସେବା ସମର୍ପଣ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ମୋର୍ଚ୍ଚା ପକ୍ଷରୁ ବାସନ୍ତୀ କଲୋନୀ ସ୍ଥିତ ସର୍ବଭୌତିକ ଅନାଥାଶ୍ରମରେ ରନ୍ଧାଖାଦ୍ୟ ବିତରଣ କରାଯାଇଥିଲା। ଗୁରୁ ବିନ୍ଦର ସିଂ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଆଶ୍ରମରେ ୮୫ଜଣ ଅନାଥ ଶିଶୁଙ୍କ ପାଇଁ ଦଳ ପକ୍ଷରୁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ଜଗବନ୍ଧୁ ବେହେରା, ଭଗବାନ ରାଉତ, ଦୀପକ ତିୱାରୀ, ବନ୍ଦନା ପ୍ରଧାନ, ଲକ୍ଷ୍ମଣ ପରିଡ଼ା, ବିଜୟ ପାଣିଗ୍ରାହୀ, ସୋନୁ ସିଂ, ନଟବର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷ ମହେନ୍ଦ୍ର ବଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୋଭାଯାତ୍ରାରେ ନାରୀ ସୁରକ୍ଷା ବାର୍ତ୍ତା

ରାଉରକେଲା ଅଫିସ୍, ୩୦।୯

'ଆଜାଦୀ କି ଅମୃତ ମହୋତ୍ସବ' ପାଳନ ଅବସରରେ ନାରୀ ସୁରକ୍ଷାର ବାର୍ତ୍ତା ନେଇ ରାଉରକେଲା ସ୍ମାର୍ଟ ସିଟି ପକ୍ଷରୁ ବୁଧବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହିତ ସାଧାରଣ ମହିଳାମାନେ ଭାଗ ନେଇଥିଲେ। ସ୍ଥାନୀୟ କୋଏଲ ନଗରସ୍ଥିତ ଶକ୍ତି ବଜାରଠାରୁ ଏହି ଶୋଭାଯାତ୍ରା ବାହାରିଥିଲା। କାର୍ଯ୍ୟକ୍ରମରେ ରାଉରକେଲା ସ୍ମାର୍ଟ ସିଟିର ଜେନେରାଲ ମ୍ୟାନେଜର (ଅପରେଶନ) ସଞ୍ଜୟ କୁମାର ନନ୍ଦ, ମୁଖ୍ୟ ଅଧିକାରୀ (ଅର୍ଥ) ୟୁ. ପି. ସି ପାତ୍ର, ଆର୍କିଟେକ୍ଟ ସାର୍ଥକ ସୌରଭ ରଥ, ସମାଜ ବିକାଶ ଅଧିକାରୀ ବିବେକ ରାଜ, ଏମ୍‌ଆଇଏସ୍ ମ୍ୟାନେଜର ଅନୁରଞ୍ଜନ ମିଞ୍ଜ, ରାଉରକେଲା ମହାନଗର ନିଗମର ନୋଡାଲ ଗୋଷ୍ଠୀ ସଙ୍ଗଠିକା ସୌଭାଗ୍ୟବତୀ ସାହୁ, ପ୍ରୀତିଶମୟୀ ଲେଙ୍କା ଏବଂ ସିଟି ମିଶନ ମ୍ୟାନେଜର ସନ୍ତୋଷ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ଉପସ୍ଥିତ ଥିଲେ।

# କାଳିବାହାଲରେ ପ୍ରସ୍ତାବିତ ପ୍ରକଳ୍ପକୁ ବିରୋଧ

ଝାରସୁଗୁଡ଼ା ଅଫିସ,୩୦।୯


ବୈଠକରେ ଉପସ୍ଥିତ ଥିବା ୫ ଗ୍ରାମବାସୀ।

ଝାରସୁଗୁଡ଼ା ଜିଲା କୋଲାବିରା ତହସିଲର ପତ୍ରାପାଲି ଆର୍‌ଆଇ ସର୍କଲ ଅନ୍ତର୍ଗତ କାଳିବାହାଲ ଗ୍ରାମ ନିକଟରେ ୨ ପ୍ରକଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି। ଏହି ପ୍ରକଳ୍ପ ପାଇଁ ରାଜସ୍ୱ ବିଭାଗ ତରଫରୁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ କାଳିବାହାଲ ଗ୍ରାମବାସୀ ପ୍ରଥମରୁ ବିରୋଧ କରିଆସୁଛନ୍ତି। ଏହା ସତ୍ତ୍ୱେ ରାଜସ୍ୱ ବିଭାଗ ତରଫରୁ ବୁଧବାର ଜମି ଚିହ୍ନଟ ପ୍ରକ୍ରିୟା ଜାରି ରହିଥିଲା। ଗ୍ରାମବାସୀ ଏହାକୁ ବିରୋଧ କରୁଥିବାବେଳେ କମ୍ପାନୀ ସପକ୍ଷବାଦୀ ସେମାନଙ୍କୁ ଆକ୍ରମଣ କରିଥିଲେ। ଏହାର ଜବାବରେ ଉତ୍ତେଜିତ ଗ୍ରାମବାସୀ ସପକ୍ଷବାଦୀଙ୍କୁ କୁଆଡେ ମାଡ଼ ମାରିଥିଲେ। ପରେ ଉଭୟ ପକ୍ଷ ଥାନାକୁ ଆସି ସମାଧାନ ହୋଇଥିବା ଜଣାପଡିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇନାହିଁ।

କମ୍ପାନୀ ସପକ୍ଷବାଦୀ ଅସାମାଜିକ ଲୋକଙ୍କ ଦାଦାଗିରି ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି। ପ୍ରସ୍ତାବିତ ପ୍ରକଳ୍ପକୁ ଆଖପାଖ ଗ୍ରାମବାସୀ ଏକଜୁଟ୍ ହୋଇ ବିରୋଧ କରିବାପାଇଁ ଆଗେଇ ଆସିଛନ୍ତି। ଏ ନେଇ ପରମାଣପୁର ପଞ୍ଚାୟତ ରାଜୀବ ଭବନରେ ଗୁରୁବାର ଏକ ଜରୁରି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପରମାଣପୁର, କାଳିବାହାଲ, ବୁଚାମୁଣ୍ଡା, ଦପକା ଓ ପତ୍ରାପାଲି ଗ୍ରାମର ଶତାଧିକ ମହିଳାପୁରୁଷ ଯୋଗଦେଇ ପ୍ରସ୍ତାବିତ ପ୍ରକଳ୍ପକୁ ବିରୋଧ କରିଥିଲେ। ସେମାନେ ଦର୍ଶାଇଥିଲେ ପ୍ରକଳ୍ପ ନିର୍ମାଣ ହେବା ସ୍ଥଳରେ ମୂଲ୍ୟବାନ ଗଛ ରହିଛି। ଏହି ଜଙ୍ଗଲକୁ କାଳିବାହାଲ ଗ୍ରାମବାସୀ ସୁରକ୍ଷା ଦେଇଆସୁଛନ୍ତି। ଆଖପାଖ ଗ୍ରାମବାସୀ ଜାଳେଣି କାଠ, ପତ୍ର ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକରି ଚଳୁଛନ୍ତି। ଏହାକୁ ଶିଳ୍ପ ଉଦ୍ଦେଶ୍ୟରେ ଦିଆଯିବନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ୫ ଗ୍ରାମବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ସରପଞ୍ଚ ଗୁଣମଣି ପ୍ରଧାନ, ଅଜୟ କିଷାନ, ଭକ୍ତ ଚରଣ କିଷାନ, ପରକ୍ଷିତ କିଷାନ, ରାମ ବାଗ୍, ବିଦ୍ୟାଧର ବାଗ୍, ଆଦିତ୍ୟ ପ୍ରଧାନ, କାନ୍ତ ଭୁଏ, ଚତୁର୍ଭୁଜ ବାଗ୍ ପ୍ରମୁଖ ରହିଥିଲେ।

**ଜମି ଚିହ୍ନଟ ବେଳେ ଗ୍ରାମବାସୀ-କମ୍ପାନୀ ସପକ୍ଷବାଦୀ ମୁହାଁମୁହିଁ**

# ହୃତ୍‌ପିଣ୍ଡ ଦିବସରେ ନଗର ପରିକ୍ରମା

ରାଉରକେଲା ଅଫିସ,୩୦।୯

ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘ ଅଫିସ୍ ପରିସରରେ ଗୁରୁବାର ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ ହୋଇଛି। ଏହି ଅବସରରେ ସହରବାସୀଙ୍କ ପାଇଁ ହୃଦ୍‌ରୋଗ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା। ଏଥିରେ କେଆର ହସ୍ପିଟାଲର ଡାକ୍ତର ମହେନ୍ଦ୍ର ପ୍ରସାଦ ମହାନ୍ତି, ସନ୍ଦୀପ ମହାନ୍ତି, ବିକ୍ରମ ମହାପାତ୍ର ଯୋଗ ଦେଇ ରୋଗୀଙ୍କ ଚିକିତ୍ସା କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ନାଗରିକମାନେ ସୁସ୍ଥ ହୃତ୍‌ପିଣ୍ଡ ଉପରେ ବାର୍ତ୍ତା ଦେଇ ନଗର ପରିକ୍ରମା କରିଥିଲେ। ଏଥିରେ ଆର୍‌ଏସ୍‌ପିରୁ ଅଜୟ ସାହୁ ଓ ଅକ୍ଷୟ ନାୟକ ଯୋଗ ଦେଇଥିଲେ। ଶିବିରକୁ ଆସିଥିବା ବିଭିନ୍ନ ରୋଗୀଙ୍କ ରକ୍ତଚାପ, ରକ୍ତ ସର୍କରା ସହ ଆବଶ୍ୟକ ସ୍ଥଳେ ଇସିଜି ପରୀକ୍ଷା କରାଯାଇଥିଲା। ପାରାମେଡିକାଲ କର୍ମଚାରୀଙ୍କ ସହ କେଆର ହସ୍ପିଟାଲର ପ୍ରଶାସକ ଲୋକନାଥ ଦାସ, ସୌମ୍ୟ ରଞ୍ଜନ ମହାନ୍ତ, ଶକ୍ତି ପ୍ରସାଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୨୫୦ ଜଣ ହୃଦ୍‌ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅଭୟ କୁମାର ଦାସ, ବିଶୋଇ ଚନ୍ଦ୍ର ନନ୍ଦ, ସୁବାସ ଦାସ, ଇନ୍ଦ୍ରଜିତ ସିଂହ ସହଯୋଗ କରିଥିଲେ।

ନୂତନ ଭାରତବର୍ଷର ୭୫ତମ ସ୍ୱାଧୀନତାର ପୂର୍ତ୍ତି ଅବସରରେ ଯୁବଗୋଷ୍ଠୀର ଭୂମିକା



ରକ୍ତଦାନ କରନ୍ତୁ ଓ ଆତ୍ମସନ୍ତୋଷ ଲଭନ୍ତୁ
ରକ୍ତଦାତା ହେଉଛନ୍ତି ଜୀବନଦାତା
ଆସନ୍ତୁ ଆମେ ଶପଥ ନେବା, ଏଚ୍.ଆଇ.ଭି ମୁକ୍ତ ନୂତନ ଭାରତ ଗଢ଼ିବା
ବିଶୁଦ୍ଧ ରକ୍ତ ଗ୍ରହଣ କରି ନିରାପଦ ରହିବା।
ଅଧିକ ଜାଣିବା ପାଇଁ 1097ରେ ଯୋଗାଯୋଗ କରନ୍ତୁ
NACO
ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି OSACS
(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର)
ୱେବସାଇଟ - www.osacs.nic.in

DSPL - 161

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ପ୍ରତିବର୍ଷ ସାରା ଦେଶରେ ଅକ୍ଟୋବର ୧ ତାରିଖକୁ **ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ** ରୂପେ ପାଳନ କରାଯାଉଛି । ଏହି ଅବସରରେ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ଏ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଅନୁଷ୍ଠାନ ତଥା ଏଥିରେ ସଂପୃକ୍ତ ସଦସ୍ୟମାନଙ୍କୁ ସାଧୁବାଦ ଜଣାଉଛି ।

ଏ ବର୍ଷର ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଇଁ ଘୋଷିତ ସନ୍ଦର୍ଭ ହେଉଛି **"ରକ୍ତଦାନ କରନ୍ତୁ, ବିଶ୍ୱର ସ୍ପନ୍ଦନକୁ ଉଜ୍ଜୀବିତ କରନ୍ତୁ"** । ବାସ୍ତବରେ ରକ୍ତଦାନ ହିଁ ମାନବ ଓ ମାନବତାର ସ୍ପନ୍ଦନକୁ ବଞ୍ଚାଇ ରଖିପାରିବ । ଚିକିତ୍ସା କ୍ଷେତ୍ରରେ ରକ୍ତର ଆବଶ୍ୟକତା ସବୁବେଳେ ବଢ଼ିଚାଲିଛି । ରକ୍ତ ଅମୂଲ୍ୟ ଏବଂ ରକ୍ତଦାନ ମାନବୀୟ ପୁଣ୍ୟର ସର୍ବଶ୍ରେଷ୍ଠ ନିଦର୍ଶନ । ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଜନ ସଚେତନତା ଜରୁରୀ । ସ୍ୱେଚ୍ଛାକୃତ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହିତ ରକ୍ତ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ନୂତନ ଜୀବନ ଦାନ କରିବା ଏକ ପବିତ୍ର କାର୍ଯ୍ୟ ।

ଆସନ୍ତୁ, ବର୍ତ୍ତମାନ ଏହି କରୋନା ମହାମାରୀ ସମୟରେ ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତ ଆବଶ୍ୟକ କରୁଥିବା ରୋଗୀମାନଙ୍କ ଦୁର୍ଲଭ ଜୀବନ ବଞ୍ଚାଇବା ପାଇଁ ଆଜିର ଏହି ପୁଣ୍ୟ ଦିବସରେ ଆମେ ସଂକଳ୍ପ ନେବା ।

(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବାର୍ତ୍ତା



"ରକ୍ତଦାନ ମହତ ଦାନ" । ସ୍ୱେଚ୍ଛାକୃତ ରକ୍ତଦାତାମାନେ ରକ୍ତଦାନ କରି ବହୁମୂଲ୍ୟ ଜୀବନ ବଞ୍ଚାଇବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଥାନ୍ତି । ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଅଧିକରୁ ଅଧିକ ଅନୁପ୍ରାଣିତ କରିବା ତଥା ରକ୍ତଦାନ ଶିବିର ଆୟୋଜକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ବର୍ଷ ଅକ୍ଟୋବର ପହିଲା ଦିନଟିକୁ **ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ** ରୂପେ ପାଳନ କରାଯାଉଅଛି ।

ରକ୍ତର କୌଣସି ବିକଳ୍ପ ନାହିଁ । ତେଣୁ ଆସନ୍ତୁ, ଆମେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହିତ ରକ୍ତ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ନୂଆ ଜୀବନ ଦାନ କରିବା । ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ନିୟମିତ ବ୍ୟବଧାନରେ ରକ୍ତଦାନ କେନ୍ଦ୍ର କିମ୍ବା ରକ୍ତଦାନ ଶିବିରରେ ରକ୍ତଦାନ କରିବା ସହିତ ଅନ୍ୟମାନଙ୍କୁ ନିୟମିତ ରକ୍ତଦାନ କରାଇବା ପାଇଁ ପ୍ରବର୍ତ୍ତାଇବା ଏବଂ ଏ ବର୍ଷର ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ପାଇଁ ଘୋଷିତ ସନ୍ଦର୍ଭ **'ରକ୍ତଦାନ କରନ୍ତୁ, ବିଶ୍ୱର ସ୍ପନ୍ଦନକୁ ଉଜ୍ଜୀବିତ ରଖନ୍ତୁ'** ମର୍ମଟିକୁ ସାର୍ଥକ କରାଇବା ।

ଆଜିର ଦିନରେ ମୁଁ ସ୍ୱେଚ୍ଛାକୃତ ରକ୍ତଦାତା, ସ୍ୱେଚ୍ଛାକୃତ ରକ୍ତ ସଂଗ୍ରହ କରୁଥିବା ଅନୁଷ୍ଠାନ ତଥା ଯୁବଗୋଷ୍ଠୀଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇବା ସହିତ ଆମର ଆବଶ୍ୟକ ପଡୁଥିବା ରକ୍ତର ଚାହିଦା ପୂରଣ କରିବା ଦିଗରେ ଆନ୍ତରିକ ସହଯୋଗ ପାଇଁ ନିବେଦନ କରୁଛି ।

(ନବ କିଶୋର ଦାସ)
ମାନ୍ୟବର ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା

OIPR-10080/13/0003/2122

Azadi Ka Amrit Mahotsav

मि.सं. / F. No. 11/01/2021 - Rectt.
दिनांक / Dated the 24th September, 2021

भारत सरकार
कर्मचारी चयन आयोग (पूर्वी क्षेत्र)
कार्मिक, लोक शिकायत और पेंशन मंत्रालय,
निज़ाम पैलेस, प्रथम एम.एस.ओ. भवन (8वां तल)
234/4, ए.जे.सी. बोस रोड, कोलकाता- 700 020

Government of India
Staff Selection Commission (ER)
Ministry of Personnel, Public Grievances & Pensions,
Nizam Palace, 1st M. S. O. Building (8th Floor)
234/4, A.J.C. Bose Road, Kolkata - 700 020

अल्प सूचना / SHORT NOTICE

विज्ञापन संख्या **''फेज IX/2021/चयन पद''** के अंतर्गत दिनांक **24.09.2021** से **25.10.2021** तक (**23:30 घंटे** तक) कर्मचारी चयन आयोग (पूर्वी क्षेत्र) द्वारा **https://ssc.nic.in** के माध्यम से **28** विभिन्न प्रवर्गों के चयन पदों के अंतर्गत **747** रिक्तियों को भरने के लिए योग्य उम्मीदवारों से ऑनलाइन आवेदन आमंत्रित की जा रही है।

2. उपरोक्त भर्ती से संबन्धित विस्तृत जानकारी विज्ञापन संख्या **''फेज IX/2021/चयन पद''** की सूचना में दी गयी है जो दिनांक **24.09.2021** से केवल कर्मचारी चयन आयोग (पू.क्षे) की वैबसाइट **www.sscer.org/** कर्मचारी चयन आयोग मुख्यालय की वैबसाइट **https://ssc.nic.in** आयोग के अन्य क्षेत्रीय कार्यालय की वैबसाइटों पर उपलब्ध है।

Online applications are being invited through **https://ssc.nic.in** by the Staff Selection Commission (Eastern Region) from the eligible candidates for filling up of total number of **747** vacancies for **28** various categories of Selection Posts under Advertisement Notice No. **"Phase IX/2021/Selection Posts"** which would remain effective from **24.09.2021 to 25.10.2021 (upto 23:30 P.M.).**

2. The detailed information in regard to above recruitment is provided in the Notice of Advertisement No. **"Phase IX/2021/Selection Posts"** available on the website of the Staff Selection Commission (ER) i.e. **www.sscer.org** & website of the Staff Selection Commission (Hqrs) i.e. **https://ssc.nic.in** & websites of all the other Regional offices of the Commission w.e.f. **24.09.2021**.

आदेशानुसार / By Order
क्षेत्रीय निर्देशक (पूर्वी क्षेत्र) / Regional Director (ER)
कर्मचारी चयन आयोग (पूर्वी क्षेत्र) / Staff Selection Commission (ER)



ଇଟାଲୀର ମିଲାନ୍‌ରେ ଆୟୋଜିତ ୟୁଥ୍ କ୍ଲାଇମେଟ୍ ପ୍ରି-ସିଓପି୨୬ ସମ୍ମିଳନୀରେ ସ୍ୱିଡେନର ଜଳବାୟୁ ପରିବର୍ତ୍ତନ କର୍ମୀ ଗ୍ରେଟା ଥନ୍‌ବର୍ଗ ଯୋଗଦେଇଛନ୍ତି। ଏହି ଅବସରରେ ସେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ ଜନସନଙ୍କ ସମେତ ବିଶ୍ୱ ନେତାଙ୍କୁ ଜଳବାୟୁ ସଙ୍କଟ ପାଇଁ ଦାୟୀ କରିଛନ୍ତି।



## ସଂକ୍ଷେପରେ

### ଜେଲରେ ସଂଘର୍ଷ: ୧୧୬ ମୃତ

**କ୍ୟୁଟୋ, ୩୦।୯:** ଇକ୍ୟୁଏଡରର ଗୁୟୋକ୍ୱିଲ ଜେଲରେ ବନ୍ଦୀ ଥିବା କଏଦୀଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷ ହୋଇଛି। ଏଥିରେ ଅତିକମ୍‌ରେ ୧୧୬ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୫ ଜଣଙ୍କ ମୁଣ୍ଡ କଟିଯାଇଛି। ଇକ୍ୟୁଏଡର ଇତିହାସରେ ଏଭଳି ଗଣହତ୍ୟାକାଣ୍ଡ ପ୍ରଥମ ଘଟଣା ବୋଲି କୁହାଯାଉଛି। ଘଟଣାରେ ଆହୁରି ୮୦ ଜଣ ଆହତ ହୋଇଛନ୍ତି। ଏ ନେଇ ରାଷ୍ଟ୍ରପତି ଗୁଇଲେର୍ମୋ ଲାସୋ ଜେଲରେ ଜରୁରିକାଳୀନ ସ୍ଥିତି ଘୋଷଣା କରିବା ସହ ସେଠାରେ ସେନା ଓ ଅନ୍ୟ ସୁରକ୍ଷାବଳ ନିୟୋଜନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ରକ୍ତପାତ ପାଇଁ ଅନ୍ତର୍ଜାତୀୟ ଡ୍ରଗ୍ସ କାରବାର ସହ ଜଡିତ ଗ୍ୟାଙ୍ଗକୁ ସ୍ଥାନୀୟ ଅଧିକାରୀମାନେ ଦାୟୀ କରିଛନ୍ତି। ଜେଲରେ ଯାହା ଘଟିଥିଲା ତାହା ବେଶ୍ ଦୁଃଖଦାୟକ। ଆପରାଧିକ ଗ୍ୟାଙ୍ଗଗୁଡ଼ିକ ନିଜ ପ୍ରାଦୁର୍ଭାବ ବିସ୍ତାର କରିବାକୁ ଜେଲକୁ ଯୁଦ୍ଧକ୍ଷେତ୍ରରେ ପରିଣତ କରିଛନ୍ତି। ସେଠାରେ ସ୍ଥିତି ସ୍ୱାଭାବିକ କରିବା ସହ ହିଂସା ଅନ୍ୟ ଜେଲକୁ ଯେପରି ନ ବ୍ୟାପେ ସେ ଦିଗରେ ଦୃଢ଼ ପଦକ୍ଷେପ ନିଆଯାଉଛି ବୋଲି ଲାସୋ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ୨୯ ଡାକ୍ତରୀ ଛାତ୍ରଙ୍କୁ କରୋନା

**ମୁମ୍ବାଇ, ୩୦।୯:** ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ ପରିଚାଳିତ ପାରେଲସ୍ଥିତ କେଇଏମ୍ ହସ୍ପିଟାଲର ୨୯ ଜଣ ଡାକ୍ତରୀ ଛାତ୍ରୀଛାତ୍ର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ ଏମ୍‌ବିବିଏସ୍ ପ୍ରଥମ ବର୍ଷ ଓ ୨୩ ଜଣ ଦ୍ୱିତୀୟ ବର୍ଷ ଶିକ୍ଷାର୍ଥୀ ହୋଇଥିବାବେଳେ ୨୭ ଜଣ କୋଭିଡ୍ ଟିକାର ଉଭୟ ଡୋଜ୍ ନେଇଛନ୍ତି। ୨ ଜଣଙ୍କୁ ଅନ୍ଧେରୀସ୍ଥିତ ସେଭେନ୍‌ହିଲ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟମାନେ କ୍ୱାରାଣ୍ଟାଇନରେ ଅଛନ୍ତି। କଲେଜରେ ଅନୁଷ୍ଠିତ ସାଂସ୍କୃତିକ ଓ କ୍ରୀଡ଼ା ଉତ୍ସବ ଯୋଗୁ ସେମାନେ ସଂକ୍ରମିତ ହୋଇଥାଇପାରନ୍ତି ବୋଲି କୁହାଯାଉଛି।

### ବାୟୁସେନା ଅଧିକାରୀଙ୍କ ବଳାତ୍କାର ମାମଲା: ବିଭାଗୀୟ ତଦନ୍ତ ହେବ

**ନୂଆଦିଲ୍ଲୀ, ୩୦।୯:** କୋଏମ୍ବାଟୁରରେ ଜଣେ ବାୟୁସେନା ଅଧିକାରୀ ତାଙ୍କ ମହିଳା ସହକର୍ମୀଙ୍କୁ ବଳାତ୍କାର କରିବା ମାମଲାର ତଦନ୍ତ ଦାୟିତ୍ୱ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ମହିଳା ଅଫିସରଙ୍କ ଏତଲା କ୍ରମେ ଅଭିଯୁକ୍ତ ବାୟୁସେନା ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟଙ୍କୁ କୋଏମ୍ବାଟୁର୍‌ର ମହିଳା ଥାନା ପୋଲିସ ଗିରଫ କରିଛି। କୋଏମ୍ବାଟୁରସ୍ଥିତ ବାୟୁସେନା ଶିକ୍ଷାନୁଷ୍ଠାନରେ ପ୍ରଶିକ୍ଷଣ ଚାଲିଥିବାବେଳେ ତାଙ୍କୁ ବଳାତ୍କାର କରାଯାଇଥିବା ମହିଳା ଅଫିସର ଜଣକ ଅଭିଯୋଗ ଆଣିଥିଲେ। ସୁପ୍ରିମକୋର୍ଟ ନିଷିଦ୍ଧ କରିଥିବା ସତ୍ତ୍ୱେ ତାଙ୍କର ଡାକ୍ତରୀ ମାଇନା କରାଯାଇଥିବା ମହିଳା ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗ ଅନୁଯାୟୀ ଗତ ୧୦ ତାରିଖ ରାତିରେ ମହିଳା ଅଫିସର ଜଣକ ତାଙ୍କର କେତେଜଣ ସାଙ୍ଗଙ୍କ ସହ ମଦ୍ୟପାନ କରିଥିଲେ। ସେ ଅର୍ଦ୍ଧଚେତନ ଅବସ୍ଥାରେ ଥିବାବେଳେ ଅଭିଯୁକ୍ତ ତାଙ୍କ ରୁମ୍‌ରେ ପ୍ରବେଶ କରି ବଳାତ୍କାର କରିଥିଲେ। ଗତ ୨୬ ତାରିଖରେ ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ଅମିତେଶ ହର୍ଷମୁଖଙ୍କୁ ଗିରଫ କରାଯାଇଛି।

### କନ୍ନଡ଼ ଅଭିନେତ୍ରୀଙ୍କ ଆତ୍ମହତ୍ୟା



**ବେଙ୍ଗାଲୁରୁ, ୩୦।୯:** କନ୍ନଡ଼ ଟେଲିଭିଜନ ଅଭିନେତ୍ରୀ ସୌଜନ୍ୟା ଆତ୍ମହତ୍ୟା କରିଛନ୍ତି। ରବିବାର ସକାଳେ ବେଙ୍ଗାଲୁରୁର କୁମ୍ବାଲଗୋଡୁସ୍ଥିତ ଆପାର୍ଟମେଣ୍ଟରୁ ୨୫ ବର୍ଷୀୟା ଅଭିନେତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ଏଥିସହିତ ପୋଲିସ ୩ ପୃଷ୍ଠାର ଏକ ସୁଇସାଇଡ୍ ନୋଟ ପାଇଛି। ସୌଜନ୍ୟା ଅଳ୍ପ କେତୋଟି ଚଳଚ୍ଚିତ୍ର ସମେତ ଅନେକ ଟିଭି ସିରିଏଲ୍‌ରେ ଅଭିନୟ କରିଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଏବଂ ଟେଲିଭିଜନ ଶିଳ୍ପର କେତେକ ଘଟଣାକୁ ନେଇ ସେ ଚିନ୍ତିତ ଥିଲେ ବୋଲି ସୌଜନ୍ୟାଙ୍କ କେତେଜଣ ଘନିଷ୍ଠ କହିଛନ୍ତି। ଚରମ ପଦକ୍ଷେପ ନେଉଥିବାରୁ ସେ ସୁଇସାଇଡ୍ ନୋଟ୍‌ରେ ତାଙ୍କ ମାତାପିତାଙ୍କୁ ବାରମ୍ବାର କ୍ଷମା ମାଗିଛନ୍ତି। ପୋଲିସ ମାମଲା ରୁଜୁ କରି ଆତ୍ମହତ୍ୟାର କାରଣ ଜାଣିବା ପାଇଁ ତଦନ୍ତ ଚଳାଇଛି।

# ଆଇନ କାର୍ଯ୍ୟକାରୀ ସରକାରଙ୍କ କାମ

■ ସବୁଦିନ ରାସ୍ତା ଅବରୋଧ କରାଯାଇପାରିବ ନାହିଁ

■ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ଅବରୋଧ ହଟାଇବା ପାଇ କ'ଣ ପଦକ୍ଷେପ ନେଇଛ



**ନୂଆଦିଲ୍ଲୀ, ୩୦।୯**

ସବୁଦିନ ପାଇଁ ରାସ୍ତାକୁ ଅବରୋଧ କରି ରଖାଯାଇପାରିବ ନାହିଁ। କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରି ଦୀର୍ଘଦିନ ହେଲା ଚାଷୀମାନେ ଦିଲ୍ଲୀ ସୀମାରେ ରାସ୍ତା ଅବରୋଧ କରି ରଖିଛନ୍ତି। ସେମାନଙ୍କୁ ହଟାଇବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ଜଣାଇବାକୁ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ଆଇନକୁ କାର୍ଯ୍ୟକାରୀ କରିବା ସରକାରଙ୍କ କାର୍ଯ୍ୟ। ଅଦାଲତ ଆଇନକୁ କାର୍ଯ୍ୟକାରୀ କରିପାରିବେ ନାହିଁ ବୋଲି ଜଷ୍ଟିସ୍ ସଞ୍ଜୟ କିଷନ କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଦିଲ୍ଲୀ-ଉତ୍ତରପ୍ରଦେଶ ସୀମାନ୍ତ ରାସ୍ତାକୁ ଅବରୋଧ ମୁକ୍ତ କରିବା ଲାଗି ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ଏଥିରେ କୃଷକ ସଂଗଠନଗୁଡ଼ିକୁ ପକ୍ଷଭୁକ୍ତ କରି ଆନୁଷ୍ଠାନିକ ଆବେଦନ କରିବା ଲାଗି କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି।

ସମସ୍ୟା ସମାଧାନ ନ୍ୟାୟିକ ଫୋରମରେ, ଆନ୍ଦୋଳନ ଜରିଆରେ କିମ୍ବା ପାର୍ଲାମେଣ୍ଟରେ ବିତର୍କ ମାଧ୍ୟମରେ ହୋଇପାରିବ। ଜାତୀୟ ରାଜପଥକୁ ସ୍ଥାୟୀ ଭାବେ ଅବରୋଧ କରାଯିବ କିପରି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। କୃଷି ଆଇନ ପ୍ରତ୍ୟାହାର ଦାବିରେ ଗତବର୍ଷ ନଭେମ୍ବର ୨୬ରୁ ଚାଷୀମାନେ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ବିଭିନ୍ନ ରାସ୍ତା ଅବରୋଧ ହୋଇଛି। ପୂର୍ବରୁ ଦିଲ୍ଲୀରେ ପହଞ୍ଚିବାକୁ ୨୦ ମିନିଟ ଲାଗୁଥିବାବେଳେ ଏବେ ଦିଲ୍ଲୀ ସୀମା-ୟୁପି ରାସ୍ତା ଅବରୋଧ ଯୋଗୁ ଦୁଇଘଣ୍ଟାରୁ ଅଧିକ ସମୟ ଲାଗୁଛି । ଆନ୍ଦୋଳନ ଚାଲିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ରାସ୍ତା ଅବରୋଧ ହଟାଇବା ଲାଗି ନୋଏଡ଼ାର ମୋନିକା ଅଗ୍ରୱାଲ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଖଣ୍ଡପୀଠ ପିଟିଶନର ଶୁଣାଣି କରି ଏହି ଘଟଣାରେ ସରକାର କ'ଣ କରୁଛନ୍ତି ବୋଲି ଅତିରିକ୍ତ ସଲିସିଟର ଜେନେରାଲ କେ.ଏମ୍. ନଟରାଜଙ୍କୁ ପ୍ରଶ୍ନ କରିଥିଲେ। ଆନ୍ଦୋଳନକାରୀ ଚାଷୀମାନଙ୍କ ବୈଠକ ଡକାଯାଇଥିଲା। ଏ ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରାଯାଇଥିବା ନଟରାଜ ଖଣ୍ଡପୀଠଙ୍କୁ ଜଣାଇଥିଲେ।

ଆଇନକୁ କାର୍ଯ୍ୟକାରୀ କରିବା କାର୍ଯ୍ୟପାଳିକାର ଦାୟିତ୍ୱ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟଙ୍କ କଥାରେ ସହମତ ହୋଇଥିଲେ। ସମସ୍ୟା ସମାଧାନ ପାଇଁ ଏକ ଉଚ୍ଚସ୍ତରୀୟ ୩ ଜଣିଆ କମିଟି ଗଢ଼ାଯାଇଛି। ତେବେ ଚାଷୀ ପ୍ରତିନିଧିମାନେ ଆଲୋଚନାରେ ଯୋଗଦେବାକୁ ମନା କରିଦେଇଛନ୍ତି। ତେଣୁ ଆବେଦନକାରୀ ଚାଷୀ ସଂଗଠନଗୁଡ଼ିକୁ ପକ୍ଷଭୁକ୍ତ କରିବା ପାଇଁ କୋର୍ଟ ଅନୁମତି ଦିଅନ୍ତୁ ବୋଲି ମେହେଟ୍ଟା କହିଥିଲେ। ଆବେଦନକାରୀ ଜଣେ ଘରୋଇ ବ୍ୟକ୍ତି ହୋଇଥିବାରୁ ଚାଷୀମାନଙ୍କ ନେତା କିଏ ସେ ଜାଣି ନ ଥାଇପାରନ୍ତି। ତେଣୁ ମେହେଟ୍ଟା ନିଜେ ଚାଷୀମାନଙ୍କ ପ୍ରତିନିଧିଙ୍କୁ ପକ୍ଷଭୁକ୍ତ କରି ଆବେଦନ କରିବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଆବେଦନ କରିବେ ବୋଲି ମେହେଟ୍ଟା କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୪କୁ ଧାର୍ଯ୍ୟ ହୋଇଛି।

ସୂଚନାଯୋଗ୍ୟ ଚାଷୀ ଆନ୍ଦୋଳନ ଯୋଗୁ ଜାତୀୟ ରାଜଧାନୀ ସୀମାରେ ରାସ୍ତା ଅବରୋଧ ହୋଇ ରହିଛି। କେନ୍ଦ୍ର ସରକାର ଏବଂ ଦିଲ୍ଲୀର ପଡୋଶୀ ରାଜ୍ୟଗୁଡ଼ିକ ଏକାଠି ସମାଧାନର ସୂତ୍ର ବାହାର କରିବା ଲାଗି ପୂର୍ବରୁ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଥିଲେ। ଯଦିଓ ଚାଷୀମାନଙ୍କର ଆନ୍ଦୋଳନ କରିବା ଅଧିକାର ଅଛି, ସେମାନେ ଏଥିପାଇଁ ଉଦ୍ଦିଷ୍ଟ ସ୍ଥାନରେ ବସିବା ଆବଶ୍ୟକ। ସେମାନେ ଗାଡ଼ିମୋଟର ଚଳାଚଳ ବ୍ୟାହତ କରିପାରିବେ ନାହିଁ। ସରକାର କ'ଣ ପାଇଁ ଏହାର ସମାଧାନ ସୂତ୍ର ବାହାର କରିପାରୁ ନାହାନ୍ତି ବୋଲି ଅଦାଲତ କେନ୍ଦ୍ରକୁ ପ୍ରଶ୍ନ କରିଥିଲେ।

## ସାର୍କୋଜି ଦୋଷୀ ସାବ୍ୟସ୍ତ

### ନିର୍ବାଚନରେ ବେଆଇନ ଅର୍ଥ ଖର୍ଚ୍ଚ



ନିକୋଲାସ୍ ସାର୍କୋଜି

**ପ୍ୟାରିସ୍, ୩୦।୯**

ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ନିକୋଲାସ୍ ସାର୍କୋଜି ୨୦୧୨ ନିର୍ବାଚନରେ ବେଆଇନ ଭାବେ ବିପୁଳ ଅର୍ଥ ଖର୍ଚ୍ଚ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଫ୍ରାନ୍ସର ଏକ କୋର୍ଟ ଗୁରୁବାର ତାଙ୍କୁ ବର୍ଷେ ଗୃହବନ୍ଦୀ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘରେ ସେ ସର୍ବଦା ଏକ ଇଲେକ୍ଟ୍ରିକ୍ ମନିଟରିଂ ବ୍ରେସ୍‌ଲେଟ୍ ଲଗାଇବେ ବୋଲି କୋର୍ଟ କହିଛନ୍ତି। ସାର୍କୋଜି ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ରାଷ୍ଟ୍ରପତି ରହିଥିଲେ। ୨୦୧୨ ନିର୍ବାଚନ ପୂର୍ବରୁ ସେ କ୍ୟାମ୍ପେନିଂରେ ବିପୁଳ ଅର୍ଥ ଖର୍ଚ୍ଚ କରିଥିଲେ। ସର୍ବାଧିକ ସୀମା ରାଶି ଖର୍ଚ୍ଚ ପରେ ତାଙ୍କ ଆକାଉଣ୍ଟାଣ୍ଟ ଏ ନେଇ ସାର୍କୋଜିଙ୍କୁ ଅବଗତ କରାଇଥିଲେ ହେଁ ସେ ତାହାକୁ ଖାତିର କରି ନ ଥିଲେ। ଆଇନ ଅନୁଯାୟୀ ସେ ୨୨.୫ ମିଲିୟନ ୟୁରୋ(ପ୍ରାୟ ୨.୭୫ କୋଟି ଡଲାର) ବଦଳରେ ଏହାର ଦ୍ୱିଗୁଣ ଅର୍ଥ ଖର୍ଚ୍ଚ କରିଥିଲେ। ହେଲେ ତାଙ୍କୁ ସୋସିଆଲିଷ୍ଟ ନେତା ଫ୍ରାଙ୍କୋଇସ ହଲାଣ୍ଡେ ପରାସ୍ତ କରିଥିଲେ। ଦଣ୍ଡବିଧାନବେଳେ ସାର୍କୋଜି କୋର୍ଟରେ ଉପସ୍ଥିତ ନ ଥିଲେ। କୌଣସି ଭୁଲ କରି ନ ଥିବା କହିବା ସହ କୋର୍ଟଙ୍କ ଏହି ରାୟ ବିରୋଧରେ ସେ ଅପିଲ କରିବେ ବୋଲି ଜଣାପଡ଼ିଛି।

## ଦାୟିତ୍ୱ ନେଲେ ଭି.ଆର୍. ଚୌଧରୀ



**ନୂଆଦିଲ୍ଲୀ, ୩୦।୯**

ଭାରତୀୟ ବାୟୁସେନା (ଆଇଏଏଫ୍) ମୁଖ୍ୟ ଭାବେ ଏୟାର ଚିଫ୍ ମାର୍ଶାଲ ବିବେକ ରାମ ଚୌଧରୀ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏୟାର ଚିଫ୍ ମାର୍ଶାଲ ଥିବା ଆର୍.କେ.ଏସ୍. ଭଦୌରିଆଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ଚୌଧରୀଙ୍କୁ ତାଙ୍କର ଉତ୍ତରାଧିକାରୀ ଚୟନ କରାଯାଇଥିଲା। ଗୁରୁବାର ଭଦୌରିଆ ବାୟୁସେନା ମୁଖ୍ୟ ପଦରୁ ଅବସର ନେଇଛନ୍ତି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୩୬ଟି ରାଫାଲ ଯୁଦ୍ଧବିମାନ କିଣାଯିବା ଲାଗି ଚୁକ୍ତିନାମା ଏବଂ ୮୩ଟି ମାର୍କ୧ଏ ସ୍ୱଦେଶୀ ତେଜସ ଜେଟ୍ ଚୁକ୍ତିନାମା ହୋଇଥିଲା। ଆଫଗାନିସ୍ତାନରେ ଅସ୍ଥିରତା ଏବଂ ଚାଇନା ସହ ସୀମାକୁ ନେଇ ବିବାଦ ବଢୁଥିବାବେଳେ ଚୌଧରୀ ବାୟୁସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବାୟୁସେନାରେ ସାମିଲ ହେବାକୁ ଥିବା ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ୍ ସହିତ ଲଢୁଆ ବିମାନଗୁଡ଼ିକର ଆଧୁନିକୀକରଣ ଦାୟିତ୍ୱ ମଧ୍ୟ ତାଙ୍କ ଉପରେ ରହିବ।



ଶିମ୍‌ଲାର କଚ୍ଛିଘାଟରେ ଗୁରୁବାର କୋଠା ଭୁଶୁଡ଼ିବା ବେଳର ଦୃଶ୍ୟ।

## ୮ ମହଲା କୋଠା ଧରାଶାୟୀ

**ଶିମ୍‌ଲା, ୩୦।୯**

ହିମାଚଳ ପ୍ରଦେଶରେ ଲଗାଣ ବର୍ଷା ଯୋଗୁ ରାଜଧାନୀ ଶିମ୍‌ଲାରେ ଗୁରୁବାର ଏକ ୮ ମହଲା କୋଠା ଭୁଶୁଡ଼ିପଡ଼ିଛି। କଚ୍ଛିଘାଟ ଅଞ୍ଚଳରେ ଥିବା ଏହି କୋଠା ଧରାଶାୟୀ ହେବା ଆଶଙ୍କା କରି ୧୫ ଦିନ ପୂର୍ବରୁ ସ୍ଥାନୀୟ ପ୍ରଶାସନ ବାସିନ୍ଦାମାନଙ୍କୁ ସୁରକ୍ଷିତ ଭାବେ ବାହାରି ଯିବାକୁ ନିର୍ଦ୍ଦେଶ ଦେଇଥିଲା। ଫଳରେ ଏକ ବଡ଼ଧରଣର ବିପଦକୁ ଟାଳି ଦିଆଯାଇଛି। ସୌଭାଗ୍ୟକ୍ରମେ ଏଥିରେ କେହି ମୃତାହତ ହୋଇନାହାନ୍ତି। ବର୍ଷାଜନିତ ଭୂସ୍ଖଳନ ଆଶଙ୍କା ଲାଗି ରହିଥିବାବେଳେ ଶିମ୍‌ଲା ସହରରେ ଏବେ ମଧ୍ୟ ୫ରୁ ୧୨ ମହଲା ବିଶିଷ୍ଟ ଅନେକ କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଛି।

## ସ୍ତନ୍ୟପାନ କରାଇବା ମା'ଙ୍କ ଅପରିହାର୍ଯ୍ୟ ଅଧିକାର: ହାଇକୋର୍ଟ

**ବେଙ୍ଗାଲୁରୁ, ୩୦।୯(ପି.ଟି.)**

ଶିଶୁକୁ ସ୍ତନ୍ୟପାନ କରାଇବା ଜଣେ ମାଆଙ୍କର ଅପରିହାର୍ଯ୍ୟ ଅଧିକାର ବୋଲି କର୍ନାଟକ ହାଇକୋର୍ଟ କହିଛନ୍ତି। ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଅଧୀନରେ ଏହା ଆସୁଥିବା ଜଷ୍ଟିସ୍ କ୍ରିଷ୍ଣା ଏସ୍ ଦୀକ୍ଷିତଙ୍କ ଜଣିକିଆ ଖଣ୍ଡପୀଠ କହିଛନ୍ତି। ହୁସ୍ନା ବାନୁ ନାମ୍ନୀ ମହିଳାଙ୍କ ଜନ୍ମିତ ସନ୍ତାନକୁ ବେଙ୍ଗାଲୁରୁସ୍ଥିତ ଏକ ମାର୍ଟର୍ନିଟି ହସ୍ପିଟାଲରୁ ଚୋରି କରି କୋପାଲ ଜିଲାର ସନ୍ତାନହୀନ ଅନୁପମା ଦେଶାଇଙ୍କୁ ବିକ୍ରି କରାଯାଇଥିଲା। ଉକ୍ତ ସନ୍ତାନକୁ ଫେରିପାଇବା ପାଇଁ ହୁସ୍ନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସ୍ତନ୍ୟପାନ କରିବା ଦୁଗ୍ଧପୋଷ୍ୟ ଶିଶୁର ଅଧିକାର ଏବଂ ଏହା ମାଆର ଅଧିକାର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବିନା ଦୋଷରେ ଶିଶୁଟିକୁ ତା'ର ମାଆଙ୍କଠାରୁ ସ୍ତନ୍ୟପାନ କରିବାରୁ ବଞ୍ଚିତ କରାଯାଇଛି। ଏଭଳି ଘଟଣା ସଭ୍ୟ ସମାଜରେ ଘଟିବା ଉଚିତ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ।

## ପୂର୍ବତନ ପୋଲିସ ଅଧିକାରୀଙ୍କୁ ଆଜୀବନ ଜେଲ

### ବଳାତ୍କାର, ହତ୍ୟା ମାମଲା



ୱେନେ କୋଜେନ୍ସ



ସାରା

**ଲଣ୍ଡନ, ୩୦।୯**

ଡ୍ୟୁଟିରେ ଥିବାବେଳେ ପୋଲିସ କ୍ଷମତାର ଅପବ୍ୟବହାର କରି ଜଣେ ୩୩ ବର୍ଷୀୟା ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍‌ଙ୍କୁ ଗିରଫ ବାହାନାରେ ଉଠାଇନେବା ଏବଂ ବଳାତ୍କାର ପରେ ତାଙ୍କୁ ବୀଭତ୍ସ ଭାବେ ହତ୍ୟା କରିଥିବା ଲଣ୍ଡନର ଜଣେ ପୂର୍ବତନ ପୋଲିସ ଅଧିକାରୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହୋଇଛି। ଲଣ୍ଡନର ଓଲ୍ଡ ବେଲିସ୍ଥିତ ସେଣ୍ଟ୍ରାଲ କ୍ରିମିନାଲ କୋର୍ଟରେ ୨ ଦିନ ଧରି ମାମଲାର ଶୁଣାଣି ହେବା ପରେ ଜଜ୍ ଗୁରୁବାର ତାଙ୍କୁ ଏପରି ଦଣ୍ଡରେ ଦଣ୍ଡିତ କରିଛନ୍ତି।

ଗତ ମାର୍ଚ୍ଚ ୩ ସନ୍ଧ୍ୟାରେ କ୍ଲାପ୍‌ହାମ୍ କମନ୍‌ସ୍ଥିତ ଜଣେ ବନ୍ଧୁଙ୍କ ଘରୁ ସାରା ନିଜ ଘରକୁ ଫେରୁଥିବାବେଳେ ତତ୍କାଳୀନ ମେଟ୍ରୋପଲିଟାନ୍ ପୋଲିସ ଅଫିସର ୱେନେ କୋଜେନ୍ସ (୪୮) କୋଭିଡ୍ କଟକଣା ଉଲ୍ଲଘଂନ କରିଥିବା ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ଗିରଫ କରିଥିଲେ। ପୋଲିସ କ୍ଷମତାର ଅପବ୍ୟହାର କରି ତାଙ୍କୁ ଅପହରଣ କରିନେଇଥିଲେ। କୋଜେନ୍ସ ସାରାଙ୍କୁ ବଳାତ୍କାର କରିବା ପରେ ହତ୍ୟା କରି ମୃତଦେହରେ ନିଆଁ ଲଗାଇ ଦେଇଥିଲେ। ଏହାକୁ ନେଇ ସାରା ଦେଶରେ ପୋଲିସ ବିରୋଧରେ ସ୍ୱର ବ୍ୟାପକ ହେବା ସହ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ବ୍ରିଟେନରେ ମହିଳା ବିରୋଧୀ ହିଂସା ସେତେବେଳେ ଜାତୀୟ ବିତର୍କର ବିଷୟ ପାଲଟିଥିଲା। ସେହି ସମୟରେ ଅହିଂସା ଉପାୟରେ ବିକ୍ଷୋଭ କରୁଥିବା ବିକ୍ଷୋଭକାରୀଙ୍କୁ ଦମନ କରିବା ପାଇଁ ଏକ ବିଲ୍ ଆଗତ ହୋଇଥିଲା। 'କିଲ୍ ଦି ବିଲ୍' ନାରାରେ ଲୋକେ ଏପରି ନିୟମକୁ ବିରୋଧ କରିବା ସହ ସାରାଙ୍କ ପାଇଁ ନ୍ୟାୟ ଦାବି କରିଥିଲେ। ମାର୍ଚ୍ଚ ୧୦ରେ ସାରାଙ୍କ ମୃତଦେହର ଅବଶେଷ କେଣ୍ଟର ଆଶଫୋର୍ଡ ନିକଟସ୍ଥ ବନାଞ୍ଚଳରୁ ଜବତ ହୋଇଥିଲା।



ଉତ୍ତରପ୍ରଦେଶର ଗାଜିଆବାଦରେ ଲୋକେ ବିପଜ୍ଜନକ ଭାବେ ଟ୍ରେନ୍‌ରେ ଯାତ୍ରା କରୁଛନ୍ତି।

## ଅକ୍ଟୋବରରେ କୋଭାକ୍ସିନ୍‌କୁ ଡବ୍ଲ୍ୟୁଏଚ୍‌ଓ ମଞ୍ଜୁରୀ

**ହାଇଦ୍ରାବାଦ, ୩୦।୯**




ଭାରତର ପ୍ରଥମ କୋଭିଡ୍ ଟିକା କୋଭାକ୍ସିନକୁ ଅକ୍ଟୋବରରେ ଜରୁରୀ ବ୍ୟବହାର ତାଲିକା (ଇୟୁଏଲ୍)ରେ ସ୍ଥାନିତ କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ବିଚାର କରୁଛି। ଭାରତ ବାୟୋଟେକ୍ କମ୍ପାନୀ ପ୍ରସ୍ତୁତ ଟିକାକୁ ଅକ୍ଟୋବରରେ କୋଭିଡ୍-୧୯ ଭାକ୍ସିନ୍‌ର ଇୟୁଏଲ୍ ମାର୍ଗଦର୍ଶନ ଦସ୍ତାବିଜ୍‌ରେ ସ୍ଥାନିତ କରାଯିବ ବୋଲି ମଙ୍ଗଳବାର ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଅକ୍ଟୋବର ୫ରେ ଡବ୍ଲ୍ୟୁଏଚ୍‌ଓର ରୋଗ ପ୍ରତିରୋଧ ସମ୍ପର୍କିତ ବିଶେଷଜ୍ଞମାନଙ୍କର ଏକ ଉପଦେଷ୍ଟା ଗ୍ରୁପ୍ ବୈଠକ ବସିବ। ଉକ୍ତ କମିଟି କୋଭାକ୍ସିନ୍‌କୁ ଇୟୁଏଲ୍ ପାଇଁ ସୁପାରିସ୍ କରିବା ସମ୍ପର୍କରେ ଆଲୋଚନା କରିବ। ଟିକାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ପରୀକ୍ଷା ଫଳାଫଳ, ଏହାର ସୁରକ୍ଷା ଓ କାର୍ଯ୍ୟକ୍ଷମ ସମ୍ପର୍କିତ ତଥ୍ୟ ଭାରତ ବାୟୋଟେକ୍ ବିଶେଷଜ୍ଞ କମିଟି ନିକଟରେ ଦାଖଲ କରିଛି।

## ୨ରେ ଆସିପାରେ ଜାଇକୋଭ୍-ଡି

### ପିଲାଙ୍କ ପାଇଁ ପ୍ରଥମ କୋଭିଡ୍ ଟିକା




**ନୂଆଦିଲ୍ଲୀ, ୩୦।୯**

ଜାଇଡସ୍ କାଡିଲା କମ୍ପାନୀ ପ୍ରସ୍ତୁତ ବିଶ୍ୱର ପ୍ରଥମ ଡିଏନ୍‌ଏ ପ୍ଲାଜ୍‌ମିଡ୍ ଭିତ୍ତିକ କୋଭିଡ୍ ଭାକ୍ସିନ 'ଜାଇକୋଭ୍-ଡି'କୁ ଗତ ଅଗଷ୍ଟ ୨୦ରେ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ୧୨ ବର୍ଷରୁ ଉର୍ଦ୍ଧ୍ୱ ପିଲା ଓ ବୟସ୍କମାନଙ୍କ ଜରୁରୀ ବ୍ୟବହାର ନିମନ୍ତେ ଅନୁମୋଦନ କରିଥିଲା। ଏହା ଖୁବ୍‌ଶୀଘ୍ର ଭାରତର ଟିକାକରଣ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଯାଉଛି। ଏହାର ମୂଲ୍ୟ ନିର୍ଦ୍ଧାରଣକୁ ନେଇ କମ୍ପାନୀ ଓ ସରକାରଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଜାଇକୋଭ୍-ଡି ତିନି ଡୋଜ୍ ବିଶିଷ୍ଟ ହୋଇଥିବାରୁ ଅନ୍ୟ କୋଭିଡ୍ ଭାକ୍ସିନ୍‌ଠାରୁ ଏହାର ମୂଲ୍ୟ ଭିନ୍ନ ରହିବ। ଖୁବ୍‌ଶୀଘ୍ର ଏହା ଟିକାକରଣ କାର୍ଯ୍ୟକ୍ରମରେ ସାମିଲ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ସୂଚନା ଦେଇଥିବାବେଳେ ନିର୍ଦ୍ଦିଷ୍ଟ ତାରିଖ ସମ୍ପର୍କରେ ନିଷ୍ପତ୍ତି ହୋଇ ନ ଥିବା କହିଛନ୍ତି। ମହାତ୍ମା ଗାନ୍ଧୀଙ୍କ ଜନ୍ମବାର୍ଷିକୀ ଅକ୍ଟୋବର ୨ରେ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଏହି ଭାକ୍ସିନ୍‌କୁ ଟିକାକରଣ ଅଭିଯାନରେ ସାମିଲ କରିବା ପାଇଁ ସରକାର ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି। କମ୍ପାନୀ ପ୍ରତିନିଧି ଏବଂ ନୀତି ଆୟୋଗ ସଦସ୍ୟ ଭି.କେ. ପଲ୍‌ଙ୍କ ଅଧ୍ୟକ୍ଷତାରେ କୋଭିଡ୍ ଟିକା ପ୍ରଶାସନର ଜାତୀୟ ବିଶେଷଜ୍ଞ କମିଟି (ଏନ୍‌ଇଜିଭିଏସି) ବୈଠକ ବସି ଜାଇକୋଭ୍-ଡି ମୂଲ୍ୟ ନିର୍ଦ୍ଧାରଣ କରାଯିବ ବୋଲି ଏକ ସୂତ୍ରରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ସରକାର କୋଭିଶିଲ୍ଡ ଡୋଜ୍ ପ୍ରତି ୧୫୭ ଟଙ୍କା ୫୦ ପଇସା ଏବଂ କୋଭାକ୍ସିନ ୨୨୫ ଟଙ୍କା ୭୫ ପଇସାରେ କିଣୁଛନ୍ତି।

## ୧୧ ସ୍ୱତନ୍ତ୍ର ଟ୍ରେନ୍‌ର ଚଳାଚଳ ସମୟ ସଂଶୋଧନ

ଭୁବନେଶ୍ୱର,୩୦।୯: ପୂର୍ବତଟ ରେଳପଥ ପରିସୀମାରୁ ଛାଡୁଥିବା ୧୧ଟି ସ୍ୱତନ୍ତ୍ର ଟ୍ରେନ ଅକ୍ଟୋବର ପହିଲାରୁ ଦକ୍ଷିଣ-ପୂର୍ବ ରେଳପଥ ପରିସୀମା ମଧ୍ୟରେ କେତେକ ଷ୍ଟେଶନରେ ସଂଶୋଧିତ ସମୟରେ ଚଳାଚଳ କରିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ସମୟ ସଂଶୋଧିତ ହୋଇଥିବା ଟ୍ରେନ୍‌ଗୁଡିକ ହେଉଛି ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ବିଶେଷ, ନୂଆଦିଲ୍ଲୀ-ପୁରୀ ପୁରୁଷୋତ୍ତମ ସ୍ପେଶାଲ, ପୁରୀ-ଆନନ୍ଦବିହାର ନୀଳାଚଳ ସ୍ପେଶାଲ, ପୁରୀ-ଆନନ୍ଦବିହାର ନନ୍ଦନକାନନ ସ୍ପେଶାଲ ,ବିଶାଖାପାଟଣା-ଶାଲିମାର ସ୍ପେଶାଲ, ପୁରୀ-ଶାଲିମାର ସ୍ପେଶାଲ, ସମ୍ବଲପୁର-ହାଓଡା ସ୍ପେଶାଲ, ପୁରୀ-ହାଓଡା ସ୍ପେଶାଲ, ଭୁବନେଶ୍ୱର-ଆନନ୍ଦ ବିହାର ଓଡ଼ିଶା ସମ୍ପର୍କକ୍ରାନ୍ତି ସ୍ପେଶାଲ, ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ସ୍ପେଶାଲ,ବିଶାଖାପାଟଣା-ଦିଘା ସ୍ପେଶାଲ ସମୟ ସଂଶୋଧନ ସହ ଚଳାଚଳ କରିବ ବୋଲି ଜଣାପଡିଛି।

## ୩ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍‌ର ପୁନଃ ଚଳାଚଳ

ଭୁବନେଶ୍ୱର,୩୦।୯: ପୂର୍ବତଟ ରେଳପଥ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ କଟକ-ପୁରୀ-କଟକ, କଟକ-ଭଦ୍ରକ-କଟକ ଏବଂ କଟକ-ପାରାଦୀପ-କଟକ ସ୍ୱତନ୍ତ୍ର ଟ୍ରେନକୁ ପୁନଃ ଚଳାଚଳ କରିବାକୁ ରେଳପଥ ଘୋଷଣା କରିଛି। ଯାତ୍ରୀଙ୍କ ଅସୁବିଧାକୁ ଆଖି ଆଗରେ ରଖି ରେଳପଥ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଇଛି। ପୁନଃ ଚଳାଚଳ ହେବାକୁ ଥିବା କଟକ-ପୁରୀ-କଟକ ସ୍ପେଶାଲ ଉଭୟ ଦିଗରୁ ଅକ୍ଟୋବର ୪ ଠାରୁ ଚଳାଚଳ କରିବ। ସେହିଭଳି କଟକ-ଭଦ୍ରକ-କଟକ ସ୍ପେଶାଲ ଏବଂ କଟକ-ପାରାଦୀପ-କଟକ ସ୍ପେଶାଲ ଉଭୟ ଦିଗରୁ ଅକ୍ଟୋବର ୬ରୁ ଚଳାଚଳ କରିବ ବୋଲି ସୂଚନା ମିଳିଛି।

# ୩ ଦୋଷୀଙ୍କୁ ଆଜୀବନ ଜେଲ

### ବିଦ୍ୟାଳୟ କମିଟି ଗଠନ ପାଇଁ ଘରୁ ଡାକି ନେଇ ହତ୍ୟା ମାମଲା

ବାରିପଦା ଅଫିସ, ୩୦।୯

ମୟୂରଭଞ୍ଜ ଜିଲା ବାରିପଦା ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରଥମ (ଏଡିଜେ)କୋର୍ଟରେ ଗୁରୁବାର ଏକ ନରହତ୍ୟା ମାମଲାର ରାୟ ପ୍ରକାଶ ପାଇଛି । ଜଜ୍ ଚୌଧୂରୀ ପ୍ରବୀର କୁମାର ଏହାର ବିଚାର କରି ୭ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ଜଣ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଆଜୀବନ କାରାଦଣ୍ଡାଦେଶ ପାଇଥିବା ୨ ଅଭିଯୁକ୍ତ ହେଲେ ବଡ଼ସାହି ଥାନା ଅଧୀନ ଶାକୁଆ ଗ୍ରାମର ସଞ୍ଜୀବ କୁମାର ଗିରି(୩୮) ଓ ଅନାଦି ଗିରି(୪୫) । ଏହା ସହିତ ପ୍ରତ୍ୟେକଙ୍କୁ ୩ହଜାର ଟଙ୍କା ଜରିମାନା ଓ ଅନଦେୟ ଅଧିକ ୩ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ମାମଲାର ବିବରଣୀ ଅନୁଯାୟୀ, ୨୦୧୦ ଜୁନ୍ ୨୫ ତାରିଖ ରାତି ୮ଟା ସମୟରେ ଅଭିଯୁକ୍ତମାନେ ନିରଞ୍ଜନ ମହାପାତ୍ରଙ୍କୁ ବିଦ୍ୟାଳୟ କମିଟି ଗଠନ ପାଇଁ ଘରୁ ଡାକି ନେଇଥିଲେ। ମିଟିଂ ଚାଲିଥିବା ବେଳେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଅଭିଯୁକ୍ତମାନେ ରଡ୍, କୁରାଢ଼ି, ଭୁଜାଲି ଓ ଠେଙ୍ଗାରେ ନିରଞ୍ଜନକୁ ମରଣାନ୍ତକ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ଘଟଣାସ୍ଥଳକୁ ଯାଇଥିବା ନିରଞ୍ଜନଙ୍କ ସ୍ତ୍ରୀ ମଞ୍ଜୁଲତା ଓ ଦୁଇପୁଅ ମଧ୍ୟ ଆହତ ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ନିରଞ୍ଜନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ବଡ଼ସାହି ପୋଲିସ ଏକ ନରହତ୍ୟା ମାମଲା(ନଂ.୫୩/୧୦) ରୁଜୁ କରି ସେହି ଗ୍ରାମର ଅନାଦି ଗିରି, ମାନସ ଗିରି, ଚିତ୍ତ ରଞ୍ଜନ ଗିରି, ଲକ୍ଷ୍ମୀନାରାୟଣ ଗିରି, ରତିକାନ୍ତ ଗିରି, ସଞ୍ଜୀବ କୁମାର ଗିରି ଓ ସତ୍ୟନାରାୟଣ ଗିରିଙ୍କୁ କୋର୍ଟ ଚାଲାଣ କରିଥିଲା। ୨୧ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ଚିତ୍ତରଞ୍ଜନ ଗିରି ମୃତ୍ୟୁ ବରଣ କରିଛନ୍ତି। ସରକାରୀ ଓକିଲ କୃଷ୍ଣ ଚନ୍ଦ୍ର ଦାସମାମଲାପରିଚାଳନାକରିଥିଲେ।

# ପଦଯାତ୍ରା କରିବେ ମୁକ୍ତିକାନ୍ତ

### କୋଟିଆ ବିବାଦର ସମାଧାନ

ରାଉରକେଲା ଅଫିସ୍, ୩୦।୯

ବର୍ତ୍ତମାନ ରାଜ୍ୟ ରାଜ୍ୟ ମଧ୍ୟରେ ଉପୁଜିଥିବା ସୀମା ବିବାଦ ତୀବ୍ର ହେବାରେ ଲାଗିଛି। ଏଥିପାଇଁ ଉଭୟ ରାଜ୍ୟର ସୀମାନ୍ତ ଅଞ୍ଚଳ ଅଶାନ୍ତ ହୋଇପଡୁଛି। ଏଭଳି ପରିସ୍ଥିତିରେ ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମା ବିବାଦର ସ୍ଥାୟୀ ସମାଧାନର ସୂତ୍ର ନିଶ୍ଚିତ ଭାବେ ବାହାରିବ ବୋଲି ବିଶିଷ୍ଟ ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ ଆଶାପୋଷଣ କରିଛନ୍ତି। ଏହି ପ୍ରସଙ୍ଗରେ ସେ ଗୁରୁବାର ଉତ୍କଳ ଚ୍ୟାମ୍ବର ଅଫ୍ କମର୍ସଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, କୋଟିଆ ବିବାଦର ସ୍ଥାୟୀ ସମାଧାନ ପାଇଁ ସେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କୁ ଏକ ଦାବିପତ୍ର ପ୍ରଦାନ କରିବେ। ପରେ ସେଠାରୁ ସେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୀର୍ଘ ୮୦୦ କିମି ପଦଯାତ୍ରା କରିବେ। ଏହି ପଦଯାତ୍ରା ଉଭୟ ରାଜ୍ୟ ମଧ୍ୟରେ ଥିବା ସୀମା ବିବାଦର ସ୍ଥାୟୀ ସମାଧାନ ପାଇଁ ବାଟ ଫିଟାଇବ ବୋଲି ଆଶା ରହିଥିବା ମୁକ୍ତିକାନ୍ତ କହିଛନ୍ତି।



ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ ଉତ୍କଳ ଚ୍ୟାମ୍ବର ଅଫ୍ କମର୍ସଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ଭିଜିଲାନ୍ସ ଜାଲରେ ଆଇସିଡିଏସ୍ ସୁପରଭାଇଜର

### ଚାକିରି କରାଇଦେବାକୁ ନେଉଥିଲେ ୧୦ହଜାର ଲାଞ୍ଚ

ସଜନାଗଡ଼, ୩୦।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ସିଡିପିଓ କାର୍ଯ୍ୟାଳୟରେ କାମ କରୁଥିବା ସୁବର୍ଣ୍ଣା ସିଂ ନାମକ ସୁପରଭାଇଜର ଚାକିରି କରାଇଦେବା ନାଁରେ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି। ନୀଳଗିରି ବ୍ଲକର ବିଭିନ୍ନ ପଞ୍ଚାୟତରେ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବହୁ ଆଶାୟୀ ମହିଳା ଆବେଦନ କରିଥିଲେ। ଶେଷରେ ଚୟନ କମିଟିରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଥିଲା। ସେମାନଙ୍କୁ କାର୍ଯ୍ୟାଳୟକୁ ଡକାଇ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ବରହମପୁର ସେକ୍ଟର ଅଧୀନରେ ଥିବା ନରଣପୁର ଦେଉରୀ ସାହି କେନ୍ଦ୍ର ପାଇଁ ସୀତାରାଣୀ ଦେଉରୀଙ୍କୁ ନିଯୁକ୍ତିପତ୍ର ମିଳିଥିଲା। ସୁପରଭାଇଜର ସିଂ ବାରମ୍ବାର ସୀତାରାଣୀଙ୍କୁ ଫୋନ୍ କରି ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଯୋଗ୍ୟତା ଅନୁଯାୟୀ ନିଯୁକ୍ତିପତ୍ର ପାଇଥିବା ବେଳେ କ'ଣ ପାଇଁ ୧୦ହଜାର ଟଙ୍କା ଲାଞ୍ଚ ଦେବେ ବୋଲି ଦେଢଶୁର ଅନାମ ମଲ୍ଲିକ କହିଥିଲେ। ସେ ଏ ବିଷୟରେ ବାଲେଶ୍ୱର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶରେ ଗୁରୁବାର ଡ଼ିଏସପି ସନ୍ତୋଷ ସାମନ୍ତରାୟ, ଆଇଆଇସି ଜୟନ୍ତ ଦଳାଇ ଓ ବିକେ ନାୟକଙ୍କ ସମେତ ତିନି ଜଣିଆ ଏକ ଟିମ୍ ନୀଳଗିରି ସିଡ଼ିପିଓ କାର୍ଯ୍ୟାଳୟରେ ଜଗି ରହିଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ସୁପରଭାଇଜର ସୁବର୍ଣ୍ଣା ସିଂଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ଧରିଥିଲା। ଏନେଇ ବାଲେଶ୍ୱର ଭିଜିଲାନ୍ସ ପକ୍ଷରୁ ମାମଲା (ନଂ. ୧୯ /୨୧) ରୁଜୁ କରାଯାଇଛି।


## BHUBANESWAR MUNICIPAL CORPORATION

No. C-1044 E-Mail Id: ee2@bmc.gov.in

### E-Procurement Notice

1. Bid Reference No. : BMC-EED-II-10/2021-22 Dt.30.09.21
2. Tender Call Notice No. : No. 73604 Dt.30.09.21
3. No. of Works : 1 No.
4. Bid Value : Rs.58,55,327.34
5. Period of Completion : 120 days

Date and time Schedule

| Start | End | Opening |
|---|---|---|
| 11.00 A.M. of 01.10.21 | 5.00 P.M. of 16.10.21 | 11.00 A.M. of 18.10.21 |

6. Tender details can be seen for the Procurement portal **https://www.tendersodisha.gov.in,** BMC Website **https://www.bmc.gov.in**.

**Sd./- Executive Engineer, Div.-II**
OIPR-13002/11/0058/2122 Bhubaneswar Municipal Corporation



## OFFICE OF THE NOTIFIED AREA COUNCIL, BOUDHGARH

No. C-1045

### "e" Procurement Notice

**Tender Call Notice No. 4263/NAC/3/2021-22 Date: 30.09.2021**

1. Name of Work : Civil works as mentioned in website
2. No. of Works : 1 No. of Civil Works
3. Bid Value : Rs.3,01,60,380.00
4. Date and time of availability, received of the bid documents in the portal : From 10.00 A.M. of Dt.01.10.2021 to Dt.13.10.2021 upto 5.00 P.M. only.
5. Bids received online shall be opened on : Dt.16.10.2021 at 11.00 A.M.
6. Submission of original documents : On or before 10.00 A.M. of Dt.16.10.2021
7. Name & address of the Officer Inviting Bid : Executive Officer, Boudhgarh NAC

For further details can be seen from the Procurement portal: **www.tendersorissa.gov.in.**

**Sd./- Executive Officer, Boudhgarh NAC**
OIPR-13155/11/0008/2122



## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR

E-mail seec.bbsr2010@gmail.com

**Bid Identification No.S.E.E.C (R&B) 06/2021-22**
**No.2045/Date 28.09.2021**

No. B-438:- The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for Fire fighting works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from 5.00 P.M. of 05.10.2021 to 5.00 P.M. of 20.10.2021. The bidders must possess compatible Digital Signature Certificate of Class II or III. Bids received online shall be opened at 11.30 A.M. of 21.10.2021 in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

**Sd./- Superintending Engineer**
**Electrical Circle (R&B) Odisha, BBSR**
OIPR-34006/11/0006/2122



## ODISHA POLICE STATE HEADQUARTERS, CUTTACK

No. D-161

### e-RFP

## OFFICE OF THE D.G. & I.G. OF POLICE, ODISHA, CUTTACK

1. e-RFP are invited from reputed bidders in respect of the "e-RFP" (Request for Proposal) for Selection of System Implementation Partner (SIP) for conducting Computer Based Recruitment Examination (CBRE) for Combined Recruitment Examination of Group-B Posts of Odisha Police Service, Odisha Prison Service and Odisha Fire Service during the current financial year 2021-22.

**The details schedule of the e-RFP is as follows:**

| | |
|---|---|
| Date of Publication of RFP in the website of MSTC | 01.10.2021, 10.00 hrs. |
| Last date & time to accept pre-bid queries through e-mail **(aig.provisioning@gmail.com)** | 08.10.2021, 17.00 hrs. |
| *Virtual/Pre-Bid Meeting (is to be communicated to intersted bidders) | 11.10.2021, 11.00 hrs. |
| Publication of Corrigendum to RFP (if any) in the website of MSTC/ Odisha Police | 18.10.2021 |
| Last date & time of submission of Bid on MSTC | 25.10.2021, 17.00 hrs. |
| Date of Opening of General & Technical Bid | 28.10.2021, 11.00 hrs. |
| Technical Presentation by the Bidders | 01.11.2021, 11.00 hrs. |
| Date of Opening of Commercial/ Financial Bid | 05.11.2021 |
| Venue | State Police Headquarters, Cuttack, Buxi Bazar, Odisha |
| Earnest Money Deposit (EMD) | There shall be no provision for earnest money deposit. However, the bidder will have to execute the bid security declaration in lieu of bid security with stipulation that if they withdraw, re-modify their bills during the period of validity, they will be suspended for 2 years. |

Interested eligible bidder may visit the website of MSTC Limited **(www.mstcecommerce.com/eproc)** and Odisha Police website to go through RFP & download RFPs including scope of work & terms & conditions etc. Therefore, Interested bidders are requested to register on MSTC Portal **www.mstcecommerce.com/eproc** for details of e-RFP and participation. Interested bidder are requested to regularly visit the MSTC website & Odisha Police website as all subsequent addendum/corrigendum/change of above schedule of events of RFP shall be hosted on MSTC website.

**Sd./- A.I.G. of Police (Prov.), Odisha, Cuttack**
Buxi Bazar, Cuttack - 753001, Tel./Fax No.: 0671-2304354
www.odishapolice.gov.in, E-mail: sphqrs.odpol@nic.in
OIPR-12018/11/0006/2122



GOVERNMENT OF ODISHA No. B-433

## OFFICE OF THE CHIEF CONSTRUCTION ENGINEER NORTHERN (R&B) CIRCLE, SAMBALPUR

Mail ID: sepwdsbp@rediffmail.com

### e-Procurement

Bid Identification No. CCENC (RAND B)/09/2021-22
No. 2631 Dtd. 28.09.2021

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Building works** as detailed in the DTCN from the eligible class of contractors.
2. No. of works : 02 (Two) (Building Works)
3. Tender Cost : Rs.10,000/-
4. Class of Contractor : "B" Class, "A" Class and "Special Class
5. Date & time of available in website & receipt of bids : From 08.10.2021 to 17.00 hours. of 25.10.2021
6. Date of opening of Technical Bid : 26.10.2021 at 11.00 hours.
7. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in**.
8. Any Corrigendum/Addendum will be displayed in the website **www.tendersodisha.gov.in**.

**Sd./- (G.C. Ray)**
**Chief Construction Engineer**
OIPR-34035/11/0009/2122 **Northern (R&B) Circle, Sambalpur**



GOVERNMENT OF ODISHA, "e"-PROCUREMENT NOTICE

## OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA WORKS DEPARTMENT

### Tender Call Notice

E-mail: rbcirclekhurda@gmail.com

**Bid Identification No. CCE-Khordha (R&B) Circle-06/2021-22 Memo No - 1364 Dt. 28.09.2021**

No. B-437:- The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below:

1. Nature of Work : Building Works
2. No of Work : 5 Nos.
3. Tender Cost : Rs.10000.00 (On-Line)
4. Class of Contractor : A Class, Special Class & Super Class
5. Available of Bid document in the Website : From Dt. 07.10.2021, 10.00 AM to Dt.21.10.2021, 05.00 PM
6. Date of opening of Bid : Dt. 22.10.2021 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

**Sd./- Er. A.K. Satapathy, Chief Construction Engineer,**
OIPR-34127/11/0006/2122 **Khordha (R&B) Circle, Khordha**



GOVERNMENT OF ODISHA

## OFFICE OF THE ENGINEER-IN-CHIEF RURAL WORKS, BHUBANESWAR

Unit-IV, Sachivalay Marg, Bhubaneshwar-751001
Fax: 0674-2394705, E-mail: cerw1_bbsr@yahoo.com
No. 27795 Date:29.09.2021
RR-BR-MISC-(Part-II)-03/2013

**2nd Ccorrigendum / Cancellation Notice to Bid Identification No- Online-04/2021-22(Bridges)**

No. O-785: Tender for the work " Construction of H.L. Bridge over river Genguti at 2nd Km on Aradi – Nandapur road in the district of Bhadrak under Biju Setu Yojana invited " invited vide this office Bid Identification No- Online-04 / 2021-22 (bridges) & letter No-26841 Dt-20.09.2021 is here by cancelled.

**Sd./- Chief Engineer (Buildings & Bridges)**
OIPR-25123/11/0011/2122 **Rural Works, Odisha, Bhubaneswar**



## ODISHA SPACE APPLICATIONS CENTRE (ORSAC)

**Dept. of Science & Technology, Govt. of Odisha**
**Bhubaneswar - 751 023**

### Tender No. 14/2021

No. CAD-1364: Odisha Space Applications Centre (ORSAC) invites sealed tenders from reputed, established and reliable firms from the MSME registered firms / OEM having service infrastructure at Bhubaneswar for CAMC of Addressable Fire Detection and Alarm System & Fire suppression system. For details please visit Website **http://www.odisha.gov.in** and ORSAC website **http://www.orsac.gov.in** or ORSAC office for the tender papers.

**CHIEF EXECUTIVE**
OIPR-28007/11/0008/2122



## Expression of Interest

"Expression of Interest" in sealed cover is hereby invited from organisations for the following activities of up-coming **16th Toshali National Crafts Mela to be held from 15th to 27th December 2021 at Janata** Maidan, Bhubaneswar.

1. **For Operating Play Zone.**
2. **For Providing Security Service.**

For details of EOI, TOR etc please visit the website: **www.sidacodisha.org.in,www.crafts.odisha.gov.in, www.odisha.gov.in/textiles.**The last date for submission of EOI in the office of SIDAC,Handicrafts Complex,Gandamunda,Khandagiri,Bhubaneswar. Ph: 0674-2350318 is upto 5:00 pm. on **26-10-2021** . The details of EOI will be available in the website w.e.f. 02.10.2021.

**Member Secretary**

**State Institute for Development of Arts & Crafts**
*Handlooms, Textiles & Handicrafts Department, Govt. of Odisha*
Handicrafts Complex, Gandamunda, Bhubaneswar-750030
SIDAC Tel. No.+91 (0) 674 2350318,E-mail: sidacorissa@gmail.com, www.sidacodisha.org.in
**No. PP-44** **OIPR-03017/11/0003/2122**



## THE ODISHA STATE POLICE HOUSING & WELFARE CORPORATION LTD.

**Plot No. 80/81, Medical Bank Colony, 1st Lane, P.O.- Berhampur, Dist.- Ganjam, PIN - 760004**

### PRE-QUALIFICATION NOTICE

**(For Enlistment of Different Class of Contractors for Execution of work through K2 Agreement)**

The Odisha State Police Housing & Welfare Corporation Limited (OSPHWC), Berhampur invites application for enlistement of civil contractors for execution of Civil, P.H. & Internal Electrical work of various building projects throughout Berhampur Division comprising Ganjam, Gajapati, Boudh, Kandhamal & Rayagada districts. These applications will be received & evaluated by OSPHWC as per terms & conditions laid down in the Pre-qualification documents for enlistment. After successful evaluation of pre-qualification documents, the firms will be reigstered in OSPHWC's Contractors list for a period of 1 (One) year from the date issue of enlistment letter.

The pre-qualification documents can be obtained from the Office of the undersigned during office hours on payment of Rs.2950/- (Rupees two thousand nine hundred fifty only) inclusive of GST (Non-refundable) in Cash or Demand Draft or Pay Order, drawn on any Nationalized Bank payable at Berhampur in favour of "The Odisha State Police Housing & Welfare Corporation Ltd., Berhampur". The above documents can also be obtained through Speed Post by sending a self addressed envelope of size 35cm × 25cm stamped with Rs.75.00 (Rupees seventy five only) along with Demand Draft or Pay Order of Rs.2950/- (Rupees two thousand nine hundred fifty only) inclusive of GST (non-refundable) on any Scheduled Bank payable at Berhampur in favour of "The Odisha State Police Housing & Welfare Corporation Ltd., Berhampur". However in case of downloaded pre-qualification documents, an amount of Rs.2950/- (Rupees two thousand nine hundred fifty only) (Non-refundable) inclusive of GST in shape of Demand Draft or Pay Order, drawn on any Nationalized Bank payable at Berhampur in favour of "The Odisha State Police Housing & Welfare Corporation Ltd., Berhampur". Towards cost of the documents shall be enclosed along with the pre-qualification documents failing which pre-qualification documents shall be liable for rejection.

Application for pre-qualification shall be submitted in a sealed cover superscribing **"Application for enlistment of Civil Contractors in OSPHWC Berhampur Division"** to The Odisha State Police Housing & Welfare Corporation Ltd., Berhampur Division, Plot No. 80/81, Medical Bank Colony, 1st Lane, P.O.- Berhampur - 04, Dist.- Ganjam for award of work eventually to be drawn on K2 agreement in line with the rules of OPWD Code & other clauses as decided by the Corporation. The pre-qualification document not submitted in prescribed format or other than in the manner prescribed in the document shall be rejected.

Last date for issue of pre-qualification document : 07.10.2021 upto 5.00 P.M.
Last date for receipt of pre-qualification document : 08.10.2021 upto 2.00 P.M.
Date of opening of pre-qualification document : 08.10.2021 at 04.30 P.M.

**Sd./- Project Manager**



## OFFICE OF THE SORO MUNICIPALITY, SORO, BALASORE

No. 4053 Date: 29.09.2021

### "e" Procurement Notice

**BID Identification No. SOROM_07_2021_22**

No. C-1048: Bid documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. **www.tendersodisha.gov.in**.

1. Name of the Work : Construction of Civil work as mentioned in DTCN.
2. No. of Works : 03 Nos.
3. Estimated Cost : As per Work List
4. Period of Completion : 60-180 days
5. Date & time of availability of Bid documents in the portal : 30.09.21 at 5.00 P.M. to 08.10.21 upto 1.00 P.M.
6. Last date & time for receipt of bids in the portal : 08.10.21 upto 01.00 P.M.
7. Original Bid Submission at Municipality Office : 08.10.21 upto 2.00 P.M.
8. Bids received online shall be opened on : 08.10.21 at 3.00 P.M.
9. Name and address of the Officer Inviting Bid : Executive Officer, Soro Municipality

Further details can be seen from the procurement portal i.e. **www.tendersorissa.gov.in** and Soro Municipality portal i.e. **www.soromunicipality.in**.

**Sd./- Executive Officer, Soro Municipality**
OIPR-13166/11/0006/2122



## OFFICE OF THE SUPERINTENDING ENGINEER, RWSS DIVISION, BERHAMPUR

**Near Jarada Bungalow, Pin-760004, Ph. 0680-2296344**
**eerwss_bam@nic.in, rwssbam@gmail.com**
**Government of Odisha 'e' Procurment Notice**

**NATIONAL COMPETITIVE BIDDING**
**Bid Identification No. EERWSSBAM-20/2021-22**

No.O-779:- The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites bids in Single Cover & Double Cover System according to the norm of 'e' Procurement system in online mode for supply, drawing, design, construction, testing and commissioning and maintenance of different PWS Schemes and electrification works in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District. |
| 2 | No. of work (Tender) | 03 Nos. |
| 3 | Estimated cost (Approximate) | From Rs.182.09 lakhs to Rs.482.44 lakhs |
| 4 | Period of completion | From 210 to 330 days |
| 5 | Date & time of availability of bid document in the portal | From 05.10.2021 at 11.00 hrs. to 25.10.2021 upto 17.00 hrs. |
| 6 | Last date & time for seeking clarification | 21.10.2021 upto 17.00 hrs. |
| 7 | Dt. of opening of bid | 26.10.2021 at 11.00 hrs. |
| 8 | Last date/ time for receipt of bids in the portal | 25.10.2021 upto 17.00 hrs. |
| 9 | Name & address of the officer inviting tender | Executive Engineer, RWSS Division, Near Jarada Bunaglow, Berhampur - 760004, Dist. Ganjam, Odisha |

Further details can be seen from the e-procurement portal **https://tendersorissa.gov.in**

**Sd./- Superintending Engineer, RWS&S Division, Berhampur**
OIPR-25035/11/0010/2122



## DEPARTMENT OF WATER RESOURCES ODISHA COMMUNITY TANK DEVELOPMENT MANAGEMENT SOCIETY

## ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)

**(WORLD BANK PROJECT ID: P163533)**
**7th Floor, Rajiv Bhawan, Bhubaneswar-751001**
**Ph. 0674-2542421, E-Mail: spuoiipcra.od@gov.in**

### INVITATION FOR EXPRESSION OF INTEREST FOR ENGAGEMENT OF CONSULTANCY SERVICES

**Date: 29/09/2021 OIIPCRA-EoI-06/2021**

No. A-485: Project Director, Odisha Community Tank Development and Management Society (OCTDMS), DoWR invites Expression of Interest from eligible Consultancy Firms for the following consultancy services for Odisha Integrated Irrigation for Climate Resilient Agriculture (OIIPCRA) Project.

1. **Engagement of Strategic Support Team for the Office of APC, Office under OIIPCRA.**

Eligible consultancy firms with desired qualification and experience as per details of "EoI" & Terms of Reference (ToR) available in Govt. website **www.odisha.gov.in** & **www.dowrodisha.gov.in** under link advertisement may apply. "EoI" document must be delivered in the address given below by Speed Post / Registered Post addressed to Project Director, OCTDMS, 7th Floor, Rajiv Bhawan, Bhubaneswar-751001, Odisha. Submission of "EoI" in any other mode is not acceptable. The consultancy firms may participate either in one or multiple consultancy services based on their respective eligibility criteria set forth in ToRs. The last date for receipt of is **28th October-2021 upto15.00 hours**. It will be opened on the same day at **15.30 hours**. The Selection Procedure will be governed by World Bank Procurement guidelines of QCBS method. The authority reserves the right to cancel the process of selection of consultants without assigning any reason thereof. The authority in no way will be responsible for any postal delay.

**Project Director, OCTDMS**
OIPR-32188/11/0002/2122


See Career Appointment on every Wednesday & Saturday

## ସ୍ୱଳ୍ପ ସଞ୍ଚୟ ସ୍କିମ ସୁଧହାର ଅପରିବର୍ତ୍ତିତ

କେନ୍ଦ୍ର ସରକାର ଗୁରୁବାର ସ୍ୱଳ୍ପ ସଞ୍ଚୟ ସ୍କିମଗୁଡ଼ିକର ସୁଧହାର ଅପରିବର୍ତ୍ତିତ ରଖିଛନ୍ତି। ଅକ୍ଟୋବର-ଡିସେମ୍ବର ତ୍ରୈମାସ ଲାଗି ଏହି ଘୋଷଣା କାର୍ଯ୍ୟକାରୀ ହେବ। ଏହା ମଧ୍ୟରେ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ୍),ସୁକନ୍ୟା ସମୃଦ୍ଧି ଯୋଜନା ଭଳି ଅନ୍ୟ ସ୍କିମ ରହିଛି। ଲଗାତାର ୬ ତ୍ରୈମାସ ହେବ ଅର୍ଥ ମନ୍ତ୍ରଣାଳୟ ଏହି ସ୍କିମଗୁଡିକରେ ସୁଧ ହାରରେ କୌଣସି ପରିବର୍ତ୍ତନ କରି ନଥିବା ଜଣାପଡ଼ିଛି।



# ତେଲ ଚାହିଦା ୨ ଗୁଣରୁ ଊର୍ଦ୍ଧ୍ୱକୁ ବଢ଼ିବ

ନୂଆଦିଲ୍ଲୀ,୩୦।୯



ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ବର୍ତ୍ତମାନ ଆକାଶ ଛୁଆଁ ହୋଇଛି। କରୋନା ମାମଲା କମୁଥିବାରୁ ସାରା ବିଶ୍ୱରେ ଇନ୍ଧନ ବ୍ୟବହାର ବଢ଼ିଛି। ଚାହିଦା ବଢ଼ିବାରୁ ଅଶୋଧିତ ତୈଳ ବର୍ତ୍ତମାନ ବ୍ୟାରେଲ ପିଛା ରେକର୍ଡ ସ୍ତର ଛୁଇଁଛି। ଏହାର ପ୍ରଭାବ ଭାରତ ସହ ବିଶ୍ୱର ଅନ୍ୟ ଦେଶଗୁଡିକ ଉପରେ ପଡ଼ିଛି। ସବୁଜ ଇନ୍ଧନ ବ୍ୟବହାର ଉପରେ କେନ୍ଦ୍ର ସରକାର ଫୋକସ୍ କରୁଛନ୍ତି। ତେବେ ଭାରତ ଆଗାମୀ କିଛି ଦଶନ୍ଧି ଯାଏ ତେଲ ଉପରୁ ଏହାର ନିର୍ଭରଶୀଳତା କମାଇପାରିବ ନାହିଁ। ୨୦୪୫ ବେଳକୁ ଭାରତରେ ତେଲ ଚାହିଦା ୨ଗୁଣରୁ ଊର୍ଦ୍ଧ୍ୱ ରହି ଦୈନିକ ବ୍ୟବହାର ୧୧ ନିୟୁତ ବ୍ୟାରେଲ ରହିବ ବୋଲି ଓପେକ୍ ୱାର୍ଲଡ ଅଏଲ ଆଉଟଲୁକ୍ ୨୦୨୧ ରିପୋର୍ଟରେ ପ୍ରକାଶ ପାଇଛି।

ରିପୋର୍ଟରେ କୁହାଯାଇଛି, ୨୦୨୦ରୁ ୨୦୪୫ ସୁଦ୍ଧା ଭାରତରେ ସହରୀକରଣ ଧାରା ଆହୁରି ଉନ୍ନତ ହେବ। ଲୋକ ସଂଖ୍ୟାରେ ବୃଦ୍ଧି ଏବଂ ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆସିବା ଯୋଗୁ ଇନ୍ଧନ ବ୍ୟବହାର ସେହି ହାରରେ ବଢ଼ିବ। ଦେଶର ମୋଟ ତେଲ ଚାହିଦା ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲର ଅଂଶ ୫୧ରୁ ୫୮%କୁ ବୃଦ୍ଧି ପାଇବ ବୋଲି ଏହି ରିପୋର୍ଟରେ ଆକଳନ କରାଯାଇଛି। ଭାରତର ପ୍ରାଥମିକ ଏନର୍ଜି ମିକ୍ସରେ ତୈଳର ଅଂଶ ୨୮.୬% ରହିପାରେ; ଯାହା ୨୦୨୦ ତୁଳନାରେ ୩% ଅଧିକ। ବର୍ତ୍ତମାନ ଇ-ଯାନ ଗ୍ରହଣୀୟତା ମନ୍ଥର ରହିଛି। ଘରୋଇ ବଜାରରେ ଆଗାମୀ ଦିନରେ ୨୦ କୋଟି ୟୁନିଟ ପାସେଞ୍ଜର ଯାନ ଯୋଡ଼ିହେବ ବୋଲି ଆକଳନରେ କୁହାଯାଇଛି।

ଭାରତ ଏହାର ମୋଟ ତେଲ ଚାହିଦା ମଧ୍ୟରୁ ପ୍ରାୟ ୮୦% ଆମଦାନୀ ଦ୍ୱାରା ପୂରଣ କରୁଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ବଢ଼ିଲେ ଏହାର ପ୍ରଭାବ ଘରୋଇ ବଜାର ଉପରେ ପଡୁଛି। ଭାରତର ଗ୍ୟାସ୍ ଚାହିଦା ବାର୍ଷିକ ଭିତ୍ତିରେ ୫.୪% ବଢ଼ିବ। ସିଟି ଗ୍ୟାସ୍ ଏବଂ ସିଏନ୍‌ଜି ବ୍ୟବହାର ବଢୁଥିବାରୁ ଏଭଳି ସ୍ଥିତି ଦେଖାଯିବ। ଦେଶର ମୋଟ ଶକ୍ତି ବାସ୍କେଟରେ ଗ୍ୟାସ୍‌ର ଅଂଶ ୧୫%କୁ ବଢ଼ାଇବା ନେଇ ସରକାର ଯୋଜନା ରଖିଛନ୍ତି। ସରକାର ସବୁଜ ଇନ୍ଧନ ଉପରେ ଫୋକସ କରୁଥିବାରୁ ୨୦୪୫ ବେଳକୁ କୋଇଲା ଚାହିଦା ୪୩%ରୁ ୩୬.୩%କୁ ହ୍ରାସ ହୋଇପାରେ। ହ୍ରାସ ହେଲେ ମଧ୍ୟ ଶକ୍ତି ଚାହିଦା ପୂରଣରେ ଏହା ଶୀର୍ଷରେ ରହିବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ ମୁଣ୍ଡ ପିଛା ଶକ୍ତି ଚାହିଦା ୪.୬୫ ବ୍ୟାରେଲ ଥିବା ବେଳେ ଏହା ୮.୫୬ ବ୍ୟାରେଲକୁ ବଢ଼ିବ। ସେହିଭଳି ଭାରତର ଜିଡିପି ଆଗାମୀ ୧୫ ବର୍ଷରେ ୬% ହାରରେ ବୃଦ୍ଧି ହେବାକୁ ଥିବା ବେଳେ ଏହା ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ସ୍ଥାନ ବଜାୟ ରଖିବ। ସାରା ବିଶ୍ୱରେ ବସବାସ କରୁଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୧୮% ଭାରତରେ ଅବସ୍ଥାନ କରୁଛନ୍ତି। ମାତ୍ର ପ୍ରାଥମିକ ଶକ୍ତିର ୭% ଭାରତ ବ୍ୟବହାର କରୁଛି। ବିଶ୍ୱ ସ୍ତରରେ ମୁଣ୍ଡ ପିଛା ଶକ୍ତି ବ୍ୟବହାର ୧୩.୨ ବ୍ୟାରେଲ ରହିଛି।

## କୋର୍ ସେକ୍ଟର ୧୧.୬% ବଢ଼ିଲା

**ନୂଆଦିଲ୍ଲୀ,୩୦।୯:** ଦେଶର ୮ କୋର୍ ସେକ୍ଟର ଶିଳ୍ପ ଉତ୍ପାଦନ ଅଗଷ୍ଟରେ ୧୧.୬% ବୃଦ୍ଧି ପାଇଛି। ଏହି କ୍ଷେତ୍ରଗୁଡ଼ିକ ମଧ୍ୟରେ କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍ ରହିଛି। ୨୦୨୦ ଅଗଷ୍ଟରେ ଏହି ଶିଳ୍ପ କ୍ଷେତ୍ରର ଉତ୍ପାଦନ ୬.୯% ହ୍ରାସ ହୋଇଥିଲା। ଲଗାତର ୩ ମାସ ହେବ କୋର୍ ସେକ୍ଟରରେ ଅଭିବୃଦ୍ଧି ଦେଖାଯାଇଛି। ସରକାରଙ୍କ ଡାଟା ମୁତାବକ, କୋଇଲା, ପ୍ରାକୃତିକ ବାଷ୍ପ, ରିଫାଇନେରି ଉତ୍ପାଦ, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍ କ୍ଷେତ୍ରରେ ଗତ ବର୍ଷ ଅଗଷ୍ଟ ତୁଳନାରେ ଅପେକ୍ଷାକୃତ ଉନ୍ନତି ପରିଲକ୍ଷିତ ହୋଇଛି। ଅଶୋଧିତ ତୈଳ ଏବଂ ସାର ଉତ୍ପାଦନ କମିଥିବା ଜଣାପଡ଼ିଛି।

## ଆଦାନୀ ଏସିଆର ଦ୍ୱିତୀୟ ବଡ଼ ଧନୀ

ନୂଆଦିଲ୍ଲୀ,୩୦।୯



ଭାରତରେ ୧ହଜାର ବ୍ୟକ୍ତି ରହିଛନ୍ତି ଯେଉଁମାନଙ୍କ ସମ୍ପତ୍ତି ୧ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଆଇଆଇଏଫ୍ଏଲ୍ ୱେଲ୍‌ଥ ହୁରୁନ ଇଣ୍ଡିଆ ଧନୀ ତାଲିକା ୨୦୨୧ରୁ ଏହା ଜଣାପଡ଼ିଛି। ୭.୧୮ ଲକ୍ଷ କୋଟି ସମ୍ପତ୍ତି ସହ ଗତ ୧୦ବର୍ଷ ହେବ ମୁକେଶ ଅମ୍ବାନୀ ତାଲିକାର ପ୍ରଥମରେ ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ଗୌତମ ଆଦାନୀ ଥିବାବେଳେ ତୃତୀୟରେ ଶିବ ନାଦାର, ୪ର୍ଥରେ ଏସ୍‌ପି ହିନ୍ଦୁଜା ପରିବାର, ୫ମରେ ଲକ୍ଷ୍ମୀ ନାରାୟଣ ମିତ୍ତଲ, ୬ଷ୍ଠରେ ସାଇରସ ପୁନାୱାଲା, ୭ମରେ ରାଧାକିଶନ ଦମାନୀ, ୮ରେ ବିନୋଦ ଶାନ୍ତିଲାଲ ଆଦାନୀ, ୯ରେ କୁମାରମଙ୍ଗଲମ ବିର୍ଲା ଏବଂ ୧୦ମ ସ୍ଥାନରେ ଜୟ ଚୌଧୁରୀ ରହିଛନ୍ତି। ମୁକେଶ ଅମ୍ବାନୀ ଏସିଆର ସବୁଠୁ ଧନୀ ବ୍ୟକ୍ତି ହୋଇଥିବା ବେଳେ ଆଦାନୀ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଉକ୍ତ ଧନୀମାନେ ଦେଶର ୧୧୯ ସହରରେ ବସବାସ କରୁଛନ୍ତି। ଏମାନଙ୍କ ସମ୍ପତ୍ତି ୫୧% ବଢ଼ିଥିବା ବେଳେ ହାରାହାରି ସମ୍ପତ୍ତି ୨୫% ବଢ଼ିଛି। ୮୯୪ ବ୍ୟକ୍ତିଙ୍କ ସମ୍ପତ୍ତି ବଢ଼ିଛି କିମ୍ବା ସମାନ ରହିଛି। ଏମାନଙ୍କ ମଧ୍ୟରେ ୨୨୯ ନୂଆ ମୁହଁ ସାମିଲ ରହିଛି।

# ପରିବର୍ତ୍ତିତ ଜୀବନଶୈଳୀ ରାଇଡିଂ କଲ୍‌ଚର ବଢ଼ାଇଛି



**ଲୋକଙ୍କ ଜୀବନ ଧାରଣ ମାନରେ ଦ୍ରୁତ ପରିବର୍ତ୍ତନ ହେଉଛି। ଲାଇଫ ଷ୍ଟାଇଲରେ ମଧ୍ୟ ନୂତନତ୍ୱ ଆସିଛି। ଭିତ୍ତିଭୂମି ଢାଞ୍ଚା ବଦଳୁଛି। ଏବେର ଯୁବପିଢ଼ି ଉଚ୍ଚ ଶିକ୍ଷିତ ହେବା ସହ ସେମାନଙ୍କ ଆୟ ମଧ୍ୟ ବଢ଼ିଛି। ଇଣ୍ଟରନେଟର ପ୍ରଭାବ ଯୁବବର୍ଗଙ୍କ ଉପରେ ରହିଛି। ପରିବର୍ତ୍ତିତ ଜୀବନ ଶୈଳୀ ଏବେ ବାଇକିଂ ସହ ଯୋଡ଼ି ହୋଇଛି। ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବା ଲାଗି ଲୋକମାନେ ଏବେ ବାଇକ୍ କିଣୁ ନାହାନ୍ତି। ବରଂ ଜୀବନ ଶୈଳୀ ଆଧାରରେ ବାଇକିଂ ଏବଂ ରାଇଡିଂ କଲଚରର ନୂଆ ଟ୍ରେଣ୍ଡକୁ ଲୋକମାନେ ଭୁବନେଶ୍ୱର ସହ ଅନ୍ୟ ଛୋଟ ସହରରେ ମଧ୍ୟ ଆପଣାଉଛନ୍ତି। ରାଇଡିଂ ପ୍ୟାସନ ଯୋଗୁ ଗ୍ରାହକ ପ୍ରିମିୟମ ବାଇକ କିଣିବାକୁ ଆଗଭର ହେଉଥିବା ଇଟାଲିଭିତ୍ତିକ ବ୍ରାଣ୍ଡ୍ ବେନେଲି ଇଣ୍ଡିଆର ଏମ୍‌ଡି ବିକାଶ ଝବାଖ କହିଛନ୍ତି। ଭୁବନେଶ୍ୱରରେ କମ୍ପାନୀର ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଝବାକଙ୍କ ସହ 'ଧରିତ୍ରୀ'ର ସତ୍ୟାନନ୍ଦ ନାୟକଙ୍କ ସାକ୍ଷାତ୍‌କାର...**

**ପ୍ରଶ୍ନ- ଓଡ଼ିଶାରେ ବେନେଲିର ଉପସ୍ଥିତିକୁ ନେଇ ଆପଣଙ୍କ ମତ କ'ଣ?**

**ଉତ୍ତର-** ଭୁବନେଶ୍ୱର ସହରକୁ ୧୦ ବର୍ଷ ହେବ ଜାଣିଛି। ୩ ବର୍ଷ ପୂର୍ବରୁ ଭୁବନେଶ୍ୱରରେ ଆମର ଉପସ୍ଥିତି ରହିଥିଲା। ମାତ୍ର ଏହା ଏତେ ବଡ଼ ନ ଥିଲା। ବର୍ତ୍ତମାନ ନୂଆ ଷ୍ଟୋର ଦ୍ୱାରା ସାରା ରାଜ୍ୟର ଗ୍ରାହକଙ୍କ ବହୁବିଧ ଆବଶ୍ୟକତା ପୂରଣ କରିବା ଦିଗରେ ସକ୍ଷମ ହେବୁ ବୋଲି ଭାବୁଛୁ। କୌଣସି ସ୍ଥାନରେ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଣ ଲାଗି ଠିକ୍ ପାର୍ଟନରଙ୍କ ଆବଶ୍ୟକତା ରହିଛି। ଓଡ଼ିଶାର ପ୍ରମୁଖ ସହରରେ ମଧ୍ୟ ଉପସ୍ଥିତି ବଢ଼ାଇବାକୁ ଯୋଜନା ରହିଛି।

**ପ୍ରଶ୍ନ- ବେନେଲି ୪୫ ଡିଲରଶିପ ଦ୍ୱାରା ସେବା ଯୋଗାଉଛି। ସାରା ଦେଶ ଲାଗି ଏହି ଷ୍ଟୋରଗୁଡ଼ିକ ପର୍ଯ୍ୟାପ୍ତ ହେଉଛି କି। ଅଧିକ ଷ୍ଟୋର ଯୋଡ଼ିବା ଲାଗି କିଛି ଯୋଜନା ଉପରେ କାମ କରୁଛନ୍ତି?**

ଉତ୍ତର- ହଁ। ଆମେ ଏବେ ୪୫ ଷ୍ଟୋର ସହ ସେବା ଯୋଗାଉଛୁ। ସାରା ଦେଶରେ ଅଧିକ ଷ୍ଟୋର ଯୋଡ଼ିବା ଲକ୍ଷ୍ୟ ରହିଛି। ଆସନ୍ତା ବର୍ଷ ସୁଦ୍ଧା ଆଉଟଲେଟ ସଂଖ୍ୟା ୧୦୦ ଛୁଇଁବା ନେଇ ଯୋଜନା ରଖାଯାଇଛି। ଆଗକୁ ଯେଉଁ ୫୦ ଆଉଟଲେଟ ଖୋଲିବ, ସେଥି ମଧ୍ୟରେ ଓଡ଼ିଶାରେ କିଛି ଷ୍ଟୋର ଖୋଲିବାକୁ ଚିନ୍ତା କରିଛୁ। ଓଡ଼ିଶାରେ ବେନେଲିର ୩ରୁ ୪ ଆଉଟଲେଟ ଆସିପାରେ। ଓଡ଼ିଶା ଏକ ବିସ୍ତୃତ ବଜାର ହୋଇଥିବାରୁ ଯେଉଁ ସ୍ଥାନଗୁଡ଼ିକରେ ଚାହିଦା ଅଧିକ ଦେଖାଯିବ ସେହି ସ୍ଥାନଗୁଡ଼ିକୁ ଆମ ନେଟୱର୍କରେ ଯୋଡ଼ିବୁ।

**ପ୍ରଶ୍ନ- ଆପଣଙ୍କ କମ୍ପାନୀର ବାଇକଗୁଡ଼ିକର ସ୍ୱତନ୍ତ୍ରତା ସମ୍ପର୍କରେ କିଛି କହିବେ?**

ଉତ୍ତର- ବାଇକଗୁଡ଼ିକୁ ସୁରକ୍ଷିତ କରି ପ୍ରସ୍ତୁତ କରାଯାଇଛି। ରାଇଡରଙ୍କ ନିରାପତ୍ତାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଥାଉ। ହାଇ ପର୍‌ଫର୍‌ମାନ୍ସ, ହାଇଲିଂ ବିଲ୍ଟ କ୍ୱାଲିଟି ସୁବିଧା ବେନେଲି ମଡେଲଗୁଡ଼ିକରେ ରହିଛି। ବ୍ରେକିଂ ସିଷ୍ଟମ, ସ୍ୱତନ୍ତ୍ର ସାଉଣ୍ଡ ମଧ୍ୟ ରହିଛି। ଲଙ୍ଗ୍ ଟ୍ରିପ, ମାଇଲେଜ, ଉନ୍ନତ ରୋଡ୍ ପ୍ରେଜେନ୍ସ, ରାଇଡିଂ କମ୍ଫର୍ଟ ଭଳି ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ସହ ଯାନଗୁଡ଼ିକ ଆସୁଛି। ବଜାରରେ ଅନେକ ସୁପର ବାଇକ ରହିଛି, ଯାହା ଦେଖିବାକୁ ବହୁତ ସୁନ୍ଦର। ମାତ୍ର ତା'ର ମୂଲ୍ୟ ଶୁଣିଲେ ଗ୍ରାହକ କିଣିବା ଆଗରୁ ଅନେକ କଥା ଭାବିଥାନ୍ତି। ଗ୍ରାହକଙ୍କୁ 'ଭାଲ୍ୟୁ ଫର ମନି' ପ୍ରଦାନ ଆମର ସବୁ ବେଳେ ପ୍ରାଥମିକତା ରହି ଆସିଛି। ଫଳରେ ସାଧାରଣ ଲୋକ ମଧ୍ୟ ଆମ ବାଇକ କିଣିବାକୁ ମନ ବଳାଇଛନ୍ତି। ଏହା ଆମର ଷ୍ଟ୍ରଙ୍ଗ ପଏଣ୍ଟ।

**ପ୍ରଶ୍ନ- ନିୟୁ ନର୍ମାଲରେ ଆପଣଙ୍କ ବାଣିଜ୍ୟ କିଭଳି ରହିଛି?**

ଉତ୍ତର- ମହାମାରୀ ଅନେକ କିଛି ଶିଖାଇଛି। ନିୟୁ ନର୍ମାଲରେ ଅନ୍‌ଲାଇନରେ ଅନେକ କାମ ହେଉଛି। ଏମିତି କି କେବଳ ବାଇକ ଟେଷ୍ଟ ରାଇଡ ଏବଂ ଡେଲିଭରି ବେଳକୁ ଗ୍ରାହକ ଶୋ'ରୁମ ଆସୁଛନ୍ତି।

**ପ୍ରଶ୍ନ- ମାସ୍ ସେଗ୍‌ମେଣ୍ଟରେ ବେନେଲିର କିଛି ଯୋଜନା ରହିଛି କି?**

ଉତ୍ତର- ଆମେ ସୁପର ବାଇକ ସେଗ୍‌ମେଣ୍ଟ ଉପରେ ଧ୍ୟାନ ରଖିଛୁ। ଏମିତି ନୁହେଁ ଯେ, ଆମେ ମାସ୍ ସେଗ୍‌ମେଣ୍ଟର ବାଇକ ପ୍ରସ୍ତୁତ କରିପାରିବୁ ନାହିଁ। ମାତ୍ର ଆମର ସ୍ପେଶିଆଲିଟି ସୁପର ବାଇକରେ ରହିଛି। କମ୍ପାନୀ ସହ ୧୦୦ ବର୍ଷର ଅଭିଜ୍ଞତା ରହିଛି। ଏବେ ସୁଦ୍ଧା ମାସ୍ ସେଗ୍‌ମେଣ୍ଟ ଲାଗି ସେମିତି କିଛି ଯୋଜନା ନାହିଁ। ମାସ୍ ସେଗ୍‌ମେଣ୍ଟରୁ ଅନେକ ଲୋକ ସୁପର ବାଇକ ସେଗ୍‌ମେଣ୍ଟକୁ ଯାଉଛନ୍ତି। ସେହି ଗ୍ରାହକଙ୍କ ନିକଟରେ ପହଞ୍ଚିବା ସହ ସେମାନଙ୍କ ପ୍ରଥମ ବିକଳ୍ପ ହେବାକୁ ଲକ୍ଷ୍ୟ ରହିଛି।

**ପ୍ରଶ୍ନ- ଆପଣଙ୍କ ପୋର୍ଟଫୋଲିଓରେ ଥିବା ପ୍ରଡକ୍ଟ ସମ୍ପର୍କରେ କିଛି କହିବେ?**

ଉତ୍ତର- ଆମ ପୋର୍ଟଫୋଲିଓରେ ମୋଟ ୫ଟି ବାଇକ ରହିଛି। ୪ଟି ବାଇକ ୫୦୦ ସିସି ବିଶିଷ୍ଟ ହୋଇଥିବା ବେଳେ ଗୋଟିଏ ୪୦୦ ସିସି କ୍ଷମତା ବିଶିଷ୍ଟ। ବାଇକଗୁଡ଼ିକର ମୂଲ୍ୟ ୧.୮୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ୫ ଲକ୍ଷ ଟଙ୍କା ଯାଏ ରହିଛି। ମାସ୍ ସେଗ୍‌ମେଣ୍ଟରୁ କେହି ଅପ୍‌ଗ୍ରେଡ ହେଉଥିଲେ ଆମ ବାଇକ କିଣିପାରିବେ। ଏହାଠାରୁ ଅଧିକ ସିସି ଚାହିଁଲେ ତାହା ମଧ୍ୟ ଉପଲବ୍ଧ କରାଉଛୁ।

**ପ୍ରଶ୍ନ- ଆଉ କିଛି ମଡେଲ ଯୋଡ଼ିବେ କି?**

ଉତ୍ତର- ଚଳିତବର୍ଷ ୪ରୁ ୫ ମଡେଲ ଆଣିବା ଯୋଜନା ରଖିଥିଲୁ। ମାତ୍ର କରୋନା ଯୋଗୁ ସ୍ଥିତି ପ୍ରଭାବିତ ହୋଇଛି। ମୋଟ୍ ୬ରୁ ୭ ବାଇକ ଯୋଡ଼ିବା ଯୋଜନା ରହିଛି। ଆମ ପ୍ରଡକ୍ଟ ରେଞ୍ଜ ଏହାଦ୍ୱାରା ଅଧିକ ବଡ଼ ହୋଇଯିବ। ଗ୍ରାହକଙ୍କୁ ଆହୁରି ସୁଲଭ ମୂଲ୍ୟରେ ବାଇକ ଯୋଗାଇବାକୁ କାମ କରୁଛୁ।

ଫୁରସତ୍

## ଏସିଆନ କଣ୍ଟେଣ୍ଟ୍ ଆୱାର୍ଡ: ନୁସ୍‌ରତ୍ ମନୋନୀତ



**ମୁମ୍ବାଇ:** ବୁସାନ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଦ୍ୱାରା ଏସିଆନ କଣ୍ଟେଣ୍ଟ୍ ଆୱାର୍ଡ ପାଇଁ ବଲିଉଡ୍ ଅଭିନେତ୍ରୀ ନୁସରତ୍ ଭରୁଚାଙ୍କୁ ମନୋନୀତ କରାଯାଇଛି। ନେଟ୍‌ଫ୍ଲିକ୍ସରେ 'ଅଜବ ଦାସ୍ତାନ' ଆନ୍ଥୋଲୋଜିରେ ରାଜ୍ ମେହେଟାଙ୍କ 'ଖିଲୌନା' ଫିଲ୍ମ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିବାକୁ ଯାଉଛି। ଏଥିରେ ସେ ଜଣେ ମେଡ୍ ଚରିତ୍ରରେ ଥିବାବେଳେ ତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ପାଇଁ ମନୋନୀତ କରାଯାଇଛି। ଏହାପୂର୍ବରୁ କୌଣସି ଭାରତୀୟ ଅଭିନେତ୍ରୀଙ୍କୁ ଏସିଆନ୍ କଣ୍ଟେଣ୍ଟ୍ ଆୱାର୍ଡ ପାଇଁ ଚୟନ କରାଯାଇନାହିଁ। ଏଭଳି ଖୁସି ଖବର ନୁସ୍‌ରତ୍ ନିଜେ ତାଙ୍କ ଇନଷ୍ଟାଗ୍ରାମ ଏବଂ ଟୁଇଟରରେ ଜଣାଇଛନ୍ତି। ବିଭିନ୍ନ ଦେଶର ପ୍ରତିଭାବାନ କଳାକାରଙ୍କ ମଧ୍ୟରୁ ତାଙ୍କୁ ଚୟନ କରାଯାଇଥିବାରୁ ସେ ବହୁତ ଖୁସି ଥିବା କହିଛନ୍ତି।

# ଶିଖ୍ ସୈନ୍ୟଙ୍କ ପଗଡ଼ି ସଂଘର୍ଷ ଶେଷ

**ଆମେରିକୀୟ ମରୀନ୍ କର୍ ଇତିହାସରେ ବଦଳିଛି ନିୟମ। ୨୪୬ ବର୍ଷ ପରେ ପ୍ରଥମ ଥର ପାଇଁ ଜଣେ ଶିଖ୍ ସୈନ୍ୟଙ୍କୁ କାର୍ଯ୍ୟକ୍ଷେତ୍ରରେ ପଗଡ଼ି ପିନ୍ଧିବାକୁ ଦିଆଯାଇଛି ଅନୁମତି। ତେବେ ଏଥିଲାଗି ତାଙ୍କୁ କରିବାକୁ ପଡ଼ିଛି ଦୀର୍ଘ ୫ବର୍ଷର ସଂଘର୍ଷ। ଆମେରିକାକୁ ଅନୁକରଣ କରି ବ୍ରିଟେନ, କାନାଡ଼ା ଏବଂ ଅଷ୍ଟ୍ରେଲିଆ ସେନାରେ କାର୍ଯ୍ୟରତ ଶିଖ୍‌ଙ୍କୁ ପଗଡ଼ି ପିନ୍ଧିବାକୁ ଅନୁମତି ଦିଆଯାଇଛି।**

ୱାଶିଂଟନ୍: ଆମେରିକା ସେନାରେ କାର୍ଯ୍ୟରତ ଜଣେ ଶିଖ୍ ଅଫିସରଙ୍କ ସ୍ୱପ୍ନ ୫ ବର୍ଷର ସଂଘର୍ଷ ପରେ ସାକାର ହୋଇଛି। ଯାହାଙ୍କ ପାଇଁ ଏହି ନିୟମ ପରିବର୍ତ୍ତନ ହୋଇଛି, ସେ ହେଲେ ଲ୍ୟୁଟନାଣ୍ଟ ସୁଖବୀର ସିଂ ତୁର୍। ସେନାର ୨୪୬ ବର୍ଷର ଦୀର୍ଘ ଇତିହାସରେ ଏହା ପ୍ରଥମ ଘଟଣା। ଲ୍ୟୁଟନାଣ୍ଟ ତୁର୍ ୨୦୧୭ରେ ଆମେରିକା ସେନାରେ ଯୋଗଦେଇଥିଲେ। ସେବେଠାରୁ ନିଜ ସମ୍ପ୍ରଦାୟର ଗୌରବ କୁହାଯାଉଥିବା ପଗଡ଼ି ପରିଧାନ କରିବାକୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଆସୁଥିଲେ। କାର୍ଯ୍ୟକ୍ଷେତ୍ରରେ ପଗଡ଼ି ପିନ୍ଧିବାକୁ ଅନୁମତି ମିଳିବା ପରେ ନିଜ ପ୍ରତିକ୍ରିୟାରେ ତୁର୍ କହିଛନ୍ତି, ଏବେ ତାଙ୍କୁ ଦେଶ ଏବଂ ଧାର୍ମିକ ଭାବନା ମଧ୍ୟରୁ କୌଣସି ଗୋଟିଏକୁ ବାଛିବାକୁ ପଡ଼ିବନି। ଅଧିକନ୍ତୁ, ଦେଶ ଏବଂ ଧାର୍ମିକ ଭାବନା ସହିତ ସେ ଏବେ ଆଗକୁ ବଢ଼ିପାରିବେ।

### ଆମେରିକୀୟ ମରୀନ୍ କର୍‌ରେ ମିଳିଲା ଅନୁମତି



ତେବେ ପଗଡ଼ି ବାନ୍ଧିବା ପାଇଁ ତୁର୍‌ଙ୍କ ନିକଟରେ କେତେକ ସର୍ତ୍ତ ରଖାଯାଇଛି। ସେ ଏବେ ଦୈନିକ କାର୍ଯ୍ୟକ୍ଷେତ୍ରରେ ୟୁନିଫର୍ମ ସହିତ ପଗଡ଼ି ବାନ୍ଧି ପାରିବେ। ହେଲେ ହିଂସାଗ୍ରସ୍ତ ଅଞ୍ଚଳରେ ଡ୍ୟୁଟି ସମୟରେ ସେ ଏହି ପଗଡ଼ି ପରିଧାନ କରିପାରିବେ ନାହିଁ। ସେହିପରି ସେନାର କୌଣସି ୟୁନିଟ୍‌ର ଉତ୍ସବରେ ପଗଡ଼ି ବାଦ୍ ପାରମ୍ପରିକ ୟୁନିଫର୍ମ ପରିଧାନ କରିବେ ବୋଲି କୁହାଯାଇଛି।

ସୁଖବୀର ହେଉଛନ୍ତି ଜଣେ ପ୍ରବାସୀ ଭାରତୀୟ। ୫ବର୍ଷ ତଳେ ସେ ଆମେରିକୀୟ ନୌସେନାରେ ଭର୍ତ୍ତି ହୋଇଥିଲେ। ନିୟମ ଅନୁଯାୟୀ ତାଙ୍କୁ ସେନା ପୋଷାକ ସହିତ ପାରମ୍ପରିକ ଶିଖ୍ ସମ୍ପ୍ରଦାୟର ପଗଡ଼ି ପିନ୍ଧିବାକୁ ଅନୁମତି ମିଳି ନ ଥିଲା। ଏଥିଲାଗି ସେ ପିଟିଶନ ଦାଏର କରିଥିଲେ। ତେବେ ନିକଟରେ ତାଙ୍କୁ କେତେକ ନିୟମ ଅନୁପାଳନ କରି ପଗଡ଼ି ପରିଧାନ କରିବାକୁ ଅନୁମତି ଦିଆଯାଇଛି। ଏକ ତଥ୍ୟ ଅନୁଯାୟୀ ଆମେରିକୀୟ ବାୟୁ ସେନା ଏବଂ ପଦାତିକ ବାହିନୀରେ ୧୦୦ରୁ ଅଧିକ ଶିଖ୍ ରହିଛନ୍ତି। ସେମାନଙ୍କୁ ଦାଢ଼ି ରଖିବା ଏବଂ ପଗଡ଼ି ପରିଧାନ କରିବାକୁ ଅନୁମତି ମିଳିଛି। ତେବେ ନୌସେନା, କୋଷ୍ଟଗାର୍ଡ ଏବଂ ନୂଆ କରି ଗଢ଼ାଯାଇଥିବା ସ୍ପେସ୍ ଫୋର୍ସରେ ପୁରୁଣା ନିୟମ ବଳବତ୍ତର ରହିଛି।

### ୟୁଏସ୍ ମିଲିଟାରିରେ ପଗଡ଼ି

ଆମେରିକୀୟ ସେନା ଏବଂ ଭାରତୀୟ ଶିଖ୍ ସମ୍ପ୍ରଦାୟ ମଧ୍ୟରେ ସମ୍ପର୍କ ବେଶ୍ ପୁରୁଣା। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ସ୍ଥଳସେନାରେ ସେବା ଯୋଗାଇ ଚର୍ଚ୍ଚାକୁ ଆସିଥିଲେ ଭାରତର ଭଗତ୍ ସିଂ ଥିଣ୍ଡ। ସେତେବେଳେ ତାଙ୍କୁ ପଗଡ଼ି ପିନ୍ଧିବାକୁ ଅନୁମତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ୧୯୩୬ରେ ତାଙ୍କୁ ଆମେରିକାର ନାଗରିକତ୍ୱ ମିଳିଥିଲା। ଆମେରିକୀୟ ସେନାରେ ଶିଖ୍‌ଙ୍କୁ ପଗଡ଼ି ପିନ୍ଧିବା ଉପରେ କଟକଣା ୧୯୮୦ ଯାଏ କଡ଼ାକଡ଼ି ଥିଲା। ପଗଡ଼ି ପରିଧାନ କରିବା ଲାଗି ଅନୁମତି ଦେବାକୁ ଶିଖ୍ ସମ୍ପ୍ରଦାୟ ପକ୍ଷରୁ ଦାବି ହୋଇଥିଲା। ଆମେରିକା ସେନାରେ ଡାକ୍ତର ଥିବା କ୍ୟାପ୍‌ଟେନ କମଲଜିତ୍ ସିଂ କାଲସୀଙ୍କୁ ୨୦୦୯ରେ କଟକଣା ଭିତ୍ତିରେ ପଗଡ଼ି ପିନ୍ଧିବା ଏବଂ ଦାଢ଼ି ବଢ଼ାଇବାକୁ ଅନୁମତି ଦିଆଯାଇଥିଲା। ୨୦୧୭ରେ ଆମେରିକା ସେନାରେ ପୁଣି ଥରେ ନିୟମ ପରିବର୍ତ୍ତନ କରାଯାଇଥିଲା। ନୂତନ ନିୟମ ଅନୁଯାୟୀ ପ୍ରଥମ ଶିଖ୍ ଅଫିସର ଭାବେ ଲ୍ୟୁଟ୍‌ନାଣ୍ଟ କନୱର ସିଂଙ୍କୁ ଦାଢ଼ି ବଢ଼ାଇବା ସହିତ ପଗଡ଼ି ପିନ୍ଧି କାର୍ଯ୍ୟ କରିବାକୁ ଅନୁମତି ମିଳିଥିଲା। ୨୦୨୦ ଫେବୃୟାରୀରେ ୟୁଏସ୍ ବାୟୁସେନାର ଜଣେ କର୍ମଚାରୀଙ୍କ କ୍ଷେତ୍ରରେ ପଗଡ଼ି ପିନ୍ଧିବା ନିୟମ କୋହଳ କରାଯାଇଥିଲା।

## ରୋଲ୍ ଖାଇଲେ ମିଳିବ ୨୦ ହଜାର




**ନୂଆଦିଲ୍ଲୀ:** ଷ୍ଟ୍ରିଟ୍ ଫୁଡ୍‌ରେ ରୋଲ୍ ଖାଇବାକୁ ପସନ୍ଦ କରୁଥିବା ଲୋକଙ୍କ ପାଇଁ ଖୁସି ଖବର। ରୋଲ୍ ଖାଇବେ ଆଉ ପୁରସ୍କାର ପାଇବେ। ଏମିତି ଏକ ସୁଯୋଗ ମିଳୁଛି ଦିଲ୍ଲୀର ଏକ ଦୋକାନରେ। ବିଶ୍ୱର ସବୁଠୁ ବଡ଼ ରୋଲ୍‌କୁ ଯିଏ ୨୦ମିନିଟ୍ ମଧ୍ୟରେ ଖାଇପାରିବ ତାଙ୍କୁ ୨୦ହଜାର ଟଙ୍କାର ପୁରସ୍କାର ମିଳିବ ବୋଲି ଦୋକାନୀଜଣକ ଚ୍ୟାଲେଞ୍ଜ କରିଛନ୍ତି।

ଦିଲ୍ଲୀର ଜଣେ ଦୋକାନୀ ତିଆରି କରିଛନ୍ତି ବିଶ୍ୱର ସବୁଠୁ ବଡ଼ କାଠି ରୋଲ୍, ଯାହାର ଓଜନ ୧୦ କିଲୋଗ୍ରାମ୍। ଏତେ ବଡ଼ ରୋଲ୍ ତିଆରି କରି ଦୋକାନୀଜଣକ ଯେତିକି ଚର୍ଚ୍ଚିତ ହୋଇଛନ୍ତି ତାଠାରୁ ବେଶି ଚର୍ଚ୍ଚିତ ହୋଇଛନ୍ତି ତାଙ୍କ ଚ୍ୟାଲେଞ୍ଜ ପାଇଁ। 'ଦି ଫୁଡ୍ କ୍ଲଟ୍' ନାମରେ ଥିବା ଏକ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ଏହି ରୋଲକୁ ନେଇ ଏକ ଭିଡିଓ ଶେୟାର କରାଯାଇଛି। ଭିଡିଓରେ ଏତେ ବଡ଼ ରୋଲ୍ ତିଆରି ହେବାର ଶୈଳୀ ପ୍ରଦର୍ଶନ କରାଯାଇଛି। ରୋଲରେ ୩୦ଟି ଅଣ୍ଡା ରହିଛି। ରୋଲ୍ ଖାଇଦେଲେ ୨୦ ହଜାର ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଥିବାର ଭିଡିଓଟିକୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦେଖି ସାରିଲେଣି।

## ହସ୍ପିଟାଲରେ ଶ୍ୱେତା ତିୱାରୀ



ରିଆଲିଟି ଶୋ' ଖତ୍‌ରୋଁ କେ ଖିଲାଡି-୧୧ର ପ୍ରତିଯୋଗୀ ତଥା ଟେଲିଭିଜନ ଅଭିନେତ୍ରୀ ଶ୍ୱେତା ତିୱାରୀ ଅସୁସ୍ଥ ହୋଇପଡ଼ିଛନ୍ତି। ଶରୀର ଦୁର୍ବଳ ହୋଇଯିବା ଏବଂ ରକ୍ତଚାପ ହ୍ରାସ ହୋଇଯିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନିକଟରେ ସେ 'ଖତ୍‌ରୋଁ କେ ଖିଲାଡି-୧୧'ର ଫାଇନାଲରେ ପହଞ୍ଚିଥିଲେ ହେଁ ଶୋ' ଜିତିପାରି ନ ଥିଲେ। ଶୋ'ରୁ ବାହାରିବା ପରେ ସେ ଦକ୍ଷିଣ ଆଫ୍ରିକାର କେପ୍‌ଟାଉନରୁ ଭାରତ ଫେରିଥିଲେ। ଏହା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଛି। ଶ୍ୱେତାଙ୍କଠାରୁ ଅଲଗା ରହୁଥିବା ତାଙ୍କ ସ୍ୱାମୀ ତଥା ଅଭିନେତା ଅଭିନାଭ କୋହଲି ତାଙ୍କ ପାଇଁ ଏକ ନୋଟ୍ ଲେଖିଛନ୍ତି। ଏଥିରେ ସେ ତାଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଅଭିନାଭ କୋହଲି ତାଙ୍କ ଇନଷ୍ଟାଗ୍ରାମ ପୋଷ୍ଟରେ ଲେଖିଛନ୍ତି, ପୁଅର କଷ୍ଟୋଡି ପାଇଁ କୋର୍ଟରେ ଆମର ସଂଗ୍ରାମ ଚାଲିଛି। କିନ୍ତୁ ଶ୍ୱେତା ଖୁବଶୀଘ୍ର ସୁସ୍ଥ ହୋଇଯାଆନ୍ତୁ ବୋଲି କାମନା କରୁଛି। ଅଧିକ ସୁନ୍ଦର ହେବା ଏବଂ ଆବଶ୍ୟକତାଠାରୁ ଶ୍ୱେତା ବେଶି ଆଶା କରନ୍ତି। ଶରୀର ଗଠନ ପାଇଁ କମ୍ ଖାଦ୍ୟ ଖାଇବା ଯୋଗୁ ମଧ୍ୟ ସେ ଅସୁସ୍ଥ ହେଉଥିବା ଅଭିନାଭ କହିଛନ୍ତି।

## ପୁରୁଖା ଫୁଟବଲ ଖେଳାଳିଙ୍କ ପରଲୋକ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଝାଡୁଆପଡା ନିବାସୀ ପୁରୁଖା ଫୁଟବଲ ଖେଳାଳି କୃଷ୍ଣକାନ୍ତ ମିଶ୍ରଙ୍କ (୮୨) ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଘରେ ଥିଲେ। ସ୍ଥାନୀୟ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ବୀଣାପାଣି, ପୁଅ ରାଜେଶ, ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଛାତ୍ର ଜୀବନରୁ କୃଷ୍ଣକାନ୍ତଙ୍କ ଫୁଟବଲ ଖେଳ ପ୍ରତି ଆଗ୍ରହ ରହିଥିଲା। ରାଜ୍ୟ ଓ ଜିଲାସ୍ତରୀୟ ପ୍ରତିଯୋଗିତାରେ ସେ ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ। ଖବର ପ୍ରକାଶ ହେବା ପରେ ଶୋକର ଛାୟା ଖେଳିଯାଇଛି।

## ‘ଗାନ୍ଧୀ ଜୟନ୍ତୀରେ ଭୋକାଲ ଫର୍ ଲୋକାଲକୁ ମାଧ୍ୟମ କରାଯାଉ’

ଭୁବନେଶ୍ୱର,୩୦।୯(ବ୍ୟୁରୋ)

ଗାନ୍ଧୀ ଜୟନ୍ତୀ ଅବ୍ୟବହିତ ପୂର୍ବରୁ ଗ୍ରାମ୍ୟ ଅର୍ଥନୀତିକୁ ଆଗକୁ ନେବାରେ ଭୋକାଲ ଫର୍ ଲୋକାଲକୁ ମାଧ୍ୟମ କରିବା ପାଇଁ ସଂକଳ୍ପ କରିବାକୁ ଏକ ଭିଡିଓ ବାର୍ତ୍ତା ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କହିଛନ୍ତି। ସେ କହିଛନ୍ତି ଯେ, ସତ୍ୟନିଷ୍ଠ, ସାଧୁତା, କରୁଣା ତଥା ମାନବିକତାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ମହାତ୍ମା ଗାନ୍ଧୀ। ଆମେ ଏହି ଯୁଗପୁରୁଷଙ୍କ ଜୟନ୍ତୀ ଆସନ୍ତା ୨ ତାରିଖରେ ପାଳନ କରିବା। ଆମ ପାଇଁ ଖୁସିର ମୁହୂର୍ତ୍ତ ଯେ, ୨୦୨୧ ହେଉଛି ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶତବର୍ଷ ପୂର୍ତ୍ତିର ପାବନ ଅବସର। ଏହି ଅବସରରେ ଗାନ୍ଧିଜୀଙ୍କ ଶାନ୍ତି ଓ ଅହିଂସା ଆଧାରିତ ସମାଜ ଓ ରଚନାତ୍ମକ କାର୍ଯ୍ୟକୁ ନୂତନ ଏବଂ ବ୍ୟାବହାରିକ ରୂପରେଖ ଦେବା ପାଇଁ ସୁଯୋଗ ଆଣିଦେଇଛି। ପୁଣ୍ୟ ଜନ୍ମଦିବସ ଅବସରରେ ଆମେ ସମସ୍ତେ ଭୋକାଲ ଫର୍ ଲୋକାଲକୁ ସମର୍ଥନ ଦେବା ଏବଂ ସ୍ଥାନୀୟ ଉଦ୍ୟମୀ, ବୁଣାକାର, ହସ୍ତଶିଳ୍ପ କାରିଗରଙ୍କ କଳାତ୍ମକ ଉତ୍ପାଦ କିଣିବା ଏବଂ ଅନ୍ୟମାନଙ୍କୁ କିଣିବାକୁ ପ୍ରୋତ୍ସାହିତ କରିବା। ଭାରତ ସରକାର ସ୍ୱାଧୀନତା ସଂଗ୍ରାମର ଉଚ୍ଚ ଆଦର୍ଶ, ସ୍ୱାଧୀନତା ସଂଗ୍ରାମୀଙ୍କର ବୀରତ୍ୱପୂର୍ଣ୍ଣ ସଂଘର୍ଷ ଏବଂ ତ୍ୟାଗକୁ ସମ୍ମାନ ଜଣାଇ ‘ଅମୃତ ମହୋତ୍ସବ’କୁ ଭବ୍ୟ ଭାବେ ପାଳନ କରୁଛନ୍ତି ଯାହା ଯୁବପିଢ଼ିକୁ ଦେଶପ୍ରୀତିରେ ଅନୁପ୍ରାଣିତ କରିବ। ସେହିପରି ଗାନ୍ଧିଜୀଙ୍କ ସ୍ୱାଧୀନତା ସଂଗ୍ରାମ ଓ ରାଷ୍ଟ୍ରନିର୍ମାଣ ଚିନ୍ତନରେ ଖଦିର ପ୍ରମୁଖ ଭୂମିକା ରହିଥିଲା। ୨୦୨୧ରେ ଖଦିର ବ୍ୟାପକ ବ୍ୟବହାର ଦେଶର ପ୍ରଗତିରେ ପ୍ରମୁଖ ଅଂଶୀଦାର ଭାବେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିପାରିବ। ଓଡ଼ିଶାର ପ୍ରତ୍ୟେକ ଗାଁରେ କିଛି ନା କିଛି କଳାତ୍ମକ ହସ୍ତଶିଳ୍ପ ରହିଛି ଯାହା ଓଡ଼ିଆ ଜାତିକୁ ଅନନ୍ୟ ପରିଚୟ ଦେଇଛି। ଭୋକାଲ ଫର୍ ଲୋକାଲ ଆମ ଗ୍ରାମାଞ୍ଚଳର ଆର୍ଥିକ ଅବସ୍ଥା ଏବଂ ଆତ୍ମନିର୍ଭରତାକୁ ସୁଦୃଢ଼ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଆନ୍ଧ୍ର ଲିଭାଇଥିବା ନାମଫଳକ ଲେଖିଲା ଜିଲା ପ୍ରଶାସନ

**ଧରିତ୍ରୀ ପ୍ରଭାବ**

■ଏପ୍ରିଲ ୧ରୁ ଲାଗିଥିଲା କୋଟିଆର ସବୁ ଗ୍ରାମରେ ଓଡ଼ିଆ ନାମଫଳକ

ପଟ୍ଟାଙ୍ଗୀ,୩୦।୯(ଡି.ଏନ.ଏ.)



ପ୍ରଶାସନ ପକ୍ଷରୁ ପୁଣି ଥରେ ଲେଖାଯାଇଥିବା ନାମଫଳକ।

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତର ଦୁଇଟି ସ୍ଥାନରେ ଓଡ଼ିଶା ସରକାରଙ୍କ ରହିଥିବା ଓଡ଼ିଆ ନାମଫଳକକୁ ଆନ୍ଧ୍ର ମଙ୍ଗଳବାର ଲିଭାଇ ଦେଇଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କୋରାପୁଟ ଜିଲା ପ୍ରଶାସନ ମଧ୍ୟ ଏହାକୁ ଗୁରୁତର ସହ ନେଇଥିଲା। ଜିଲାପାଳ ଅବ୍‌ଦଲ ଏମ୍. ଅଖତର ତୁରନ୍ତ ଏହାର ତଦନ୍ତ କରି ଏହି ଓଡ଼ିଆ ନାମଫଳକ ଲେଖିବାକୁ ପଟ୍ଟାଙ୍ଗୀ ଏବିଡିଓ କୃଷ୍ଣଚନ୍ଦ୍ର ବିଶ୍ୱାସ ରାଏଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏବିଡିଓ ରାଏ, କନିଷ୍ଠଯନ୍ତ୍ରୀ ଅଜୟ ରାମ ତରାଇ, ଏପିଓ ସୌମେନ୍ଦ୍ର ନାୟକ, ପିଇଓ ନବ ହନ୍ତାଳ ପ୍ରମୁଖ କୋଟିଆ ଯାଇ ଗୁରୁବାର ଲିଭାଯାଇଥିବା ଏହି ଓଡ଼ିଆ ନାମଫଳକଗୁଡ଼ିକୁ ଲେଖିଛନ୍ତି। ଜିଲାପାଳଙ୍କ ଏପରି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗତ ଏପ୍ରିଲ ୧ରେ କୋରାପୁଟ ଜିଲା ପ୍ରଶାସନ ଓ ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ସହଯୋଗରେ ଏହି ଓଡ଼ିଆ ନାମଫଳକ ଲଗାଯାଇଥିଲା । ଆନ୍ଧ୍ର ସରକାରଙ୍କ କେତେଜଣ କର୍ମଚାରୀ ମଙ୍ଗଳବାର କୋଟିଆରେ ପହଞ୍ଚି କେତେକ ଗ୍ରାମରେ ତେଲୁଗୁ ନାମଫଳକ ଲଗାଇବା ସହ ନେରେଡିବାଲସା ଓ ତାଡ଼ିବାଲାସା ଗ୍ରାମରେ ଥିବା ଓଡ଼ିଆ ନାମଫଳକକୁ ଲିଭାଇ ଦେଇଥିଲେ।

## ୧୦ ଏସ୍‌ଏସ୍‌ଭିଏମ୍‌ର ନୂତନ ଗୃହ ଲୋକାର୍ପଣ କରିବେ ଧର୍ମେନ୍ଦ୍ର

ଭୁବନେଶ୍ୱର,୩୦।୯



କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗାନ୍ଧୀ ଜୟନ୍ତୀ ଅବସରରେ ୧୦ଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ଏସ୍ଏସ୍‌ଭିଏମ୍)ର ନୂତନ ଗୃହ ଏବଂ ଅନ୍ୟ ସୁବିଧାର ଲୋକାର୍ପଣ କରିବେ। ଅନୁଗୋଳ ଏବଂ ଢେଙ୍କାନାଳର ସୁନ୍ଦରିଖାଲରେ ପ୍ରତ୍ୟକ୍ଷ ଭାବରେ ୨ଟି ଏବଂ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟର ବିଭିନ୍ନ ସ୍ଥାନରେ ୮ଟି ଏସ୍‌ଏସ୍‌ଭିଏମ୍‌ର ନୂତନ ବହୁମୁଖୀ ସମ୍ମିଳନୀ କକ୍ଷ, ସଭାଗୃହ ଏବଂ ଆନୁଷଙ୍ଗିକ ସୁବିଧାର ଲୋକାର୍ପଣ କରିବା କାର୍ଯ୍ୟକ୍ରମ ରହିଛି। ଇଣ୍ଡିଆନ ଅଏଲର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ‘ଇଣ୍ଡିଆନ ଅଏଲ ଶିକ୍ଷା’ ଅଧୀନରେ ପ୍ରାୟ ୨୪ କୋଟି ଟଙ୍କା ଖର୍ଚ୍ଚରେ ଏହିସବୁ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଗୁଡ଼ିକରେ ସ୍ମାର୍ଟ କ୍ଲାସ୍‌ରୁମ୍ ରହିଛି। ସେହିଭଳି କନ୍‌ଫରେନ୍ସ ହଲ୍, ଲାବରେଟୋରି, ପାଠାଗାର, ପ୍ରାର୍ଥନା ଗୃହ, ଯୋଗ କକ୍ଷ, ଅଡିଟୋରିୟମ ହଲ୍ ଓ ଶୌଚାଳୟ ମଧ୍ୟ ନିର୍ମାଣ କରାଯାଇଛି। ଏହା ଦ୍ୱାରା ଏହି୧୦ଟି ସ୍କୁଲରେ ପାଠ ପଢୁଥିବା୧୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଶେଷ ଭାବରେ ଉପକୃତ ହୋଇପାରିବେ। ଏଥିରେ ଇଣ୍ଡିଆନ ଅଏଲର ଏଚ୍‌ଆର୍ ନିର୍ଦ୍ଦେଶକ ରଞ୍ଜନ କୁମାର ମହାପାତ୍ର, ସ୍ଥାନୀୟ ଜନପ୍ରତିନିଧି ଓ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ଇଣ୍ଡିଆନ ଅଏଲର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବା କାର୍ଯ୍ୟକ୍ରମ ରହିଛି।

## ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କଠାରୁ ୧ ଲକ୍ଷ ଲୁଟ୍

ସୋନପୁର,୩୦।୯(ନି.ପ୍ର.)– ସୋନପୁର ସହର ଉଦୟନଗର ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଶିବ ପ୍ରସାଦ ପଣ୍ଡା(୬୦)ଙ୍କ ନିକଟରୁ ଦୁର୍ବୃତ୍ତମାନେ ୧ ଲକ୍ଷ ଟଙ୍କା ଲୁଟି ନେବାରେ ସକ୍ଷମ ହୋଇଛନ୍ତି। ଗୁରୁବାର ପୂର୍ବାହ୍ନରେ ପଣ୍ଡା ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ଶାଖାରୁ ୧ ଲକ୍ଷ ଟଙ୍କା ଉଠାଇଥିଲେ। ସେ ୨୦୦ଟଙ୍କିଆ ୫ଟି ବଣ୍ଡଲକୁ ଏକ କପଡ଼ା ବ୍ୟାଗ୍‌ରେ ରଖି ଗାନ୍ଧୀ ପଡ଼ିଆରେ ବସୁଥିବା ପରିବା ମାର୍କେଟ୍‌କୁ ସାଇକେଲ ଯୋଗେ ଆସିଥିଲେ। ଟଙ୍କା ବ୍ୟାଗ୍‌କୁ ସାଇକେଲ ହ୍ୟାଣ୍ଡେଲରେ ରଖି ପରିବା କିଣୁଥିବା ବେଳେ ଦୁର୍ବୃତ୍ତ ଟଙ୍କା ବ୍ୟାଗ୍ ଧରି ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ସେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ୨୬୭/୨୧ ମୂଳେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଥିଲେ ହେଁ ସଫଳତା ମିଳିପାରି ନାହିଁ। ବ୍ୟାଙ୍କରେ ଟଙ୍କା ଉଠାଣ ସମୟରେ ଦୁର୍ବୃତ୍ତ ତାଙ୍କୁ ପିଛା କରି ପରିବା ମାର୍କେଟ୍ ପର୍ଯ୍ୟନ୍ତ ଆସିଥିବା ଅନୁମାନ କରାଯାଉଛି। ପଣ୍ଡା ସୁବର୍ଣ୍ଣପୁର ପୋଲିସ ସ୍ପେଶାଲ ବ୍ରାଞ୍ଚରେ କାର୍ଯ୍ୟ କରୁଥିଲେ। ଗତ ଜାନୁୟାରୀ ମାସରେ ସେ ଅବସର ଗ୍ରହଣ କରିଛନ୍ତି।

## ଅପମିଶ୍ରିତ ଘିଅ ପୋତାଗଲା

କଟକ ଅଫିସ,୩୦।୯: ଲକ୍ଷାଧିକ ଟଙ୍କାର ଅପମିଶ୍ରିତ ଘିଅକୁ ଗୁରୁବାର ଶିଖରପୁରସ୍ଥିତ ଗୁରୁଦ୍ୱାର ପଛପଟେ ପୋତାଯାଇଛି। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ୫ମାସ ତଳେ ମାଲଗୋଦାମ ଓ ଚାଉଳିଆଗଞ୍ଜ ଅଞ୍ଚଳରେ ଚଢାଉ କରାଯାଇ ଏହି ଘିଅ ଜବତ କରାଯାଇଥିଲା। ଏହାପରେ ପରୀକ୍ଷା ପାଇଁ କିଛି ନମୁନା ଲ୍ୟାବକୁ ପଠାଯାଇଥିଲା। ରିପୋର୍ଟ ଆସିବା ପରେ ସେସବୁ ଅପମିଶ୍ରିତ ଘିଅ ବୋଲି ଜଣାପଡ଼ିଛି। ଫଳରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପ୍ରାୟ ୫ଲକ୍ଷ ଟଙ୍କାର ଅପମିଶ୍ରିତ ଘିଅ ମାଟି ତଳେ ପୋତି ଦିଆଯାଇଛି। ସେହିପରି ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି, ଜବତ ହୋଇଥିବା ଘିଅ ସବୁ ଲୋକଙ୍କ ଖାଇବା ଉପଯୋଗୀ ନୁହେଁ। ସେହି ଆଧାରରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ, ଫୁଡ ସେଫ୍‌ଟି ଇନ୍‌ସପେକ୍ଟର ଏବଂ ପୋଲିସ ଉପସ୍ଥିତିରେ ଲକ୍ଷାଧିକ ଟଙ୍କାର ଘିଅ ନଷ୍ଟ କରାଯାଇଛି।

## ସୁରକ୍ଷାକର୍ମୀ ଗୁଳିରେ ଯୁବକଙ୍କ ମୃତ୍ୟୁ

ସମ୍ବଲପୁର,୩୦।୯(ବ୍ୟୁରୋ): ସମ୍ବଲପୁର ଜିଲା ରେଙ୍ଗାଲି ନିକଟ ଶ୍ୟାମ ମେଟାଲିକ୍ସରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। କମ୍ପାନୀର ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ୧୯ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାରସୁଗୁଡା ଜିଲା ଲହଣ୍ଡାବୁଡ ଗ୍ରାମର ଅନୁରାଗ ଭୂୟାଁ। ଅଭିଯୋଗ କ୍ରମେ ଅଭିମନ୍ୟୁ ନିଜ ସମ୍ପର୍କୀୟ ଘର ନିଶାନଭଙ୍ଗା ଗ୍ରାମକୁ ଆସିଥିଲେ। ଅପରାହ୍ନରେ ସେ ସାଙ୍ଗମାନଙ୍କ ସହ ଯାଉଥିବାବେଳେ କମ୍ପାନୀ ସୁରକ୍ଷାକର୍ମୀଙ୍କ ଗୁଳି ତାଙ୍କ ଦେହରେ ବାଜିଥିଲା। ସାଙ୍ଗମାନେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବୁର୍ଲା ଭିମ୍‌ସାରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୋଗ ପରେ କମ୍ପାନୀର ସୁରକ୍ଷା କର୍ମୀଙ୍କୁ ଥାନାରେ ଅଟକ ରଖାଯାଇଛି। ଏ ସମ୍ପର୍କରେ ରେଙ୍ଗାଲି ଥାନା ଅଧିକାରୀ ଧବଳେଶ୍ୱର ସାହୁ କହିଛନ୍ତି, ଘଟଣା ସମ୍ପର୍କରେ ପୋଲିସ ପାଖରେ ଲିଖିତ ଅଭିଯୋଗ ହୋଇନାହିଁ। ସୁରକ୍ଷା କର୍ମୀଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। କେଉଁ ପରିସ୍ଥିତିରେ ଗୁଳି ଚଳାଇଲେ ସେ ନେଇ ତଦନ୍ତ କରାଯାଉଛି ବୋଲି କହିଥିଲେ।

## ‘ମାଲଖାନା ବିସ୍ଫୋରକ ନଷ୍ଟ କର’

■ଏସ୍‌ଓପି ଜାରିକଲେ କ୍ରାଇମବ୍ରାଞ୍ଚ ଏଡିଜି

କଟକ ଅଫିସ, ୩୦।୯

ପୁରୀ ଜିଲାର ବଳଙ୍ଗା ଥାନା ବିସ୍ଫୋରଣ ଘଟଣା ପରେ ରାଜ୍ୟ ପୋଲିସ ଚେତିଛି। ଥାନା କର୍ମଚାରୀ ଓ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଗୁରୁବାର କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ରାଜ୍ୟର ସମସ୍ତ ଏସ୍‌ପିଙ୍କ ସମେତ କମିଶନରେଟ ପୋଲିସ ନିମନ୍ତେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଜାରି କରିଛନ୍ତି। ବିଭିନ୍ନ ଥାନାକୁ ଜବତ ହୋଇ ଆସୁଥିବା ବାଣ, ବାରୁଦ ଓ ବୋମା ପ୍ରଭୃତି ବିସ୍ଫୋରକ ଦ୍ରବ୍ୟକୁ କିପରି ସାବଧାନତାର ସହ ନଷ୍ଟ କରାଯିବ ସେନେଇ ପଦକ୍ଷେପ ନେବାକୁ ସମସ୍ତ ଏସ୍‌ପିଙ୍କ ସମେତ କମିଶନରେଟ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ଓପିରେ ଉଲ୍ଲେଖ ରହିଛି ଯେ, ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଜବତ ବିସ୍ଫୋରକ ଦ୍ରବ୍ୟର ଫରେନ୍‌ସିକ ପରୀକ୍ଷା ପାଇଁ ନମୁନା ଭାବେ କିଛି ମାତ୍ରାରେ ରଖାଯାଇପାରେ, ଯାହାକି କ୍ଷତିକାରକ ବା ବିପଜ୍ଜନକ ନୁହେଁ। ତେବେ ପ୍ରତି ଥାନାର ମାଲଖାନାରେ ଜବତ ଥିବା ବିସ୍ଫୋରକକୁ କୋର୍ଟଙ୍କ ଅନୁମତି କ୍ରମେ ଯଥାଶୀଘ୍ର ନଷ୍ଟ କରାଯିବା ଆବଶ୍ୟକ। ଆଗାମୀ ଅକ୍ଟୋବର ୫ ତାରିଖ ସୁଦ୍ଧା ଏନେଇ ନିଶ୍ଚିତ କରାଇବା ସହ ପଦକ୍ଷେପ ନେବାକୁ ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।


**GOVT. OF ODISHA**
**OFFICE OF THE CHIEF ENGINEER & BASIN MANAGER, MAHANADI, BRAHMANI & BAITARANI SYSTEM, CHANDIKHOLE**

**1st Corrigendum to “e” Procurement Notice No. CE&BM, MBBS 01 of 2021-22 and Bid Identification No. CE&BM, MBBS 01 of 2021-22**

**No. A-481:-** The e-Procurement Notice No. CE&BM. MBBS 01 of 2021-22 and Bid Identification No. CE&BM, MBBS 01 of 2021-22, the Section VI, Appendices "SALIENT DATA OF THE PROPOSED BARRAGE" is now duly filled in and uploaded instead of blank format uploaded in the DTCN (Volume-I).
All other terms and conditions remain unchanged.

Sd./- (Er. Chandeswar Behera)
Chief Engineer & Basin Manager,
Mahanadi, Brahmani & Baitarani System, Chandikhole
OIPR-32415/11/0002/2122

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, BONAI DIVISION**
Bid Identification No. 251, Dated: 24.09.2021

**TENDER CALL NOTICE FOR**
**“Procurement, Installation, Development, Operation and Management of Adventure Sports Equipments at Khandadhar Nature Camp on PPP mode during the year 2021-22 in Bonai Forest Division”**

No. MM-202:- Sealed tenders are invited from the reputed manufactures / Authorised dealers having registration under GST Act for **Procurement, Installation, Development, Operation and Management of Adventure Sports Equipments at Khandadhar Nature Camp on PPP mode during the year 2021-22 in Bonai Forest Division** for “Khandadhar Nature Camp” so as to reach the undersigned by 07.10.2021 by 5:00 PM by Hand / Speed Post / Regd. Post at Divisional Forest Office, Bonai. Tender will be opened on 08.10.2021 at 11.30 AM in presence of the tenderers or their authorized representatives at the office of Divisional Forest Office, Bonai.
Tender documents containing terms and conditions with detail specifications of the materials can be obtained from the Office of the Divisional Forest Officer, Bonai during office hours on any working day from the date of publication of tender call notice upto 05.10.2021, 5.00 PM. The undersigned reserves the right to accept or reject any or all tenders in full or parts without assigning any reason thereof.

Sd./- Divisional Forest Officer, Bonai Forest Division
OIPR-08040/11/0006/2122

**RAVENSHAW UNIVERSITY**
State University Accredited with NAAC's “A” Grade
CUTTACK-753003, ODISHA

**M.Phil & Ph.D. Admission ANNOUNCEMENT 2021-22**

**No. CAD-1350:-** Online Applications are invited for admission into the following **M.Phil. Programme for the session 2021-22:** Geography, Geology, Botany, Chemistry, Commerce, Management, Economics, Education, English, Hindi, History, Mathematics, Odia, Philosophy, Physics, Political Science, Psychology, Sanskrit, Sociology, Statistics and Zoology.
Online Applications are invited for admission into the following **Ph.D. Programme for the session 2021-22:** Geography, Biotechnology, Botany, Chemistry, Commerce, Management, Economics, Education, English, Geology, Hindi, History, Odia, Philosophy, Physics, Political Science, Psychology, Sanskrit, Sociology, Statistics and Zoology.
Candidates are advised to visit the university website **www.ravenshawuniversity.ac.in** and log on to ‘ADMISSION-21’ for complete information and admission prospectus including fees, application procedures, eligibility and selection criteria.
Last date of online submission of application is **20.10.2021**.

Sd./- CHAIRPERSON
P.G. COUNCIL
RAVENSHAW UNIVERSITY, CUTTACK
OIPR-11008/11/0007/2122

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 6974/PSC, (1R-51-21-22) (DR-V),** **Dt. 29.9.21**
**No. D-155:-** It is for information of all concerned that, pursuant to the advertisement No. 08 of 2020-2021, **30 (Thirty)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Geology**.
The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **27.10.2021** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 27.10.2021 | 10.30 AM | 00014567, 00014829, 00088234, 00096614, 00013548, 00084447, 00092291, 00014461, 00076686, 00081610, 00086848, 00091661, 00077906, 00093470, 00014690, 00096906, 00088752, 00013773, 00014232 & 00091539 = **20 Candidates** |
| | 02.30 PM | 00092067, 00013611, 00013738, 00013604, 00014833, 00014182, 00014944, 00075338, 00014045 & 00013771 = **10 Candidates** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in & attested “**Attestation Form**” and duly filled in “**Bio-data Form**”, (downloaded from the website of the Commission).
5. **One set** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.
It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.
The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.
OIPR-12002/11/0107/2122 **Sd./- Secretary**

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 6978/PSC, (1R-51-21-22) (DR-V),** **Dt. 29.9.21**
**No. D-156:-** It is for information of all concerned that, pursuant to the advertisement No. 08 of 2020-2021, **28 (Twenty Eight)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Wildlife & Biodiversity Conservation**.
The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **26.10.2021** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 26.10.2021 | 10.30 AM | 00094592, 00090910, 00091922, 00030864, 00094982, 00097577, 00088556, 00046587, 00097703, 00091210, 00088809, 00084326, 00088632, 00088773, 00089619, 00090958, 00093081 & 00099282 = **18 Candidates** |
| | 02.30 PM | 00078219, 00089831, 00096521, 00097397, 00076980, 00087853, 00083889, 00092459, 00092553 & 00095682 = **10 Candidates** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in & attested “**Attestation Form**” and duly filled in “**Bio-data Form**”, (downloaded from the website of the Commission).
5. **One set** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.
It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.
The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.
OIPR-12002/11/0108/2122 **Sd./- Secretary**

**ତହସିଲ କାର୍ଯ୍ୟାଳୟ, ଯାଜପୁର**
ବିଜ୍ଞପ୍ତ ସଂଖ୍ୟା ୫୯୩୦ ତା୨୭.୦୯.୨୦୨୧

**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

No. F-159:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଯାଜପୁର ତହସିଲ ଅନ୍ତର୍ଗତ ୨ ଗୋଟି (ଲଘୁ ଖଣିଜ ଦ୍ରବ୍ୟ) ସଇରାତ ଉତ୍ସଗୁଡ଼ିକୁ ଅନ୍ୟୁନ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି ବାବଦରେ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ ସରକାରୀ କାର୍ଯ୍ୟଦିବସରେ ଉପଲବ୍ଧ ହେବ ଓ ଜିଲ୍ଲା ୱେବ୍‌ସାଇଟ୍ www.jajpur.nic.inର Tender ଲିଙ୍କ ମାଧ୍ୟମରେ ଏହି ବାବଦରେ ସମସ୍ତ ସୂଚନା ପାଇପାରିବେ। ଇଚ୍ଛୁକ ବ୍ୟକ୍ତିବିଶେଷ ଆସନ୍ତା ୦୨.୧୧.୨୦୨୧ରିଖ ଅପରାହ୍ନ ୫.୩୦ ଘ. ମଧ୍ୟରେ ଆବେଦନ କରିପାରିବେ।

**ସଇରାତ ଉତ୍ସଗୁଡ଼ିକର ବିବରଣୀ**

| କ୍ର. ନଂ. | ସଇରାତ କେଶ ନଂ. ଓ ବର୍ଷ | ସଇରାତ ଉତ୍ସର ନାମ | ମୌଜା | ଖାତା ନଂ. | ପ୍ଲଟ ନଂ | ରକବା (ଏକର) | କିସମ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘ. ମି.) | ସର୍ବନିମ୍ନ ରୟାଲଟି ମୂଲ୍ୟ (ଘନ ମିଟର ରେ ପ୍ରତି) | ସର୍ବନିମ୍ନ ଅତିରିକ୍ତ ଦେୟ (ଘନ ମିଟର ପ୍ରତି) |
|---|---|---|---|---|---|---|---|---|---|---|
| ୧ | ୧/୨୦୨୧-୨୨ | ବୁଢ଼ା ନଦୀ ବାଲିଘାଟ | ମଲ୍ଲିକାପୁର | ୪୦୭ (AAA) | ୧୨୬ (p) | ୧୦.୦୦ | ନଦୀ | ୯୦୦୦ | ୩୫.୦୦ | ୪୫.୦୦ |
| ୨ | ୨/୨୦୨୧-୨୨ | ବୁଢ଼ା ନଦୀ ବାଲିଘାଟ | ଅଡଙ୍ଗ | ୯୯୩ (AAA) | ୧୭୫୫ | ୧୦.୫୦ | ନଦୀ | ୯୫୦୦ | ୩୫.୦୦ | ୪୫.୦୦ |

OIPR-24024/11/0003/2122 ସ୍ୱା./- ତହସିଲଦାର, ଯାଜପୁର

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 6984/PSC, (1R-46-21/22) (DR-V),** **Dt. 29.9.21**
**No. D-157:-** It is for information of all concerned that, pursuant to the advertisement No. 08 of 2020-2021, **18 (Eighteen)** candidates, bearing following PPSAN have been allowed to face the interview to determine their eligibility for recruitment to the post of Assistant Professor in **Santali**. The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **21.10.2021** and **22.10.2021** as per the programme mentioned below.

| Date | Time of Interview | PPSAN of candidates |
|---|---|---|
| 21.10.2021 | 10.30 A.M. | 00088320, 00093041, 00098993, 00090487, 00078427 & 00093319 = **06 candidates** |
| | 02.30 P.M. | 00092040, 00096845 & 00077224 = **03 candidates** |
| 22.10.2021 | 10.30 A.M. | 00100151, 00078426, 00093187, 00087322, 00091254 & 00100077 = **06 candidates** |
| | 02.30 P.M. | 00091211, 00086572 & 00088884 = **03 candidates** |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.
The candidates are advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.
**NOTE: - THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**
OIPR-12002/11/0109/2122 **Sd./- Secretary**

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 6990/PSC, (1R-55-21/22) (DR-V),** **Dt. 29.9.21**
**No. D-158:-** It is for information of all concerned that, pursuant to the advertisement No. 08 of 2020-2021, **10 (Ten)** candidates, bearing following PPSAN have been allowed to face the interview to determine their eligibility for recruitment to the post of Assistant Professor in **Sahitya**. The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **08.10.2021** as per the programme mentioned below.

| Date | Time of Interview | PPSAN |
|---|---|---|
| 08.10.2021 | 10.30 A.M. | 00089710, 00095704, 00081164, 00093529, 00099570 & 00091742 = **06 candidates** |
| | 02.30 P.M. | 00090104, 00094554, 00094511 & 00094160 = **04 candidates** |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.
The candidates are advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.
**NOTE: - THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**
OIPR-12002/11/0110/2122 **Sd./- Secretary**

# ବିରାଟ ନିଷ୍ପତ୍ତି

**ହଠାତ୍ ଟି୨୦ ନେତୃତ୍ୱ ଛାଡିବାକୁ ଘୋଷଣା କରି ବିରାଟ କୋହଲି ସମସ୍ତଙ୍କୁ ଚକିତ କରିଛନ୍ତି। ସେ ଆଗାମୀ ଟି୨୦ ବିଶ୍ୱକପ୍ ପରେ ଭାରତ ଓ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଚଳିତ ସେସନ ହେବାପରେ ରୟାଲ ଚ୍ୟାଲେଞ୍ଜର ବାଙ୍ଗାଲୋର ଅଧିନାୟକ ପଦରୁ ଓହରିଯିବେ। ଏହା ଏକ ବଡ଼ ନିଷ୍ପତ୍ତି ହୋଇଥିବା ବେଳେ ତାଙ୍କ ପ୍ରଶଂସକମାନେ ସହଜରେ ଏହାକୁ ଗ୍ରହଣ କରିପାରିନାହାନ୍ତି...**


ନିର୍ମଳ କୁମାର ମିଶ୍ର

**ଆ**ସନ୍ତା ମାସରୁ ଆରମ୍ଭ ହେଉଛି ଆଇସିସି ଟି୨୦ ବିଶ୍ୱକପ୍। ବିସିସିଆଇ ଏଥିପାଇଁ ବିରାଟ କୋହଲିଙ୍କ ନେତୃତ୍ୱରେ ବହୁ ଆଗରୁ ଟିମ୍ ଘୋଷଣା କରିସାରିଛି। ଏହି ସମ୍ମାନଜନକ ଟି୨୦ ବିଶ୍ୱକପ୍ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି। ମେଣ୍ଟର ମହେନ୍ଦ୍ର ସିଂ ଧୋନୀ, କୋଚ ରବି ଶାସ୍ତ୍ରୀ ଓ ଅଧିନାୟକଙ୍କୁ ନେଇ ଗେମ୍‌ପ୍ଲାନ ହୋଇଥିବାବେଳେ ହଠାତ୍ କୋହଲି ଟି୨୦ ବିଶ୍ୱକପ୍ ପରେ ଏହି ଶର୍ଟ ଫର୍ମାଟର ଅଧିନାୟକ ଦାୟିତ୍ୱରୁ ମୁକ୍ତ ହେବା ଘୋଷଣା କ୍ରିକେଟ ଜଗତକୁ ଆଶ୍ଚର୍ଯ୍ୟ କରିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ଭାରତର ପରାଜୟକୁ କ୍ରିକେଟପ୍ରେମୀ ସହଜରେ ଗ୍ରହଣ କରିପାରି ନ ଥିଲେ। ସେଥିପାଇଁ ବେଶ୍ ଚାପରେ ରହିଥିଲେ ଟିମ୍ ଇଣ୍ଡିଆର ଏହି ଷ୍ଟାର ଆଗ୍ରେସିଭ୍ ଅଧିନାୟକ। କ୍ରିକେଟର ୩ଟି ଫର୍ମାଟରେ ଅଧିନାୟକ ରହିଥିଲେ। ସେଥିପାଇଁ ବେଶ୍ ଚାପରେ ରହିବା ସ୍ୱାଭାବିକ। ତେବେ ହଠାତ୍ ବିରାଟଙ୍କର ଏହି ନିଷ୍ପତ୍ତି ସମସ୍ତ କ୍ରିକେଟ ପ୍ରେମୀଙ୍କୁ ଚମକାଇ ଦେଇଛି। ତାଙ୍କର ଏପରି ନିଷ୍ପତ୍ତିକୁ ଅନେକ ପୂର୍ବତନ କ୍ରିକେଟର ଏବଂ ବିସିସିଆଇର ଅଧିକାଂଶ ସଦସ୍ୟ ସ୍ୱାଗତ କରିଥିବା ବେଳେ ଆଉ କେତେକ ଗ୍ରହଣ କରିପାରି ନାହାନ୍ତି। କାରଣ କୋହଲି ଏହି ଫର୍ମାଟରେ ଅଧିକ ସମୟ ପାଇଁ ଅଧିନାୟକ ରହନ୍ତୁ ବୋଲି ସେମାନେ ଚାହୁଁଥିଲେ। ଗତ କିଛିବର୍ଷ ଧରି ୩ଟି ଫର୍ମାଟରେ ଅଧିନାୟକ ରହିବା ଏବଂ ଅତ୍ୟଧିକ ମ୍ୟାଚର ଚାପ ଯୋଗୁ ତାଙ୍କ ବ୍ୟାଟିଂ ପ୍ରଦର୍ଶନ ବେଶ୍ ପ୍ରଭାବିତ ହୋଇଥିଲା। ୩୨ବର୍ଷୀୟ ଏହି ଆକ୍ରମଣାତ୍ମକ ବ୍ୟାଟରଙ୍କର କ୍ରିକେଟର ୩ଟି ଯାକ ଫର୍ମାଟରେ ଆଭରେଜ ଯଦିଓ ୫୦ ଉପରକୁ ରହିଛି ତେବେ ତାଙ୍କ ନେତୃତ୍ୱରେ ଟିମ୍‌ଇଣ୍ଡିଆ ଏପର୍ଯ୍ୟନ୍ତ କୌଣସି ଆଇସିସି ଟ୍ରଫି ଜିତିବାକୁ ସକ୍ଷମ ହୋଇନାହିଁ।

ଧୋନୀଙ୍କ ଅବସର ପରେ ୨୦୧୪ରେ ଟେଷ୍ଟ ଏବଂ ୨୦୧୭ ପ୍ରଥମଭାଗରେ ସୀମିତ ଓଭର କ୍ରିକେଟରେ ଅଧିନାୟକ ଦାୟିତ୍ୱ ନେଇ ପ୍ରଭାବୀ ପ୍ରଦର୍ଶନ କରିଥିଲେ କୋହଲି। ତେବେ କ୍ରିକେଟର ୩ଟିଯାକ ଫର୍ମାଟରେ ଅଧିନାୟକ ହେବାର ଚାପ ଯୋଗୁ ୨୦୧୯ ପରଠାରୁ ତାଙ୍କର ପ୍ରଦର୍ଶନରେ ସ୍ଥିରତା ରହିନାହିଁ।

ଏପର୍ଯ୍ୟନ୍ତ ୯୬ଟି ଟେଷ୍ଟ ମ୍ୟାଚ ଖେଳି ୫୧.୦୮ ଆଭରେଜରେ ୭୭୬୫, ୨୫୪ଟି ଏକଦିବସୀୟ ମ୍ୟାଚରେ ୫୯.୦୭ ଆଭରେଜରେ ୧୨୧୬୯ ଏବଂ ୯୦ଟି ଟି୨୦ ମ୍ୟାଚରୁ ୫୨.୬୫ ଆଭରେଜରେ ୩୧୫୯ ରନ୍ କରିଛନ୍ତି କୋହଲି। ଅଧିନାୟକ ଭାବେ ଟି୨୦ରେ ୪୫ଟି ମ୍ୟାଚରୁ ୨୭ଟିରେ ବିଜୟୀ ହୋଇଥିବାବେଳେ ୧୪ ପରାଜୟ, ୨ଟି ମ୍ୟାଚ ଟାଇ ଏବଂ ୨ ମ୍ୟାଚରୁ ଫଳାଫଳ ମିଳି ନ ଥିଲା। ତେବେ ଟି୨୦ ଅନ୍ତର୍ଜାତୀୟରେ ଶତକ ହାସଲ ନ କରି ପାରିବା ତାଙ୍କୁ ବ୍ୟାକ୍ ଫୁଟରେ ରଖିଥିଲା। ତାଙ୍କର ସର୍ବାଧିକ ସ୍କୋର ଏବଂ ସର୍ବାଧିକ ସ୍କୋର ୯୪*। ୨୦୧୦ରେ ଜିମ୍ବାୱେ ବିପକ୍ଷରେ ଟି୨୦ କ୍ୟାରିୟର ଆରମ୍ଭ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ୯୦ ମ୍ୟାଚରୁ ୨୮ଟି ଅର୍ଦ୍ଧଶତକ ହାସଲ କରିପାରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଟି୨୦ ଫର୍ମାଟରେ ଖେଳାଯାଉଥିବା ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳର ଅଧିନାୟକ ଭାବେ ସେ ଟାଇଟଲ ହାସଲ କରିବାରେ ଅସଫଳ ରହିଛନ୍ତି। ଫଳରେ ସେ ଚଳିତ ସିଜନ ଶେଷରେ ଆରସିବି ଅଧିନାୟକ ପଦରୁ ମଧ୍ୟ ଓହରିବା ସମ୍ପର୍କରେ ଘୋଷଣା କରି ସାରିଛନ୍ତି। ତେବେ ଟି୨୦ର ସମସ୍ତ ଫର୍ମାଟ (ଅନ୍ତର୍ଜାତୀୟ, ଘରୋଇ ଏବଂ ଫ୍ରାଞ୍ଚାଇଜ୍)ରେ ପ୍ରଥମ ଭାରତୀୟ ଭାବେ ୧୦,୦୦୦ ରନ ପୂରଣ କରି ବିରଳ କୃତିତ୍ୱର ଅଧିକାରୀ ହୋଇଛନ୍ତି ବିରାଟ।

କ୍ରିକେଟର ଏହି ଛୋଟିଆ ଫର୍ମାଟରେ ହ୍ୱାଇଟ୍ ବଲ୍ ସ୍ପେଶାଲିଷ୍ଟ ରୋହିତ ଶର୍ମାଙ୍କ ନାମ ଅଧିନାୟକ ପଦ ପାଇଁ ବିବେଚନା କରାଯାଉଛି। ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଏହି ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ ଟି୨୦ରେ ୧୯ଟି ମ୍ୟାଚରେ ନେତୃତ୍ୱ ନେଇ ୧୫ଟିରେ ବିଜୟୀ ହୋଇଥିବାରୁ ଅଧିନାୟକ ଦୌଡରେ ହଟ୍ ଫେଭରାଇଟ ଅଛନ୍ତି। ନିକଟ ଅତୀତରେ ଟି୨୦ ଫର୍ମାଟରେ ରୋହିତ ଅଧିକ ସଫଳତା ପାଉଛନ୍ତି। କାମଚଳା ଅଧିନାୟକ ରୂପେ ସଫଳତା ପାଇଥିବାରୁ ବିସିସିଆଇ ତାଙ୍କ ମୁଣ୍ଡରେ ସୁନା କଳସ ଢାଳିବା ସମ୍ଭାବନା ବଢ଼ିଛି। ଆଇପିଏଲରେ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସକୁ ସର୍ବାଧିକ ୫ଥର ଟାଇଟଲ ଜିତାଇବାରେ ରୋହିତଙ୍କ ନେତୃତ୍ୱ ଦକ୍ଷତା ବେଶ୍ ସହାୟକ ହୋଇଛି। ଅଷ୍ଟ୍ରେଲିଆ କ୍ରିକେଟ ପରି ୩ଟି ଫର୍ମାଟରେ ୩ ଅଧିନାୟକ ରହିଲେ ଚାପ କମ୍ ରହିବ ଏବଂ ଟିମ୍ ଭଲ ପ୍ରଦର୍ଶନ କରିବ ବୋଲି ବିସିସିଆଇ ଚିନ୍ତା କରୁଥାଇପାରେ। ତେଣୁ ଆବଶ୍ୟକ ପଡ଼ିଲେ କୋହଲି ଦିନିକିଆ ଅଧିନାୟକ ପଦ ମଧ୍ୟ ଛାଡ଼ିବେ ବୋଲି ଆଲୋଚନା ହେଉଛି। କେନ୍ ୱିଲିୟମସନ୍ ଗତ କିଛି ବର୍ଷ ହେବ କ୍ରିକେଟର ୩ଟି ଫର୍ମାଟରେ ଅଧିନାୟକ ରହି ନ୍ୟୁଜିଲାଣ୍ଡକୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତାଇଛନ୍ତି। ବିରାଟ ଚାପ ଯୋଗୁ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରୁ ନାହାନ୍ତି ।କୋହଲିଙ୍କ ନେତୃତ୍ୱରେ ଭାରତ କାହିଁକି ଆଇସିସି ଟ୍ରଫି ଜିତି ପାରିନାହିଁ ବୋଲି ଅନେକଙ୍କ ମନରେ ପ୍ରଶ୍ନ ରହିଛି। ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏବେ ସମାଲୋଚକଙ୍କ ମୁହଁ ବନ୍ଦ କରିବାର ସମୟ ଆସିଛି। ଆସନ୍ତା ଟି୨୦ ବିଶ୍ୱକପ୍‌ରେ ଟିମ୍ ଇଣ୍ଡିଆ ଚମତ୍କାର ପ୍ରଦର୍ଶନ କରି ଟ୍ରଫି ହାସଲ କରିବ ବୋଲି କୋହଲିଙ୍କ ପ୍ରଶଂସକ ଆଶା ରଖିଛନ୍ତି।




# ଖ୍ୟାତିସମ୍ପନ୍ନ ବିଦ୍ୱାନ୍ କ୍ରୀଡ଼ାବିତ୍

**କ୍ରୀଡ଼ାରେ ଉଚ୍ଚମାନର ପାରଦର୍ଶିତା ହାସଲ କରୁଥିବା ଅନେକ କ୍ରୀଡ଼ାବିତ୍ ଅଲିମ୍ପିକ୍ସରେ ପଦକ ବିଜେତା ହେବା ସହିତ ପ୍ରତିଷ୍ଠିତ ବିଦ୍ୱାନ୍ ଭାବେ ସ୍ୱୀକୃତି ଲାଭ କରିଛନ୍ତି। ଏହି ଅନନ୍ୟ ସାଧାରଣ ତାଲିକାରେ ଥିବା ୬ ଖ୍ୟାତିସମ୍ପନ୍ନ ବିଦ୍ୱାନ୍ କ୍ରୀଡ଼ାବିତ୍ ଅଷ୍ଟ୍ରିଆର ଆନା କାଜେନ ହୋଫର, ଡେନମାର୍କର ହାରାଲ୍ଡ ବୋର, ୟୁନାଇଟେଡ କିଙ୍ଗଡମ୍‌ର ନୋବେଲ ପୁରସ୍କାର ବିଜେତା ଫିଲିପ୍ ନୋଏଲ ବେକର, ବିହାରର ଜୟପାଲ ସିଂ ମୁଣ୍ଡା, ନ୍ୟୁଜିଲାଣ୍ଡର ପିଟର ସ୍ନେଲ ଏବଂ ଇଂଲଣ୍ଡର ରୋଜର ବାନିଷ୍ଟରଙ୍କ ସମ୍ପର୍କରେ ଏହି ପୃଷ୍ଠାର ପ୍ରଥମ ଭାଗରେ ଉଲ୍ଲେଖ ରହିଥିଲା। ସେପରି ଆଉ ୬ ଖ୍ୟାତିସମ୍ପନ୍ନ ବିଦ୍ୱାନ୍ କ୍ରୀଡ଼ାବିତ୍‌ଙ୍କୁ ନେଇ ଏହି ଆଲେଖ୍ୟ..।**


ଅଶୋକ ମହାନ୍ତି

(ଭାଗ-୨)

୧) ଆନେଟ ଏଲିଜାବେଥ ସାଲମିନ୍ (Annette Elizabeth Salmeen) ଜନ୍ମ ୧୯୭୪: ଆମେରିକାନ ଜୀବରସାୟନବିତ ଏବଂ ୧୯୯୭ର ରୋଡସ୍ ବିଦ୍ୟାର୍ଥୀ ଆନେଟ ସାଲମିନ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ଆମେରିକା ପକ୍ଷରୁ 4x୨୦୦ ମିଟର ସନ୍ତରଣ ରିଲେରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଏହା ପୂର୍ବରୁ ୧୯୯୫ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୨୦୦ ମିଟର ବଟରଫ୍ଲାଇରେ ବ୍ରୋଞ୍ଜ ପଦକ ବିଜେତା ହୋଇଥିଲେ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ରୋଡ୍ସ ଛାତ୍ରବୃତ୍ତି ହାସଲ କରି ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରୁ ଜୀବ ରସାୟନ ପାଠ୍ୟକ୍ରମରେ ଏମ୍.ଫିଲ କରିଥିଲେ। ୨୦୦୧ରେ ଡକ୍ଟରେଟ ପାଇବା ପରେ ପୋଷ୍ଟଡକ୍ଟରେଟ ଫେଲୋ ଭାବେ ଆମେରିକାସ୍ଥିତ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରି ଅଧ୍ୟାପନା କରିଥିଲେ ।

୨) ଜେନି ଥମ୍ପସନ(Jenny Thompson) ଜନ୍ମ ୧୯୭୩: ଯୁକ୍ତରାଷ୍ଟ୍ର ଆମେରିକାର ଅଲିମ୍ପିକ ସନ୍ତରଣକାରୀ ଏବଂ ଆନାସ୍ଥାସିଓଲୋଜିଷ୍ଟ ଜେନି ୧୯୯୨ରୁ ୨୦୦୪ ପର୍ଯ୍ୟନ୍ତ ୪ଟି ଅଲିମ୍ପିକ୍ସରେ ୮ ସ୍ୱର୍ଣ୍ଣ , ୩ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରି ବିଶ୍ୱର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ସନ୍ତରଣକାରୀ ଭାବେ ସ୍ୱୀକୃତି ଲାଭ କରିଛନ୍ତି । ଜେନି ଆମେରିକାର ପ୍ରସିଦ୍ଧ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିଲେ ଏବଂ ପରେ କଲମ୍ବିଆ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଫିଜିସିଆନ୍ସ ଓ ସର୍ଜନ୍ସ ମହାବିଦ୍ୟାଳୟରୁ ଆନାକେସୋସିଓଲୋଜିରେ ସ୍ନାତକ ଡିଗ୍ରୀ ହାସଲ କରି ପୋର୍ଟଲାଣ୍ଡସ୍ଥିତ ସ୍ପେକ୍ଟ୍ରମ୍ ମେଡିକାଲ ଗ୍ରୁପ ପାଇଁ କାର୍ଯ୍ୟରତ ଥିଲେ ।

୩) କେଟି ଲେଡେକି (Katie Ledecky) ଜନ୍ମ ୧୯୯୭: ଆମେରିକାଜନ୍ମିତ କେଟି ଲେଡେକି ୩ଟି ଅଲିମ୍ପିକରେ ୭ ସ୍ୱର୍ଣ୍ଣ ଓ ୩ ରୌପ୍ୟ ( ୧୯୧୨ ଲଣ୍ଡନ ୧ ସ୍ୱର୍ଣ୍ଣ, ୧୯୧୬ ରିଓ ୪ ସ୍ୱର୍ଣ୍ଣ , ଟୋକିଓ ୨୦୨୦ରେ ୨ସ୍ୱର୍ଣ୍ଣ ଓ ୩ ରୌପ୍ୟ ) ପଦକ ଜିତି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସନ୍ତରଣକାରୀ ଭାବେ ମାନ୍ୟତା ପାଇଛନ୍ତି । ବିଶ୍ୱ ଚାମ୍ପିଅନଶିପ୍ ସନ୍ତରଣ ପ୍ରତିଯୋଗିତାରେ ୧୫ଟି ସ୍ୱର୍ଣ୍ଣ ପଦକ ଜିତି ସର୍ବାଧିକ ପଦକ ବିଜେତା ମହିଳା ସନ୍ତରଣକାରୀ ଭାବେ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । କେଟି ଆମେରିକାର ପ୍ରସିଦ୍ଧ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ ମନସ୍ତତ୍ତ୍ୱରେ ସ୍ନାତକ ଡିଗ୍ରୀ କରିଛନ୍ତି ।

୪) ରିଚାର୍ଡ 'ଡିକ' ଫସବରି (Richard Dick Fosbury) ଜନ୍ମ ୧୯୪୭: ଆମେରିକାର ଓରେଗନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିବା ସିଭିଲ ଇଞ୍ଜିନିୟରିଂ ଛାତ୍ର ରିଚାର୍ଡ 'ଡିକ' ଫସବରି ୧୯୬୮ ମେକ୍ସିକୋ ଅଲିମ୍ପିକ୍ସର ହାଇଜମ୍ପ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଇଞ୍ଜିନିୟରିଂ ଛାତ୍ର ଭାବେ ବୈଷୟିକ ଜ୍ଞାନର ଉପଯୋଗ କରି ଫସବରି ଏକ ସମ୍ପୂର୍ଣ୍ଣ ନୂତନ ଟେକ୍ନିକ୍ ପ୍ରୟୋଗ ଦ୍ୱାରା ଉଚ୍ଚଡିଆଁରେ ଏକ ବୈପ୍ଳବିକ ଓ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲେ ; ଯାହାକି ବ୍ୟାକ୍ ଫାଷ୍ଟ – ଫସବରି ଫ୍ଲପ୍ ଭାବେ କ୍ରୀଡା ଦୁନିଆରେ ଚହଳ ପକାଇଥିଲା । ଫସବରି ୧୯୭୨ରେ ଓରେଗନ ବିଶ୍ୱବିଦ୍ୟାଳୟରୁ ସିଭିଲ ଇଞ୍ଜିନିୟରିଂରେ ଡିଗ୍ରୀ ଲାଭ କରିଥିଲେ ଏବଂ ନିଜସ୍ୱ ବ୍ୟବସାୟ ସଂସ୍ଥା 'ଶାଲେନା ଇଞ୍ଜିନିୟରିଂ' ପ୍ରତିଷ୍ଠା କରିଥିଲେ । ୨୦୦୮ ରେ 'ଲିମ୍ଫୋମା ଷ୍ଟେଜ-୧ କ୍ୟାନସର' ରୋଗରେ ପୀଡିତ ହୋଇଥିଲେ ମଧ୍ୟ ୨୦୧୪ରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିଲେ ।

୫) ମିକିଓ ଓଡା (Mikio Oda) ୧୯୦୫-୧୯୯୮: ଜାପାନ ପକ୍ଷରୁ ପ୍ରଥମ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଜିତିବାର କୀର୍ତ୍ତିମାନ ମିକିଓ ଓଡାଙ୍କ ନାମରେ ରହିଛି । ସେ ମଧ୍ୟ ଏସିଆ ମହାଦେଶର ପ୍ରଥମ ଅଲିମ୍ପିକ୍ସ (ସିଙ୍ଗଲ୍ସ ଇଭେଣ୍ଟ) ଚାମ୍ପିୟନ । ଓଡା ୧୯୨୪ ପ୍ୟାରିସ ଅଲିମ୍ପିକରେ ୩ଟି ଇଭେଣ୍ଟ ହାଇଜମ୍ପ, ଲଙ୍ଗ ଜମ୍ପ ଏବଂ ଟ୍ରିପଲ ଜମ୍ପରେ ଭାଗ ନେଇଥିଲେ ହେଁ ସଫଳତା ପାଇ ନ ଥିଲେ । ପରବର୍ତ୍ତୀ ୧୯୨୮ ଆମଷ୍ଟରଡାମ ଅଲିମ୍ପିକ୍ସରେ ଓଡା ଟ୍ରିପଲ ଜମ୍ପରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ୧୯୩୧ରେ ଓଡା ୱାସେଡା ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ୧୯୩୫ରେ ସେ ୱାସେଡା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ । ୨୦୦୦ରେ ତାଙ୍କୁ ଶତାବ୍ଦୀର ଶ୍ରେଷ୍ଠ ଏସୀୟ ଆଥଲେଟ୍‌ର ମାନ୍ୟତା ମିଳିଥିଲା ।

୬) ଗାବି ଥୋମାସ୍ (Gabby Thomas) ଜନ୍ମ ୧୯୯୬: ଆମେରିକାର ଗାବି ଥୋମାସ ଟୋକିଓ – ୨୦୨୦ ଅଲିମ୍ପିକ୍ସର ୨୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ଏବଂ ୪ x ୧୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ । ଆମେରିକାର ପ୍ରସିଦ୍ଧ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ 'ନ୍ୟୁରୋବାୟୋଲୋଜି ଏବଂ ଗ୍ଲୋବାଲ ହେଲଥ୍'ରେ ସ୍ନାତକ ଡିଗ୍ରୀ ହାସଲ କଲାପରେ ବର୍ତ୍ତମାନ ଅଷ୍ଟିନସ୍ଥିତ ଟେକ୍ସାସ ବିଶ୍ୱବିଦ୍ୟାଳୟରେ ଏପିଡେମିଓଲୋଜିରେ ମାଷ୍ଟର୍ସ ଡିଗ୍ରୀ ପାଇଁ ଅଧ୍ୟୟନ କରୁଛନ୍ତି ।



ଗାବି ଥୋମାସ୍



ଜେନି ଥମ୍ପସନ


ଆନେଟ ଏଲିଜାବେଥ ସାଲମିନ୍


କେଟି ଲେଡେକି


ମିକିଓ ଓଡା

# ନୂଆ କୀର୍ତ୍ତିମାନ



ଝୁଲଣ ଗୋସ୍ୱାମୀ

**ଅ**ଭିଜ୍ଞ ଭାରତୀୟ ମହିଳା ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀ ଆଉ ଏକ ମାଇଲ ଖୁଣ୍ଟ ଅତିକ୍ରମ କରିଛନ୍ତି। ସେ କ୍ୟାରିୟରରେ ୬୦୦ତମ ଉଇକେଟ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଭାରତୀୟ ଦୃଷ୍ଟିକୋଣରୁ ଏହା ନିଶ୍ଚିତ ଭାବେ ଏକ ବଡ଼ ସଫଳତା। ସଦ୍ୟ ସମାପ୍ତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ସେ ମୂଲ୍ୟବାନ ୩ ଉଇକେଟ ହାସଲ କରି ଏହି ବଡ଼ ଧରଣର ସଫଳତା ପାଇଛନ୍ତି। ସେ ମଧ୍ୟ ନିମ୍ନକ୍ରମରେ ବ୍ୟାଟିଂ କରିବାକୁ ଆସି ବିଜୟ ସୂଚକ ଚୌକା ମାରି ଭାରତକୁ ଏହି ଗୁରୁତ୍ୱପୂର୍ଣ୍ଣ ସାନ୍ତ୍ୱନାମୂଳକ ବିଜୟ ପ୍ରଦାନ କରିଥିଲେ। କ୍ୟାରିୟରର ୧୯୨ତମ ଦିନିକିଆରେ ସେ ଏହି ସଫଳତା ପାଇଛନ୍ତି।

ପାଖାପାଖି ୨ ଦଶନ୍ଧିର ଉଜ୍ଜ୍ୱଳମୟ କ୍ୟାରିୟରରେ ସେ ଏକାଧିକ ବିଶ୍ୱସ୍ତରୀୟ ସଫଳତା ହାସଲ କରିଛନ୍ତି। ତାଙ୍କ ସଫଳତାର ତାଲିକା ବେଶ୍ ଲମ୍ବା। କିନ୍ତୁ କ୍ରିକେଟରେ ଜଣେ ମହିଳା ବୋଲର ମୋଟ ୬୦୦ ଉଇକେଟ ହାସଲ କରିବା ଏକ ଉଲ୍ଲେଖନୀୟ ଘଟଣା ବୋଲି କୁହାଯାଇପାରେ। ଏତେ ବର୍ଷ ଧରି ନିଜର ଫିଟ୍‌ନେସ ଓ ଫର୍ମ ବଜାୟ ରଖି ଖେଳ ଜାରି ରଖିବା ସବୁ ଖେଳାଳିଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ୩୮ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ସେ କ୍ରିକେଟ ଖେଳିବା ଜାରି ରଖିଛନ୍ତି ଓ ଏହା ଆଗକୁ ଜାରି ରଖିବେ ବୋଲି କହିଛନ୍ତି। ଉଭୟ ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟରେ ସେ ୬୦୦ ଉଇକେଟ ହାସଲ କରିଛନ୍ତି। ଏଥିରେ ୩୩୭ ଅନ୍ତର୍ଜାତୀୟ ଓ ୨୬୪ଟି ଘରୋଇ କ୍ରିକେଟର ଉଇକେଟ ସାମିଲ ରହିଛି। ଦିନିକିଆରେ ସେ ୧୯୨ ମ୍ୟାଚ୍‌ରୁ ୨୧.୫୯ ରନର ହାରରେ ସର୍ବାଧିକ ୨୪୦ ଉଇକେଟ ଅକ୍ତିଆର କରିଛନ୍ତି। ସେହିପରି ୧୧ ଟେଷ୍ଟ ଖେଳି ସେ ୧୭.୬୩ ରନ ହାରରେ ୪୧ଟି ଉଇକେଟ ଅକ୍ତିଆର କରିଛନ୍ତି। ୨୦୧୮ରେ ଟି୨୦ରୁ ସେ ଅବସର ଘୋଷଣା କରିଥିଲେ। ଏହି ଫର୍ମାଟରେ ସେ ୬୮ଟି ମ୍ୟାଚ୍ ଖେଳି ୫୬ ଉଇକେଟ ହାସଲ କରିଛନ୍ତି।

**କ୍ୟାରିୟରରେ ୬୦୦ ଉଇକେଟ ହାସଲ କରି ଭାରତୀୟ ମହିଳା ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀ ଆଉ ଏକ ବଡ଼ କୀର୍ତ୍ତିମାନ ହାସଲ କରିଛନ୍ତି। ଏଥିରେ ୩୩୭ ଅନ୍ତର୍ଜାତୀୟ ଓ ୨୬୪ଟି ଘରୋଇ କ୍ରିକେଟର ଉଇକେଟ ସାମିଲ ରହିଛି। ଗତ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆରେ ସେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି...**

ପଶ୍ଚିମବଙ୍ଗର ନଦିଆ ଜିଲାର ଚକଦାହରେ ଜନ୍ମିତ ୫ ଫୁଟ ୧୧ ଇଞ୍ଚ ଉଚ୍ଚତା ବିଶିଷ୍ଟ ଝୁଲଣ ୧୯ ବର୍ଷରେ ୨୦୦୨ରେ ଭାରତ ପାଇଁ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ଅଲରାଉଣ୍ଡର ଭୂମିକାରେ ଅବତୀର୍ଣ୍ଣ ହେଉଥିବା ଝୁଲଣ ଡାହାଣହାତୀ ବୋଲର ଓ ବ୍ୟାଟ୍ସମ୍ୟାନ ଭାବେ ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ୧୫ ବର୍ଷରେ ସେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଘର ପାଖରେ ସୁବିଧାସୁଯୋଗ ନ ଥିବାରୁ କ୍ରିକେଟ ଖେଳିବାକୁ ସେ କୋଲକାତା ଚାଲିଆସିଥିଲେ। ପ୍ରଥମେ ଫୁଟବଲର ପ୍ରଶଂସକ ଥିଲେ ମଧ୍ୟ ସେ ପରେ କ୍ରିକେଟ ପ୍ରେମରେ ପଡିଯାଇଥିଲେ। ସେ ଖେଳିବା ଅବସ୍ଥାରେ ମଧ୍ୟ ଭାରତୀୟ ମହିଳା ଟେଷ୍ଟ ଦଳର ବୋଲିଂ କନ୍‌ସଲଟାଣ୍ଟ ଭାବେ କାର୍ଯ୍ୟ କରିଥିଲେ। ମହିଳା କ୍ରିକେଟ ଇତିହାସରେ ସେ ବିଶ୍ୱର ଅନ୍ୟତମ ଦ୍ରୁତ ବୋଲର ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ପ୍ରଥମ ମହିଳା ବୋଲର ଭାବେ ସେ ଦିନିକିଆରେ ୨୦୦ ଉଇକେଟ ଅକ୍ତିଆର କରିଛନ୍ତି। ୨୦୦୭ରେ ସେ ଆଇସିସି ଓମ୍ୟାନ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ସେ ଭାରତୀୟ ମହିଳା ଦଳର ନେତୃତ୍ୱ ନେଇଥିଲେ। ୨୦୧୦ରେ ସେ ଅର୍ଜୁନ, ୨୦୧୨ରେ ସେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ସେ ସର୍ବାଧିକ ଉଇକେଟ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି।

# ‘ହକି ସହ ଜଡ଼ିତ ହୋଇ ରହିବି’



## ସଂକ୍ଷେପରେ ବୀରେନ୍ଦ୍ର

**ଜନ୍ମ:** ୧୯୯୦ ଫେବୃୟାରୀ ୩ (ଲାଛଡ଼ା, ଗୁରୁଣ୍ଡିଆ, ସୁନ୍ଦରଗଡ଼)
**ମା:** ମେରୀ ଲାକ୍ରା, ବାପା: ଇଗ୍ନେସ ଲାକ୍ରା
ପ୍ଲେଇଂ ଷ୍ଟାଇଲ: ଡିଫେଣ୍ଡର
**କୋଚ୍:** ପିଟର ତିର୍କୀ, ହର୍ମାନ ଲାକ୍ରା, ରାଜୁକାନ୍ତ ସଇନୀ
**ଭାରତ ପକ୍ଷରୁ ପ୍ରତିନିଧିତ୍ୱ:** ୨୦୧ ମ୍ୟାଚ
**ଅନ୍ତର୍ଜାତୀୟ ପଦାର୍ପଣ:** ୨୦୧୨, ଟେଷ୍ଟ ସିରିଜ ବନାମ ଦକ୍ଷିଣ ଆଫ୍ରିକା
ଶେଷ ଅନ୍ତର୍ଜାତୀୟ: ୨୦୨୦ ଟୋକିଓ ଅଲିମ୍ପିକ୍ସ (୨୦୨୧ ଜୁଲାଇ ୨୩ରୁ ଅଗଷ୍ଟ ୮)
**ଭାରତୀୟ ଦଳର ସଦସ୍ୟଭାବେ ସଫଳତା**
- ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ
- ୨୦୧୫ ରାୟପୁର ଓ ୨୦୧୬-୧୭ ଭୁବନେଶ୍ୱର ୱାର୍ଲ୍ଡ ଲିଗ୍‌ରେ ବ୍ରୋଞ୍ଜ ପଦକ
- ୨୦୧୨ ଦୋହା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୬ କ୍ୱାଣ୍ଟାନ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ପଦକ
- ୨୦୧୮ ବ୍ରେଡା ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ
- ୨୦୧୩ ଇପୋ ଏସିଆ କପ୍‌ରେ ରୌପ୍ୟ ପଦକ
- ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ, ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ
- ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ।

ଭୁବନେଶ୍ୱର, ୩୦।୯(କ୍ରୀଡ଼ା ପ୍ରତିନିଧି)

କ୍ୟାରିୟରରେ ୨ଟି ଅଲିମ୍ପିକ୍ସ ସମେତ ଅନେକ ସମ୍ମାନଜନକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ବୀରେନ୍ଦ୍ର ଲାକ୍ରା ଗୁରୁବାର ହକିକୁ ଅଲ୍‌ବିଦା ଜଣାଇଛନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ଓ ଏଥିପାଇଁ ସେ ପୂର୍ବରୁ ଯୋଜନା କରିଥିଲେ ବୋଲି ବୀରେନ୍ଦ୍ର କହିଛନ୍ତି। ତେବେ ଜଣେ ଖେଳାଳିଭାବେ ଅବସର ନେଲେ ମଧ୍ୟ ସେ ହକି ସହ ଜୀବନସାରା ଜଡ଼ିତ ହୋଇ ରହିବାକୁ ଚାହାନ୍ତି ବୋଲି ପ୍ରକାଶ କରିଛନ୍ତି। ହକି ମୋତେ ସବୁକିଛି ଦେଇଛି। ହକିକୁ ଆସି ନ ଥିଲେ ଆଜି ମୋତେ କେହି ଜାଣି ନ ଥାନ୍ତେ। ମୋ କ୍ୟାରିୟର ଅନ୍ୟ କେଉଁ ଦିଗରେ ଗତି କରିଥାନ୍ତା ତାହା କାହାକୁ ବି ଜଣାନାହିଁ। ହକି ହିଁ ମୋର ଜୀବନ। ତେଣୁ ଖେଳ ଛାଡ଼ିଲେ ହେଁ ଏହି କ୍ରୀଡ଼ା ସହ ସବୁବେଳେ ସମ୍ପୃକ୍ତ ହୋଇ ରହିବି ବୋଲି ସେ କହିଛନ୍ତି। ଅନେକ ସମୟରେ ଆହତ ସମସ୍ୟା ତାଙ୍କୁ ଅବସର ନେବାକୁ ଚିନ୍ତା କରିବାକୁ ବାଧ୍ୟ କରିଥିଲା। ତେଣୁ ବୀରେନ୍ଦ୍ର ଟୋକିଓ ଅଲିମ୍ପିକ୍ସ ହିଁ ତାଙ୍କର ଶେଷ ଅନ୍ତର୍ଜାତୀୟ ପ୍ରତିଯୋଗିତା ବୋଲି ମନସ୍ଥ କରିଥିଲେ। ସୌଭାଗ୍ୟ ବଶତଃ ଟୋକିଓରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ବିଜୟୀ ହେଲା। ଏହା ମୋ ପାଇଁ ଅତ୍ୟନ୍ତ ସ୍ମରଣୀୟ। କାରଣ ଅଲିମ୍ପିକ୍ସରେ ଭାଗ ନେବାକୁ ସମସ୍ତଙ୍କ ସ୍ୱପ୍ନ ଥାଏ। ଆଉ ସେଥିରେ ପଦକ ଜିତିବାଠାରୁ ଆଉ ବଡ଼ କିଛି ନାହିଁ। ଏହି ସ୍ମୃତିକୁ ସାଇତି ରଖି ଅବଶିଷ୍ଟ ଜୀବନ ଅତିବାହିତ କରିବି ବୋଲି ବୀରେନ୍ଦ୍ର ପ୍ରକାଶ କରିଛନ୍ତି। ନିଜ ଅବସର ସମ୍ପର୍କରେ ପରିବାରବର୍ଗଙ୍କୁ ପୂର୍ବରୁ ସୂଚନା ଦେଇଥିଲେ ଏହି ତାରକା ଡିଫେଣ୍ଡର। ତେଣୁ ଅବସର ଘୋଷଣାରେ ସେମାନେ ଭାଙ୍ଗିପଡ଼ି ନାହାନ୍ତି କିମ୍ବା ଚିନ୍ତିତ ନୁହନ୍ତି ବୋଲି କହିଛନ୍ତି। ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ ଏବେ କିଛି ଚିନ୍ତା କରିନାହାନ୍ତି। ତେବେ ହକିର ହିତ ପାଇଁ ଯାହା ଆବଶ୍ୟକ ପଡ଼ିବ ସେ ନିଶ୍ଚିତ କରିବେ ବୋଲି କହିଛନ୍ତି।

### ଦକ୍ଷ ଡିଫେଣ୍ଡର

ଭାରତୀୟ ହକି ଦଳର ଅନ୍ୟତମ ଦକ୍ଷ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ଗୁରୁବାର ଅବସର ଘୋଷଣା କରିଛନ୍ତି। କ୍ୟାରିୟରରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାଠାରୁ ଆରମ୍ଭ କରି ହକି ୱାର୍ଲ୍ଡ ଲିଗ୍, ଏସିଆନ ଚାମ୍ପିୟନ୍ସ ଟ୍ରଫି, ଚାମ୍ପିୟନ୍ସ ଟ୍ରଫି, ଏସିଆ କପ୍, ଏସିଆନ ଗେମ୍ସ ଏବଂ ଶେଷରେ ଅଲିମ୍ପିକ୍ସ ପଦକ ଜିତିବା ପରେ ନିଜର ପ୍ରିୟ ଖେଳ ହକିକୁ ଅଲ୍‌ବିଦା ଜଣାଇଛନ୍ତି ଏହି ଓଡ଼ିଆ ଡିଫେଣ୍ଡର। ୧୯୯୦ ଫେବୃୟାରୀ ୩ରେ ସୁନ୍ଦରଗଡ଼ା ଜିଲାର ଲାଛଡ଼ାଠାରେ ଜନ୍ମଗ୍ରହଣ କରିଥିବା ବୀରେନ୍ଦ୍ର

ବୀରେନ୍ଦ୍ର ଲାକ୍ରା

ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ସେଲ୍ ହକି ଏକାଡେମୀରେ ପ୍ରତିଭା ପ୍ରଦର୍ଶନ କରି ଆଗକୁ ବଢ଼ିଥିଲେ। ୨୦୦୭ରେ ସିଙ୍ଗାପୁର ଗସ୍ତ ପାଇଁ ସେ ପ୍ରଥମେ ଭାରତୀୟ ଜୁନିୟର ଦଳରେ ସାମିଲ ହୋଇଥିଲେ। ୨୦୧୧ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଚାମ୍ପିୟନ୍ସ ଚ୍ୟାଲେଞ୍ଜ ଟୁର୍ନାମେଣ୍ଟ, ୨୦୧୦ ଢାକା ସାଫ୍ ଗେମ୍ସ, ୨୦୦୯ ସିଡ୍‌ନୀ ୟୁଥ୍ ଅଲିମ୍ପିକ୍ସ ଓ ୨୦୦୯ ସିଙ୍ଗାପୁର ଜୁନିୟର ହକି ବିଶ୍ୱକପରେ ସେ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ୨୦୧୨ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରୁ ଆରମ୍ଭ ହୁଏ ତାଙ୍କ ସିନିୟର ଅନ୍ତର୍ଜାତୀୟ କ୍ୟାରିୟର। ଦୀର୍ଘ ୧୧ ବର୍ଷର କ୍ୟାରିୟରରେ ୨୦୧ ମ୍ୟାଚରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ବୀରେନ୍ଦ୍ର ୨୦୨୧ ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଦଳର ଉପଅଧିନାୟକ ଥିଲେ। ଏଥିରେ ଭାରତ ବ୍ରୋଞ୍ଜ ପଦକ ହାସଲ କରି ଦୀର୍ଘ ୪୧ ବର୍ଷର ଅଲିମ୍ପିକ ପଦକ ଶୂନ୍ୟତାକୁ ପୂରଣ କରିଥିଲା। ପୂର୍ବରୁ ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ମଧ୍ୟ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

ଫ୍ରାଞ୍ଚାଇଜ୍‌ଭିତ୍ତିକ ହକି ଇଣ୍ଡିଆ ଲିଗ୍‌ରେ ମଧ୍ୟ ବୀରେନ୍ଦ୍ର ନିଜ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ତାଙ୍କ ଦଳ ରାଞ୍ଚି ରାଇନୋସ ୨୦୧୩ରେ ଚାମ୍ପିୟନ, ୨୦୧୪ରେ ତୃତୀୟ ଏବଂ ନୂଆ ଦଳ ରାଞ୍ଚି ରେଜ୍ ୨୦୧୫ରେ ଚାମ୍ପିୟନ ହୋଇଥିଲା।

# ଡ୍ରାଗ୍ ଫ୍ଲିକର ରୂପିନ୍ଦର ପାଲ ସିଂଙ୍କ ଅବସର

ନୂଆଦିଲ୍ଲୀ,୩୦।୯(ପି.ଟି.)

ଅଭିଜ୍ଞ ଡ୍ରାଗ୍ ଫ୍ଲିକର ରୂପିନ୍ଦର ପାଲ ସିଂ ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଭାରତର ଐତିହାସିକ ବ୍ରୋଞ୍ଜ ପଦକ ହାସଲ ସଫଳତା ପଛରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ଯୁବ ଖେଳାଳିମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାକୁ ଗୁରୁବାର ସେ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି। ୩୦ ବର୍ଷୀୟ ରୂପିନ୍ଦର ଭାରତର ଅନ୍ୟତମ ଶ୍ରେଷ୍ଠ ଡ୍ରାଗ୍ ଫ୍ଲିକର ବିବେଚିତ ହେଉଥିଲେ। ସେ ଭାରତ ପାଇଁ ୨୨୩ଟି ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଥିଲେ।

ବବ୍ ନାମରେ ପରିଚିତ ଥିବା ରୂପିନ୍ଦର ଟୋକିଓ ଅଲିମ୍ପିକ୍ସରେ ୪ଟି ଗୋଲ ସ୍କୋର କରିଥିଲେ। ତୃତୀୟ ସ୍ଥାନ ପାଇଁ ଅର୍ଥାତ୍ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ସେ ନିର୍ଣ୍ଣାୟକ ପେନାଲ୍ଟି ଷ୍ଟ୍ରୋକ୍ ମାଧ୍ୟମରେ ଗୋଲ ଦେଇଥିଲେ। ସେ ଆହୁରି କିଛି ବର୍ଷ ଖେଳିବା ପାଇଁ ଦକ୍ଷତା ରଖୁଥିଲେ। ତାଙ୍କର ଫିଟ୍‌ନେସ ଓ ଫର୍ମ ମଧ୍ୟ ରହିଥିଲା। ତେଣୁ ତାଙ୍କର ଏହି ନିଷ୍ପତ୍ତି ହକି ପ୍ରଶଂସକମାନଙ୍କୁ ଚକିତ କରିଛି।

ଗତ କେତେ ମାସ କ୍ୟାରିୟର ଓ ଜୀବନ ପାଇଁ ଶ୍ରେଷ୍ଠ ମୁହୂର୍ତ୍ତ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ପୋଡିୟମ ଫିନିଶ କରିବା ମୋ ପାଇଁ ଅଭୁଲା ହୋଇ ରହିବ ଓ ଏହା ମତେ ସବୁଠାରୁ ଆନନ୍ଦ ଦେଇଛି ବୋଲି ରୂପିନ୍ଦର ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ଦୀର୍ଘ ୧୩ ବର୍ଷର କ୍ୟାରିୟରରେ ଏକାଧିକ ଉତ୍ଥାନପତନ ଦେଇ ଗତି କରିଛି। ତେବେ ଭାରତ ପାଇଁ ପ୍ରତିନିଧିତ୍ୱ କରିବା ସବୁଠାରୁ ବଡ଼ କଥା ବୋଲି ସେ କହିଛନ୍ତି।

ପଞ୍ଜାବର ଫରିଦକୋଟରୁ ଟୋକିଓର ପୋଡିୟମ ପର୍ଯ୍ୟନ୍ତ ତାଙ୍କ ଯାତ୍ରା ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା। କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସେ ଏକାଧିକ ବାର ଦଳକୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ୨୦୧୦ରେ ମାଲେସିଆର ଇପୋରେ ଅନୁଷ୍ଠିତ ସୁଲତାନ ଆଜଲାନ ଶାହା କପ୍‌ରେ ସେ ଅନ୍ତର୍ଜାତୀୟ ହକିରେ ପଦାର୍ପଣ କରିଥିଲେ। ଭି.ଆର. ରଘୁନାଥଙ୍କ ସହ ତାଙ୍କର ଡ୍ରାଗ୍‌ଫ୍ଲିକ କମ୍ବିନେଶନ ଚମତ୍କାର ଥିଲା। ସେ ଭାରତୀୟ ବ୍ୟାକଲାଇନର ମେରୁଦଣ୍ଡ ଥିଲେ। ଫିୟରଲେସ୍ ଡିଫେଣ୍ଡିଂ ପାଇଁ ବେଶ୍ ପରିଚିତ ଥିବା ରୂପିନ୍ଦର ଅଧିନାୟକଙ୍କ କହିବା ଅନୁସାରେ ସ୍ଥିତି ଅନୁଯାୟୀ ପେନାଲ୍ଟି କର୍ନର ଓ ଅନ୍ୟ କାର୍ଯ୍ୟରେ ଅତି ସହଜରେ ଦାୟିତ୍ୱ ଗ୍ରହଣ କରି ସଫଳତା ଅର୍ଜନ କରିଥିଲେ। ରୂପିନ୍ଦରଙ୍କ ଉଚ୍ଚତା ଓ ଦୃଢ ଶାରୀରିକ ଗଠନ ତଥା ବଳିଷ୍ଠ ଚେହେରା ପେନାଲ୍ଟି କର୍ନର ସ୍ଥିତି ପାଇଁ ବେଶ୍ ଉପଯୋଗୀ ଥିଲା ଓ ପ୍ରତିପକ୍ଷ ଦଳ ପାଇଁ ସେ ଭୟ ସୃଷ୍ଟି କରୁଥିଲେ। ଚତୁରତା ସହ ଶଟ୍ ତଥା ଡ୍ରାଗ୍‌ଫ୍ଲିକ୍‌ରେ ସେ ଭେରିଏଶନ ଆଣିପାରୁଥିଲେ।

୨୦୧୪ ବିଶ୍ୱକପ୍‌ରେ ଭାରତୀୟ ଦଳର ଉପ-ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ସେ ମଧ୍ୟ ଏହି ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ସେ ମଧ୍ୟ ଦୁଇଟି ଏସିଆନ ଗେମ୍ସ ପଦକ ହାସଲ କରିଛନ୍ତି। ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଓ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ। ତେବେ ଦଳର ବିଫଳତା ପାଇଁ ତାଙ୍କୁ ଏକାଧିକ ବାର ଅଣଦେଖା କରାଯାଇଥିଲା। ଇଞ୍ଜୁରି ସମସ୍ୟା ମଧ୍ୟ ତାଙ୍କ ପାଇଁ ଅନ୍ତରାୟ ସୃଷ୍ଟି କରିଥିଲା। ହାମଷ୍ଟିଙ୍ଗ୍ ଇଞ୍ଜୁରି ପାଇଁ ୨୦୧୭ରେ ତାଙ୍କ କ୍ୟାରିୟର ଶେଷ ହେବାକୁ ବସିଥିଲା। ଏହା ତାଙ୍କ କ୍ୟାରିୟରରେ କଷ୍ଟକର ମୁହୂର୍ତ୍ତ ସୃଷ୍ଟି କରିଥିଲା। ରୂପିନ୍ଦରଙ୍କ ଅନୁପସ୍ଥିତିରେ ହରମନପ୍ରୀତ ସିଂଙ୍କୁ ବେଲ୍ ଫାଇଦା ମିଳିଥିଲା। ତେବେ ପ୍ରତ୍ୟାବର୍ତ୍ତନ ପରେ ଦୁଇ ଖେଳାଳି ଭାରତର ନିୟମିତ ସଦସ୍ୟ ବନିଯାଇଥିଲେ। ଟୋକିଓ ଅଲିମ୍ପିକ୍ସରେ ସେ ଶ୍ରେଷ୍ଠ ସଫଳତା ଅର୍ଜନ କରିଥିଲେ। ଭାରତ ପାଇଁ ଖେଳିଥିବା ସବୁ ୨୨୩ଟି ମ୍ୟାଚ୍ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ସେ କହିଛନ୍ତି। ଦେଶ ପାଇଁ ଖେଳିବା ଓ ଭାରତୀୟ ଜର୍ସି ପିନ୍ଧିବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ।



**ସଂକ୍ଷେପରେ...**
ପୂରା ନାମ: ରୂପିନ୍ଦର ପାଲ ସିଂ
ଜନ୍ମ: ୧୧ ନଭେମ୍ବର ୧୯୯୦, ଫରିଦକୋଟ୍
ବୟସ: ୩୦ ବର୍ଷ
ପ୍ଲେଇଂ ପୋଜିଶନ: ଡିଫେଣ୍ଡର
ଉଚ୍ଚତା: ୬ ଫୁଟ ୪ ଇଞ୍ଚ
ଅନ୍ତର୍ଜାତୀୟ ମ୍ୟାଚ୍: ୨୧୬
ଗୋଲ: ୧୧୫
**ପଦକ ସଫଳତା :**
୨୦୨୦ ଅଲିମ୍ପିକ୍ସ: ବ୍ରୋଞ୍ଜ (ଟୋକିଓ)
ଏସିଆନ ଗେମ୍ସ:
୨୦୧୪ ଇଞ୍ଚିଅନ: ସ୍ୱର୍ଣ୍ଣ
୨୦୧୮ ଜାକର୍ତ୍ତା: ବ୍ରୋଞ୍ଜ
ହକି ୱାର୍ଲ୍ଡ ଲିଗ୍: ୨ ବ୍ରୋଞ୍ଜ
ଏସିଆ କପ୍: ରୌପ୍ୟ (୨୦୧୩ ଇପୋ)
ରାଜ୍ୟଗୋଷ୍ଠୀ କ୍ରୀଡ଼ା: ରୌପ୍ୟ (୨୦୧୪ ଗ୍ଲାସ୍‌ଗୋ)
ଏସିଆନ ଚାମ୍ପିୟନ୍ସ ଟ୍ରଫି:
୨୦୧୧ ଓର୍ଡୋସ ସିଟ୍: ସ୍ୱର୍ଣ୍ଣ
୨୦୧୨ ଦୋହା: ରୌପ୍ୟ
୨୦୧୬ କୁଆଣ୍ଟାନ : ସ୍ୱର୍ଣ୍ଣ

ଅଲିମ୍ପିକ୍ସ ପଦକ ହାସଲ କରିବା ପରେ ସ୍ୱପ୍ନ ସାକାର ହୋଇଛି। ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ସହିତ ଓ ବିପକ୍ଷରେ ଖେଳିବା ମୋ ପାଇଁ ବଡ଼ କଥା ଥିଲା। ସମସ୍ତଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି। ଦଳର ସାଥି ଖେଳାଳିମାନେ ମଧ୍ୟ ସମର୍ଥନ କରିଛନ୍ତି। ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି। ହକି ଇଣ୍ଡିଆ, ପ୍ରଶଂସକ, ବନ୍ଧୁ, ପରିବାର ବର୍ଗ, ମା-ବାପାଙ୍କଠାରେ କୃତଜ୍ଞ ହୋଇ ରହିବି। ଫିରୋଜପୁରର ବାବା ଶେରଶାହ ୱାଲି ଏକାଡେମୀ ଓ କୋଚ୍‌ମାନଙ୍କୁ ଧନ୍ୟବାଦ ଜଣାଉଛି। ଏମାନଙ୍କ ସହ ମୋର ମଧୁର ସ୍ମୃତି ଯୋଡି ହୋଇ ରହିଛି। ଦିଂବଗତ କୋଚ୍ ଯଶବୀର ସିଂ ବାଜ୍‌ୱା, ଓ.ପି. ଅହଲାୱାତ ଓ ଚଣ୍ଡିଗଡ ହକି ଏକାଡେମୀର ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଉଛି। ଜଣେ ଭଲ ହକି ଖେଳାଳି ହେବା ପାଇଁ ଏମାନେ ବହୁତ ସାହାଯ୍ୟ କରିଛନ୍ତି ଓ ଏମାନଙ୍କର ପ୍ରଚ୍ଛନ୍ନ ଭୂମିକା ରହିଛି ବୋଲି ରୂପିନ୍ଦର କହିଛନ୍ତି।

# ୟୁଏଇରେ ପହଞ୍ଚିଲା ଭାରତୀୟ ମହିଳା ଫୁଟ୍‌ବଲ ଦଳ



ୟୁଏଇ ଯାତ୍ରା ଅବସରରେ ଭାରତୀୟ ମହିଳା ଫୁଟବଲ ଦଳ।

ଦୁବାଇ, ୩୦।୯ (ପି.ଟି.)

ୟୁଏଇ ଓ ବାହାରିନ୍ ବିପକ୍ଷରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବା ଲାଗି ଭାରତୀୟ ମହିଳା ଫୁଟ୍‌ବଲ ଦଳ ଗୁରୁବାର ଏଠାରେ ପହଞ୍ଚିଛି। ମ୍ୟାଚ ଶନିବାରଠାରୁ ଆରମ୍ଭ ହେବ। ଏଏଫ୍‌ସି ମହିଳା ଏସିଆନ କପ୍ ପାଇଁ ଦଳର ପ୍ରସ୍ତୁତି ଅଂଶବିଶେଷ ଏହି ମ୍ୟାଚ ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତା ଆସନ୍ତାବର୍ଷ ଭାରତରେ ଅନୁଷ୍ଠିତ ହେବ। ଝାଡ଼ଖଣ୍ଡ ସରକାରଙ୍କ ସହାୟତା କ୍ରମେ ଭାରତୀୟ ଦଳର କ୍ୟାମ୍ପ ଜାମସେଦପୁରଠାରେ ଚାଲିଥିଲା। ସପୋର୍ଟ ଷ୍ଟାଫ୍ ସମେତ ୨୩ ଜଣିଆ ଭାରତୀୟ ଦଳ ଜାମସେଦପୁରରୁ ନୂଆଦିଲ୍ଲୀ ଏବଂ ସେଠାରୁ ବିମାନ ଯୋଗେ ଦୁବାଇ ଗସ୍ତ କରିଥିଲା। ଦଳ ବାହାରିନ୍ ଗସ୍ତ ପୂର୍ବରୁ ଅକ୍ଟୋବର ୨ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଅକ୍ଟୋବର ୪ରେ ଟ୍ୟୁନିସିଆ ସହ ମୁକାବିଲା କରିବ। ବାହାରିନ୍‌ଠାରେ ଦଳ ଆୟୋଜକ ସହ ଅକ୍ଟୋବର ୧୦ରେ ଚାଇନିଜ ତାଇପେ ସହ ଅକ୍ଟୋବର ୧୩ରେ ମୁକାବିଲା କରିବ। ମହାମାରୀ ସମୟରେ କ୍ୟାମ୍ପ ଓ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରିଥିବାରୁ ଅଧିନାୟିକା ଆଶାଲତା ଦେବୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

**ଭାରତୀୟ ମହିଳା ଦଳ**-ଗୋଲକିପର: ଅଦିତୀ ଚୌହାନ, ମାଇବାମ ଲିନ୍ଥୋଇନ୍‌ଗାମ୍ବି ଦେବୀ, ଶ୍ରେୟା ହୁଡା। ଡିଫେଣ୍ଡର: ଡାଲିମା ଚିବର, ସ୍ୱିଟି ଦେବୀ, ରୀତୁ ରାଣୀ, ଆଶାଲତା ଦେବୀ, ରଞ୍ଜନା ଚାନୁ, ମିଚେଲ କୋଷ୍ଟାନା, ମନୀଷା ପାନ୍ନା ଓ ଅସ୍ତାମ ଓରାଁଓ। ମିଡ୍‌ଫିଲ୍ଡର: ସଙ୍ଗୀତା ବାସ୍‌ଫୋର, ଇନ୍ଦୁମତୀ କାଥିରସାନ, ସଞ୍ଜୁ, ମାର୍ଟିନା ଥୋକ୍‌ଚୋମ୍। ଫରୱାର୍ଡ: ଡାଙ୍ଗମେଇ ଗ୍ରେସ୍, ଅନୁ ତମାଙ୍ଗ, ସାନ୍ଧିୟା ରଙ୍ଗନାଥନ, ସୌମ୍ୟା ଗୁଗୁଲୋଥ୍, ମନୀଷା କଲ୍ୟାଣ, ସୁମତି କୁମାରୀ, ପ୍ୟାରି ଖାଖା ଓ ରେଣୁ।

# ଜାତୀୟ ସିନିୟର ତୀରନ୍ଦାଜୀ ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୩୦।୯(କ୍ରୀଡ଼ା ପ୍ରତିନିଧି)

ଜାମସେଦପୁରର ଟାଟା ନଗରଠାରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ୪୦ତମ ଏନ୍‌ଟିପିସି ଜାତୀୟ ସିନିୟର ତୀରନ୍ଦାଜୀ ପ୍ରତିଯୋଗୀତା ପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଜାତୀୟ ପ୍ରତିଯୋଗିତା ଇଣ୍ଡିଆନ, ରିକର୍ଭ ଓ କମ୍ପାଉଣ୍ଡ ରାଉଣ୍ଡ ବର୍ଗରେ ଅନୁଷ୍ଠିତ ହେବ। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଇଣ୍ଡିଆନ ରାଉଣ୍ଡରେ ଭାଗ ନେଉଥିବା ତୀରନ୍ଦାଜମାନେ ଗୁରୁବାର ରାତିରେ ଜାମସେଦପୁର ଯାତ୍ରା କରିଛନ୍ତି। କମ୍ପାଉଣ୍ଡ ରାଉଣ୍ଡ ପ୍ରତିଯୋଗୀ ଅକ୍ଟୋବର ୩ ଓ ରିକର୍ଭ ରାଉଣ୍ଡ ପ୍ରତିଯୋଗୀ ୬ ତାରିଖରେ ଯାତ୍ରା କରିବେ। ଇଣ୍ଡିଆନ ଓ କମ୍ପାଉଣ୍ଡ ରାଉଣ୍ଡରେ ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ଅକ୍ଟୋବର ୧୦ ତାରିଖରେ ଶେଷ ହେବ। ଓଡ଼ିଶା ଆର୍ଚେରୀ ଆସୋସିଏଶନ ସଭାପତି ଗୋକୁଳ ଚନ୍ଦ୍ର ତ୍ରିପାଠୀ ଓ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ**

ଇଣ୍ଡିଆନ ରାଉଣ୍ଡ (ପୁରୁଷ): ଗୋବର୍ଦ୍ଧନ ମିର୍ଦ୍ଧା, ସିମାଞ୍ଚଳ କତ୍ରକା, ରଘୁନାଥ ଜାନ୍‌କା, ସୁଦର୍ଶନ ମିର୍ଦ୍ଧା। ମହିଳା-ଲଳିତା ଖଣ୍ଡପାତ୍ର, ଜୟଲକ୍ଷ୍ମୀ ମଲିକ, ଶକୁନ୍ତଳା ସବର, ମାଧବୀ ମାଝି। କୋଚ୍: ରାଜେଶ ହାଁସଦା, ମ୍ୟାନେଜର: ବିଶ୍ୱଜିତ ସିଂ। ରିକର୍ଭ ରାଉଣ୍ଡ (ପୁରୁଷ): ପ୍ରଭାତ ମିଞ୍ଜ୍, ରଞ୍ଜିତ ନାୟକ, ପୁତକାର ସିଙ୍କୁ, ରଘୁନାଥ ଖୋସଲା। କୋଚ୍: ତପନ ମୁର୍ମୁ, ମ୍ୟାନେଜର: ଜଟାଧାରୀ ରାଉତ। କମ୍ପାଉଣ୍ଡ ରାଉଣ୍ଡ (ପୁରୁଷ): ଦିବ୍ୟରଞ୍ଜନ ମୁଣ୍ଡା, ଭାସ୍କର ଖିଲୋ, ରାହୁଲ ମାଡକାମି, ଏର୍‌ମା ପଡିଆମି। ମହିଳା- ପ୍ରୀତି ଓରାମ, ନାମ୍‌ସି ମୁଣ୍ଡା, ଗୋଲାପ ନାଏକ। କେଚ୍: ଭଗତରାମ ନାଏକ, ମ୍ୟାନେଜର: ବିଷ୍ଣୁଚରଣ ଦାସ।



ଜାତୀୟ ସିନିୟର ତୀରନ୍ଦାଜୀ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।

# ଆଇପିଏଲ୍: କୋଲକାତା- ପଞ୍ଜାବ ମୁକାବିଲା ଆଜି

**ଦୁବାଇ,୩୦।୯:** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶୁକ୍ରବାର କୋଲକାତା ନାଇଟ ରାଇଡର୍ସ ଓ ପଞ୍ଜାବ କିଙ୍ଗ୍ସ ମୁହାଁମୁହିଁ ହେବେ। ନୂଆ ଆଇପିଏଲ୍ ସେନ୍‌ସେସନ କୋଲକାତାର ଭେଙ୍କଟେଶ ଆୟାର ଓ ଶାର୍ପ ଗୁଗ୍‌ଲି ବୋଲିଂ କରୁଥିବା ପଞ୍ଜାବ ସ୍ପିନର ରବି ବିଷ୍ଣୋଇଙ୍କ ମଧ୍ୟରେ ମୁକାବିଲା ଦେଖିବାକୁ ମିଳିବ। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିଛି।

ଅଲରାଉଣ୍ଡର ଭେଙ୍କଟେଶ ପେସ୍ ବୋଲିଂ ବିପକ୍ଷରେ ନିର୍ଭୀକ ଷ୍ଟ୍ରୋକ୍‌ପ୍ଲେର ନମୁନା ପ୍ରଦର୍ଶନ କରିଛନ୍ତି। ସେହିଭଳି ବିଷ୍ଣୋଇଙ୍କ ରିଷ୍ଟ ସ୍ପିନ ଗତ ଦୁଇଟି ସଂସ୍କରଣରେ ପୋଖତ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇଛି। ପ୍ଲେ-ଅଫ୍ ଆଶା ବଜାୟ ରଖିବାକୁ ହେଲେ ପଞ୍ଜାବକୁ ଏହି ମ୍ୟାଚ୍ ଜିତିବା ଅପରିହାର୍ଯ୍ୟ ହୋଇପଡିଛି। ମୁମ୍ବାଇଠାରୁ ପରାସ୍ତ ହେବା ପରେ ପଞ୍ଜାବ ଚାପରେ ଭଲ ପ୍ରଦର୍ଶନ କରିପାରିନାହିଁ ବୋଲି ଅଧିନାୟକ ରାହୁଲ ସ୍ୱୀକାର କରିଛନ୍ତି। ତେଣୁ ଏବେ ଦଳକୁ ଆହୁରି ଭଲ ପ୍ରଦର୍ଶନ କରିବାକୁ ହେବ। ମିଡଲ ଅର୍ଡରର ବ୍ୟାଟ୍ସମ୍ୟାନମାନେ ଦୁର୍ବଳ ପ୍ରଦର୍ଶନ କରିଛନ୍ତି। କେବଳ ରାହୁଲ ୪୨୨ରନ ଓ ମୟଙ୍କ ଅଗ୍ରୱାଲ ୩୩୨ ରନ ସଂଗ୍ରହ କରିଛନ୍ତି। କ୍ରିସ୍ ଗେଲ୍ ୧୦ଟି ମ୍ୟାଚ୍ ଖେଳି ୧୯୩ ରନ ସଂଗ୍ରହ କରି ସମସ୍ତଙ୍କୁ ନିରାଶ କରିଛନ୍ତି। ସେହିପରି ନିକୋଲାସ ପୁରନଙ୍କ ଭଳି ତାରକା ଖେଳାଳି ୧୦ଟି ମ୍ୟାଚରୁ ମାତ୍ର ୭୦ ରନ ସଂଗ୍ରହ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୧/୨୦୨୧ Sambalpur, Friday, October 1/ 2021

# ମନ୍ଧାନାଙ୍କ କ୍ୟାରିୟର ଶ୍ରେଷ୍ଠ ଇନିଂସ

**ଗୋଲ୍ଡ କୋଷ୍ଟ, ୩୦।୯ (ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ଦିବାରାତ୍ର ମହିଳା କ୍ରିକେଟ ଟେଷ୍ଟ ଗୁରୁବାରଠାରୁ ଆରମ୍ଭ ହୋଇଛି। ବର୍ଷାରେ ବାଧାପ୍ରାପ୍ତ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଭାରତ ସ୍ମୃତି ମନ୍ଧାନାଙ୍କ କ୍ୟାରିୟର ଶ୍ରେଷ୍ଠ ଅପରାଜିତ ୮୦ରନ ସହାୟତାରେ ୧ ଉଇକେଟ ବିନିମୟରେ ୧୩୨ ରନ କରିଛି। ମନ୍ଧାନା ତାଙ୍କ ଅପରାଜିତ ଇନିଂସରେ ୧୪୪ ବଲ୍ ସାମ୍ନା କରି ୧୫ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ଶେଫାଳୀ ବର୍ମା (୬୪ବଲ୍‌ରୁ ୩୧ରନ)ଙ୍କ ସହ ପ୍ରଥମ ଉଇକେଟରେ ସେ ୯୩ରନ ଯୋଗ କରିଥିଲେ। ଦ୍ୱିତୀୟ ସେସନର ଅଧିକାଂଶ ସମୟ ଖେଳ ବର୍ଷାରେ ଧୋଇ ଯାଇଥିଲା। ତେବେ ମନ୍ଧାନା ଆଉ ୧୬ ରନ ଯୋଗ କରିବାରେ ସମର୍ଥ ହୋଇଥିଲେ। ଏଥିସହ ସେ ତାଙ୍କ ପୂର୍ବ ଶ୍ରେଷ୍ଠ ସ୍କୋର ୭୮କୁ ଅତିକ୍ରମ କରିଯାଇଥିଲେ। ସେ ତାହଲିଆ ମ୍ୟାକ୍‌ଗ୍ରାଙ୍କ ଏକ ବଲ୍‌କୁ ଡିପ୍ ସ୍କୋୟାର ଅଞ୍ଚଳରେ ଆକର୍ଷଣୀୟ ଛକା ଲଗାଇଥିଲେ। ସେ ମଧ୍ୟ


ଶଟ୍ ଖେଳିବା ଅବସରରେ ସ୍ମୃତି ମନ୍ଧାନା।

ଏହି ବୋଲରଙ୍କ ବୋଲିଂରେ ମିଡ୍ ଉଇକେଟରେ ଏକ ବାଉଣ୍ଡାରୀ ଲଗାଇଥିଲେ। ସେ ପୁନମ ରାଉତ (୫୭ବଲ୍‌ରୁ ଅପରାଜିତ ୧୬) ଦ୍ୱିତୀୟ ଉଇକେଟରେ ଅପରାଜିତ ୩୯ରନ ଯୋଗ କରିଥିଲେ। ୪୫ତମ ଓଭର ଚାଲିଥିବା ବେଳେ ବର୍ଷା ହେବାରୁ ପୁଣି ଖେଳକୁ ବନ୍ଦ ରଖାଯାଇଥିଲା। ଏହାପରଠାରୁ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଘାସୁଆ ପିଚ୍ ଯୋଗୁ ଅଷ୍ଟ୍ରେଲିଆ ଦଳ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଦଳ ଏଥରୁ ଫାଇଦା ଉଠାଇ ପାରି ନ ଥିଲା। ବରଂ ମନ୍ଧାନା

**ଦିବାରାତ୍ର ଟେଷ୍ଟ**

ପ୍ରଥମ ଓଭରରୁ ଆକ୍ରମଣାତ୍ମକ ଖେଳିଥିଲେ। ପ୍ରଥମ ୧୬ ଓଭରରେ ୧୬ ଚୌକା ହୋଇଥିଲା। ତନ୍ମଧ୍ୟରୁ ଅଧିକାଂଶ ମନ୍ଧନାଙ୍କର ଆଉ କେତୋଟି ଶେଫାଳୀଙ୍କର ରହିଥିଲା। ମେଗ୍ ଲାନିଂ ସେତେଟୋ ସଫଳ ହୋଇପାରି ନ ଥିଲେ। ଅଷ୍ଟ୍ରେଲିଆ ଶେଷରେ ଦୁଇ ସ୍ପିନ ବୋଲର ମୋଲିନେକ୍ସ (୧/୧୮) ଓ ଆଶ୍‌ଲେ ଗାର୍ଡେନର (୧୦.୧ ଓଭରରେ ୦/୧୪)ଙ୍କ ଜରିଆରେ ଭାରତର ରନ ସଂଗ୍ରହରେ ଅଙ୍କୁଶ ଲଗାଇବାରେ ସମର୍ଥ ହୋଇଥିଲା।

## ସେହ୍ୱାଗଙ୍କୁ ଅନୁକରଣ କରିବାକୁ ଚେଷ୍ଟା କରିଥିଲେ ଷ୍ଟର୍ଲିଂ

**ଦୁବାଇ, ୩୦।୯ (ପି.ଟି.):** ପ୍ରତ୍ୟେକ ଉଦୀୟମାନ କ୍ରିକେଟରଙ୍କ ଜଣେ ଲେଖାଏଁ ଆଦର୍ଶ ଖେଳାଳି ରହିଥାନ୍ତି। ସେମାନଙ୍କୁ ସେ ଅନୁକରଣ କରିବାକୁ ଚେଷ୍ଟା କରିଥାନ୍ତି। ଆୟର୍ଲାଣ୍ଡ ବ୍ୟାଟର ପଲ୍ ଷ୍ଟର୍ଲିଂ ତାଙ୍କ ସମୟରେ ବୀରେନ୍ଦ୍ର ସେହ୍ୱାଗ ଓ ଅଷ୍ଟ୍ରେଲିଆର ଡାମିଏନ୍ ମାର୍ଟିନଙ୍କ ଖେଳ ଦେଖିବାକୁ ଭଲ ପାଉଥିଲେ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ଆୟୋଜିତ ଏକ ଭର୍ଚୁଆଲ ବାର୍ତ୍ତାଳାପ ବେଳେ ଷ୍ଟର୍ଲିଂ କହିଛନ୍ତି ସେ ତାଙ୍କ ସମୟରେ ସେହ୍ୱାଗଙ୍କୁ ନକଲ କରିବା ଲାଗି ଚେଷ୍ଟା କରୁଥିଲେ। ଷ୍ଟର୍ଲିଂ ତାଙ୍କ କ୍ୟାରିୟରରେ ୧୩୪ ଅନ୍ତର୍ଜାତୀୟ ଦିନିକିଆ, ୩ ଟେଷ୍ଟ ଏବଂ ୮୬ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସେହ୍ୱାଗଙ୍କ ଭଳି ବାହାରୁ ସମାଲୋଚିତ ହୋଇଥିଲେ ମଧ୍ୟ ୨୦୦୯ରେ ପାକିସ୍ତାନ ବିପକ୍ଷରେ ତାଙ୍କ ଅନ୍ତର୍ଜାତୀୟ ଟି୨୦ ପଦାର୍ପଣ କରିଥିବା ଷ୍ଟର୍ଲିଂ ତାଙ୍କ ବ୍ୟାଟିଂ ଟେକ୍ନିକ୍‌ରେ ପରିବର୍ତ୍ତନ କରି ନ ଥିଲେ।

# ୧୦ରୁ ଊର୍ଦ୍ଧ୍ୱ ବକ୍ସିଂ ବାଉଟ୍‌ରେ କାରସାଦି

**ନୂଆଦିଲ୍ଲୀ, ୩୦।୯ (ପି.ଟି.)**

ରିଓ ଅଲିମ୍ପିକ୍ସ ୨୦୧୬ରେ ଅର୍ଥ ପାଇଁ ୧୦ରୁ ଊର୍ଦ୍ଧ୍ୱ ବକ୍ସିଂ ପ୍ରତିଯୋଗିତାରେ କାରସାଦି ହୋଇଥିବା ଏକ ସ୍ୱାଧୀନ ତଦନ୍ତକାରୀ ସଂସ୍ଥା ପ୍ରକାଶ କରିଛି। ଏହାପରେ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଆଇବା) ଆସନ୍ତା ପୁରୁଷ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ରେଫରି ଓ ଜଜ୍ ସିଲେକ୍ସନ ପ୍ରକ୍ରିୟାକୁ କଠିନ କରିବା ଲାଗି ନିଷ୍ପତ୍ତି ନେଇଛି। 'ମ୍ୟାକଲରେନ ଗ୍ଲୋବାଲ ସ୍ପୋର୍ଟ୍ସ ସଲ୍ୟୁଶନ୍ସ' ନାମକ ଏହି ସଂସ୍ଥା ଆଇବା ନିକଟରେ ଏହାର ରିପୋର୍ଟ ଉପସ୍ଥାପନ କରିଛି। ତଦନୁସାରେ ଦୁଇଟି ଫାଇନାଲ ସମେତ ୧୪ଟି ବାଉଟ୍ ଉପରେ ଏବେ ନଜର ପକାଯାଉଛି। ରିଓ ଫଳାଫଳକୁ ହେରାଫେରୀ କରିବା ଲାଗି ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ପୂର୍ବରୁ ଷଡ଼ଯନ୍ତ୍ର ହୋଇଛି। ୨୦୧୬ ସଂସ୍କରଣ ପାଇଁ କ୍ୱାଲିଫିକେଶନ ଇଭେଣ୍ଟଗୁଡ଼ିକରେ ଏହାର ଟ୍ରାଏଲ କରାଯାଇଥିଲା। ବାଉଟ୍‌ରେ ରୋଫେରୀ କରିବା ପଛରେ ବିଭିନ୍ନ କାରଣ ରହିଥିଲା। ଏହା କେବଳ ଅର୍ଥ ପାଇଁ କରାଯାଉ ନ ଥିଲା। ଆଇବା କିମ୍ବା ଜାତୀୟ

**ରିଓ ଅଲିମ୍ପିକ୍ସ**

ଫେଡେରେଶନ ଓ ସେମାନଙ୍କ ଅଲିମ୍ପିକ କମିଟିକୁ ଖୁସି କରାଇବା ଲାଗି କରାଯାଇଥିଲା। ଆଗକୁ ରେଫରି ଓ ଜଜ୍‌ମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରିବା ଲାଗି ଆଇବା କଠୋର ନୀତି ଆପଣେଇବା ଲାଗି ନିଷ୍ପତ୍ତି ନେଇଛି। ଫଳତଃ ଅକ୍ଟୋବର ୨୪ରୁ ସର୍ବିଆର ବେଲଗ୍ରେଡ୍‌ଠାରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ରେଫରି, ଜଜ୍ ଓ ଟେକ୍ନିକାଲ ଅଫିସିଆଲ ନିଯୁକ୍ତି ବେଳେ ସେମାନଙ୍କ ପୃଷ୍ଠଭୂମି ଓ ଅନ୍ୟାନ୍ୟ ଯାଞ୍ଚ ସମେତ କଠିନ ଚୟନ ମାନଦଣ୍ଡ ଅବଲମ୍ବନ କରାଯାଉଛି। ଏକ ରିପୋର୍ଟ ଅନୁସାରେ ରିଓ ନାଟକ ପାଇଁ ତତ୍କାଳୀନ ଆଇବା ମୁଖ୍ୟ ଚିଙ୍ଗ୍-କୁଓ ଉ ନିଜକୁ ଉତ୍ତରଦାୟୀ କରିଛନ୍ତି। ଦୁଇଟି ବାଉଟ୍‌ରେ ହେରାଫେରୀ ହୋଇଥିବା ସ୍ପଷ୍ଟ ଜଣାପଡ଼ିଯାଇଥିଲା। ତନ୍ମଧ୍ୟରୁ ଗୋଟିଏ ବାଉଟ୍‌ରେ ବିଶ୍ୱ ଓ ୟୁରୋପିଆନ ଚାମ୍ପିୟନ ମାଇକେଲ କନ୍‌ଲାନ୍ ବାଣ୍ଟମୱେଟ୍ କ୍ୱାର୍ଟରଫାଇନାଲରେ ରୁଷିଆର ଭ୍ଲାଡିମିର ନିକିଟିନ୍‌ଙ୍କଠାରୁ ହାରିଯାଇଥିଲେ। ରିଙ୍ଗରେ କନଲାନ ରୁଷୀୟ ବକ୍ସରଙ୍କୁ ବାରମ୍ବାର ପ୍ରହାର କରିଥିଲେ ମଧ୍ୟ ଜଜ୍‌ମାନେ ତାଙ୍କୁ ପରାଜିତ ଘୋଷଣା କରିଥିଲେ। ଫଳାଫଳ ଉପରେ ଅସନ୍ତୋଷ ପ୍ରକାଶ କରି ରେଫରି ଓ ଜଜ୍‌ଙ୍କୁ ଦୁର୍ବ୍ୟବହାର କରିବା ସହ ପ୍ରଫେସନାଲ ବକ୍ସିଂ ପାଦଦେବାକୁ ନିଷ୍ପତ୍ତି ନେଇଥିଲେ। ଅନ୍ୟଟି ହେଲା ରୁଷିଆର ଏଭଜେନି ଟିସ୍‌ଚେଙ୍କୋ ଓ କାଜାଖସ୍ତାନର ଭାସିଲି ଲେଭିଟଙ୍କ ମଧ୍ୟରେ ଅନୁଷ୍ଠିତ ହେଭିୱେଟ୍ ସ୍ୱର୍ଣ୍ଣ ପଦକ ମ୍ୟାଚ। ଏଥିରେ ପ୍ରାଧାନ୍ୟ ସତ୍ତ୍ୱେ ଲେଭିଟ୍‌ଙ୍କୁ ବିଜୟୀ ଘୋଷଣା କରାଯାଇଥିଲା।


କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଆନ୍ତଃକ୍ଲବ ଫୁଟ୍‌ସାଲରେ ଗରୁବାର ଅନୁଷ୍ଠିତ ଏକ ମ୍ୟାଚ।

# ମଙ୍ଗଳା କ୍ଲବ୍, କିଟ୍‌ର ବୃହତ୍ ବିଜୟ

**ଭୁବନେଶ୍ୱର, ୩୦।୯(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଆନ୍ତଃକ୍ଲବ ଫୁଟସାଲରେ ଗରୁବାର ୬ଟି ମ୍ୟାଚ ଅନୁଷ୍ଠିତ ହୋଇଛି। କଟକର ମଙ୍ଗଳା କ୍ଲବ ୧୩-୨ ଗୋଲରେ କେନ୍ଦୁଝରର ବିଚାକୁଣ୍ଡି କ୍ଲବକୁ ଏବଂ କିଟ୍ ୧୧-୩ ଗୋଲରେ ଯାଜପୁରର କଳିଙ୍ଗ ନଗର ଏକାଡେମୀକୁ ପରାସ୍ତ କରିଛି। ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ୧-୦ ଗୋଲରେ କିଶୋର କ୍ଲବକୁ ହରାଇଥିବାବେଳେ କଟକର ବିଡ଼ାନାସୀ କ୍ଲବ ୫-୨ ଗୋଲରେ କେନ୍ଦ୍ରାପଡ଼ାର ରାଜକନିକା ଆଥଲେଟିକ୍ ଆସୋସିଏଶନକୁ ପରାସ୍ତ କରିଛି। ଅନ୍ୟ ୨ଟି ମ୍ୟାଚରେ ଭୁବନେଶ୍ୱରର ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ୬-୧ ଗୋଲରେ ପୁରୀର ଶ୍ରୀ ନୀଳଚକ୍ର କ୍ଲବ ଏବଂ କଟକର ରାଇଜିଂ ଷ୍ଟୁଟେଣ୍ଟ ୯-୨ ଗୋଲରେ ସୋନପୁରର ରାମଧୁନ କ୍ଲବକୁ ହରାଇ ଦେଇଛି। ଦୁର୍ଗା ମାଧବ ନାୟକ ମ୍ୟାଚ କମିଶନର ଥିବାବେଳେ ସୁଶାନ୍ତ ଚନ୍ଦ୍ର ମହାନ୍ତି ରେଫରି ଆସେସର ଭୂମିକା ତୁଲାଇ ଥିଲେ। ରେଫରି ଶିବଶଙ୍କର ପଣ୍ଡା, ସୁଜିତ କୁମାର ପାତ୍ର, ପ୍ରଶାନ୍ତ କୁମାର ପାଲ, ଦିଲୀପ କୁମାର ରାଉତ, ରମଣୀ ମାଝି, ପ୍ରଶାନ୍ତ କୁମାର ବେହେରା, ଜ୍ୟୋତିରଞ୍ଜନ ସ୍ୱାଇଁ, ଆଶୀର୍ବାଦ କାନୁନ୍‌ଗୋ ଓ ପ୍ରଦୀପ୍ତ ନାୟକ ମ୍ୟାଚ ପରିଚାଳନା କରିଥିଲେ।

# କୋସ୍ତୋଭା ପୁଣି ବାସନ୍ଦ

**ଲାଉସାନେ, ୩୦।୯ (ଏପି)**

ଡୋପିଂ ପାଇଁ ପୂର୍ବତନ ବିଶ୍ୱଚାମ୍ପିୟନ ୱେଟଲିଫ୍ଟର ବୋୟାଙ୍କା କୋସ୍ତୋଭାଙ୍କୁ ଗୁରୁବାର ୮ ବର୍ଷ ବାସନ୍ଦ କରାଯାଇଛି। ଏହା ପୂର୍ବରୁ ସେ ଅଲିମ୍ପିକ୍ସରେ ପ୍ରଦର୍ଶନବର୍ଦ୍ଧକ ଡ୍ରଗ୍ସ ବ୍ୟବହାର କରିଥିବା ଅଭିଯୋଗରେ ବାସନ୍ଦ ହେବାପରେ ନିକଟରେ ପ୍ରତିଯୋଗିତାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) କହିଛି, ଏପ୍ରିଲରେ ୫୯ କିଲୋଗ୍ରାମ କାଟେଗୋରିରେ ୟୁରୋପିଆନ ଚାମ୍ପିୟନଶିପ୍ ବିଜୟ ପଥରେ କୋସ୍ତୋଭାଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗୃହୀତ ନମୁନାରେ ଷ୍ଟାନୋଜୋଲୋଲ୍ ଷ୍ଟେରଏଡ୍ ଠାବ କରାଯାଇଥିଲା। ଅଲିମ୍ପିକ୍ସ ପଦକ ବିଡ୍ ପାଇଁ ବିପୁଳ ପାଣ୍ଠି ଆଶାରେ ବୁଲ୍‌ଗେରିଆରେ ଜନ୍ମିତ କୋସ୍ତୋଭା ଆଜରବୈଜାନକୁ ପଳାଇ ଆସିଥିଲେ। ୨୦୧୨ ଅଲିମ୍ପିକ୍ସ ବେଳେ ତାଙ୍କଠାରୁ ସଂଗ୍ରହ ସାମ୍ପଲର ପୁନଃ ବିଶ୍ଳେଷଣ ପରେ କୋସ୍ତୋଭାଙ୍କୁ ୨୦୧୬ରୁ


ବୋୟାଙ୍କା କୋସ୍ତୋଭା

୨୦୧୮ ବାସନ୍ଦ କରାଯାଇଥିଲା। ସାମ୍ପଲରେ ଟୁରିନାବଲ ଷ୍ଟେରଏଡ୍ ଠାବ କରାଯାଇଥିଲା। ସେ ଏହି ଅଲିମ୍ପିକ୍ସରେ ୫ମ ସ୍ଥାନ ଅଧିକାର କରିଥିଲେ। କୋସ୍ତୋଭା ହେଉଛନ୍ତି ୨୦୧୫ ବିଶ୍ୱ ଚାମ୍ପିୟନ ଓ ୫୮ କିଲୋଗ୍ରାମ କାଟେଗୋରିରେ ବିଶ୍ୱ ରେକର୍ଡଧାରିଣୀ। ମାତ୍ର ପ୍ରଥମ ଡୋପିଂ ମାମଲା ଯୋଗୁ ତାଙ୍କୁ ପରବର୍ଷ ରିଓଡି ଜେନିରୋ ଅଲିମ୍ପିକ୍ସରେ ଅଂଶଗ୍ରହଣରୁ ବାରଣ କରାଯାଇଥିଲା। ୟୁରୋପିଆନ ଟାଇଟଲ ସତ୍ତ୍ୱେ ସେ ଚଳିତବର୍ଷ ଟୋକିଓରେ ଭାଗ ନେଇ ପାରି ନ ଥିଲେ। କାରଣ କ୍ୱାଲିଫାଇଂ ପିରିୟଡରେ ତାଙ୍କ ଫଳାଫଳ ଆଶାନୁରୂପ ନ ଥିଲା। ସୋମବାର ଆଇଟିଏ ଦୁଇଥର ୟୁରୋପିଆନ ଚାମ୍ପିୟନ ଆନ୍ଦ୍ରେଇ ଦେମାନୋଭଙ୍କ ସମେତ ରୁଷିଆର ୩ ଭାରୋତ୍ତୋଳକଙ୍କୁ ବାସନ୍ଦ କରିଥିବା ପ୍ରକାଶ କରିଥିଲା।

# କାତାରରେ ପ୍ରଥମ ଥର ହେବ ଫର୍ମୁଲା ୱାନ୍ ରେସ୍

**ଦୋହା, ୩୦।୯ (ଏପି)**

ଆସନ୍ତା ନଭେମ୍ବରରେ କାତାର ପ୍ରଥମ ଥର ଏକ ଫର୍ମୁଲା ୱାନ ମୋଟର ରେସ୍ ଆୟୋଜନ କରିବ। ପରେ ୨୦୨୩ରୁ ୧୦ ବର୍ଷ ପର୍ଯ୍ୟନ୍ତ ଏହି ରେସ୍ ଆୟୋଜନ କରିବ। ଚଳିତବର୍ଷର ସଂଶୋଧିତ କାର୍ଯ୍ୟସୂଚୀରେ ଗୋଟିଏ ସ୍ଥାନ ଖାଲିପଡ଼ିଥିଲା। ନଭେମ୍ବର ୨୧ରେ ଲୋସେଲ ଇଣ୍ଟରନ୍ୟାଶନାଲ ସର୍କିଟରେ ସ୍ଥାନୀୟ ସମୟ ସନ୍ଧ୍ୟା ୬ଟାରେ ରେସ୍ ଆରମ୍ଭ ହେବ। ଚଳିତ ସିଜନର ୨୨ଟି ରେସ୍ ମଧ୍ୟରୁ ୨୦ତମ ରେସ ଶେଷ ହେବା ପରେ ଡିସେମ୍ବର ୫ରେ ଜେଦାହଠାରେ ସୌଦି ଆରବିଆନ ଗ୍ରାଁ ପ୍ରି ଏବଂ ଡିସେମ୍ବର ୧୨ରେ ଆବୁଧାବିରେ ସିଜନ ଶେଷ ରେସ୍ ଅନୁଷ୍ଠିତ ହେବ। ୨୦୨୨ରେ ଫିଫା ବିଶ୍ୱକପ୍ ପରେ କାତାର ଫର୍ମୁଲା ୱାନ ଉପରେ ଦୃଷ୍ଟି ଦେବ। ଫୁଟ୍‌ବଲ ବିଶ୍ୱ କପ୍ ଯୋଗୁ ଆସନ୍ତାବର୍ଷ କାତାରରେ ରେସ୍ ଅନୁଷ୍ଠିତ ହେବ ନାହିଁ। ଏହାର ପରବର୍ଷଠାରୁ ୧୦ ବର୍ଷ ପର୍ଯ୍ୟନ୍ତ କିନ୍ତୁ ରେସ୍ ଅନୁଷ୍ଠିତ ହେବ। ଦୋହାର ଉତ୍ତରାଞ୍ଚଳ ଅନ୍ତର୍ଗତ ୫.୪ କିଲୋମିଟର (୩.୪ ମାଇଲ) ଦୀର୍ଘ ବିଶିଷ୍ଟ ସର୍କିଟରେ ୮,୦୦୦ ସମର୍ଥକଙ୍କ ଲାଗି ବ୍ୟବସ୍ଥା ରହିଛି। କିନ୍ତୁ ୨୦୨୩ରୁ ଲୋସେଲ ଫର୍ମୁଲା ୱାନ୍ ଆୟୋଜନ ଜାରି ରଖିବ କି ନା ତାହା ସ୍ପଷ୍ଟ ହୋଇ ନାହିଁ।

## ବିଦେଶୀ ଦର୍ଶକଙ୍କୁ ଅନୁମତି ନାହିଁ

**ବେଜିଂ, ୩୦।୯ (ଏପି):** ବେଜିଂ ୱିଣ୍ଟର ଅଲିମ୍ପିକ୍ସ ୨୦୨୨ରେ ସମ୍ପୂର୍ଣ୍ଣ ଟିକାକରଣ ହୋଇ ନ ଥିବା ଆଥ୍‌ଲେଟ, ଅଫିସିଆଲ ଓ ୱାର୍କରଙ୍କୁ ୨୧ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ଟିକା ନେଇଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଦୈନିକ କୋଭିଡ୍ ଟେଷ୍ଟର ସାମ୍ନା କରିବାକୁ ପଡ଼ିବ। ଫେବ୍ରୁୟାରୀରେ ହେବାକୁଥିବା ଏହି ଅଲିମ୍ପିକ୍ସରେ କେବଳ ଚାଇନା ଦର୍ଶକଙ୍କୁ ଅନୁମତି ରହିବ। ବିଦେଶୀ ଦର୍ଶକମାନଙ୍କୁ ଟିକେଟ ମିଳିବ ନାହିଁ।






# ପ୍ଲେ-ଅଫ୍‌ରେ ଚେନ୍ନାଇ ସୁପରକିଙ୍ଗ୍ସ

**ଶାରଜା, ୩୦।୯**

ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପରକିଙ୍ଗ୍ସ ପ୍ରଥମ ଦଳଭାବେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇ ୬ ଉଇକେଟରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୭ ଉଇକେଟ ହରାଇ ୧୩୪ ରନ କରିଥିଲା। ୧୩୫ ରନ ବିଜୟ ଲକ୍ଷ୍ୟର ପିଛା କରି ଚେନ୍ନାଇ ୧୯.୪ ଓଭରରେ ୪ ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରି ନେଇଥିଲା। ଋତୁରାଜ ଗାଏକ୍ୱାଡ ସର୍ବାଧିକ ୪୫ ଓ ଫାଫ୍ ଡୁ'ପ୍ଲେସି ୪୧ ରନ କରିଥିଲେ। ଶେଷ


ଜୋଶ୍ ହାଜେଲଉଡ୍ ଓ ଡ୍ୱେନ ବ୍ରାଭୋ।

୩ ବଲ୍‌ରୁ ୨ ରନ ଆବଶ୍ୟକ ହେଉଥିବାବେଳେ ସିଦ୍ଧାର୍ଥ କୌଲଙ୍କ ଓଭରର ୪ର୍ଥ ବଲ୍‌କୁ ଛକାରେ ପରିଣତ କରି ଧୋନୀ ଉତ୍କଣ୍ଠାର ଅବସାନ ଘଟାଇଥିଲେ। ସନ୍‌ରାଇଜର୍ସ ବୋଲରଙ୍କ ମଧ୍ୟରେ ଜାସନ ହୋଲ୍ଡର ୩ଟି ଓ ରଶିଦ ଖାଁ ଗୋଟିଏ ଉଇକେଟ ନେଇଥିଲେ। ନିଜ ୪ ଓଭର ସ୍ପେଲ୍‌ରେ ୨୪ ରନ ଦେଇ ୩ଟି ଉଇକେଟ ନେଇଥିବା ଚେନ୍ନାଇର ଜୋଶ୍ ହାଜେଲଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଠାରେ ପରାଜୟ ଦ୍ୱାରା ସନ୍‌ରାଇଜର୍ସ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି। ଚେନ୍ନାଇ ୧୧ ମ୍ୟାଚରୁ ୧୮ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ରହିଥିବାବେଳେ ସନ୍‌ରାଇଜର୍ସ ସମାନ ମ୍ୟାଚ ଖେଳି ୯ମ ପରାଜୟ ସହ ମାତ୍ର ୪ ପଏଣ୍ଟ ପାଇଛି।

ଟସ୍ ଜିତି ଚେନ୍ନାଇ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ସନ୍‌ରାଇଜର୍ସ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବାରୁ ବଡ଼ ସ୍କୋର ପାଇଁ ଭିତ୍ତି ପକାଇପାରି ନ ଥିଲା। ଓପନର ଜାସନ ରୟ ମାତ୍ର ୨, ଅଧିନାୟକ କେନ୍ ୱିଲିୟମସନ ୧୧ ଓ ପ୍ରିୟମ ଗର୍ଗ ୭ ରନରେ ଆଉଟ ହୋଇଥିଲେ। ଉଇକେଟ କିପର ଋଦ୍ଧିମାନ ଶାହା ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୪୬ ବଲ୍‌ରୁ ୧ ଚୌକା ଓ ୨ ଛକା ସହାୟତାରେ ୪୪ ରନ କରିଥିଲେ ହେଁ ମିଡିଲ ଅର୍ଡର ବ୍ୟାଟିଂ ବିଫଳତା ଯୋଗୁ ଦଳର ସ୍କୋର ୧୩୪/୭ରେ ସୀମିତ ରହି ଯାଇଥିଲା। ଅଭିଷେକ ଶର୍ମା ୧୮, ଅବଦୁଲ ସମଦ ୧୮, ଜାସନ ହୋଲ୍ଡର ୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ଚେନ୍ନାଇ ବୋଲରଙ୍କ ମଧ୍ୟରେ ଜୋଶ୍ ହାଜେଲଉଡ୍ ନିଜ ୪ ଓଭର ସ୍ପେଲ୍‌ରେ ୨୪ ରନ ଦେଇ ୩ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ନେଇଥିଲେ। ଡ୍ୱେନ ବ୍ରାଭୋ ୪ ଓଭରରେ ମାତ୍ର ୧୭ ରନ ବ୍ୟୟ କରି ୨ଟି ଉଇକେଟ ନେଇଥିବାବେଳେ ଶାର୍ଦ୍ଦୁଳ ଠାକୁର ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୩୪/୭(ଋଦ୍ଧିମାନ ଶାହା-୪୪, ଜୋଶ୍ ହାଜେଲଉଡ୍-୩/୨୪, ଡ୍ୱେନ ବ୍ରାଭୋ-୨/୧୭, ରବୀନ୍ଦ୍ର ଜାଡେଜା-୧/୧୪, ଶାର୍ଦ୍ଦୁଳ ଠାକୁର-୧/୩୭)। ଚେନ୍ନାଇ ସୁପରକିଙ୍ଗ୍ସ ୧୯.୪ ଓଭରରେ ୧୩୯/୪(ଋତୁରାଜ ଗାଏକ୍ୱାଡ-୪୫, ଫାଫ୍ ଡୁ'ପ୍ଲେସି-୪୧, ଜାସନ ହୋଲ୍ଡର-୩/୨୭, ରଶିଦ ଖାଁ-୧/୨୭)।

**ଜୋଶ୍ ହାଜେଲଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ୍**

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୧୧ | ୯ | ୨ | ୧୮ | +୧.୦୦୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୮ | ୩ | ୧୬ | +୦.୫୬୨ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୧ | ୭ | ୪ | ୧୪ | -୦.୨୦୦ |
| ନାଇଟ ରାଇଡର୍ସ | ୧୧ | ୫ | ୬ | ୧୦ | +୦.୩୬୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୫ | ୬ | ୧୦ | -୦.୪୫୩ |
| ପଞ୍ଜାବ କିଙ୍ଗ୍ସ | ୧୧ | ୪ | ୭ | ୮ | -୦.୨୮୮ |
| ରାଜସ୍ଥାନ ରୟାଲ୍ସ | ୧୧ | ୪ | ୭ | ୮ | -୦.୪୬୮ |
| ସନ୍‌ରାଇଜର୍ସ | ୧୧ | ୨ | ୯ | ୪ | -୦.୪୯୦ |

**ଆଜିର ମ୍ୟାଚ**

ନାଇଟ ରାଇଡର୍ସ
ବନାମ
ପଞ୍ଜାବ କିଙ୍ଗ୍ସ



ପ୍ରସାରଣ
ସ୍ଥାନ : ଦୁବାଇ
ସମୟ : ରାତି ୭.୩୦
ଷ୍ଟାର ସ୍ପୋର୍ଟ୍ସ



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

**ବଜ୍ରପାତରେ ବଳଦ ମୃତ**

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତ ଅନ୍ତର୍ଗତ ବାଗଡିଆଁ ଗାଁରେ ଗୁରୁବାର ଅପରାହ୍ନରେ ବଜ୍ରପାତରେ ଗୋଟିଏ ବଳଦର ମୃତ୍ୟୁ ଘଟିଛି। ଅପରାହ୍ନରେ ଝିପି ଝିପି ବର୍ଷା ସହ ଘଡଘଡି ହୋଇଥିବାବେଳେ ଗାଁର କୁବେର ମାଝୀ ନିଜ ବଳଦକୁ ଜମିରେ ଚରାଉଥିବାବେଳେ ବଜ୍ରପାତ ଘଟିଥିଲା। ସେଥିରେ ବଳଦର ମୃତ୍ୟୁ ହୋଇଯାଇଥିଲା।

## ସଂକ୍ଷେପରେ

### ମୁମୂର୍ଷୁ ଅବସ୍ଥାରେ ଥିବା ବୃଦ୍ଧଙ୍କୁ ଚିକିତ୍ସା କଲେ

**ମାନବିକତା ଦେଖାଇଲେ ୧୦୮ କର୍ମଚାରୀ, ଡାକ୍ତର**



ଜୁନାଗଡ,୩୦।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହର ପୁରୁଣା ବସଷ୍ଟାଣ୍ଡଠାରେ ଗୁରୁବାର ଜଣେ ବୃଦ୍ଧ ମୁମୂର୍ଷୁ ଅବସ୍ଥାରେ ପଡି ରହିଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ବୃଦ୍ଧଙ୍କ ଅବସ୍ଥା ଦେଖି ତୁରନ୍ତ ସ୍ଥାନୀୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ବିବେକାନନ୍ଦ ମହାନନ୍ଦ ତାଙ୍କର ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ସେହିପରି ବୃଦ୍ଧ ଜଣକ ଭୋକିଲା ଥିବାରୁ ତାଙ୍କୁ ଖାଇବା ମଧ୍ୟ ଦିଆଯାଇଥିଲା। ବୃଦ୍ଧଙ୍କ ନାମ ଥମାରୁ ରାଉତ (୭୦)। ତାଙ୍କ ଘର ଜୟପାଟଣା ବ୍ଲକ ରେଙ୍ଗଲାପାଲିର ବୋଲି ଜଣାପଡିଛି।

### ଜୀବନବିନ୍ଦୁ ରକ୍ତଦାନ ଶିବିର

ଭବାନୀପାଟଣା,୩୦।୯(ଡି.ଏନ.ଏ.): ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଆନୁକୂଲ୍ୟରେ ଓଡିଶା ମୋ ପରିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ କୁଟୁଖମାରସ୍ଥିତ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରେ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରରେ ସ୍ଥାନୀୟ ଅଞ୍ଚଳର ୨୪ଜଣ ରକ୍ତଦାନ କରିଥିଲେ। ଭବାନୀପାଟଣା ବ୍ଲକ ଶିକ୍ଷାଧିକାରୀ ଜଗନ୍ନାଥ ପୁରୋହିତ, ସଦର ବ୍ଲକ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ମହାଖୁଡ, ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ସଭାପତି ଶାନ୍ତନୁ କୁମାର ବେହେରା, ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଜିଲା ଟ୍ରେନିଂ କମିଶନର୍ ଧୃରେନ୍ଦ୍ର କୁମାର ପଣ୍ଡା, ଓଡିଶା ମୋ ପରିବାର ଜିଲା ସଂଯୋଜକ ପ୍ରଦୀପ କୁମାର ଦାସ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପାର୍ଥ ଖଡିକାର, ସ୍କାଉଟ୍ସ ମାଷ୍ଟର ସୁବାଶ ଚନ୍ଦ୍ର ନାଗ, ପ୍ରଶାନ୍ତ କୁମାର ପ୍ରଧାନ ଉପସ୍ଥିତ ରହିଥିଲେ। ଜିଲା ଶିକ୍ଷାଧିକାରୀ ତଥା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ମୁଖ୍ୟ କମିଶନର୍ ଶୁଶାନ୍ତ କୁମାର ଚୋପଦାର, ଜିଲା ଶାରିରୀକ ଶିକ୍ଷା ନିରିକ୍ଷକ ମହେନ୍ଦ୍ର କୁମାର ପଣ୍ଡା, ମୋ ସ୍କୁଲ ଜିଲା ସଂଯୋଜକ ସୁକାନ୍ତ ସାହୁ, କୁଟୁଖମାର ପୂର୍ବତନ ସରପଞ୍ଚ ଗୁକଧର ମାଝି, ରାମ ପ୍ରଧାନ, ବିରେନ୍ଦ୍ର କୁମାର ନାଏକ, ବସ୍ତ କୁମାର ମିଶ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ସ୍କାଉଟ୍ସ ମାଷ୍ଟର ସୁବାଶ ଚନ୍ଦ୍ର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ‘୨୦୩୦ସୁଦ୍ଧା ବାଲ୍ୟବିବାହମୁକ୍ତ କରାଯିବ’

ବଲାଙ୍ଗୀର ଅଫିସ, ୩୦।୯

- ବଲାଙ୍ଗୀର ଜିଲାରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ
- ସମୀକ୍ଷା ବୈଠକରେ ଯୋଗଦେଲେ ବିଭିନ୍ନ ଟାସ୍କଫୋର୍ସ ସଦସ୍ୟ

ବଲାଙ୍ଗୀର ଜିଲାରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ନିର୍ଦ୍ଦେଶକ୍ରମେ ସମାନ୍ତରାଳ ଭାବେ ଜିଲାର ସମସ୍ତ ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ଶିଶୁମାନଙ୍କ ପାଇଁ ଗଠିତ ବିଭିନ୍ନ ଟାସ୍କ-ଫୋର୍ସ ଓ ଶିଶୁ ସୁରକ୍ଷା କମିଟି ସମୂହର ତ୍ରୈମାସିକ ମିଳିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଶିଶୁ-କିଶୋରରଙ୍କ ସୁରକ୍ଷା ସମ୍ପର୍କିତ ଆଇନ ଗୁଡିକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା କରାଯାଇଥିଲା।

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମିଳିତ ସମୀକ୍ଷା ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ସିଂ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲୀପ କୁମାର ପଟେଲ, ସିଡିଏମ୍ଓ ଡା. ଭୀମ ସାହୁ ଉପସ୍ଥିତ ଥିଲେ। ମିଳିତ ସମୀକ୍ଷା ବୈଠକରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲାର ଶିଶୁ ଅଧିକାର ଏବଂ ସୁରକ୍ଷା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ଜିଲାରେ ବାଲ୍ୟ ବିବାହ ନିର୍ମୂଳ ଗାଁ, ପଞ୍ଚାୟତ ଓ ବ୍ଲକ କରିବା ପାଇଁ ଆବଶ୍ୟକ ମାନଦଣ୍ଡ ପୂରଣ କରିବା ଉପରେ ସବିଶେଷ ଆଲୋଚନା ହୋଇଥିଲା। ପର୍ଯ୍ୟାୟକ୍ରମେ ୨୦୩୦ ସୁଦ୍ଧା ବଲାଙ୍ଗୀର ଜିଲାକୁ ବାଲ୍ୟବିବାହମୁକ୍ତ ଜିଲାଭାବେ ପରିଗଣିତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଶିଶୁ ସୁରକ୍ଷା କମିଟି, ଜିଲାସ୍ତରୀୟ କିଶୋର ସଶକ୍ତିକରଣ ଓ ବାଲ୍ୟ ବିବାହ ନିର୍ମୂଳ ଟାସ୍କ-ଫୋର୍ସ, ଶିଶୁ ଶ୍ରମିକ ନିର୍ମୂଳ ଟାସ୍କ-ଫୋର୍ସ ତଥା ଚାଇଲ୍ଡ ଲାଇନ ପରାମର୍ଶ ପରିଷଦର ମିଳିତ ସମୀକ୍ଷା ବୈଠକରେ ଆବଣ୍ଟିତ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନା କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ମହାନନ୍ଦ ସରକାର ଶିଶୁଙ୍କ ପାଇଁ ଯାହା ସବୁ ଯୋଜନା, ଅଧିକାର ବ୍ୟବସ୍ଥା ରଖିଛନ୍ତି ତାହାର ବ୍ୟାପକ ପ୍ରଚାର ପ୍ରସାର ଅଙ୍ଗନୱାଡି କେନ୍ଦ୍ରରୁ ଆରମ୍ଭ କରିବା ଉଚିତ୍ ବୋଲି କହିଥିଲେ । ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ କୌଣସି ବି ଶିଶୁ ଯେପରି ପିତା ଅବା ମାତା କିମ୍ବା ଉଭୟ ମାତାପିତାଙ୍କୁ କରୋନା କାଳରେ ହରାଇଥାନ୍ତି ତେବେ ସେମାନେ ଓଡିଶା ସରକାରଙ୍କ ଆଶୀର୍ବାଦ ଯୋଜନା ଅବା ପ୍ରଧାନମନ୍ତ୍ରୀ ଯତ୍ନ ପାଣ୍ଠି ପାଇଁ ଯୋଗ୍ୟତା ଥିଲେ ଯେପରି ବାଦ ନ ପଡନ୍ତି ତାହା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି, ସଭ୍ୟ ଡା. ଗୋଦାବରୀଶ ରଥ, ବିରଞ୍ଚି ବହିଦାର, ନନ୍ଦି କିଶୋର ଷାଣ୍ଢ, କିଶୋର ନ୍ୟାୟ ପରିଷଦ ସଭ୍ୟ ବିବେକାନନ୍ଦ ମିଶ୍ର, ବବିତା ଅଗ୍ରୱାଲ, ଏ.ଏଲ୍.ଓ ପାନମଣି ସୋରେନ, ଡିଏସ୍ଡବ୍ଲୁଓ ଶାନ୍ତିଲାଲ ଦୀପ, ସୁମନ ଦ୍ୱିବେଦୀ, କମଳେନ୍ଦୁ ପଲ, ପ୍ରଭାସ କୁମାର ଅମାନ୍ତ, ଚାଇଲ୍ଡ ଲାଇନ ସେବା ଯୋଗାଉଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଧାର, ୱାଇଏସ୍ସି, କଲ୍ୟାଣ, ସଖୀ ୱାନ୍ ଷ୍ଟପ୍ ସେଣ୍ଟର, ଜିଲା ଶିଶୁ ସୁରକ୍ଷା ୟୁନିଟ କର୍ମଚାରୀ ଉପସ୍ଥିତ ଥିଲେ।



ବଲାଙ୍ଗୀର ଜିଲାରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ ଓ ସଦସ୍ୟମାନେ।

## ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସୁରକ୍ଷିତ ଗର୍ଭପାତ ଦିବସ

ଭବାନୀପାଟଣା,୩୦।୯(ଡି.ଏନ.ଏ.)

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଅନ୍ତର୍ଜାତୀୟ ସୁରକ୍ଷିତ ଗର୍ଭପାତ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ସିଡିଏମ୍ଓ ଡା. ପ୍ରତାପ ବେହେରା, ଡିପିଏଚ୍ଓ ଡା. ରାକେଶ ସାହୁ, ଉଡିପିଏଚ୍ଓ ଟିବି ଡା. ନିହାରେନ୍ଦ୍ର ପଣ୍ଡା, ମେଡିସିନ୍ ସ୍ପେଶାଲିଷ୍ଟ ଡା. ଦୀନବନ୍ଧୁ ସାହୁ, ମହିଳା ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡା. ହେମାଙ୍ଗିନୀ ମେହେର, ଡିପିଏମ୍ ଅବନୀ ମହାପାତ୍ର, ମିଶନ ଶକ୍ତି ଡିଡିସି ଅମିତ ପତି, ଡିପିଏମ୍ ଏନ୍ଓପି ବିଶ୍ୱନାଥ ଦାସ, ଡିଏମ୍ଆରସିଏଚ୍ ଭବାନୀ ଶଙ୍କର ସାହୁ, ଡିପିଏଚ୍ସିଓ ବିବେକାନନ୍ଦ ସାମଲ ପ୍ରମୁଖ ସୁରକ୍ଷିତ ଗର୍ଭପାତର ନିୟମ ଉପରେ ଆଲୋକପାତ କରିଥିଲେ। ଡିଏମ୍ଆରସିଏଚ୍ ଭବାନୀ ସାହୁ ସରକାରଙ୍କ ପକ୍ଷରୁ ସୁରକ୍ଷିତ ଗର୍ଭପାତ କରିବା ପାଇଁ କଣ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅର୍ନ୍ତଜାତୀୟ ସୁରକ୍ଷିତ ଗର୍ଭପାତ ଦିବସ ଉପଲକ୍ଷେ ଗୋଷ୍ଠୀସ୍ତରରେ ସୁରକ୍ଷିତ ଗର୍ଭପାତ ସେବା ଯୋଗାଇ ଦେଇଥିବା ଆଶା କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ସଭାକୁ ଡିପିଏଚ୍ସିଓ ବିବେକାନନ୍ଦ ସାମଲ ପରିଚାଳନା କରିଥିଲେ।

## ଉଚ୍ଚବିଦ୍ୟାଳୟ ଶ୍ରେଣୀଗୃହ ନିର୍ମାଣ ଅଧାପନ୍ତରିଆ

ଲାଠୋର,୩୦।୯(ଡି.ଏନ.ଏ.)

**ଦଶଦିନ ମଧ୍ୟରେ କାମ ନ କଲେ ଆନ୍ଦୋଳନ**

ବଲାଙ୍ଗୀର ଜିଲା ଲାଠୋର ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଆରଡି ବିଭାଗ ପକ୍ଷରୁ ନିର୍ମାଣ କରାଯାଉଛି। ହେଲେ କାମ ଆରମ୍ଭର ୩ବର୍ଷ ବିତି ଯାଇଥିଲେ ବି ଏହି କାମ ଅଦ୍ୟାବଧି ସରିନାହିଁ। କାମ ଦଶଦିନ ମଧ୍ୟରେ ଆରମ୍ଭ କରା ନ ଗଲେ ଆନ୍ଦୋଳନ କରାଯିବ। ଦରକାର ପଡିଲେ ପାଟଣାଗଡ ଆରଡି ଅଫିସ ଘେରାଉ କରାଯିବ ବୋଲି ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ କହିଛନ୍ତି। ଏ ନେଇ ସେ ସିଏମ୍ଓ ଓଡ଼ିଶା, ମୋ ସରକାର, ୫ଟି, ବଲାଙ୍ଗୀର ଏମ୍ପି ଏବଂ ଜିଲାପାଳଙ୍କୁ ଟୁଇଟ୍ ଯୋଗେ ଅଭିଯୋଗ କରିଛନ୍ତି। ଗତ ୨୦୧୭-୧୮ରେ ୪୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରଡି ବିଭାଗ ଦ୍ୱାରା ୬ଟି ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଇତିମଧ୍ୟରେ ୩ବର୍ଷ ବିତିଯାଇଥିଲେ ହେଁ ଶ୍ରେଣୀଗୃହରେ ଛାତ ପଡିନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ଏଠାରେ ପଢୁଥିବା ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୪୩ ପିଲା ଶ୍ରେଣୀ ଗୃହ ଅଭାବ ହେତୁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଆରଡି ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବଗ୍ରାହୀ ଦାଶଙ୍କୁ ପଚାରିବାରୁ କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛି। ଖୁବ୍ଶୀଘ୍ର କାମ ଆରମ୍ଭ କରାଯିବ ବୋଲି କହିଛନ୍ତି।



ଅଧାପନ୍ତରିଆ ହୋଇ ପଡି ରହିଥିବା ନୋଡାଲ ଉଚ୍ଚ ବିଦ୍ୟାଳୟ କୋଠା।

## ବୋହୂଙ୍କୁ ପିଟିଲେ ଶ୍ୱଶୁର, ଥାନାରେ ଅଭିଯୋଗ

ଲାଠୋର, ୩୦।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋର ଥାନା ସଦର ଲାଠୋର ଗ୍ରାମର ହର୍ଷ ଛତ୍ରିଆଙ୍କ ଝିଅ ଆରତୀଙ୍କୁ ତାଙ୍କ ଶ୍ୱଶୁର ମାଡ ମାରିଥିବା ନେଇ ଅଭିଯୋଗ ହେଇଛି। ଅଭିଯୋଗର ଦୁଇଦିନ ବିତି ଯାଇଥିଲେ ବି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଆରତୀ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଘଟଣାର ତଦନ୍ତ ଚାଲିଥିବା ଖପ୍ରାଖୋଲ ଥାନା ତଦନ୍ତକାରୀ ଅଧିକାରୀ ଜୟ ଶଙ୍କର ଆଚାର୍ଯ୍ୟ କହିଛନ୍ତି। ଅଭିଯୋଗ ଅନୁସାରେ ୭ବର୍ଷ ତଳେ ଆରତୀଙ୍କର ବିବାହ ଖପ୍ରାଖୋଲ ଥାନା କୁର୍ଲୁମାଲ ଗ୍ରାମରେ ହୋଇଥିଲା। ବିବାହର କିଛି ଦିନ ପରେ ଆରତୀଙ୍କ ଶଶୁର ଘର ଲୋକେ ଅଧିକ ଯୌତୁକ ଦାବି କରି ତାଙ୍କ ଉପରେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଘଟଣାକୁ ନେଇ ଆରତୀ ଖପ୍ରାଖୋଲ ଥାନାରେ ଏତଲା ଦେଇଥିଲେ। ଏ ନେଇ ୨୦୧୮ ମସିହାରେ ସ୍ୱାମୀ, ଶଶୁର, ଶାଶୁ, କାକାଶୁରଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ହେଲେ ପରେ ସେମାନଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା। ଏହାପରେ ମଧ୍ୟ ନିର୍ଯାତନା ନ କମିବାରେ ଆରତୀ ନିଜ ୩ପିଲାଙ୍କୁ ଧରି ଲାଠୋରସ୍ଥିତ ବାପା ଘରକୁ ପଳାଇ ଆସିଥିଲେ। ହେଲେ ଚଳିତ ସେପ୍ଟେମ୍ବର ମାସରେ ବୁଝାଶୁଝା କରି ଶଶୁର ଘର ଲୋକେ ଆରତୀଙ୍କୁ କୁର୍ଲୁମାଲ ଫେରାଇ ନେଇଥିଲେ। ନବାନ୍ନ ପୂର୍ବଦିନ ଅର୍ଥାତ ସେପ୍ଟେମ୍ବର ୧୦ତାରିଖରେ କପଡା କିଣାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ତାଙ୍କ ଶଶୁର ଏକ ବାଡିରେ ଆରତୀଙ୍କୁ ମାଡ ମାରିଥିଲେ। ଘଟଣା ବିଷୟରେ କେହି ଯେମିତି ଜାଣି ନପାରେ ରାୟପୁରସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ନେଇଥିଲେ। ସେଠାରେ ୧୫ ଦିନ ଚିକିତ୍ସା କଲା ପରେ ୨୪ ସେପ୍ଟେମ୍ବର ୨୦୨୧ରେ ଲାଠୋର ଆଣି ତାଙ୍କ ବାପ ଘରେ ଛାଡି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ



ସମବାୟ ସମିତି କାର୍ଯ୍ୟାଳୟରେ ଚାଷୀମାନେ ତଲା ପକାଇ ବନ୍ଦ କରୁଛନ୍ତି।

ନର୍ଲା,୩୦।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ସମବାୟ ସମିତିରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ୟୁରିଆ ସାର ବିକ୍ରି ଆରମ୍ଭ ହୋଇଥିଲା। ଫଳରେ ସାର କିଣିବା ପାଇଁ ଅଞ୍ଚଳର ଅନେକ ଚାଷୀ ଆଧାର କାର୍ଡ ଧରି ଭିଡ଼ ଜମାଇଥିଲେ। କିନ୍ତୁ ପିଓଏସ୍ ମେଶିନ କୌଣସି କାରଣରୁ କାର୍ଯ୍ୟକ୍ଷମ ନ ହେବାରୁ ଚାଷୀମାନେ ଉତ୍ୟକ୍ତ ହୋଇ ସମବାୟ ସମିତି କାର୍ଯ୍ୟାଳୟରେ ତାଲ ପକାଇ ବନ୍ଦ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ପହଞ୍ଚି ଉତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିବା ପରେ ପିରସ୍ଥିତି ସ୍ୱାଭାବିକ ହୋଇଥିଲା। ସେହିପରି ଆବଶ୍ୟକ ୟୁରିଆ ସାର ଆସୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କମ ପରିମାଣରେ ସାର ଆସୁଥିବାରୁ ଚାଷୀଙ୍କ ମଧ୍ୟରେ ସାର ନେବା ପାଇଁ ସକାଳୁ ଲମ୍ବା ଲାଇନ ଲାଗୁଥିବା ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପରିମାଣରେ ସାର ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ଦ୍ୱିତୀୟ ଡୋଜ୍ ଟିକାକରଣ ପାଇଁ ସଚେତନତା ପଦଯାତ୍ରା

ମୋହନଗିରି,୩୦।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ମୋହନଗିରିଠାରେ କୋଭିଡ୍ ଦ୍ୱିତୀୟ ଡୋଜ ଟିକାକରଣ ପାଇଁ ସଚେତନତା ପଦଯାତ୍ରା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି। ସଚେତନତା ଅଭାବ ଯୋଗୁ ଗ୍ରାମାଞ୍ଚଳରେ ବିଶେଷ ଭାବେ ଲୋକେ ଦ୍ୱିତୀୟ ଡୋଜ ଟିକା ନେବା ପାଇଁ ଆଗ୍ରହ ପ୍ରକାଶ କରୁ ନ ଥିବା ଦେଖାଯାଇଛି। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ଏଭଳି ପଦକ୍ଷେପ ନିଆଯାଇଛି। ଏଅଞ୍ଚଳରେ କାର୍ଯ୍ୟରତ ସମସ୍ତ ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ମାଇକ ଧରି ଚାଲି ଚାଲି ପ୍ରତେକ ଗାଁ ଓ ପଡାକୁ ଯାଇ ଲୋକଙ୍କୁ ସଚେତନ କରିବା ସହିତ ମୋହନଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ବିନା ମୂଲ୍ୟରେ ଟିକା ନେବା ପାଇଁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟ ବିଭାଗ ଏହି ପଦକ୍ଷେପକୁ ବିଭିନ୍ନ ମହାଲୁ ପ୍ରଶଂସା କରାଯାଇଛି।



ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନେ ଗାଁ ଗାଁ ବୁଲି ଟିକାକରଣ ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି।

## ଜିଲା କଳାକାର ସଂଘର ନୂଆଁଖାଇ ଭେଟ୍ଘାଟ୍

ନୂଆପଡ଼ା ଅଫିସ,୩୦।୯

ନୂଆପଡା ଜିଲା ସାଂସ୍କୃତିକ ପରିଷଦ ପକ୍ଷରୁ ଗୁରୁବାର ଜିଲାର ସମସ୍ତ କଳାକାରଙ୍କୁ ନେଇ ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲ ସଭାଗୃହରେ ଜିଲାସ୍ତରୀୟ ନୂଆଁଖାଇ ଭେଟ୍ଘାଟ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା, ନୂଆପଡା ବିଧାୟକ ରାଜେନ୍ଦ୍ର କୁମାର ଧୋଲକିଆ, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି, ଜିଲା କଳାକାର ସଂଘ ଉପସଭାପତି ଟିମନ ମାଝି, ଜିଲା ସାଂସ୍କୃତିକ ଅଧିକାରୀ ଦେବେନ୍ଦ୍ର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଜିଲାର ୫ଟି ବ୍ଲକ ଓ ୩ଟି ଏନ୍ଏସିର ସବୁବର୍ଗର କଳାକାର ଯୋଗଦେଇଥିଲେ।

## ସରକାରୀ ମହିଳା କଲେଜରେ ଯୁବ ରେଡ୍କ୍ରସ୍ ତାଲିମ ଶିବିର

ଭବାନୀପାଟଣା,୩୦।୯(ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ସରକାରୀ ମହିଳା କଲେଜଠାରେ କ୍ଲଷ୍ଟରସ୍ତରୀୟ ତ୍ରି ଦିବସୀୟ ଯୁବ ରେଡ୍କ୍ରସ୍ ସ୍ୱେଚ୍ଛାସେବୀଙ୍କ ଅଧ୍ୟୟନ ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡକ୍ଟର ତ୍ରିଲୋଚନା ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବାଳଗୋପାଳ ଦାସ, ମୁଖ୍ୟବକ୍ତା ଭାବେ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶାନ୍ତନୁ କୁମାର ପରିଡା ଯୋଗଦାନ କରିଥିଲେ। ସ୍ୱାଗତ ସଂଭାଷଣ ଡକ୍ଟର ରଜନୀକାନ୍ତ ଜେନା ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଅଧ୍ୟାପକ ଶଙ୍କର ଦଳାଇ। ଅଧ୍ୟାପକ ପରମେଶ୍ୱର ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ତାଲିମ ଶିବିରରେ ଶାନ୍ତନୁ କୁମାର ପରିଡା, ଡ. ପଲ୍ଲୀଶ୍ରୀ ପଟ୍ଟନାୟକ, ବ୍ଲଡବ୍ୟାଙ୍କ ଅଧିକାରୀ ଡା. ଜୟନ୍ତୀବାଳ ନାୟକ, ସଞ୍ଜୀବ କୁମାର ସାହୁ, ଡା. ରଜନୀକାନ୍ତ ଜେନା ପ୍ରମୁଖ ଯୋଗଦେଇଥିଲେ। ରେଡ୍କ୍ରସ୍ର ଲକ୍ଷ୍ୟ, ଉଦ୍ଦେଶ୍ୟ, ସଡକ ସୁରକ୍ଷା, ଏଡ୍ସ ସଚେତନତା, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଆଦି ପ୍ରସଙ୍ଗରେ ଶିକ୍ଷା ଓ ତାଲିମ ପ୍ରଦାନ କରିବା ବ୍ୟବସ୍ଥା ଥିବା ସୂଚନା ଦିଆଯାଇଛି। ଶିବିରରେ ବିଭିନ୍ନ ମହାବିଦ୍ୟାଳୟରୁ ୩୦ଜଣ ପରାମର୍ଶଦାତା ଓ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜକିଶୋର ପଣ୍ଡିତ, ପ୍ରବୀର କୁମାର ମଲ୍ଲିକ, ଧୀରେଶ ଚନ୍ଦ୍ର ନନ୍ଦ, ହେମନ୍ତ କୁମାର ମାଝି, ସୁଚିଲତା ଜେନା, ସୁରେଶ ପାତ୍ର, ଆଦିତି କୁମାର ପାତ୍ର ତଥା ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।




ଶିବିରରେ ଯୋଗଦେଇଥିବା ଅତିଥି।

## କାମ ସରିଛି, କାର୍ଯ୍ୟକ୍ଷମ ହେଉନି

ନୂଆପଡ଼ା ଅଫିସ,୩୦।୯

**ଖଡ଼ିଆଳ ବସ୍ଷ୍ଟାଣ୍ଡରେ ନିର୍ମିତ ଆମ ଶୌଚାଳୟ**

- ଖୋଲାରେ ଶୌଚ ହେଉଛନ୍ତି ଯାତ୍ରୀ
- ସହରର କୌଣସିଠାରେ ନାହିଁ ପରିସ୍ରାଗାର

ନୂଆପଡ଼ା ଜିଲା ଖଡିଆଳ ବସ୍ଷ୍ଟାଣ୍ଡରେ ଯାତ୍ରୀଙ୍କ ସୁବିଧା ପାଇଁ ନିର୍ମିତ ହୋଇଛି ଆମ ଶୌଚାଳୟ। ହେଲେ ନିର୍ମାଣର ୨ବର୍ଷ ବିତିଯାଇଥିଲେ ବି ଏହା ଜନସାଧାରଣଙ୍କ କାମରେ ଲାଗି ପାରିନାହିଁ। ଶୌଚାଳୟ କୋଠାରେ ତାଲା ଝୁଲି ରହିଛି। ଏଥିଯୋଗୁ ଖଡିଆଳ ସହରକୁ ପ୍ରତ୍ୟହ ଆସୁଥିବା ହଜାର ହଜାର ଯାତ୍ରୀ ଶୌଚ ହେବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନନ୍ୟୋପାୟ ହୋଇ ଯାତ୍ରୀମାନେ ଖୋଲା ସ୍ଥାନରେ କାମ ସାରି ଦେଉଛନ୍ତି।

ଖଡିଆଳ ସହର ନୂଆପଡ଼ା ଜିଲାର ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର। ଏହାସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସହରର କୌଣସି ସ୍ଥାନରେ ପରିସ୍ରାଗାରଟିଏ ନାହିଁ। ଫଳରେ ସହରକୁ ଆସୁଥିବା ଲୋକେ ବିଶେଷ କରି ମହିଳାମାନଙ୍କୁ ହଟହଟା ହେବାକୁ ପଡୁଛି। ସେହିପରି ଖଡିଆଳ ବ୍ଲକ କାର୍ଯ୍ୟାଳୟକୁ ଲାଗି ରହିଛି ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର। ଏଠାକୁ ଅଙ୍ଗନୱାଡି କର୍ମୀମାନେ ସପ୍ତାହକୁ ଥରେ କିମ୍ବା ଦୁଇଥର ବୈଠକ ପାଇଁ ଆସିଥାନ୍ତି। ହେଲେ ସେଠାରେ ଥିବା ଶୌଚାଳୟ ବ୍ୟବହାରଯୋଗ୍ୟ ନ ଥିବା ଅଭିଯୋଗ ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଖଡିଆଳ ସହରର ପ୍ରମୁଖ ସ୍ଥାନରେ ପରିସ୍ରାଗାର ଓ ଖଡିଆଳ ବସ୍ଷ୍ଟାଣ୍ଡରେ ନିର୍ମିତ ଆମ ଶୌଚାଳୟକୁ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ଏନେଇ ଖଡିଆଳ ଏନଏସି ନିର୍ବାହୀ ଅଧିକାରୀ ଚିନ୍ମୟ ମିଶ୍ରଙ୍କୁ ପଚାରିବାରୁ ଠିକାଦାର ଆମକୁ କୋଠା ବିଳମ୍ବରେ ହସ୍ତାନ୍ତର କଲେ। ତଥାପି ଆମେ ଏହାକୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଖୁବ୍ଶୀଘ୍ର ଚଳାଇବାର ବ୍ୟବସ୍ଥା କରୁଛୁ। ତେବେ ବସ୍ଷ୍ଟାଣ୍ଡରେ ଏବେ ଏକ ଟଏଲେଟ କାର୍ଯ୍ୟକ୍ଷମ ରହିଛି ବୋଲି ସେ କହିଛନ୍ତି।




ଖଡିଆଳ ବସ୍ଷ୍ଟାଣ୍ଡରେ କାର୍ଯ୍ୟକ୍ଷମ ହୋଇ ନ ଥିବା ଆମ ଶୌଚାଳୟ।

**କାର୍ ସହ ଗଞ୍ଜେଇ ଜବତ : ୩ ଗିରଫ**

**ସୋନପୁର,୩୦।୯(ନି.ପ୍ର.):** ସୋନପୁର ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ସଦର ଆରଆଇଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ୨ଜଣ ଛତିଶଗଡ ଅଞ୍ଚଳର ଗଞ୍ଜେଇ ବ୍ୟବସାୟୀଙ୍କ ସମେତ ମୋଟ ୩ ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ସୋନପୁର ବଡବଜାର ଅଞ୍ଚଳର ଧର୍ମେନ୍ଦ୍ର ମହାନା, ଛତିଶଗଡ ରାଜ୍ୟ ରାଜନନ୍ଦଗାଁ ଜିଲା ଆଦମର ଲକ୍ଷ୍ମୀନାରାୟଣ ମାଣ୍ଡଭି ଓ ଉମର ଖାଁ । ଗଞ୍ଜେଇ ଛତିଶଗଡକୁ ଚୋରାଚାଲାଣ ହେଉଥିଲା । ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇ ଟିମ୍ ସହିତ ଚଢାଉ କରି ସୁଜୁକି କାରରୁ ୨୩ କିଲୋ ଗଞ୍ଜେଇ ଜବତ କରିଥିଲେ। ଅଭିଯୁକ୍ତଙ୍କଠାରୁରୁ ୪୫ହଜାର ୩୦୦ଟଙ୍କା ଜବତ କରାଯାଇଛି ।



## ସଂକ୍ଷେପରେ

### ବିବାଦରେ ଉଠା ଜଳସେଚନ ପ୍ରକଳ୍ପ କାମ

-ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି :ପାଣି ପଞ୍ଚାୟତ କମିଟି

**ଅମରପାଲି,୩୦।୯(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତ ଅନ୍ତର୍ଗତ ତେଲିପାଲି ଗ୍ରାମରେ ଉଠା ଜଳସେଚନ ପ୍ରକଳ୍ପ-୨ର କାମ ଅସମ୍ପୂର୍ଣ୍ଣ ହୋଇଥିବା ସୋନପୁର ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି ଅଭିଯୋଗ ପରେ ଗ୍ରାମର ପାଣି ପଞ୍ଚାୟତ କମିଟି ଉକ୍ତ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇ ଚାଷଜମିରେ ଜଳସେଚନ ହେଉଥିବା ଉପ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହାକୁ ନେଇ ବିବାଦ ଲାଗି ରହିଛି । ମିଳିଥିବା ସୂଚନା ଅନୁସାରେ, ସୋନପୁର ଉଠାଜଳସେଚନ ବିଭାଗ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରାୟ ୯ ଲକ୍ଷ ୮୨ ହଜାର ଟଙ୍କା ବ୍ୟୟରେ ତେଲିପାଲିରେ ଉଠାଜଳସେଚନ ପ୍ରକଳ୍ପ-୨ ର କାମ ହୋଇଥିଲା। ଉକ୍ତ ପ୍ରକଳ୍ପରୁ ପ୍ରାୟ ୨୦ହେକ୍ଟର ଚାଷ ଜମିରେ ଜଳସେଚନ ହେବାର ବ୍ୟବସ୍ଥା ରହିଛି। ମାତ୍ର ଗ୍ରାମର କେତେଜଣ ଚାଷୀ ପ୍ରକଳ୍ପର କାମ ଅସମ୍ପୂର୍ଣ୍ଣ ହୋଇଥିବା ଅଭିଯୋଗ କରିଛନ୍ତି। ପ୍ରକଳ୍ପର ମୋଟର ଲାଗି ନ ଥିବା ,ପାଇପ ବିଛା କାମ ସମ୍ପୂର୍ଣ୍ଣ ହୋଇ ନ ଥିବା ଅଭିଯୋଗ କରି ଏହାର ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ସୁଶାନ୍ତ ସାମଲଙ୍କୁ ପଚାରିବାରେ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମର କେତେକ ଚାଷୀ କରିଥିବା ଅଭିଯୋଗ ଭିତ୍ତିହୀନ ବୋଲି ପାଣି ପଞ୍ଚାୟତ କମିଟିର ସଭାପତି ପ୍ରଣବ ପ୍ରଧାନ, ସମ୍ପାଦକ ଘାସି ପଧାନଙ୍କ ସମେତ ପ୍ରାୟ ୨୩ରୁ ଉର୍ଦ୍ଧ୍ୱ ଚାଷୀ ବୀରମହାରାଜପୁର ଉପଜିଲାପାଳଙ୍କୁ ଲିଖିତ ଜଣାଇଛନ୍ତି। ପ୍ରକଳ୍ପରେ ନୂତନ ମୋଟର ଲାଗିଛି ଓ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ଚାଷ ଜମିକୁ ଜଳସେଚନ ହେଉଥିବା ସେମାନେ ଜଣାଇଛନ୍ତି।

### ନୃତ୍ୟଗୁରୁଙ୍କୁ ସିନିୟର ଫେଲୋଶିପ୍

**ବରଗଡ଼ ଅଫିସ୍,୩୦।୯:** ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳର ନୃତ୍ୟଗୁରୁ ତଥା ଲୋକ



ସଙ୍ଗୀତଜ୍ଞ ରମେଶ ଗୁର୍ଲାଙ୍କୁ ୨୦୧୯-୨୦ ବର୍ଷ ପାଇଁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ସିନିୟର ଫେଲୋସିପ୍ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଗଣ୍ଡାବାଜା ଏବଂ ଏହାର କଳାକାରଙ୍କୁ ନେଇ ପ୍ରସ୍ତୁତ ଏକ ସନ୍ଦର୍ଭ ଉପରେ ଏହି ଫେଲୋସିପ୍ ତାଙ୍କୁ ପ୍ରଦାନ କରାଯାଇଛି । ଦୁଇବର୍ଷ ଧରି ଗୁର୍ଲା ତାଙ୍କର ଏହି ଗବେଷଣା କାର୍ଯ୍ୟ ତୁଲାଇବେ ବୋଲି ଜଣାପଡ଼ିଛି। ଏଭଳି କୃତିତ୍ୱ ପାଇଁ ଗୁର୍ଲାଙ୍କୁ ବିଭିନ୍ନ ମହଲରେ କୃତଜ୍ଞତା ଜ୍ଞାପନ କରାଯାଇଛି ।

### ପ୍ରଫେସର ଦୁର୍ଗାପ୍ରସାଦ ନାୟକଙ୍କ ବିୟୋଗରେ ଶୋକସଭା

**ସୋନପୁର,୩୦।୯(ନି.ପ୍ର.):** ସୋନପୁର କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଦୁର୍ଗାପ୍ରସାଦ ନାୟକ(୯୬)ଙ୍କ ବିୟୋଗରେ ଏକ ଶୋକସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରେ ଅୟୋଜିତ ଏହି ଶୋକସଭାରେ ଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ଅଶ୍ୱିନୀ କୁମାର ହୋତା ଅଧକ୍ଷତା କରିଥିଲେ। କଲେଜର ସମସ୍ତ ଅଧାପିକା ଅଧାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦାନ କରି ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ପ୍ରଫେସର ନାୟକ ସମ୍ବଲପୁରର ପଟ୍ଟନାୟକ ପଡାରେ ଜନ୍ମଗ୍ରହଣ କରିଥିଲେ। ସେ ଛାତ୍ର ଜୀବନରୁ ଭାରତ ଛାଡ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ପ୍ରଫେସର ନାୟକ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସହ ଜଡିତ ରହି ପଶ୍ଚିମ ଓଡିଶାରେ ସଂଗଠନକୁ ମଜବୁତ୍ କରିଥିଲେ । ସେ ସମ୍ବଲପୁରର ଗଙ୍ଗାଧର ମେହେର କଲେଜ, ବଲାଙ୍ଗୀରର ରାଜେନ୍ଦ୍ର କଲେଜ, ରେଭେନ୍‌ସା କଲେଜ, ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ଓ ସୋନପୁର କଲେଜରେ ଅଧାପନା କରିଥିଲେ। ସୋନପୁର କଲେଜର ଅଧକ୍ଷ ଥିବା ସମୟରେ ସେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ ।

# ଅଧିକାର ନ ମିଳିଲେ ଭୋଟ ବର୍ଜନ

**ବିନିକା,୩୦।୯(ଡି.ଏନ୍.ଏ.)**

ଜାତିଗତ ପ୍ରମାଣପତ୍ର ନ ମିଳିଲେ ନିଜ ଜନ୍ମଗତ ଅଧିକାର ସାବ୍ୟସ୍ତ ପାଇଁ ଆଗାମୀ ଦିନରେ ଭୋଟ ବର୍ଜନ କରିବେ ବୋଲି ଜାମପାଳି ଅଞ୍ଚଳରେ ବସବାସ କରୁଥିବା ସିଦ୍ରିଆମାନେ ଚେତାବନୀ ଦେଇଛନ୍ତି। ସିଦ୍ରିଆମାନେ ଦୀର୍ଘ ବର୍ଷ ହେଲା ନିଜ ଅଧିକାର ପାଇଁ ଲଢି ଆସୁଥିଲେ ହେଁ ସରକାରୀ ସ୍ତରରେ ଏଯାଏ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାପ ଅଧୀନ ଜାମପାଳି ଗ୍ରାମର କେନାଲ ପଡା, ଟାଙ୍ଗରପଡା ଓ ଜଙ୍ଗଲପଡାରେ ପ୍ରାୟ ୪୦ ବର୍ଷ ହେଲା ରହି ଆସୁଛନ୍ତି ସିଦ୍ରିଆ (ଝରା) ସମ୍ପ୍ରଦାୟର ୫୦ ପରିବାର। ଲୋକସଂଖ୍ୟା ୪ଶହରୁ ଉର୍ଦ୍ଧ୍ୱ। ମାତ୍ର ଦୀର୍ଘ ବର୍ଷ ହେଲା ଏମାନଙ୍କୁ ସେମାନଙ୍କ ଜାତି ଓ ବର୍ଗର ସରକାରୀ ପରିଚୟ ମିଳିପାରିନାହିଁ । ଫଳରେ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଅବହେଳିତ ଭାବେ ଜୀବନଯାପନ କରୁଛନ୍ତି । ଏମାନେ କହୁଥିବା ଭାଷା ସ୍କୁଲ ଶିକ୍ଷକମାନେ ଭଲ ଭାବେ ବୁଝି ପାରୁ ନ ଥିବାରୁ ସିଦ୍ରିଆ ପିଲାମାନେ ଉପଯୁକ୍ତ ଶିକ୍ଷାଲାଭ କରିବାରୁ ବଞ୍ଚିତ ହେଉଛନ୍ତି । ଏହି ସମ୍ପ୍ରଦାୟର ୩୦ରୁ ଉର୍ଦ୍ଧ୍ୱ ପିଲା ୫ମ ଶ୍ରେଣୀରୁ ପାଠପଢା ଛାଡି ଦେଇଛନ୍ତି। ପାଠ ପଢା ଛାଡିଥିବା ପିଲାମାନଙ୍କ



ଜାମପାଳି ଅଞ୍ଚଳରେ ବସବାସ କରୁଥିବା ସିଦ୍ରିଆମାନେ ।

ମଧ୍ୟରେ ଶମ୍ଭୁ ଝରା, ଗଙ୍ଗା ଝରା, ରିତ ଝରା, ନିର୍ମଳ ଝରା, ଚଏତୁ ଝରା,ବିକାଶ ଝରା, ବୃନ୍ଦା ଝରା, ଅନିତା ଝରା, ନନ୍ଦିତା ଝରା ଅଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ୩ ଜଣ ପିଲା କଲେଜ ମାଟି ମାଡିବାର ସୋଭାଗ୍ୟ ଅର୍ଜନ କରିଛନ୍ତି । ସେମାନେ ହେଲେ ହେମନ୍ତ ଝରା(୨୧) ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ, ସୁଶାନ୍ତ ଝରା ଓ ପ୍ରଶାନ୍ତ ଝରା ଯୁକ୍ତ ୨ ପ୍ରଥମ ବର୍ଷ। ସରକାରଙ୍କ ପରିବାର ନିୟୋଜନ ଯୋଜନା ଏଠି ବାଟବଣା । ମହିଳାମାନେ ୪-୫ ଜଣ ସନ୍ତାନର ଜନନୀ ହୋଇ ଉପଯୁକ୍ତ ଚିକିତ୍ସା ଓ ପୁଷ୍ଟିକର ଖାଦ୍ୟ ଅଭାବରୁ ଅଳ୍ପ ବୟସରେ ରୁଗ୍‌ଣ ହୋଇ ଯାଉଥିବା ଦେଖିବାକୁ ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ସିଦ୍ରିଆମାନଙ୍କୁ ତାଙ୍କର ଜାତି ଓ ବର୍ଗର ଅଧିକାର ସ୍ୱରୂପ ସରକାରୀ ପ୍ରମାଣିକ ପତ୍ର ମଳି ପାରିନାହିଁ।

ଏମାନେ ପ୍ରକୃତରେ ଅନୁସୂଚିତ ଜାତି ବର୍ଗର ନା ଅନୁସୂଚିତ ଜନଜାତି ବର୍ଗର, ପଛୁଆ ଜାତି ବର୍ଗର ନା ସାଧାରଣ ଜାତି ବର୍ଗର ତାହା ସରକାରୀ ସ୍ତରରେ ଏଯାଏଁ ନିର୍ଦ୍ଧାରଣ ହୋଇନାହିଁ । ଫଳରେ ସିଦ୍ରିଆମାନେ ବର୍ଷ ବର୍ଷ ଧରି ସିଂଘିଯୁବା ଆର୍‌ଆଇ

**ଅବହେଳିତ ଅବସ୍ଥାରେ ଜାମପାଳି ସିଦ୍ରିଆ**

ଅଫିସରୁ ବିନିକା ତହସିଲ ଅଫିସ, ବିନିକା ତହସିଲରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଦୌଡୁଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଗତବର୍ଷ ଜାନୁୟାରୀ ୧୮ ତାରିଖରେ ବିନିକା ତହସିଲଦାର ଅଲେଖ ଘୁଟା ଜାମପାଳି ସିଦ୍ରିଆଙ୍କ ପାଖକୁ ଯାଇ ପ୍ରକୃତ ସିଦ୍ରିଆ ଓଡିଶା ଜାତି ତାଲିକା ୮୪ରେ ଏସ୍.ସି ତାଲିକାରେ ସ୍ଥାନିତ ହୋଇଥିବା ସୂଚାଇଥିଲେ। ଏହି ଅବସରରେ ସମାଧାନ ଦିଗରେ ବିହିତ ପଦକ୍ଷେପ ନେବାକୁ ସେ କହିଥିଲେ। ଏହାପରେ ତା୨୦।୧।୨୦ରିଖରେ ସିଦ୍ରିଆମାନେ ତାଙ୍କ ପୁରୁଣା ଖତିୟାନ ସିଂଘିଯୁବା ରାଜସ୍ୱ କାର୍ଯ୍ୟାଳୟରେ ପୈଠ କରିଥିଲେ। ମାତ୍ର ଖତିୟାନ ପୈଠ କରିବାର ଆଜିକୁ ଦେଢବର୍ଷ ବିତିଯାଇଥିଲେ ମଧ ଜାମପାଳି ସିଦ୍ରିଆମାନେ ଏଯାଏଁ ତାଙ୍କ ଜାତିଗତ ପ୍ରମାଣପତ୍ର ପାଇପାରିନାହାନ୍ତି। ତେବେ ତୁରନ୍ତ ଜାତିଗତ ପ୍ରମାଣ ପତ୍ର ନ ମିଳିଲେ ଆଗକୁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବା ସହିତ ଭୋଟବର୍ଜନ କରିବୁ ବୋଲି ଜାମପାଳି ଗାଁ ତିନିପଡାରେ ବସବାସ କରୁଥିବା ସିଦ୍ରିଆମାନେ ଚେତାଇ ଦେଇଛନ୍ତି ।

# ପାର୍ବତୀ ଗିରିଙ୍କ ନାମରେ ଡାକ ଟିକଟ



ପାର୍ବତୀ ଗିରିଙ୍କ ନାମରେ ଡାକ ଟିକଟ ଉନ୍ମୋଚନ କରାଯାଉଛି ।

**ବରଗଡ଼ ଅଫିସ୍,୩୦।୯**

ବରଗଡ଼ ଜିଲା ବିଜେପୁର ବ୍ଲକ ସମଲାଇପଦରଠାରେ ବହ୍ନିକନ୍ୟା ସ୍ୱର୍ଗତା ପାର୍ବତୀ ଗିରିଙ୍କ ସମ୍ମାନାର୍ଥେ ଗୁରୁବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସମ୍ବଲପୁର ମଣ୍ଡଳ ଡାକ ଅଧୀକ୍ଷକ ବିପିନ ବିହାରୀ ନେଗୀ ଯୋଗଦେଇ ସ୍ୱର୍ଗତା ପାର୍ବତୀ ଗିରି ଫଟୋ ଥିବା ଏକ ଡାକ ଟିକଟ ଉନ୍ମୋଚନ କରିଥିଲେ। ଡାକ ଅଧୀକ୍ଷକ ନେଗୀ ଏହି ଡାକ ଟିକଟକୁ ସ୍ୱର୍ଗତା ଗିରିଙ୍କ ବଂଶଧର ପ୍ରମୋଦ ଗିରି ଏବଂ ଭରତ ଗିରିଙ୍କୁ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ଗିରି ଏବଂ ଚରଣ ଗିରି, ଡାକ ବିଭାଗର ପଦ୍ମପୁର ମଣ୍ଡଳ ନିରୀକ୍ଷକ ମାନଭଞ୍ଜନ ନାୟକ, କର୍ମଚାରୀ ଅନନ୍ତ ଆଚାର୍ଯ୍ୟ, ପ୍ରଶାନ୍ତ ଆଚାର୍ଯ୍ୟ, ରିତେଶ ଜାଲ, ସମାଜସେବିକା ନିହାରିକା ଗିରି, ଦିବାକର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଇଂଲଣ୍ଡରୁ ଆସିଲା ରାକେଟ୍, ଜର୍ସି




ପ୍ରୀତୀଶ ଇଂଲଣ୍ଡରୁ ଆସିଥିବା ଜର୍ସି ଦେଖାଉଥିବାବେଳେ ତାଙ୍କ ସାଙ୍ଗଙ୍କ ହାତରେ ରାକେଟ୍ ରହିଛି।

**ବରଗଡ଼ ଅଫିସ୍,୩୦।୯**

ବରଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ ସରସରା ଗ୍ରାମର ବ୍ୟାଡ଼ମିଣ୍ଟନ ଖେଳାଳି ପ୍ରୀତିଶ ଭୋଇଙ୍କ ପାଖରେ ଗୁରୁବାର ଇଂଲଣ୍ଡରୁ ବ୍ୟାଡ଼ମିଣ୍ଟନ ରାକେଟ୍ ଓ ଜର୍ସି ଆସି ପହଞ୍ଚିଛି। ଇଂଲଣ୍ଡର ବ୍ୟାଡ଼ମିଣ୍ଟନ ଖେଳାଳି ଲୁକ୍‌ମାନ ଖାନ୍ ତାହା ତାଙ୍କ ପାଖକୁ ପଠାଇଛନ୍ତି ବୋଲି ପ୍ରୀତିଶ କହିଛନ୍ତି। ପ୍ରୀତିଶଙ୍କ ବ୍ୟାଡ଼ମିଣ୍ଟନ ଖେଳର ଏକ ଭିଡ଼ିଓ ଭାଇରାଲ ହୋଇଥିଲା। ସେହି ଭିଡ଼ିଓଟି ଇଂଲଣ୍ଡର ବ୍ୟାଡ଼ମିଣ୍ଟନ ଖେଳାଳି ଲୁକ୍‌ମାନଙ୍କ ମନ ଛୁଇଁଥିଲା ଏବଂ ଖୁସିରେ ସେ ତାଙ୍କ ପାଖକୁ ରାଗେଟ , ଜର୍ସି ପଠାଇଛନ୍ତି ବୋଲି ପ୍ରୀତିଶ କହିଚନ୍ତି। ଇଂଲଣ୍ଡରୁ ବ୍ୟାଡ଼ମିଣ୍ଟନ ରାକେଟ୍ ସହିତ ଏକ ଜର୍ସି ଆସିଥିବା ଖବର ପାଇବା ପରେ ପ୍ରୀତିଶଙ୍କ ସାଙ୍ଗସାଥୀ ତାଙ୍କ ପାଖକୁ ପହଞ୍ଚି ଖୁସି ମନାଇଥିଲେ ।

# ଫୁଲବାଣୀକୁ ହରାଇ ବଲାସିଙ୍ଗା ଚାମ୍ପିୟନ



ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ ।

**ଅମରପାଲି,୩୦।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ସ୍ଥାନୀୟ ସ୍ପୋର୍ଟସ୍ଆସୋସିଏଶନ ଆନୁକୂଲ୍ୟରେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଫୁଲବାଣୀ ଓ ବଲାସିଙ୍ଗା( ବୌଦ୍ଧ) ମଧ୍ୟରେ ହୋଇଥିଲା । ଏଥିରେ ବଲାସିଙ୍ଗା ଫୁଲବାଣୀକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସ୍ପୋର୍ଟସ୍ ଆସୋସିଏଶନ ସଭାପତି ପର୍ଶୁରାମ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିର ପୁରସ୍କାର ବିତରଣ ଉତ୍ସବରେ ଜିଲା

**ବୀରମହାରାଜପୁରରେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ**

ବିଜେଡି ସମ୍ପାଦକ ରଞ୍ଜିତ ରଥ ମୁଖ୍ୟଅତିଥି ଏବଂ ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ଜିଲା ଛାତ୍ର ବିଜେଡି ଉପସଭାପତି ଶୈଳରଞ୍ଜନ ବାଦି, ଦୁର୍ଜନଟେଲା ସମିତି ସଭ୍ୟ ଦିଲୀପ ଜଗଦଲା, ଆୟୋଜକ ସମ୍ପାଦକ ସତ୍ୟ ନାରାୟଣ ମହାକୁର, କ୍ରୀଡାବିତ ସୁରେଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ବଲାସିଙ୍ଗା ଦଳକୁ ନଗଦ ୪ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ୍ ଫୁଲବାଣୀ ଦଳକୁ ନଗଦ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲରେ ଫୁଲଚରାକୁ ଫୁଲବାଣୀ ଟାଇବ୍ରେକର ୪-୨ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ସେମିରେ ବଲାସିଙ୍ଗା ଟ୍ରାଇବ୍ରେକରରେ କେଉଟିପାଲିକୁ ୮-୭ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚଗୁଡିକରେ ଶଶିକାନ୍ତ ଦସିଆ, ସରୋଜ ଭୋଇ, ଦୁର୍ଗା ମାଝି ପ୍ରମୁଖ ରେଫରି ଭାବେ ଖେଳ ପରିଚାଳନା କରିଥିଲେ ।

# ଜାଲିଆତି କରି ୧୨.୩୫ ଲକ୍ଷ ଉଠାଣ

**ବରଗଡ଼ ଅଫିସ୍,୩୦।୯**

ବରଗଡ଼ ଜିଲା ବରଡ଼ୋଲ ଗ୍ରାମର ସ୍ୱର୍ଗତ ବିଷ୍ଣୁ ରାଉତଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଜାଲିଆତି କରି ୧୨ଲକ୍ଷ ୩୫ହଜାର ଟଙ୍କା କେହି ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ୱର୍ଗତ ରାଉତଙ୍କ ପୁଅ ଦାମୋଦର ବରଗଡ଼ ଏସ୍‌ପି ରାହୁଲ ଜୈନଙ୍କୁ ଫେରାଦ ହୋଇ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି। ସେ ଅଭିଯୋଗ କରିଛନ୍ତି, ଗତ ୨୦୧୭ ସେପ୍ଟେମ୍ବର ୨୫ରେ ତାଙ୍କ ବାପା ବରଗଡ଼ର ଏକ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲେ। ଆକାଉଣ୍ଟ ଖୋଲିବା ସମୟରେ ସହଯୋଗ କରିବାକୁ ଯାଇ ଅନ୍ୟ ଜଣେ ପ୍ରକୃତ ଆକାଉଣ୍ଟ ହୋଲଡ଼ର (ବିଷ୍ଣୁ)ଙ୍କ ମୋବାଇଲ ନମ୍ବର ଦେବା ବଦଳରେ ତାଙ୍କ ମୋବାଇଲ ନମ୍ବର ଦେଇଥିଲେ। କିଛିଦିନରେ ବିଷ୍ଣୁ (ଦାମୋଦରଙ୍କ ବାପା) ୧୨ଲକ୍ଷ ୪୦ହଜାର ଟଙ୍କା ଜମା କରିଥିଲେ। ଅନ୍ୟପଟେ ଆକାଉଣ୍ଟ ଖୋଲିବା ସମୟରେ ସହଯୋଗ କରି ନିଜ ମୋବାଇଲ ନମ୍ବର ଦେଇଥିବା ସମ୍ପୃକ୍ତ ଲୋକ ତାଙ୍କ ବାପାଙ୍କ ଅଜାଣତରେ ପର୍ଯ୍ୟାୟକ୍ରମେ ୧୨ଲକ୍ଷ ୩୫ହଜାର ଟଙ୍କା ଉଠାଇ ନେଇଥିବା ଦାମୋଦର ଅଭିଯୋଗ କରିଛନ୍ତି। ଗତ ଏପ୍ରିଲ ୭ରେ ବିଷ୍ଣୁଙ୍କ ମୃତ୍ୟୁ ପରେ ଆକାଉଣ୍ଟ ଅପଡେଟ୍ କରିବାକୁ ଦାମୋଦର ବ୍ୟାଙ୍କକୁ ଯାଇଥିବା ବେଳେ ଉକ୍ତ ଟଙ୍କା ଆକାଉଣ୍ଟରୁ ଉଠାଯାଇଥିବା ଜଣାପଡ଼ିଥିଲା। ଏ ନେଇ ଗତ ଜୁଲାଇ ୮ରେ ସେ ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି। ମାତ୍ର ପୋଲିସ କିଛି ପଦକ୍ଷେପ ନେଉ ନ ଥିବା ସେ ଅଭିଯୋଗ କରିଛନ୍ତି ।

# କୋଶଲି ସଂସ୍କୃତି ଦିନ ପାଳିତ




ଜନ୍ମ ଜୟନ୍ତୀ ଓ କୋଶଲି ସଂସ୍କୃତି ଦିନ ପାଳନ ଅବସରରେ ଅତିଥି ବୃନ୍ଦ।

**ସୋନପୁର,୩୦।୯(ନି.ପ୍ର.)**

ସୋନପୁର ଛିନ୍ନସ୍ଥାନ ଡୁଙ୍ଗୁରି ଠାରେ କୋଶଲି ବାଲ୍ମିକୀ ଇନ୍ଦ୍ରମଣି ସାହୁଙ୍କ ଜନ୍ମ ଜୟନ୍ତୀ ତଥା କେଶଲି ସଂସ୍କୃତି ଦିନ ଗୁରୁବାର ପାଳିତ ହୋଇଯାଇଛି। କୋଶଲି ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବ୍ରଜମୋହନ ଦାନୀ ଅଧକ୍ଷତା କରିଥିଲେ। ଏହି ଅବସରରେ କୋଶଲି କବିତା ଆସର ଓ ଇନ୍ଦ୍ରମଣି ଙ୍କର ସାହିତ୍ୟ କୃତି ଉପରେ ଆଲୋଚନା ହୋଇଥିଲା। ଏଥିରେ ଓଡିଶା ସାହିତ୍ୟ ଏକାଡେମୀର ସଭ୍ୟ ଡ. ଦେବାଶିଷ ପାଣ୍ଡିଆ ମୁଖ୍ୟଅତିଥି, ସିନେ ଅଭିନେତା ପ୍ରଦ୍ୟୁମ୍ନ ସାହୁ ମୁଖ୍ୟବକ୍ତା ଓ ସାହିତ୍ୟିକ ପ୍ରଭାତ ଖମାରୀ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ସାହିତ୍ୟିକ ଅଖୋଜ କୁମାର ଷାଣ୍ଢ ସଭା ପରିଚାଳନା କରିଥିଲେ। ପରେ କୃପାସିନ୍ଧୁ ମହାକୁରଙ୍କ ସଂଯୋଜନାରେ କୋଶଲି କବିତା ଆସର ଅନୁଷ୍ଠିତ ହୋଇଥିଲା। କବି ପ୍ରଭାତ ଖମାରୀ, ଶ୍ରମେଶ୍ୱର ଛତ୍ରିଆ, ଗଜାନନ ସାଥୁଆ, ମକୁନ୍ଦ ଧରୁଆ, ଅଶୋକ ଷାଣ୍ଢ, ହଜାରୀ ପଧାନ, ସରୋଜ କୁମାର ସାହୁ ଓ ଭୁବନ ମେହେର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ନନ୍ଦକାହ୍ନା ପୂଝାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୌତୁକଜନିତ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ସୋନପୁର,୩୦।୯(ନି.ପ୍ର.)**

ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ମୃତାଙ୍କ ସ୍ୱାମୀ ଶଙ୍କର ମେହେର(୨୭)ଙ୍କୁ ଗୁରୁବାର ଗିରଫ କରିଛି। ଶଙ୍କରଙ୍କ ଘର ସୋନପୁର ସହରର ପଟାଭାଡି ଅଞ୍ଚଳରେ । ଶଙ୍କର ଦୁଇବର୍ଷ ତଳେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ପୁରୁମୁଣ୍ଡା ଗ୍ରାମର ବନିତା ମେହେର(୨୨)ଙ୍କୁ ବିବାହ କରିଥିଲେ। ସେମାନଙ୍କର ବର୍ଷକର ପିଲା ଅଛି। ଗତ କିଛି ଦିନ ହେବ ଶଙ୍କର ସ୍ତ୍ରୀଙ୍କୁ ଯୌତୁକ ଆଣିବା ପାଇଁ ଚାପ ପକାଇବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ବୁଧବାର ରାତିରେ ଶ୍ୱଶୁର ଘର ଲୋକେ ବନିତାଙ୍କ ଭାଇଙ୍କୁ ତାଙ୍କ ଭଉଣୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଫୋନ କରି ଜଣାଇଥିଲେ। ବନୀତାଙ୍କ ଭାଇ ମହାଦେବ ପରିବାର ସହ ସୋନପୁର ଆସି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭଉଣୀଙ୍କ ମୃତଦେହ ଦେଖିବାକୁ ପାଇଥିଲେ । ସେ ଗୁରୁବାର ସୋନପୁର ଥାନାରେ ତାଙ୍କ ଭଉଣୀଙ୍କୁ ଶ୍ୱଶୁର ଘର ଲୋକ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ଅଭିଯୋଗ କରିଥିଲେ । ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି ।

# ଲୋକନାଥ ହତ୍ୟା ଘଟଣା: ସାନଭାଇ ଓ ସହଯୋଗୀ ଗିରଫ

**ବାଉଁଶୁଣୀ,୩୦।୯(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଘଣ୍ଟାପଡା ଫାଣ୍ଡି ଅଧୀନ ଦେଉଳି ଗ୍ରାମର ଲୋକନାଥ ରଣା (୩୦) ହତ୍ୟା ଘଟଣାରେ ପୋଲିସ ୨ଜଣଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଲୋକନାଥଙ୍କ ସାନଭାଇ ଡୋଳାମଣି ରଣା (୨୫) ଓ ତାଙ୍କ ସହଯୋଗୀ ଲଳିତ ମହାକୁଡ (୨୪)। ସୂଚନାଯୋଗ୍ୟ , ଗତ ୧୨ ତାରିଖରୁ ଲୋକନାଥ ନିଖୋଜ ଥିଲେ। ଏ ନେଇ ତାଙ୍କ ବାପା ତ୍ରିଲୋଚନ ରଣା ୨୦ ତାରିଖ ଦିନ ଘଣ୍ଟାପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଡେରିରେ ଅଭିଯୋଗ ପାଇଥିଲେ ମଧ ଏ ସମ୍ପର୍କରେ ଅନୁସନ୍ଧାନ କରୁଥିବା ବେଳେ ସନ୍ଦେହରେ ଲୋକନାଥଙ୍କ ସାନଭାଇ ଡୋଳାମଣିଙ୍କୁ ଫାଣ୍ଡିକୁ ଆଣି ପଚରା ଉଚୁରା କରିଥିଲା। ଏହି ସମୟରେ ଜଣାପଡିଥିଲା ନବାହ୍ନ ଦିନ ପରିବାରର ସମସ୍ତ ସଦସ୍ୟ ଏକାଠି ନୂଆଁଖାଇ ପାଳନ କରିଥିଲେ । ତେବେ କୌଣସି କାରଣରୁ ନୂଆଁଖାଇ ବାସି ଦିନ ଦୁଇ ଭାଇଙ୍କ ମଧ୍ୟରେ ବଚସା ହେଇଥିଲା। ଫଳରେ ଡୋଳାମଣି ବଡ ଭାଇଙ୍କୁ ହତ୍ୟା କରି ମୃତଦେହରେ ପଥର ବାନ୍ଧି ବରପଦର ନିକଟ ତେଲନଦୀରେ ପକାଇ ଦେଇଥିଲେ। ମୃତଦେହକୁ ସାଙ୍ଗ ଲଳିତ ସହ ମିଶି ବାଇକ୍‌ରେ ନଦୀ ନିକଟକୁ ନେଇଥିଲେ ବୋଲି ପୋଲିସ ସୂଚନା ଦେଇଛି । ଡୋଳାମଣିଙ୍କ ବୟାନ ଆଧାରରେ ବୁଧବାର ବୌଦ୍ଧ ଏସଡିପିଓଙ୍କ ଉପସ୍ଥିତିରେ ଅଗ୍ନିଶମ ବିଭାଗ, ଓଡ୍ରାଫ ଟିମ୍ ଏବଂ କଣ୍ଟାମାଳ ଓ ଘଣ୍ଟାପଡା ପୋଲିସ ନିର୍ଦ୍ଧାରିତ ସ୍ଥାନକୁ ଯାଇ ପାୱାର ବୋଟ ସାହାଯ୍ୟରେ ଅନୁସନ୍ଧାନ ଚଲାଇଥିଲେ ମଧ ମୃତଦେହର କୌଣସି ସୁରାକ ପାଇ ନ ଥିବା ଜାଣିବାକୁ ମିଳିଛି।

# ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପ୍ରତିଯୋଗିତା

**ବୌଦ୍ଧ,୩୦।୯(ସ୍ୱ.ପ୍ର.)**

ବୌଦ୍ଧ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପ୍ରତିଯୋଗିତା ବୌଦ୍ଧ ସଂଗ୍ରହାଳୟ ପରିସରରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲାର ୨୦ ଗୋଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ହରଭଙ୍ଗା ବ୍ଲକ କେଲାକଟାର ବାବା ଚମ୍ପେଶ୍ୱର କଳା ପରିଷଦ ପତରାସଉରା ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବ୍ରାହ୍ମଣୀ ଗ୍ରାମର ମା’ ପୂର୍ଣ୍ଣମାସୀ ପାଲା ଦଳ ଦ୍ୱିତୀୟ ଓ ଜାମପାଲି ଗ୍ରାମର ଗୋକୁଳେଶ୍ୱର ବାଉରୀ ଶବର ନୃତ୍ୟ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସାଂସ୍କୃତିକ ଦଳ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ବୋଲି ଜଣାପଡିଛି। ମୁଖ୍ୟଅତିଥି



ଅତିଥି ଓ କଳାକାର ।

ଭାବରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ବବିତାରାଣୀ ଦଳବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବରେ ଜିଲା ପଞ୍ଚାୟତ ଅଧିକାରୀ ଅବନୀକାନ୍ତ ସାହୁ, ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା ଓ ସକହାରୀ ଜିଲାପାଳ ବିରଞ୍ଚି କୁମାର ଧରୁଆ ଯୋଗଦେଇ କୃତୀ ସାଂସ୍କୃତିକ ଦଳଗୁଡିକୁ ବିଜେତା ଟ୍ରଫି ପ୍ରଦାନ କରିଥିଲେ। ବିଚାରକ ଭାବରେ ଜିଲା ପାଲା ସଂଘର ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସମ୍ପାଦକ ବାଞ୍ଛାନିଧି ପ୍ରଧାନ ଓ ଦଣ୍ଡଗୁରୁ ସୁଦର୍ଶନ ସେଠୀ ଯୋଗଦେଇ ସହଯୋଗ କରିଥିଲେ। ଜିଲା ସୂଚନା ଓ ଲୋକସଂପର୍କ ତଥା ଜିଲା ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିୟାରସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେକ୍ସନ ଅଧିକାରୀ ମାନସ ରଞ୍ଜନ ସେଠୀ, ଗୋପାଳ ଅମାତ, ଅକ୍ଷୟ ମହାକୁଡ ଓ ଯୁଧିଷ୍ଠିର ପ୍ରଧାନୀ ପ୍ରମୁଖ ସହଯୋଗ କରିଥିଲେ।

## ହୀରାକୁଦ ଅଞ୍ଚଳରେ ୫ଦିନ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ

ସମ୍ବଲପୁର,(ବ୍ୟୁରୋ): ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ଟିପିଡବ୍ଲ୍ୟୁଓଡିଏଲ୍ ସର୍ବଦା ଗୁରୁତ୍ୱ ଦେଇଆସିଛି। ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ଅତ୍ୟାଧୁନିକ କାର୍ଯ୍ୟ କରୁଛି। ଏହି କ୍ରମରେ ଓପିଟିସିଏଲ୍ ଅଧୀନ ହୀରାକୁଦ ୧୩୨ କେଭି ଗ୍ରିଡ୍ ସବଷ୍ଟେଶନକୁ ବିଦ୍ୟୁତ୍ ଯୋଗାଣ ନିମନ୍ତେ ଦୁଇଟି ୪୦ ଫୁଟ ଉଚ୍ଚତା ବିଶିଷ୍ଟ ବିଦ୍ୟୁତ୍ ଖମ୍ବ ଲଗାଯିବ। ଏଥିସହ ୧୩୨ କେଭି କେବୁଲ ବିଛା, ୩୩ କେଭି ପାୱାର ସପ୍ଲାଏ ଫିଡର କାର୍ଯ୍ୟ ଲାଗି ୫ଦିନ ସମୟ ଲାଗିବ। ସେଥିପାଇଁ ହୀରାକୁଦ ସହର ସମେତ ଆଖପାଖ ଅଞ୍ଚଳରେ ୧ରୁ ୫ ଅକ୍ଟୋବର ସକାଳ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବ୍ୟାହତ ହେବ। ଜନସାଧାରଣ ସହଯୋଗ କରିବାକୁ କମ୍ପାନୀ ମୁଖ୍ୟ କର୍ପୋରେଟର କମ୍ୟୁନିକେଶନ ଓ ସହକାରୀ ସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ଅନୁରୋଧ କରିଛନ୍ତି।

### ସଂକ୍ଷେପରେ

## କୃଷି ବିଭାଗର ସଚେତନତା କାର୍ଯ୍ୟକ୍ରମ

ଉଲୁଣ୍ଡା,୩୦।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କୃଷି କାର୍ଯ୍ୟାଳୟଠାରେ ଶୁକ୍ରବାର ଏକ ଚାଷୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଲୁଣ୍ଡା ବ୍ଲକ ଅଧୀନ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ଚାଷୀମାନେ ଯୋଗ ଦେଇଥିଲେ। ଚାଷରୁ କୃଷକ କିଭଳି ଲାଭ ପାଇପାରିବେ, ବିହନ, ସାର ଓ କୀଟନାଶକର କିପରି ସଠିକ ବ୍ୟବହାର କରିବ ସେନେଇ ଉପସ୍ଥିତ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଏହାଛଡା କେଉଁ ରୋଗ ପାଇଁ କେଉଁ ଔଷଧ ଓ ତାହା କେତେ ପରିମାଣରେ ବ୍ୟବହୃତ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସୁବର୍ଣ୍ଣପୁର ଜିଲା ସରକାରୀ କୃଷି ଅଧିକାରୀ ଲଳିତ କୁମାର ସାହୁ, ମୁଖ୍ୟବକ୍ତା ଭାବରେ ବ୍ଲକ କୃଷି ଅଧିକାରୀ ଲକ୍ଷ୍ମୀପ୍ରସାଦ ପଟେଲ ଯୋଗ ଦେଇ ଶସ୍ୟର ସୁରକ୍ଷା କେମିତି ହେବ ସେ ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହଦେବ ସାହୁ, ଅଇଠୁ ମିଶ୍ର, ଗୋପୀନାଥ ଭୋଇ, ନାରାୟଣ ବାଦୀ ପ୍ରମୁଖ ଉପସ୍ଥିତ ଥିଲେ।

## ୬ ଚୋରି ମୋବାଇଲ ଜବତ, ୨ ଗିରଫ

ନୂଆପଡା ଅଫିସ/ଖଡିଆଳ, ୩୦।୯(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ପୋଲିସ ଗୁରୁବାର ୨ ମୋବାଇଲ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଡିଆଳ ଲାଲସାହେବ ପଡାର ଶେଷଦେବ ଯୋଶୀ ଏବଂ ଦୁରିଆପଡାର ଯଶୋବନ୍ତ କୁଳଦୀପ। ସେମାନଙ୍କଠାରୁ ୬ଟି ମୋବାଇଲ ଜବତ କରାଯାଇଛି। ସୂଚନା ଯେ, ୨୫ ତାରିଖ ରାତିରେ ଖଡିଆଳ ବ୍ଲକ ବିଜେପୁର ଗାଁର ସୁଶାନ୍ତ ସୁନାନୀଙ୍କ କବାଟ ଭାଙ୍ଗି ଘରେ ପଶି ୫ଟି ମୋବାଇଲ ଓ ନଗଦ ୫ ହଜାର ଟଙ୍କା ଚୋରି ହୋଇଥିବା ଖଡିଆଳ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ କରି ଖଡିଆଳ ଲାଲସାହେବ ପଡାର ଶେଷଦେବଙ୍କୁ ଗିରଫ କରି ୫ଟି ମୋବାଇଲ ଫୋନ, ଡିଏଲ, ପାନ କାର୍ଡ, ଫ୍ୟାରବ୍ୟାଗ ଗୋଟିଏ, ବାଇକ୍ ଜବତ କରିଛି। ସେହିପରି ଅନ୍ୟ ଏକ ମାମଲାରେ ଖଡିଆଳ ଦୁରିଆପଡାର ଯଶୋବନ୍ତଙ୍କୁ ପୋଲିସ ଗିରଫ କରିଛି। ସେ ଲାଲସାହେବ ପଡାର ନରେଶ ବହିଦାର ଘରୁ ୨ଟି ମୋବାଇଲ ଫୋନ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା।

## ମାରଣାସ୍ତ୍ର ଦେଖାଇ ଯୁବକଙ୍କଠାରୁ ଲୁଟ୍

ବାଉଁଶୁଣୀ,୩୦।୯(ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା-କନ୍ଧମାଳ ରାସ୍ତାର ଅଁଳାଚୁଆଁ-ବରଡିପଦର ନିକଟସ୍ଥ ଅରବିନ୍ଦ ସ୍କୁଲ ପାଖରେ ଜଣେ ଯୁବକଙ୍କଠାରୁ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍ ଛଡାଇ ନେଇଥିବା କନ୍ଧମାଳ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ପଲସାଗୋରା ପଞ୍ଚାୟତ ଅଧୀନ ଧାନଖଣ୍ଡି ଗ୍ରାମର ମିଥୁନ ପ୍ରଧାନ(୨୭) ପଲସାଗୋରା ଗ୍ରାମର ବୃନ୍ଦାବନ ପ୍ରଧାନଙ୍କ ବାଇକ୍ ( ନଂ ଓଡି୩୧ ଇ-୪୫୬୯)ରେ ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ କନ୍ଧମାଳ କୌଣସି କାମରେ ଯାଇ ପଲସାଗୋରା ଫେରୁଥିଲେ। ତେବେ ଅଁଳାଚୁଆ ନିକଟରେ ମୁଖାଧାରୀ ଦୁଇ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇ ବାଇକ୍ ଛଡାଇ ମନମୁଣ୍ଡା ଆଡେ ଚାଲି ଯାଇଥିଲେ। ଏ ନେଇ ମିଥୁନ କନ୍ଧମାଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଚଳାଇଛି।

# କାର୍ଯ୍ୟାନୁଷ୍ଠାନ ଦାବି କଲା ଘାସି ବିକାଶ ମଞ୍ଚ

### ପୋଲିସ ହେପାଜତରେ ମୃତ୍ୟୁ ଘଟଣା

- ଦାବି ପୂରଣ ନ ହେଲେ ଆନ୍ଦୋଳନ
- ସଫେଇ କାମ ବନ୍ଦ କରି ରାସ୍ତାକୁ ଓହ୍ଲାଇବେ

ବରଗଡ଼ ଅଫିସ୍,୩୦।୯

ପୋଲିସ ହେପାଜତରେ ଥିବାବେଳେ ବରଗଡ଼ ଟାଉନ ଥାନା ତୋରା ତଳିପଡ଼ାର ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି। ଘଟଣାକୁ ୫ଦିନ ବିତିଯାଇଛି। ଏହି ଘଟଣାରେ ୫ଜଣ ପୋଲିସ କର୍ମଚାରୀଙ୍କୁ କାର୍ଯ୍ୟାନ୍ତର କରାଯାଇଛି। ସେହିପରି ଘଟଣାର ତଦନ୍ତ ପାଇଁ ବରଗଡ଼ ଏସ୍‌ପି ରାହୁଲ ଜୈନ ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍ ଏଡ଼ିଜିଙ୍କୁ ଚିଠି ଲେଖିଛନ୍ତି। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଏତିକିରେ ସୀମିତ ରହିଛି। ଅନ୍ୟପଟେ ଘଟଣାକୁ ନେଇ ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ବିଭିନ୍ନ ସଙ୍ଗଠନ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ଗୁରୁବାର ଘାସି ବିକାଶ ମଞ୍ଚ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇ ୬ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ଘାସି ବିକାଶ ମଞ୍ଚର ରାଜ୍ୟ ସଭାପତି ପ୍ରମୋଦ ଲୁହୁରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅଫିସ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରର ନକଲ ମୁଖ୍ୟମନ୍ତ୍ରୀ, ଅନୁସୂଚିତ ଜାତି କମିଶନ, ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ, ମାନବାଧିକାର କମିଶନ, ଆରଡ଼ିସି ପ୍ରମୁଖଙ୍କ ନିକଟକୁ ପଠାଯାଇଛି। ଆସନ୍ତା ୫ତାରିଖ ସୁଦ୍ଧା ଦାବି ପୂରଣ କରା ନ ଗଲେ ୬ତାରିଖରୁ ସମସ୍ତ ସଫେଇ କର୍ମଚାରୀ ରାଜ୍ୟର ସମସ୍ତ ମ୍ୟୁନିସିପାଲିଟି, ଏନ୍‌ଏସି, ମହାନଗର ନିଗମ, ସରକାରୀ, ବେସରକାରୀ ଡାକ୍ତରଖାନାରେ ସଫେଇ କାମ ବନ୍ଦ କରି ପ୍ରତିବାଦ ଶୋଭାଯାତ୍ରା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଘାସି ବିକାଶ ମଞ୍ଚର ପ୍ରତିନିଧିବୃନ୍ଦ।

# ରୋଗ ପୋକକୁ ନେଇ ଚିନ୍ତାରେ ଚାଷୀ




ଜଣେ ଚାଷୀ ଧାନ ଚାଷରେ ଲାଗିଥିବା ରୋଗପୋକ ଦେଖାଉଛନ୍ତି।

କର୍ଲାମୁଣ୍ଡା,୩୦।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଏବେ ଚାଷୀଙ୍କ ଧାନ ଚାଷରେ ରୋଗ ପୋକର ପ୍ରକୋପ ବଢ଼ିବାରେ ଲାଗିଛି। ଏହାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଥିବା ବେଳେ କୌଣସି ଔଷଧ ପ୍ରୟୋଗ କଲେ ମଧ୍ୟ କାମ ଦେଉନାହିଁ। ଫଳରେ ଚାଷୀ ମୁଣ୍ଡରେ ଭାଲେଣି ପଡିଛି। ଏହି ବ୍ଲକର ରିଞ୍ଜା, ସରଗୁଲ ମାଲପଡା, ପୁଟିଗା, ସିଲେଟପଡା, ଶୀଷାଖଲ, ଟେର୍ଚାପଲା, ସିରାବହାଲ, ବୁଢ଼ୀପଦର, କଂସିଲ, ରିଷିଡା, ରାଜପୁର, ବୋରପଦର, କାର୍ଣ୍ଣିଖୁଣ୍ଟି, ଜୋରାଡବରା, ବାଞ୍ଜିପଦର, ସପଲହରା, କଣ୍ଡରେଇ, ବିଜାପାଟି, ତେରେସିଙ୍ଗା ଆଦି ଅଞ୍ଚଳରେ ରୋଗପୋକ ଦାଉ ସାଜିଛି। ଏସବୁ ଅଞ୍ଚଳରେ ପତ୍ରାଛାଦଶଢା ରୋଗ, ବଙ୍ଗୀ ପୋକ, କରମା କିଟ, ମହିଷା ରୋଗ, ମୂଳଶଢା ରୋଗ ପ୍ରଭୃତି ଲାଗି ଥିବା ଚାଷୀମାନେ କହୁଛନ୍ତି। ଯେତେ ଔଷଧ ପ୍ରୟୋଗ କଲେ ମଧ ଚାଷକୁ ରକ୍ଷା କରିବା ଅସମ୍ଭବ ହୋଇ ପଡୁଛି ବୋଲି ସରଗୁଲ ଅଞ୍ଚଳର ଚାଷୀ ବସନ୍ତ ବାଗ, ରିଞ୍ଜାର ଚାଷୀ ଗୁରେଖ ପୁଟେଲ, ସିଲେଟପଡାର ଚାଷୀ ଦ୍ରୋଣ ସାହୁ କହିଛନ୍ତି। ଏ ନେଇ ସହକାରୀ କୃଷି ଅଧିକାରୀ ମୋନାଲିଶା ଜେନାଙ୍କୁ ପଚାରିବାରୁ ଚାଷରେ ରୋଗପୋକ ଲାଗିଛି, ମୁଁ ନିଜେ କ୍ଷେତ୍ର ପରିଦର୍ଶନ କରିବା ସହ ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ଦେଉଛି ବୋଲି କହିଛନ୍ତି।

# ଇ-ଶ୍ରମିକ ପଞ୍ଜୀକରଣ ନାଁରେ ଆକାଉଣ୍ଟରୁ ଟଙ୍କା ଗାଏବ

ନୂଆପଡ଼ା ଅଫିସ,୩୦।୯

ଇ-ଶ୍ରମିକ ପଞ୍ଜୀକରଣ କରିବା ନାଁରେ ଆକାଉଣ୍ଟରୁ ଟଙ୍କା ଗାଏବ ହୋଇଛି। ଏଭଳି ଅଭିଯୋଗ ନୂଆପଡା ଜିଲା କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ନାଏକପଡାଗାଁରୁ ଆସିଛି। ଏ ନେଇ ତରବୋଡ ଫାଣ୍ଡିରେ ଲିଖିତ ଏତଲା ଦିଆଯାଇଛି। ସୂଚନା ଯେ, ୨୮ ତାରିଖରେ ନାଏକପଡା ଗାଁକୁ କୋମନା ବ୍ଲକ ପେଣ୍ଡରାବନ ପଞ୍ଚାୟତ ଚାନ୍ଦୋପଲା ଗାଁର ଅରୁଣ ତାଣ୍ଡି ନାମକ ଜଣେ ଯୁବକ ଆସି ମୁଁ ଇ-ଶ୍ରମିକ ପଞ୍ଜୀକରଣ କରୁଛି ବୋଲି କହି ସରକାରଙ୍କ ଅନେକ ଯୋଜନା ବିଷୟରେ କହିଥିଲେ। ଏହାର ଲାଭ ପାଇବା ଲାଗି ଆଧାର କାର୍ଡ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ଓ ଆଙ୍ଗୁଠି ଚିହ୍ନ ଦେବାକୁ ପଡ଼ିବ ବୋଲି କହିବାରୁ ଲୋକେ ବିଶ୍ୱାସ କରି ସବୁ ତଥ୍ୟ ଦେଇଥିଲେ। ଏହାର ଦିନଟିଏ ପରେ ଉକ୍ତ ଗାଁର ସୁରେନ୍ଦ୍ରି ମାଝିଙ୍କ ମୋବାଇଲକୁ ଆକାଉଣ୍ଟରୁ ୫ ହଜାର ଟଙ୍କା ଉଠାଣ ହୋଇଥିବା ଏକ ମେସେଜ ଆସିଥିଲା। ସେହିପରି ଲିଙ୍ଗରାଜ ମାଝି ଜନସେବା କେନ୍ଦ୍ରକୁ ଯାଇ ଟଙ୍କା ଉଠାଇବା ସମୟରେ ଆକାଉଣ୍ଟରୁ ୨୯ ତାରିଖରେ ଟଙ୍କା ଉଠାଇଥିବା ଜଣାପଡିଥିଲା। ଗାଁର ଶହ ଶହ ଲୋକ ଇ-ଶ୍ରମିକ ପଞ୍ଜୀକରଣ କରିଛନ୍ତି। ଗାଁର କେତେଜଣ ଠକାମୀର ଶିକାର ହୋଇଛନ୍ତି ତାହା ଜଣାପଡିନାହିଁ। ତରବୋଡ ଫାଣ୍ଡି ଅଧିକାରୀ ରାମଲାଲ ଜୁରିଆ ଘଟଣାର ତଦନ୍ତ କରି ଦୋଷୀଙ୍କୁ ଶୀଘ୍ର ଗିରଫ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



ପଞ୍ଜୀକରଣ ନାଁରେ ଠକାମିର ଶିକାର ହୋଇଥିବା ଶ୍ରମିକମାନେ।

## ଖଡ଼ିଆଳ ଏନ୍‌ଏସି ଯାଦବ ସମାଜ ନୂତନ କର୍ମକର୍ତ୍ତା ଚୟନ ପ୍ରସ୍ତୁତି

ନୂଆପଡ଼ା ଅଫିସ,୩୦।୯

ନୂଆପଡା ଯାଦବ ସମାଜ ନେତୃତ୍ୱରେ ଜିଲାର ତୃଣମୂଳସ୍ତରର ସଙ୍ଗଠନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଖଡିଆଳଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ୫ଟି ବ୍ଲକ ଓ ୨ଟି ଏନ୍‌ଏସି କର୍ମକର୍ତ୍ତା ଚୟନ ହୋଇ ସାରିଥିବା ବେଳେ କେବଳ ଖଡିଆଳ ଏନ୍‌ଏସି ଯାଦବ ସମାଜ କର୍ମକର୍ତ୍ତା ହେବା ବାକି ରହିଛି। ଖଡିଆଳ ଏନ୍‌ଏସି ଯାଦବ ସମାଜ ନୂତନ କର୍ମକର୍ତ୍ତା ଚୟନ ଶୀଘ୍ର କରିବା ଲାଗି ବୁଧବାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଖଡିଆଳ ଏନ୍‌ଏସି ସଭାପତି ଖୁସିରାମ ଭୋଇଙ୍କ ଅଧ୍ୟକ୍ଷତାରେ ଏନ୍‌ଏସି ସମ୍ପାଦକ ଦୁର୍ଜନ ନାଗ, ଉପ ସଭାପତି ଦୟା ଥପା, ସୋମେଶ ହଂସ, କିର୍ତ୍ତନ ପୋଡ, ତ୍ରିନାଥ ପୁଞ୍ଜି ପ୍ରମୁଖ ଉପସ୍ଥିତ ରହିଥିଲେ। ଖଡିଆଳ ଏନ୍‌ଏସି ଯାଦବ ସମାଜ କର୍ମକର୍ତ୍ତା ଚୟନ କରିବାଇ ପାଇଁ ଜିଲା ଯାଦବ ସମାଜ ନେତୃମଣ୍ଡଳୀଙ୍କୁ ସୁପାରିଶ କରିବାକୁ ନିଷ୍ପତ୍ତି ହୋଇଛି। ଜିଲା କମିଟି ଅନୁମୋଦନକ୍ରମେ ଦିନ ଓ ତାରଖେ ଧାର୍ଯ୍ୟ ସ୍ଥିର ହେବା ପରେ ନୂତନ କର୍ମକର୍ତ୍ତା ଚୟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

# ଶିକ୍ଷକଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା

କୋକସରା,୩୦।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ କୃପାସିନ୍ଧୁ ସୁନାନୀଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁବାର ଅନୁଷ୍ଠିତ କାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାଗେଶ୍ୱର ପ୍ରଧାନ, ମୁଖ୍ୟବକ୍ତା ଭାବେ ଏବିଇଓ ତୋଫାନ ମାଝି, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷକ ସଂଘ ସଭାପତି (ଏକ୍ସକେଡର) ସୁବ୍ରତ ଦଣ୍ଡସେନା, ଜିଲା ଶିକ୍ଷକ ସଂଘ ସଭାପତି (ଏନପିଏସ) ସତ୍ୟବାନ ପାଣିଗ୍ରାହୀ, କୋକସରା ବ୍ଲକ ଶିକ୍ଷକ ସଂଘ ସଭାପତି (ଏକ୍ସକେଡର) ଗଗନ ବିହାରୀ ପଟ୍ଟନାୟକ, ସମ୍ପାଦକ ଦେବୀସିଂ ମାଝି, ବରିଷ୍ଠ ଶିକ୍ଷକ ବୀର କିଶୋର ନାଗ ପ୍ରମୁଖ ଶିକ୍ଷକଙ୍କ କର୍ମମୟ ଜୀବନ ସମ୍ବନ୍ଧରେ କହିଥିଲେ। ତାଙ୍କୁ ମାନପତ୍ର, ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବର୍ଷାରେ ଭାଙ୍ଗିଲା ଘର: ଅଳ୍ପକେ ବର୍ତ୍ତିଲେ ବିଧବା ମା'ଝିଅ



ଭଙ୍ଗା ଘର ସାମ୍ନାରେ ଉଭୟ ମା'ଝିଅ।

କୋକସରା,୩୦।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ପଞ୍ଚାୟତ ଅଧୀନ ଜଲତାମୁଣ୍ଡା ଗାଁରେ ଲଘୁଚାପ ବର୍ଷାରେ ଘର ଭାଙ୍ଗି ଯାଇଥିବା ବେଳେ ଦୁଇ ବିଧବା ମା' ଝିଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରାପ୍ତ ସୂଚନା ଯେ, ଗୁରୁବାର ଭୋରେ ଲଘୁଚାପ ବର୍ଷା ଯୋଗୁ ଜଲତାମୁଣ୍ଡା ଗାଁର ବିଧବା ବୃଦ୍ଧା ପଞ୍ଚମୀ ଶବର (୬୫)ଙ୍କ କୁଡିଆ ଘର ଭାଙ୍ଗିଯାଇଥିଲା। ବର୍ଷା ଋତୁରେ ସେମାନେ କେଉଁଠି ରହିବେ ଚିନ୍ତାରେ ରହିଛନ୍ତି। ଗରିବ ବିଧବା ବୃଦ୍ଧାଙ୍କ ପକ୍ଷରେ ଘର ତିଆରି କରିବା ସମ୍ଭବ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ବିଧବା ଝିଅ ମୁଙ୍ଗେ ଶବର (୪୦) ମଧ ତାଙ୍କ ସହ ରୁହନ୍ତି। ଉଭୟ ମା' ଝିଅ ପର ଘରେ କାମଧନ୍ଦା କରି ଚଳନ୍ତି। ବୃଦ୍ଧା ପଞ୍ଚମୀଙ୍କ ଗୋଟିଏ ପୁଅ ନିଜ ପରିବାର ସହ ଅଲଗା ରହୁଥିବା ଜଣାପଡିଛି। ଘର ଭାଙ୍ଗି ଯିବା ପରେ କୁସୁମଖୁଣ୍ଟି ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇଥିଲେ। ବର୍ତ୍ତମାନ ଦୁଇ ବିଧବା ମହିଳାଙ୍କୁ ସରକାର ତୁରନ୍ତ ସାହାଯ୍ୟ ଯୋଗାଇ ଦେବା ଆବଶ୍ୟକତା ରହିଛି। ଏ ସମ୍ପର୍କରେ କୋକସରା ତହସିଲଦାର ମନୋଜ ପାଢ଼ୀଙ୍କୁ ପଚାରିବାରୁ ସେମାନଙ୍କୁ ତୁରନ୍ତ ପଲିଥିନ ଯୋଗାଇ ଦିଆଯିବ ବୋଲି କହିଥିଲେ।

## ଅଚାନକ ସ୍କୁଲ ପରିଦର୍ଶନ କଲେ ବିଧାୟକ

ବରଗଡ଼ ଅଫିସ୍,୩୦।୯

ରାଜ୍ୟ ସରକାରଙ୍କ ୫-ଟି ଯୋଜନା ଅନ୍ତର୍ଗତ ସ୍କୁଲ ରୂପାନ୍ତରଣ ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ବୁଧବାର ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସ୍ଥାନୀୟ ଜର୍ଜ ହାଇସ୍କୁଲ ଅଚାନକ ପରିଦର୍ଶନ କରିଥିଲେ। ସେ ସ୍କୁଲର ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରୀ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନାଗାର୍ଜୁନ ପ୍ରଧାନଙ୍କୁ ପଚାରି ବୁଝିବା ସହିତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଶିକ୍ଷକ ଡଃ ଡୋଲାମଣି ଶତପଥି, ବିରେନ୍ଦ୍ର ଦାଶ, କାର୍ଯ୍ୟ ସମ୍ପାଦନକାରୀ ଲିପୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାହୁ ବରଗଡ଼ ଜିଲାରେ ଚାଲିଥିବା ସ୍କୁଲ ରୂପାନ୍ତରଣ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ।

ନୂତନ ଭାରତବର୍ଷର ୭୫ତମ ସ୍ୱାଧୀନତାର ପୂର୍ତ୍ତି ଅବସରରେ ଯୁବଗୋଷ୍ଠୀର ଭୂମିକା



ରକ୍ତଦାନ
କରନ୍ତୁ ଓ ଆତ୍ମସନ୍ତୋଷ ଲଭନ୍ତୁ
ରକ୍ତଦାତା ହେଉଛନ୍ତି ଜୀବନଦାତା
ଆସନ୍ତୁ ଆମେ ଶପଥ ନେବା, ଏଚ୍.ଆଇ.ଭି ମୁକ୍ତ ନୂତନ ଭାରତ ଗଢ଼ିବା
ବିଶୁଦ୍ଧ ରକ୍ତ ଗ୍ରହଣ କରି ନିରାପଦ ରହିବା।
ଅଧିକ ଜାଣିବା ପାଇଁ 1097ରେ ଯୋଗାଯୋଗ କରନ୍ତୁ
NACO
ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି OSACS
(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର)
ୱେବସାଇଟ - www.osacs.nic.in

DSPL - 161



ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ସାରା ଦେଶରେ ଅକ୍ଟୋବର ୧ ତାରିଖକୁ **ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ** ରୂପେ ପାଳନ କରାଯାଉଛି। ଏହି ଅବସରରେ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ଏ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଅନୁଷ୍ଠାନ ତଥା ଏଥିରେ ସଂପୃକ୍ତ ସଦସ୍ୟମାନଙ୍କୁ ସାଧୁବାଦ ଜଣାଉଛି।

ଏ ବର୍ଷର ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଇଁ ଘୋଷିତ ସନ୍ଦର୍ଭ ହେଉଛି **"ରକ୍ତଦାନ କରନ୍ତୁ, ବିଶ୍ୱର ସ୍ପନ୍ଦନକୁ ଉଜ୍ଜୀବିତ କରନ୍ତୁ"**। ବାସ୍ତବରେ ରକ୍ତଦାନ ହିଁ ମାନବ ଓ ମାନବତାର ସ୍ପନ୍ଦନକୁ ବଞ୍ଚାଇ ରଖିପାରିବ। ଚିକିତ୍ସା କ୍ଷେତ୍ରରେ ରକ୍ତର ଆବଶ୍ୟକତା ସବୁବେଳେ ବଢ଼ିଚାଲିଛି। ରକ୍ତ ଅମୂଲ୍ୟ ଏବଂ ରକ୍ତଦାନ ମାନବୀୟ ପୁଣ୍ୟର ସର୍ବଶ୍ରେଷ୍ଠ ନିଦର୍ଶନ। ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଜନ ସଚେତନତା ଜରୁରୀ। ସ୍ୱେଚ୍ଛାକୃତ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହିତ ରକ୍ତ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ନୂତନ ଜୀବନ ଦାନ କରିବା ଏକ ପବିତ୍ର କାର୍ଯ୍ୟ।

ଆସନ୍ତୁ, ବର୍ତ୍ତମାନ ଏହି କରୋନା ମହାମାରୀ ସମୟରେ ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତ ଆବଶ୍ୟକ କରୁଥିବା ରୋଗୀମାନଙ୍କ ଦୁର୍ଲଭ ଜୀବନ ବଞ୍ଚାଇବା ପାଇଁ ଆଜିର ଏହି ପୁଣ୍ୟ ଦିବସରେ ଆମେ ସଂକଳ୍ପ ନେବା।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା



ବାର୍ତ୍ତା

"ରକ୍ତଦାନ ମହତ ଦାନ"। ସ୍ୱେଚ୍ଛାକୃତ ରକ୍ତଦାତାମାନେ ରକ୍ତଦାନ କରି ବହୁମୂଲ୍ୟ ଜୀବନ ବଞ୍ଚାଇବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଥାନ୍ତି। ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଅଧିକରୁ ଅଧିକ ଅନୁପ୍ରାଣିତ କରିବା ତଥା ରକ୍ତଦାନ ଶିବିର ଆୟୋଜକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ବର୍ଷ ଅକ୍ଟୋବର ପହିଲା ଦିନଟିକୁ **ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ** ରୂପେ ପାଳନ କରାଯାଉଅଛି।

ରକ୍ତର କୌଣସି ବିକଳ୍ପ ନାହିଁ। ତେଣୁ ଆସନ୍ତୁ, ଆମେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହିତ ରକ୍ତ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ନୂଆ ଜୀବନ ଦାନ କରିବା। ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ନିୟମିତ ବ୍ୟବଧାନରେ ରକ୍ତଦାନ କେନ୍ଦ୍ର କିମ୍ବା ରକ୍ତଦାନ ଶିବିରରେ ରକ୍ତଦାନ କରିବା ସହିତ ଅନ୍ୟମାନଙ୍କୁ ନିୟମିତ ରକ୍ତଦାନ କରାଇବା ପାଇଁ ପ୍ରବର୍ତ୍ତାଇବା ଏବଂ ଏ ବର୍ଷର ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ପାଇଁ ଘୋଷିତ ସନ୍ଦର୍ଭ **'ରକ୍ତଦାନ କରନ୍ତୁ, ବିଶ୍ୱର ସ୍ପନ୍ଦନକୁ ଉଜ୍ଜୀବିତ ରଖନ୍ତୁ'** ମର୍ମଟିକୁ ସାର୍ଥକ କରାଇବା।

ଆଜିର ଦିନରେ ମୁଁ ସ୍ୱେଚ୍ଛାକୃତ ରକ୍ତଦାତା, ସ୍ୱେଚ୍ଛାକୃତ ରକ୍ତ ସଂଗ୍ରହ କରୁଥିବା ଅନୁଷ୍ଠାନ ତଥା ଯୁବଗୋଷ୍ଠୀଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇବା ସହିତ ଆମର ଆବଶ୍ୟକ ପଡୁଥିବା ରକ୍ତର ଚାହିଦା ପୂରଣ କରିବା ଦିଗରେ ଆନ୍ତରିକ ସହଯୋଗ ପାଇଁ ନିବେଦନ କରୁଛି।

(ନବ କିଶୋର ଦାସ)
ମାନ୍ୟବର ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା

OIPR-10080/13/0003/2122

Azadi Ka Amrit Mahotsav

मि.सं. / F. No. 11/01/2021 - Rectt.
दिनांक / Dated the 24th September, 2021

भारत सरकार
कर्मचारी चयन आयोग (पूर्वी क्षेत्र)
कार्मिक, लोक शिकायत और पेंशन मंत्रालय,
निज़ाम पैलेस, प्रथम एम.एस.ओ. भवन (8वां तल)
234/4, ए.जे.सी. बोस रोड, कोलकाता- 700 020

Government of India
Staff Selection Commission (ER)
Ministry of Personnel, Public Grievances & Pensions,
Nizam Palace, 1st M. S. O. Building (8th Floor)
234/4, A.J.C. Bose Road, Kolkata - 700 020

अल्प सूचना / SHORT NOTICE

विज्ञापन संख्या **"फेज IX/2021/चयन पद"** के अंतर्गत दिनांक **24.09.2021** से **25.10.2021** तक (**23:30 घंटे** तक) कर्मचारी चयन आयोग (पूर्वी क्षेत्र) द्वारा **https://ssc.nic.in** के माध्यम से **28** विभिन्न प्रवर्गों के चयन पदों के अंतर्गत **747** रिक्तियों को भरने के लिए योग्य उम्मीदवारों से ऑनलाइन आवेदन आमंत्रित की जा रही है।

2. उपरोक्त भर्ती से संबन्धित विस्तृत जानकारी विज्ञापन संख्या **"फेज IX/2021/चयन पद"** की सूचना में दी गयी है जो दिनांक **24.09.2021** से केवल कर्मचारी चयन आयोग (पू.क्षे) की वैबसाइट **www.sscer.org**/ कर्मचारी चयन आयोग मुख्यालय की वैबसाइट **https://ssc.nic.in** आयोग के अन्य क्षेत्रीय कार्यालय की वैबसाइटों पर उपलब्ध है।

Online applications are being invited through **https://ssc.nic.in** by the Staff Selection Commission (Eastern Region) from the eligible candidates for filling up of total number of **747** vacancies for **28** various categories of Selection Posts under Advertisement Notice No. **"Phase IX/2021/Selection Posts"** which would remain effective from **24.09.2021 to 25.10.2021 (upto 23:30 P.M.)**.

2. The detailed information in regard to above recruitment is provided in the Notice of Advertisement No. **"Phase IX/2021/Selection Posts"** available on the website of the Staff Selection Commission (ER) i.e. **www.sscer.org** & website of the Staff Selection Commission (Hqrs) i.e. **https://ssc.nic.in** & websites of all the other Regional offices of the Commission w.e.f. **24.09.2021**.

आदेशानुसार/By Order
क्षेत्रीय निर्देशक (पूर्वी क्षेत्र)/Regional Director (ER)
कर्मचारी चयन आयोग (पूर्वी क्षेत्र)/Staff Selection Commission (ER)